ଯହିରେ ଲେଖିଅଛନ୍ତି ଯେ ରାଜା ବେଦଶାସ୍ତ୍ର ଅଧ୍ୟୟନେ ପୁରାଣ ଶ୍ରବଣ ପୂଜା ହୋମାଦରେ ଧର୍ମିଷ୍ଠ ବ୍ରାହ୍ମଣ ପଣ୍ଡିତ ନିଯୁକ୍ତ ଓ ବେତନଦାନରେ ରଖିଅଛନ୍ତି ଏବଂ ଏକ ଦଫା ଥିଏଟର ଦଳ ଓ ଏକଦଫା ସରକସ୍ ଦଳ ପ୍ରସ୍ତୁତ କରି ସେମାନଙ୍କ ନୃତ୍ୟ କ୍ରୀଡ଼ାଦି ଏବଂ ବାୟୋସ୍କୋପ ଦେଖାଇବା ସହାୟେ ବୈଦ୍ୟୁତିକ ଆଲୋକର ବନ୍ଦୋବସ୍ତ ହୋଇଅଛି ଓ ବହିଁରେ ପଙ୍ଖାକଳ ମଧ୍ୟ ଚାଲୁଅଛି । ସ୍ୱଗତରେ ପ୍ରଜାପାଳନ ଓ ସେମାନଙ୍କର ଓ ଦେଶର ମଙ୍ଗଳ ସାଧନନିମନ୍ତେ ପ୍ରଥମେ ନିଜେ ଧର୍ମସାଧନରେ ଯତ୍ନବାନ୍ ହେବା ଏକାନ୍ତ ଆବଶ୍ୟକ । ସେଥିପାଇଁ ପୂଜା ହୋମାଦି ଧର୍ମକାର୍ଯ୍ୟ କରିବା ଓ ଧର୍ମଶାସ୍ତ୍ରାଦି ପଠନ ଓ ଶ୍ରବଣଦ୍ୱାରା ଧର୍ମଜ୍ଞାନ କ୍ରମାଗତ ବୃଦ୍ଧି କରିବା ସମସ୍ତଙ୍କର ବିଶେଷତଃ ରାଜାଙ୍କର କର୍ତ୍ତବ୍ୟ କାରଣ ରାଜାଙ୍କଉପରେ ବହୁଲୋକର ମଙ୍ଗଳାମଙ୍ଗଳ ନିର୍ଭର କରେ । ସର୍ବଦା ଧର୍ମାନୁଷ୍ଠାନ ଦ୍ୱାରା ଯେ ବ୍ୟକ୍ତି ଅଭ୍ୟସ୍ତ ଓ ଆତ୍ମସଂଯମରେ ଯେ ପରିମାଣରେ ଅଭ୍ୟସ୍ତ ହେବ ସେ ପରିମାଣରେ ସେ ନିଜର ଓ ଜନସାଧାରଣର ମଙ୍ଗଳ କରିବାକୁ ସମର୍ଥ ହେବ । ଅଲବତ୍ତା ଧର୍ମାନୁଷ୍ଠାନରେ ଓ ତଦାନୁଷଙ୍ଗିକ ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚାରେ ଯତ୍ନବାନ ହେବା ଅବଶ୍ୟ ସୁଖର ବିଷୟ ଅଟେ । ଧନୀରାଜାଙ୍କର ସାହାଯ୍ୟ ଓ ଉତ୍ସାହ ବିନା ଏ ସକଳର ଉନ୍ନତି ଓ ପ୍ରଚାର ଅସମ୍ଭବ । ବିଶେଷତଃ ଅଜକାଲି ଶ୍ରେଷ୍ଠଲୋକଙ୍କର ଅଯତ୍ନରେ ସନାତନ ଧର୍ମ ସଙ୍ଗେ ସଙ୍ଗୀତାଦି ବିଦ୍ୟାର ଦିନ ୨ ଅବନତି ହେଉଥିବା ଅବସ୍ଥାରେ ଯେଉଁମାନେ ସେ ସମସ୍ତର ଉଦ୍ଧାର ଓ ଉନ୍ନତିସହାୟେ ଯତ୍ନ କରନ୍ତି ସେମାନେ କୃତଜ୍ଞତାର ପାତ୍ର ଅଟନ୍ତି । ମାତ୍ର ଏକା ପୂଜା ହୋମାଦି କାର୍ଯ୍ୟସହାୟେ ଶତାଧିକ ପଣ୍ଡିତ ପ୍ରତିପାଳନ କରିବା କିମ୍ବା ଥିଏଟରଦ୍ୱାରା ସଙ୍ଗୀତବିଦ୍ୟାର ଉନ୍ନତି ଲୋଡ଼ିବା ପ୍ରଶସ୍ତ ପନ୍ଥା ନୁହେ ବହିଁରେ ସଞ୍ଚିତ ଶାନ୍ତି ବା ଆନନ୍ଦଲାଭ ବିନା ଅଧିକ ଦୃଷ୍ଟ ହୁଏନାହିଁ । ସେହି ଶତାଧିକ ପଣ୍ଡିତଙ୍କୁ ଧର୍ମସାହିତ୍ୟ ଓ ସଙ୍ଗୀତର ଆଲୋଚନା ପ୍ରଚାର ଓ ଶିକ୍ଷାଦାନରେ ନିଯୁକ୍ତ କରିବା ଏବଂ ସେମାନଙ୍କ କାର୍ଯ୍ୟପ୍ରତି ସର୍ବଦା ଦୃଷ୍ଟିରଖି କାର୍ଯ୍ୟର ଫଳ ଦେଖି ଉତ୍ସାହ ଦେବାର ବ୍ୟବସ୍ଥା ହେଲେ ଅନେକ ସ୍ଥାୟୀ ମଙ୍ଗଳ ହେବ । ଏକେକଣ ପଣ୍ଡିତରେ ଅର୍ଦ୍ଧାଂଶ ଯେବେ ରାଜ୍ୟର ସ୍ଥାନେ ୨ ଭଦ୍ର ଜନସାଧାରଣଙ୍କୁ ବିଦ୍ୟାଶିକ୍ଷା ଓ ଧର୍ମଉପଦେଶ ଦେବେ ତେବେ କେତେ ମଙ୍ଗଳ ହେବ ଅନାୟାସରେ ବୁଝା ଯାଉଅଛି । ଏ ବିଷୟ ଉତ୍ତମରୂପେ ଚିନ୍ତା କରିବାକାରଣ ରାଜା ଓ ତାହାଙ୍କର ସମସ୍ତ ପଣ୍ଡିତମାନଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

କଟକ ସର୍ଭେସ୍କୁଲର ନିମ୍ନଲିଖିତ ଛାତ୍ରମାନେ ଗତ ଅପ୍ପର ମାଇନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା —

### ପ୍ରଥମ ବିଭାଗ

| | |
|---|---|
| ବାମଦେବ ଶତପଥୀ | ନଗେନ୍ଦ୍ରଚନ୍ଦ୍ର ଘୋଷ |
| ସନ୍ତୋଷଚନ୍ଦ୍ର ଗୁପ୍ତ | ବ୍ରହ୍ମଦତ୍ତ ଆଚାର୍ଯ୍ୟ |
| ମହମ୍ମଦ ମୁଜିବୁର୍ରହିମ୍ | ସୁଧଳକ୍ଷ୍ମୀଚାନ୍ଦ ସେଠ |
| ବୈକୁଣ୍ଠଚରଣ ପଟ୍ଟନାୟକ | ପୂର୍ଣ୍ଣଚନ୍ଦ୍ର ଦାସ |
| ଦଧିବାମନ ଦଳାଇ | ଯାମିନୀକାନ୍ତ ଦେ |
| ଗୋବିନ୍ଦଚନ୍ଦ୍ର ଦାସ | ଏଲ, ଜଗନ୍ନାଥ ରାଓ |
| ଶିବନାରାୟଣ ନନ୍ଦୀ | ରେବତୀକାନ୍ତ ମୁଖର୍ଜ୍ଜି |

ଦେବପ୍ରସାଦ ପାଣିଗ୍ରାହୀ ।

### ଦ୍ୱିତୀୟ ବିଭାଗ

| | |
|---|---|
| ନୈମିଷନ ପତି | ପୂର୍ଣ୍ଣମତି ମହାନ୍ତି |
| ଭୁବନେଶ୍ୱର ଘୋଷ | ଫଣୀଭୂଷଣ ବୋଷ |
| ନୀଳମଣି ବିଶ୍ୱାଳ | ଜୟକୃଷ୍ଣ ମହାନ୍ତି |
| ଜଗବନ୍ଧୁ ମହାପାତ୍ର | ମଧୁସୂଦନ କର |
| ମଦନମୋହନ ଚକ୍ରବର୍ତ୍ତୀ | ସର୍ବେଶ୍ୱର ଗାଙ୍ଗ |
| ମହେନ୍ଦ୍ରଶରଣ ଘୋଷ | ନରେନ୍ଦ୍ରନାଥ ରଥ |
| ଜଗନ୍ନାଥ ଆଚାର୍ଯ୍ୟ | ବିମ୍ବାଧର ଦାସ |
| ଶରତ୍ଚନ୍ଦ୍ର ଷାଟିଆ | ପରେଶନାଥ ଚକ୍ରବର୍ତ୍ତୀ |
| ସୁଧୀରକୁମାର ମୁଖର୍ଜ୍ଜି | ଚନ୍ଦ୍ରନାଥସିଂହ ଚୌଧୁରୀ |

ବୈଦ୍ୟନାଥ ମିଶ୍ର ।

### ତୃତୀୟ ବିଭାଗ

| | |
|---|---|
| ପଦ୍ମଚରଣ ମହାନ୍ତି(୧) | ପଦ୍ମଚରଣ ମହାନ୍ତି (୨) |
| ବିଷ୍ଣୁଚରଣ ମହାନ୍ତି | ରମେଶଚନ୍ଦ୍ର ଦାସ |
| ବିମ୍ବାଧର ପଟ୍ଟନାୟକ | ନୀଳକଣ୍ଠ ନାଥ ମିଶ୍ର |

ଯଦୁମଣି ଦାସ ।

## ପୁରୀ-ସ୍ନାନ ଯାତ୍ରା ।

ଗତ ମଙ୍ଗଳବାର ଶେଷ ରାତ୍ରରେ ପବିତ୍ର-ବେଶ କରି ଚଳିତ ମାସ ତା ୨୨ ରିଖ ବୁଧବାର ସୂର୍ଯ୍ୟୋଦୟ ପୂର୍ବରୁ ଠାକୁରମାନେ ସ୍ନାନମଣ୍ଡପରେ ସମାସୀନ ହେଲେ । ଅନ୍ୟାନ୍ୟ ଦୈନିକ ନୀତି ପରେ ପୂର୍ବାହ୍ନ ଘ ୮ଟାଠାରେ ମହୋତ୍ସବ କର୍ମ ସମ୍ପାଦିତ ହୋଇଥିଲା । ପ୍ରଭୁମାନଙ୍କର ହସ୍ତୀ-ବେଶ ଧାରଣାନ୍ତେ ମଧ୍ୟାହ୍ନ ଘ ୧୨ ଟାରେ ଶୋଭାଡ଼ମ୍ବର ହୋଇ ଯାତ୍ରିମାନଙ୍କ ସହାୟେ ସାହାଣ ମେଲା ଦର୍ଶନ ଆରମ୍ଭ ହେଲା । ମଧ୍ୟ ପୁଲିସ ସାହାଯ୍ୟରେ ସନ୍ଧ୍ୟାପର୍ଯ୍ୟନ୍ତ ଯାତ୍ରିମାନେ ଅବାଧରେ ଦର୍ଶନ କରିଥିଲେ ସନ୍ଧ୍ୟା ପରେ ସ୍ନାନ ମଣ୍ଡପରୁ ଅବତରଣ କରି ରାତ୍ର ପ୍ରାୟ ଘ ୨୨ ଟା ସମୟେ ଅନବସର ପିଣ୍ଡିରେ ବିଜେକରାଇ ହୁଅନ୍ତେ ଶ୍ରୀଜୀଉଙ୍କର ପ୍ରତିରୂପ ପଟ୍ଟସ୍ଥାପନାଦି ଅନ୍ୟାନ୍ୟ ନୀତି ସମାହିତ ହୋଇଥିଲା । ଅନ୍ୟାନ୍ୟ ବର୍ଷ ପ୍ରତି ଏ ବର୍ଷ ଯାତ୍ରୀ ସଂଖ୍ୟା ଅନେକ ଊଣା ଥିଲା ! ପ୍ରାୟ ୨।୮ହଜାର ବଙ୍ଗାଳୀ ଯାତ୍ରୀଥିଲେ । ଅନ୍ୟାନ୍ୟ ବିଦେଶୀ ଯାତ୍ରୀ ପ୍ରାୟ ନ ଥିଲେ । ପଞ୍ଚକୋଶୀ ଏବଂ ଉତ୍କଳୀୟ ଦର୍ଶକ ସମେତ ମୋଟ ଯାତ୍ରୀ ୧୫।୨୦ ହଜାରରୁ ଅଧିକ ନ ଥିଲେ ।

ଅନେକ ଲଙ୍ଗଳାଉର ଗାଇ ପଡ଼ିଅଛି । ପୂର୍ଣ୍ଣିମା ପୂର୍ବରୁ ଆସିଥିବା ଯାତ୍ରିମାନେ ଆଗାମୀ ରଥଯାତ୍ରାପର୍ଯ୍ୟନ୍ତ ଜଣପ୍ରତି ଟ ୩।୪ଙ୍କା ଭଡ଼ାରେ ଏବଂ କେବଳ ସ୍ନାନ ଯାତ୍ରା ଦର୍ଶନାର୍ଥୀ ଯାତ୍ରିମାନେ ଦୈନିକ ଜଣପ୍ରତି ଦୁଇ ଏକ ଅଣା ଭଡ଼ାରେ ରହୁଅଛନ୍ତି । ସ୍ୱାସ୍ଥ୍ୟ ଭଲ ଅଛି ।

## ଉନ୍ନତିର ପନ୍ଥା ।

ମାନ୍ଦ୍ରାଜ ପ୍ରାଦେଶିକ ସମିତିର ଅଧିବେଶନ ଚଳିତମାସ ତା ୯ ରିଖରେ କର୍ଣ୍ଣୁଲଠାରେ ବସିଥିଲା । ବହିଁରେ ଶ୍ରୀଯୁକ୍ତ ପି, ଆର, ସୁନ୍ଦର ଅର୍ଯ୍ୟ ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତି ମହାଶୟଙ୍କ ବକ୍ତୃତା ଅତୀବ ସୁନ୍ଦର ଏବଂ ସାରଗର୍ଭ ଥିଲା । ସେ କହିଲେ ବୈଧ ଉପାୟରେ ସମବେତ ଆନ୍ଦୋଳନଦ୍ୱାରା ଭାରତବର୍ଷର ଅଶେଷ ସମ୍ପ୍ରଦାୟର ଉନ୍ନତି ଓ ସେମାନଙ୍କର ରାଜନୈତିକ ଅଧିକାର ଏବଂ ସ୍ୱାଧୀନତା ପ୍ରବର୍ତ୍ତିତ ହୋଇପାରେ । ଅନ୍ୟ କୌଣସି ଉପାୟ ବିପ୍ଳବଜନକ ହେବା ଭାରତବାସିଙ୍କ ସ୍ୱଭାବ, ପ୍ରବାଦ ଏବଂ ଶିକ୍ଷାର ଉପଯୋଗୀ ନୁହେ । ଅମ୍ଭମାନଙ୍କୁ ଉନ୍ନତିମାର୍ଗରେ ନେବାକାରଣ ବିଧାତାଙ୍କ କର୍ତ୍ତୃକ ଇଂରେଜମାନେ ନିଯୁକ୍ତ ହୋଇଅଛନ୍ତି । ସେମାନଙ୍କ ସଙ୍ଗେ ସମକକ୍ଷ ହୋଇ ଅମ୍ଭେମାନେ ଠିଆହେବାର ବାସନାରଖି ଏବଂ ପରସ୍ପରପ୍ରତି ବିଶ୍ୱାସ, ସହାନୁଭୂତି ଏବଂ ଉଦାର ମୀମାଂସାର ବଶବର୍ତ୍ତୀ ହୋଇ ଅମ୍ଭେମାନେ ଆପଣା ୨ର ସାମ୍ପ୍ରଦାୟିକ ବା ଜାତିଗତ ବିଦ୍ୱେଷ ଓ କଳହ ପରିତ୍ୟାଗ କରନ୍ତୁ । ଅନ୍ୟର ସାମ୍ପ୍ରଦାୟିକତାରେ ଔଦାର୍ଯ୍ୟ ଦେଖାଇ ସହିଯିବା ଏବଂ ସ୍ୱାର୍ଥତ୍ୟାଗ ଅମ୍ଭମାନଙ୍କର ଲକ୍ଷ୍ୟସ୍ଥଳ ମନ୍ତ୍ର ହେବା ଉଚିତ ଅନ୍ୟଥା ଅମ୍ଭେମାନେ ଏକ ପଣ୍ଡର ପୃଥକ୍ ୨ ଅଂଶ ବିଚ୍ଛିନ୍ନାବସ୍ଥାରେ ଶୁଖିଯିବୁ ପଡ଼ିରହିବୁ ।— ଅମ୍ଭେମାନେ ପାଠକମାନଙ୍କୁ ଏ କଥାପ୍ରତି ଅନୁଧାବନ କରିବାକାରଣ ଅନୁରୋଧ କରୁଅଛୁଁ । ଭାରତବର୍ଷର ଲୋକମାନେ ଜାତି, ଧର୍ମ ଏବଂ ଭାଷାରେ ଅସଂଖ୍ୟ ଶ୍ରେଣୀରେ ବିଭକ୍ତ । ଏହି ଅସଂଖ୍ୟ ଶ୍ରେଣୀମଧ୍ୟରେ ମେଳ ସଂସ୍ଥାପନ କରିବା ସାମାନ୍ୟ କଥା ନୁହେ । ଯେଉଁ ଜାତି ବା ସମ୍ପ୍ରଦାୟ ବହୁକାଳ ଗୋଟିଏ ମତପୋଷଣ କରି ଆସିଅଛି ତାହାକୁ ସେ ଭାବ ଛଡ଼ାଇବାକୁ ହେଲେ ଅନେକ ସାଧ୍ୟ ସାଧନା ଏବଂ ତ୍ୟାଗ ସ୍ୱୀକାରର ପ୍ରୟୋଜନ । ସୁତରାଂ ଯେଉଁ ବ୍ୟକ୍ତି ଏହିରେ ପ୍ରୟାସୀ ହେବ ତାହାର ଉଦାରଭାବ ଧାରଣ କରିବା ଆବଶ୍ୟକ । ଦୁଇବ୍ୟକ୍ତିର ମତ ହେଲେ ତୃତୀୟ ମଧ୍ୟସ୍ଥର ପ୍ରୟୋଜନ ହୋଇଣ

Split by PDF Splitter

Digitized by srujanika@gmail.com

ମଧ୍ୟସ୍ଥ ହେବା ଆପଣା ମଧ୍ୟରେ ବଳ ଭାଙ୍ଗିବା ସହଜ ହୋଇ ନ ପାରେ । ଯେତେବେଳେ ଭାରତର ବିଭିନ୍ନଜାତି ପରସ୍ପର ବିଦ୍ୱେଷଭାବରେ ପ୍ରଣୋଦିତ ହୋଇ ଆପଣାମଧ୍ୟରେ ବଣାବଣି କରୁଥିଲେ ତେତେବେଳେ ଇଂରେଜଜାତି ଈଶ୍ୱର ନିର୍ଦ୍ଦେଶରେ ମଧ୍ୟସ୍ଥରୂପେ ଆମ୍ଭମାନଙ୍କ ମଧ୍ୟରେ ସମୁପସ୍ଥିତ ହେଲେ ଏବଂ ଧର୍ମପ୍ରାଣ ଭାରତବାସୀ ନାନାଧର୍ମ ଏବଂ ଜାତିଧର୍ମର ଅଧୀନରେ ନଷ୍ଟ ହେଉଥିବାର ଦେଖି ଏକାବେଳକେ ଧର୍ମସମ୍ବନ୍ଧୀୟ ଉଦାରଭାବ (toleration) ପ୍ରକାଶ କଲେ । ସେହି ଉଦାରଭାବ ବଳରେ କେମନ୍ତ ସୁନ୍ଦର ଭାବରେ ଭାରତବାସୀଙ୍କର କଲ୍ୟାଣ ଏବଂ ଉନ୍ନତିସାଧନ ହେଉଅଛି ତାହା ଚିନ୍ତାଶୀଳବ୍ୟକ୍ତି ମାତ୍ରେହି ବୁଝିପାରିବେ । ଏତବା କଥା ଗୁପ୍ତ ହୋଇ ନ ପାରେ ଏହା ସମସ୍ତଙ୍କୁ ଜଣାଅଛି ଏବଂ ବହୁବିଧ ବିଭିନ୍ନଜାତି ମଧ୍ୟରେ ସେହି ଉଦାରଭାବ ଅବଲମ୍ବନରେ କେମନ୍ତ ସୁନ୍ଦରରୂପେ ଏବଂ ସହଜରେ ଏକତା ସାଧିତ ହୋଇ ପାରେ କଂଗ୍ରେସର ଗଠନବିଧି ପ୍ରତି ଯେଉଁମାନେ ଲକ୍ଷ୍ୟ ରଖିଅଛନ୍ତି ସେମାନେ ହୃଦୟଙ୍ଗମ କରି ପାରିବେ । ସେହି ଉଦାରଭାବ ପ୍ରକାଶେ ସ୍ୱାର୍ଥତ୍ୟାଗର ପ୍ରୟୋଜନ କାରଣ ସ୍ୱାର୍ଥାନ୍ୱେଷୀ ଲୋକର ସ୍ୱଭାବତଃ ବିଦ୍ୱେଷଭାବ ମନରେ ସ୍ଥାନ ପାଏ ଏବଂ ସେହି ବିଦ୍ୱେଷଭାବରୁ ପରଶ୍ରୀକାତରତା ଜାତ ହୋଇ ତାହାକୁ ଅଧିକ ଉତ୍ତେଜିତ କରେ । ଆମ୍ଭେମାନେ ଭରସା କରୁଁ ଦେଶଲୋକେ ଏହି କଥାଗୁଡ଼ିକ ସ୍ମରଣ ରଖି ଏକତା ସାଧନପୂର୍ବକ ପ୍ରତିବେଶିର ଉନ୍ନତି ସଙ୍ଗେ ଆପଣାର ଉନ୍ନତି କରିବାରେ ତତ୍ପର ହେବେ ।

—o*o—

## ତାଲଚେର ସାହିତ୍ୟ ସଭା ।

ମାନନୀୟ ତାଲଚେରାଧୀଶ୍ୱରଙ୍କ ଶୁଭ ଜନ୍ମତିଥିପୂର୍ତ୍ତି ଗତ ତା ୯ ରିଖରେ ସୁସମାରୋହରେ ସମ୍ପନ୍ନ ହୋଇଥିଲା । ତିଥିର ଆନୁଷଙ୍ଗିକ ବିବିଧ ଉତ୍ସବମଧ୍ୟରେ ସେଦିନ ସନ୍ଧ୍ୟାସମୟରେ ସେଠାର କିଶୋରଚନ୍ଦ୍ର ସାହିତ୍ୟସମାଲୋଚନୀ ସଭାର ଷୋଡ଼ଶ ବାର୍ଷିକ ସଭା ହୋଇଥିଲା । ସ୍ଥାନୀୟ ପତ୍ରିକା ଗଡ଼ଜାତବାସିନୀ ଏହି ଅଧିବେଶନର ପଠିତ ହେବା ବାର୍ଷିକ ରିପୋର୍ଟରୁ ଯାହା ସଙ୍କଳନ କରିଅଛନ୍ତି ତାହା ଏଠାରେ ପ୍ରକାଶ କଲୁଁ ଯଥାଃ—ଏବର୍ଷ ସଭାର ଅଧିବେଶନ ଚାଳିଶଗୋଟି ହୋଇଥିଲା । ପ୍ରତ୍ୟେକ ଅଧିବେଶନରେ ସଭ୍ୟମାନଙ୍କ ଉପସ୍ଥାନ ହାରହାର ପଚିଶ ଥିଲା । ଶିକ୍ଷା, ନୀତି, ଜାତି, ସମାଜ ଉନ୍ନତି ପ୍ରଭୃତି ବିବିଧ ଶିକ୍ଷଣୀୟ ବିଷୟର ପ୍ରବନ୍ଧ ଚିନ୍ତାଶୀଳ ଲେଖକମାନଙ୍କ ଦ୍ୱାରା ଆଲୋଚିତ ହୋଇଥିଲା । ହିନ୍ଦୋଳର ରାଜା ସେ ସମୟରେ ତାଲଚେରରେ ବନ୍ଧୁଭାବରେ ଗମନ କରିଥିବାରୁ ଏହି ଅଧିବେଶନର ସଭାପତି ନିର୍ବାଚନଦ୍ୱାରା ତାହାଙ୍କୁ ସମ୍ମାନିତ କରାଯାଇଥିଲା । ତାଲଚେରର ବର୍ତ୍ତମାନ ରାଜା ଏହି ସଭା ସ୍ଥାପନ କରିଥିଲେ । ଇହାଙ୍କର ବୟସ ବିଂଶ ବର୍ଷ ପୂର୍ତ୍ତି ହେଲା ଏବଂ ସଭାର ବୟସ ତ ୧୬ ବର୍ଷ ହୋଇଅଛି । ଏଥିରୁ ଦେଖାଯାଏ ଯେ କିଶୋରଚନ୍ଦ୍ର କିଶୋର ବୟସରେ ଏ ସଭା ସ୍ଥାପନ କରିଅଛନ୍ତି ଓ ତାହାଙ୍କର ଆନୁକୂଲ୍ୟରେ ଏହା ଏତେକାଳ ଶୃଙ୍ଖଳାରେ ଚାଲି ଆସୁଅଛି । ଏବର୍ଷରେ ୪୦ ଅଧିବେଶନ ଓ ପ୍ରତି ଅଧିବେଶନର ହାରହାର ଉପସ୍ଥାନ ୨୫ ହେବା ଅବଶ୍ୟ ବଡ଼ ପ୍ରୀତିକର ଏବଂ ଏଥିରୁ ସ୍ଥାନୀୟ ଲୋକଙ୍କର ସଭାପ୍ରତି ପ୍ରଚୁର ଅନୁରାଗର ପରିଚୟ ମିଳୁଅଛି । ଓଡ଼ିଶାରେ ଅନେକ ସଭା ଅଛି ମାତ୍ର କୌଣସି ସଭା ଏମନ୍ତ ସୁନ୍ଦର ଫଳ ଦେଖାଇବାର ଜଣା ନାହିଁ । ସହଯୋଗୀ ଯେବେ ଏଥିସଙ୍ଗେ ସଭାର ସଭ୍ୟସଂଖ୍ୟା, ଆୟବ୍ୟୟ କାର୍ଯ୍ୟର କିଛି ବିଶେଷ ଉଲ୍ଲେଖ କରିଥାନ୍ତେ ତେବେ ଅଧିକ ସୁଖର ବିଷୟ ହୋଇଥାନ୍ତା । କ୍ରମୋନ୍ନତିର ଅଧିକ ପରିଚୟ ମିଳନ୍ତା । ଶିକ୍ଷା, ଜାତି, ସମାଜ ଇତ୍ୟାଦି ବିଷୟ ସଭା କ୍ରମାଗତ ଆଲୋଚନା କରି ଆସୁଅଛନ୍ତି । ବାଲ୍ୟାବସ୍ଥା ଗତ ହୋଇଅଛି । ଆଲୋଚନାଦ୍ୱାରା ଯାହା ସ୍ଥିର ହୋଇଅଛି କାର୍ଯ୍ୟକ୍ଷେତ୍ରରେ ତାହା ଫଳାଇବାର ଏଣିକି ଆବଶ୍ୟକ । ସକଳ ଉନ୍ନତିର ମୂଳ ଶିକ୍ଷା ଓ ତହିଁ ଉପରେ ନୈତିକ ସାମାଜିକ ଓ ଆର୍ଥିକ ସକଳ ଉନ୍ନତି ନିର୍ଭର କରେ । କେବଳ ପାଠ ପଢ଼ି ସଭାରେ ପ୍ରବନ୍ଧ ପାଠ ବା ବକ୍ତୃତା କରି ନିଶ୍ଚିନ୍ତ ହେବାର ନୁହେ । ଏ ସମସ୍ତ ଆବଶ୍ୟକ ମାତ୍ର ତହିଁ ଉପରେ କାର୍ଯ୍ୟ ଆବଶ୍ୟକ । ଉପଯୁକ୍ତ ଶିକ୍ଷାଦାନଦ୍ୱାରା କୃଷିଶିକ୍ଷା, ବାଣିଜ୍ୟ, ବ୍ୟବସାୟର ପ୍ରସାର, ଆଳସ୍ୟତା ଓ ମାଦକାଦି ବିଳାସିତା ଦମନ, ସାମାଜିକ ଅବସ୍ଥାର କାଳୋଚିତ ସଂସ୍କାର, ଧର୍ମ ପ୍ରଚାର ଇତ୍ୟାଦି ଅନେକ ହିତକର କାର୍ଯ୍ୟ ଅଛି ଯହିଁରେ ସଭା ମନୋଯୋଗୀ ହୋଇ କିଛି କାର୍ଯ୍ୟ କରି ପାରିବେ । ଯୋଗ୍ୟବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗରେ ରାଜା ସାଧାରଣ ପ୍ରଜାମଣ୍ଡଳୀର ମଙ୍ଗଳାର୍ଥେ କାର୍ଯ୍ୟ କରିବାକାରଣ ସଭା ବସାଇ ଅଛନ୍ତି । ସଭା ତାହାଙ୍କ ସୁପରାମର୍ଶ ଦେବେ ଓ ଯଦନୁସାରେ କାର୍ଯ୍ୟ କରିବାକୁ ରାଜେ ଯତ୍ନବାନ ହେବେ । ଭରସା କରୁଁ ଏଣିକି କାର୍ଯ୍ୟଦ୍ୱାରା ସଭାର ଗତି ହେବ ।

———

## ମାନ୍ୟବର ମଧୁସୂଦନ ଦାସ ଓ ଉତ୍କଳସଭା

ଓଡ଼ିଶା ଏସୋସିଏସନ ବା ଉତ୍କଳସଭାର ସଭାପତିତ୍ୱ ତ୍ୟାଗ କରିବା ସମ୍ବନ୍ଧରେ ମାନ୍ୟବର ମଧୁସୂଦନ ଦାସଙ୍କର ଖଣ୍ଡିଏ ଇଂରାଜୀପତ୍ର ଗତ ସପ୍ତାହର ପତ୍ରିକାରେ ଆମ୍ଭେମାନେ ପ୍ରକାଶ କରିଅଛୁଁ । ତହିଁରେ ସେ ଲେଖିଅଛନ୍ତି ଯେ, ସେ ଉତ୍କଳସଭା ଏବଂ ବ୍ୟବସ୍ଥାପକସଭାର ସଭ୍ୟପଦର କାର୍ଯ୍ୟ ଚଳାଉଥିବା ପ୍ରତ୍ୟେକ ଉତ୍କଳସଭାର ସଭ୍ୟମାନେ ତାହାଙ୍କର ବୃଦ୍ଧ ବୟସ ଏବଂ ମନ୍ଦ ସ୍ୱାସ୍ଥ୍ୟର ଆପତ୍ତି ଗ୍ରହଣ କରି ନ ପାରିବା ସମୟରେ ଭୁଲି ଯାଇଅଛନ୍ତି ଯେଉଁ ଅଧିବେଶନରେ କେତେକଜଣ ସଭ୍ୟପଦ ତ୍ୟାଗ କରିବା ପ୍ରସଙ୍ଗ ବିସ୍ତର ହେଉଥିଲା ସେହି ଅଧିବେଶନରେ ସଭାର ସଭ୍ୟମାନେ ତାହାଙ୍କୁ ସଭାପତିର ଅଯୋଗ୍ୟ ବୋଲି ପ୍ରକାଶ କରିଅଛନ୍ତି । ଏସେ ଅଯଥା ପ୍ରକାଶର ଏହି କାରଣ ସେ ଦର୍ଶାଇ ଅଛନ୍ତି ଯେ ସେହି ଅଧିବେଶନରେ ସେ ସଭାପତିସ୍ୱରୂପ ଶୃଙ୍ଖଳା ଓ 'ବୈଧନିୟମ' ପ୍ରବଳ ରଖିବାର ଚେଷ୍ଟାରେ ବିଫଳ ହେଲେ ଏବଂ ମନେ କଲେ ଯେ ନିୟମ ଓ ଶୃଙ୍ଖଳା ରକ୍ଷାସକାଶେ ଶିଷ୍ଟ ଅନୁରୋଧ ଉପରେ ଆଉ କିଛି ଆବଶ୍ୟକ ଯାହା କି ବୃଦ୍ଧ ଓ ଦୁର୍ବଳାବସ୍ଥାବଶତଃ ତାହାଙ୍କର ନାହିଁ । ପୁଣି ସେହି ସଭାରେ ଯେପରି ଅସାଧାରଣ ଭାଷା ଓ ଭାବଭଙ୍ଗି ପ୍ରଦର୍ଶିତ ହୋଇଥିଲା ତହିଁ ସକାଶେ ଖେଦ ପ୍ରକାଶ କରିବାର ମଧ୍ୟ ସେ ଶୁଣି ନାହାନ୍ତି । ପରିଶେଷରେ ଲେଖିଅଛନ୍ତି ଯେ ଉତ୍କଳସଭା ଏପର୍ଯ୍ୟନ୍ତ ଯେପରି ନୈତିକ କାର୍ଯ୍ୟ କରି ଆସୁଥିଲା ସେପରି ଥିଲେ ସେ ପଦ ତ୍ୟାଗ କରି ନ ଥାନ୍ତେ । ଆମ୍ଭେମାନେ ଦେଖୁଅଛୁଁ ଯେ ଦାସ ମହାଶୟ ସଭାର ଭ୍ରମ ଦେଖାଇବାକୁ ଯାଇ ନିଜେ କେତେକ ଭ୍ରମରେ ପଡ଼ିଅଛନ୍ତି । ଯେଉଁ ଅଧିବେଶନରେ କେତେ ସଭ୍ୟମାନେ ଅଶିଷ୍ଟ ବାକ୍ୟ ଓ ଅଭଦ୍ର ଭାବ ଭଙ୍ଗୀ ଦେଖାଇଥିଲେ ସେ ଅଧିବେଶନ କେତେକ ସଭ୍ୟଙ୍କର ଇସ୍ତଫାର ବିଚାରନିମନ୍ତେ ନ ହୋଇ ସଭାର ନିୟମାବଳୀର ସଂଶୋଧନ ସକାଶେ ହୋଇଥିଲା । ସେ ଅଧିବେଶନର ନିର୍ଦ୍ଧାରଣ କେତେକ ସଭ୍ୟଙ୍କ ମନକୁ ନ ଆସିବାରୁ ସେମାନେ ଇସ୍ତଫା ଦେବେବୋଲି କହି ବାହାରି ଗଲେ । ପୁଣି ବକ୍ତୃତା ସମୟରେ ପ୍ରଥମେ ଯେଉଁ ସଭ୍ୟ ଅଶିଷ୍ଟ ଭାଷା ବ୍ୟବହାର କଲେ ସଭାପତି ତାହା ଦେଖାଇ ଦେବାମାତ୍ରେ ଦୁଃଖିତ ହୋଇ ଦୋଷ ସ୍ୱୀକାର କଲେ । ଯେଉଁମାନେ ସେ ସମୟରେ ସଭାପତିଙ୍କର ଆଦେଶ ଓ ଉପଦେଶକୁ ଆସ୍ଥା ନ କରି ଅଶିଷ୍ଟାଚାର କରିଥିଲେ ସେମାନେ ପ୍ରକାଶ୍ୟ ସଭାରେ ପୁନଃ ପ୍ରକାଶ ନ

Split by PDF Splitter

Digitized by srujanika@gmail.com

ନ ଲେଖିବା ଅତ୍ୟନ୍ତ ଯାହାଙ୍କଠାରେ ଦୋଷ ସ୍ୱୀକାର କରିବାର ଶକ୍ତି ଅଛି । ସୁତରାଂ ଏହା ଦେଲେ ସତ୍ତ୍ୱେ ନ ମାନିବାର ବୋଲିଯାଇ ନ ପାରେ । ସତ୍ୟର ଅନୁରୋଧ ଓ ଆଶା ପୂର୍ବପ୍ରାପ୍ତ ରହିଅଛି । ଯଦ୍ୟପି କ କେତେଜଣ ସଭାକୁ ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକ ଭାବରେ ଗଢ଼ିବାର ଚେଷ୍ଟା କରିଥିଲେ ଏବଂ ସେ ଚେଷ୍ଟା ସଫଳ ନ ହେବାରେ ସେମାନେ ଛାଡ଼ି ଗଲେ ବୋଲି ସଭା ଉଠିଯିବାର ବୋଲିଯିବ କି ? ସବୁ ସଭାରେ ବେଳେ ବେଳେ ମତଭେଦ ଘଟେ ଓ ସମୟରେ ଭାଙ୍ଗିଯାଏ । ଯେ ଗଣିତର ବଶେ ତାହାର ଭ୍ରମ । ଅନେକ ଭାଲ ଲୋକଙ୍କର ଏଥିର ବ୍ୟବହାର ସେମନ୍ତ ହୋଇଅଛି ପୂର୍ବେ ତେମନ୍ତ ନ ଥିଲା ଓ ଏମାନଙ୍କୁ ସମ୍ଭାଳନା କଷ୍ଟକର ବୋଲି ଦାସ-ମହାଶୟ ଯାହା କହିଅଛନ୍ତି ତାହା ଯଥାର୍ଥ ଅଟେ । କିନ୍ତୁ ସେମାନେ ଆପଣାର ଲୋକ ଥାଇ ଅବାଟରେ ଚାଲିବାର ଦେଖି ତାହାଙ୍କ ମଙ୍ଗଳ ସକାଶେ ବରଂ ଅପମାନ ସହି ସେମାନଙ୍କ ସଙ୍ଗ ଥାଇ ସଦୁପଦେଶ ଦେବା ଶ୍ରେୟସ୍କର, ଅଲଗା ହେବା ଅପ୍ରଶସ୍ତ ପରନ୍ତୁ ପାର୍ଥକ୍ୟ ଭାବ ପୋଷଣ ନ କରିବା ଓ ବନ୍ଧୁଭାବରେ ଅପଣା ମଧ୍ୟରେ ମିଶି ରହିବା ବିଷୟରେ ଦାସ ମହାଶୟ ଯେଉଁ ଅମୂଲ୍ୟ ଉପଦେଶ ଦେଇଅଛନ୍ତି ତାହା ସମସ୍ତଙ୍କୁ ସ୍ମରଣ ରଖିବା କାରଣ ଅମ୍ଭେମାନେ ଏହାକୁ ଅନୁରୋଧ କରୁଁ । ପରିଣାମରେ ଧର୍ମର ଜୟ ଅବଶ୍ୟ ହେବ ।

---

### ଉଚ୍ଚଶିକ୍ଷାର ଦୋଷ ।

କଲିକତାର ହିତବାଦୀ 'ବଙ୍ଗଲାର ଶିକ୍ଷାପଦ୍ଧତି' ପ୍ରବନ୍ଧରେ ଲେଖିଅଛନ୍ତି ଯେ "ବର୍ତ୍ତମାନ ଯେଉଁ ନିୟମରେ ଭାରତରେ ବିଶ୍ୱବିଦ୍ୟାଳୟମାନ ଶିକ୍ଷାଦାନ କରୁଅଛନ୍ତି ତାହା ଏ ଦେଶ ଓ ଜାତିର ଉପଯୋଗୀ ନୁହେ । ଏହି ଶିକ୍ଷା ପ୍ରଭାବରେ ବଙ୍ଗାଳୀ ଲକ୍ଷ୍ମୀଛଡ଼ା ହେଉଅଛି, ଆୟ ଅପେକ୍ଷା ବ୍ୟୟ ଅଧିକ କରୁଅଛି । ଉପାର୍ଜନ ସାମର୍ଥ୍ୟ ପ୍ରତି ଦୃଷ୍ଟିପାତ ନ କରି ବିଳାସର ପରିମାଣ ବଢ଼ାଇ ଦେଉଅଛି । ଏ ଶିକ୍ଷାରେ ବିଦ୍ୟାର୍ଥୀ ସଚ୍ଚରିତ୍ର, ମିତବ୍ୟୟୀ ଓ ସଂଯମୀ ହୋଇ ପାରୁନାହିଁ । ଦରିଦ୍ର ଓ ପରାଧୀନ ବଙ୍ଗାଳୀକୁ ଏମନ୍ତ ଶିକ୍ଷା ଦେବାର ଫଳ ଯହିଁରେ ତାହାର ସ୍ୱଭାବ ବିକୃତ ଯାଏ ଏବଂ ଅବସ୍ଥା ଜ୍ଞାନ ରହେ ନାହିଁ । ଯେ ଯାହା କହନ୍ତୁ ବଙ୍ଗାଳୀ ପ୍ରଧାନତଃ ପେଟର ଦାୟରେ ଇଂରାଜୀ ପଢ଼େ । ଯେତେବେଳେ ଇଂରାଜୀ ପଢ଼ିଲେ ଚାକିରି ମିଳୁଥିଲା ସେହି ସମୟରୁ ବଙ୍ଗାଳୀ ଇଂରାଜୀ ପଢ଼ିବାର ଆରମ୍ଭ କଲେ । ଏବେ ଇଂରାଜୀ ପଢ଼ି ସମସ୍ତେ ଚାକିରି ପାଉନାହାନ୍ତି ମାତ୍ର ଆଉ କିଛି ଶିଖିବାର ନାହିଁ ବୋଲି ବଙ୍ଗାଳୀପିଲା ଇଂରାଜୀ ପଢ଼ୁଅଛି । ଫଳତଃ ଅନ୍ନମାନଙ୍କ ପକ୍ଷରେ ଇଂରାଜୀବିଦ୍ୟା ଅର୍ଥକରୀ ବିଦ୍ୟା ଏହା ଜାଣିଲେ, ଚରିତ୍ରଶୁଦ୍ଧି ଓ ପାରଲୌକିକ ମଙ୍ଗଳ ଅଟିବ ନୁହେ । ବାସ୍ତବରେ ଏହି ଯେ ଏମ୍, ଏ, ବି, ଏ, ଉପାଧି ପାଇ ଭୁଲୁଅଛନ୍ତି ଏମାନେ ଇହକାଳ ଓ ପରକାଳ କିଛି ବୁଝନ୍ତି ନାହିଁ । ଏମାନେ ବିଳାସପିପାସୁ କେବଳ ଟଙ୍କା ପଛରେ ବ୍ୟସ୍ତ ଓ କୌଣସିମତେ ଚାକିରି ହୋଇ କିମ୍ବା ଅର୍ଥୋପାର୍ଜନ କରିବାହିଁ ଏମାନଙ୍କର ଇଚ୍ଛା । ଏମାନଙ୍କର ଆତ୍ମମର୍ଯ୍ୟାଦା, ଜାତିମର୍ଯ୍ୟାଦା, ବା ଧର୍ମମର୍ଯ୍ୟାଦା କୌଣସି ମର୍ଯ୍ୟାଦା ବୋଧ ନାହିଁ । ଅଛି ଏକମାତ୍ର ଟଙ୍କାର ମର୍ଯ୍ୟାଦା, ଟଙ୍କା ପାଇଲେ ଏମାନଙ୍କର ଚତୁର୍ବର୍ଗ ଲାଭ ହୁଏ ।"

ସହଯୋଗୀ ହିତବାଦୀ ବଙ୍ଗାଳୀଙ୍କୁ ଲକ୍ଷ କରି ଉପରଲିଖିତ ମନ୍ତବ୍ୟ ଲେଖିଅଛନ୍ତି । ମାତ୍ର ଚିନ୍ତା କରି ଦେଖିଲେ ତାହା ଓଡ଼ିଆ ତଥା ଭାରତୀୟ ସମସ୍ତ ଜାତିପ୍ରତି ଖଟଇ । ବିଶେଷ ଏଥିରେ ଅନ୍ୟାନ୍ୟ ପ୍ରଦେଶର ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନେ ବିବିଧ ବ୍ୟବସାୟ ଅବଲମ୍ବନ କରିଅଛନ୍ତି ମାତ୍ର ବଙ୍ଗଳା ଓ ଓଡ଼ିଶାରେ ଓକିଲି ଓ ଡାକ୍ତରୀ ପ୍ରଧାନ ହୋଇଅଛି । କିନ୍ତୁ କଷ୍ଟ ସାଧ୍ୟ ନେଇ ଦକ୍ଷିଣାପୂର୍ବ ବିଗକୁ ସ୍ୱଲ୍ପ ଅଧିକ ଲୋକ ମାଡ଼ି ନାହାନ୍ତି । କହିବାର ଯେ ଓଡ଼ିଶାର ଉଚ୍ଚଶିକ୍ଷିତ ଦଳ ଅବଶ୍ୟ ମୁଷ୍ଟିମେୟ ଓ ଏମାନଙ୍କର ବଜାର ଏଯାବତ୍ ତେଜ ହୋଇନାହିଁ । ଓକାଲତିରେ ପୂର୍ବପରି ଆୟ ନ ହେଲେହେଁ ସମ୍ଭବତଃ ଅନ୍ୟାନ୍ୟ ଉପାୟ ଅପେକ୍ଷା ଭଲ ଦେଖାଯିବାହେତୁ ଅନେକ ଲୋକ ତହିଁକି ଆକୃଷ୍ଟ ହେଉଅଛନ୍ତି । ମାତ୍ର ଏତେବେଳେ ପୁଣା ଏହି ଓ ଡାକ୍ତରୀ ବ୍ୟବସାୟ ଯେପରି ହେବାର ଶୁଣାଯାଉଅଛି ତାହା ବଡ଼ ଶୋଚନୀୟ ଓ ଉଚ୍ଚଶିକ୍ଷାର ଅମର୍ଯ୍ୟାଦା ଭିନ୍ନ ଆଉ କିଛି ନୁହେ । ବିଦ୍ୱାନ୍ ବ୍ୟକ୍ତି ଅର୍ଥୋପାର୍ଜନକୁ ସାମାନ୍ୟ ମନେ କରି ଜ୍ଞାନୋନ୍ନତିଦ୍ୱାରା ପରମଧନ ପରମାର୍ଥ ଲାଭ କରିବ । ଯେବେ ତାହା ନ ହେଲା, ସାମାନ୍ୟ ଅର୍ଥ ସକାଶେ ସଚ୍ଚରିତ୍ରତା ଓ ଆତ୍ମମର୍ଯ୍ୟାଦାର କ୍ଷତି ହେଲା ତେବେ ସେ ଉଚ୍ଚଶିକ୍ଷା ବ୍ୟର୍ଥ ହେଲା ନାହିଁକି ? ଟଙ୍କା ଅର୍ଜନ ବଡ଼କଥା ନୁହେ ସାମାନ୍ୟଲୋକ ତାହା କରୁଅଛି ଓ ଭଲ ଭାବରେ ତାହା ବ୍ୟୟ ଅଥବା ଅକାରଣ ସଞ୍ଚୟ କରି ପରପାଇଁ ଛାଡ଼ି ଯାଉଅଛି, ବିଦ୍ୱାନ୍ ବ୍ୟକ୍ତି ଅର୍ଥଠାରୁ ସଚ୍ଚରିତ୍ର ଓ ଧର୍ମକୁ ଶ୍ରେଷ୍ଠ ମଣି ସଦୁପାୟରେ ଅର୍ଜନ ଏବଂ ତହିଁର ସଦ୍ବ୍ୟୟଦ୍ୱାରା ନିଜର ଓ ଜନସମାଜର ହିତ ଓ ପାରତ୍ରିକ ମଙ୍ଗଳ ସାଧନ କରିବ । ତାହା ନ ହେଲେ ଇତର ଓ ବିଦ୍ୱାନ୍ ମଧ୍ୟରେ ପ୍ରଭେଦ କି ରହିଲା ?

—୦—

### ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ ଓ ଇଣ୍ଟରମିଡିଏଟ୍ ଏବଂ ପ୍ରବେଶିକା ଏହି ତିନି ପରୀକ୍ଷାର ଫଳ ଏଥର ଯଥାସମୟରେ କଲିକତା ଗେଜେଟରେ ବାହାରିଅଛି । ଓଡ଼ିଶାରେ ପାସ କରିଥିବା ଛାତ୍ରଙ୍କର ନାମ ପ୍ରକାଶ କରୁଅଛୁଁ । ବର୍ତ୍ତମାନ ଗତବର୍ଷ ସଙ୍ଗେ ଏହି ବର୍ଷ ଫଳ ତୁଳନା ଦେଖାଉଅଛୁଁ । କଲିକତା ବିଶ୍ୱବିଦ୍ୟାଳୟର ଉଚ୍ଚ ପରୀକ୍ଷା କେତେଥର ଦେଇଥିଲେ ଦୁର୍ଭାଗ୍ୟକ୍ରମେ ଜାଣି ନ ପାରିବାହେତୁ ତୁଳନା ସମ୍ପୂର୍ଣ୍ଣ ହେଲନାହିଁ ।

ବି, ଏ, ଓ ବି, ଏସ ସି

ବି, ଏ, ରେ ଗତବର୍ଷ ୬୭୦ ପାସ ହୋଇଥିଲେ । ଏ ବର୍ଷ ଅନରରେ ୨୭ ଓ ପାସରେ ୩୭୭ ମୋଟ ୪୩୧ ଛାତ୍ର ପାସ କରିଅଛନ୍ତି । ବି, ଏସ, ସିରେ ଗତ ବର୍ଷ କେବଳ ୨୧ ପାସ କରିଥିବାସ୍ଥଳେ ଏ ବର୍ଷ ଅନରରେ ୧୭ ଏବଂ ପାସରେ ୫୯ ମୋଟ ୭୬ ଛାତ୍ର ସଫଳ ହୋଇଅଛନ୍ତି । ଉଭୟ ଶାଖାର ଫଳ ଗତବର୍ଷାପେକ୍ଷା ଉତ୍ତମ ହୋଇଅଛି । ଦୁଇ ଶାଖାର ମୋଟ ୫୦୭ ଅଟେ । ଦୁଇ ବର୍ଷ ପୂର୍ବେ ପୂର୍ବନିୟମାନୁସାରେ ୧୧୨୩ ଛାତ୍ର ପାସ କରିଥିଲେ । ନୂତନ ନିୟମରେ ତହିଁର ଅର୍ଦ୍ଧେ ପାସ କରିବା ମନ୍ଦ ନୁହେ । ଏଠାରେ ରେଭେନସା କଲେଜର ଗତ ବର୍ଷ ବି, ଏ ପରୀକ୍ଷା ଦେଇଥିବା ୧୧ ଛାତ୍ରମଧ୍ୟରୁ କେ ୫ ଜଣ ସଫଳ ହୋଇଥିଲେ । ଏଥର କେ ୧୮ ଜଣ ମଧ୍ୟରୁ ୮ ଜଣ ଓ ତହିଁ ମଧ୍ୟରେ ଅନରରେ ୨ଜଣ ସଫଳ ଓ ତଦ୍ଭିନ୍ନ ଉଭୟ ବର୍ଷର ହାରାହାରି ଫଳ ପ୍ରାପ୍ତ ସମାନ ସ୍ଥଳେହେଁ ସଂଖ୍ୟାରେ ଉନ୍ନତ ହୋଇଅଛି । ବି, ଏସ ସିର ଏ କଲେଜର କେହି ଛାତ୍ରର ନାମ ନାହିଁ ।

ଇଣ୍ଟରମିଡିଏଟ୍ ।

ଏ ପରୀକ୍ଷାର ମଧ୍ୟ ଅର୍ଟସ ସାହିତ୍ୟ ଓ ବିଜ୍ଞାନ ଦୁଇ ଶାଖା ଗତ ବର୍ଷ ୫୯୫ ପାସ କରିଥିଲେ । ଏଥର ଅର୍ଟସ ଶାଖାରେ ୧ମ ଶ୍ରେଣୀରେ ୨୩୩, ୨ୟରେ ୫୯୧ ଓ ତୃତୀୟରେ ୮୪ ମୋଟ ୯୦୮ ଓ ବିଜ୍ଞାନ ଶାଖାର ୧ମ ଶ୍ରେଣୀରେ ୧୨୧, ୨ୟରେ ୧୮୬ ଓ ତୃତୀୟରେ ୧୯ ମୋଟ ୩୨୬ ଛାତ୍ର ପାସ କରିଅଛନ୍ତି । ଉଭୟ ଶାଖାର ମୋଟ ୧୨୩୪ ପାସ କରିଅଛନ୍ତି ।

ଏଠା ରେଭେନ୍ସା କଲେଜର ଗତବର୍ଷ ପରୀକ୍ଷା ଦେଇଥିବା ୩୫ ମଧ୍ୟରୁ ୧୨ ଜଣ ବା

ଶତକଡ଼ା ୩୪ ପାସ କରିଥିଲେ । ଏଥର ୬୮୫ ଜଣ ମଧ୍ୟରୁ ନ ୩୪ ଜଣ ତଥା ବଙ୍ଗଳାରେ ନ ୨୩ ଜଣ ମଧ୍ୟରୁ ନ୮ ଜଣ ଓ ଷ୍ଟେଟ୍‌ରେ ନ ୭୨ ଜଣ ମଧ୍ୟରୁ ନ ୨୭ଜଣ ପାସ କରିଅଛନ୍ତି । ଏ ବର୍ଷ ଶତକଡ଼ା ୪୦ ପାସ ହୋଇଥିବାର ଫଳ ସନ୍ତୋଷଜନକ ହୋଇଅଛି ।

ପ୍ରବେଶିକା ।

ଗତ ବର୍ଷ ଏ ପରୀକ୍ଷାରେ ୫୮୯୦ ଛାତ୍ର ପାସ କରିଥିଲେ । ଏଥର ୬୮୩୦ ଛାତ୍ର କରିଅଛନ୍ତି ଯେ ସେମାନଙ୍କ ମଧ୍ୟରେ ୧ମ ଶ୍ରେଣୀରେ ୧୯୦୦ ୨ୟରେ ୮୧୯ ଓ ୩ୟରେ ୧୧୧ ସ୍ଥାନ ପାଇଅଛନ୍ତି । ୧ମ ଶ୍ରେଣୀରେ ସର୍ବାପେକ୍ଷା ଅଧିକ ଛାତ୍ର ପାସ କରିବା ଗୌରବର ମାତ୍ର ମୋଟ ଫଳ ସେପରି ହୋଇନାହିଁ ।

ଓଡ଼ିଶାର ଉଚ୍ଚସ୍କୁଲ ସମୂହ ଗତ ବର୍ଷ ୨୮୪ ଛାତ୍ର ପରୀକ୍ଷାକୁ ପଠା ଯାଇଥିଲେ ଯେ ସେମାନଙ୍କ ମଧ୍ୟରୁ ୧୪୧ ଓ ସେଥିମଧ୍ୟରେ ୧ମ ଶ୍ରେଣୀରେ ୬୩ ପାସ କରିଥିଲେ । ଏ ବର୍ଷ ପରୀକ୍ଷା ଦେଇଥିବା ନ ୧୨୪ ଜଣ ମଧ୍ୟରୁ ୧ମ ଶ୍ରେଣୀରେ ୨୩, ୨ୟରେ ୨୨ ଓ ୩ୟରେ ୬ ମୋଟ ୧୦୧ ଛାତ୍ର ପାସ କରିଅଛନ୍ତି । ଏଥିରୁ ଦେଖାଯାଏ ଯେ ସମସ୍ତ ବଙ୍ଗପ୍ରଦେଶର ମୋଟ ଫଳ ସଙ୍ଗେ ଓଡ଼ିଶାର ସମାନ ଅଛି । ମାତ୍ର ସଂଖ୍ୟା ଭଲ ପଡ଼ିବା ଅସନ୍ତୋଷଜନକ ଅଟେ । ବୋଲିବା ବାହୁଲ୍ୟ ଯେ ନୂତନ ଢଙ୍ଗ ଅନୁସାରେ ପାଠ୍ୟ ବିଷୟ ବଢ଼ିଯିବାରୁ ଏପରି ହୋଇଅଛି । ଆଶା କରୁଅଛୁ ଭବିଷ୍ୟତରେ ଫଳ ଭଲ ହେବ । ଓଡ଼ିଶାର ଭିନ୍ନ ସ୍କୁଲର ଫଳ ନିମ୍ନରେ ପ୍ରଦର୍ଶିତ ହେଲା । ଯଥା;—

| ସ୍କୁଲର ନାମ | ମୋଟପ୍ରାର୍ଥୀ | ପାସ ୧ମ ଶ୍ରେଣୀ | ମୋଟ ପାସ | ଚେକସ ପାସ |
|---|---|---|---|---|
| ରେ: କଲେଜସ୍କୁଲ | ୨୩ | ୧୫ | ୨୦ | ୩୯ |
| କଟକ ମିଶନ | ୧୨ | ୭ | ୯ | ୧୨ |
| ପି. ଏମ୍: ଏକାଡେମୀ | ୧୪ | ୮ | ୧୨ | ୩୩ |
| ଟାଉନ ଭିକ୍ଟୋରିଆ | ୧୨ | ୫ | ୮ | ୨୦ |
| ଯାଜପୁର | ୩ | ୧ | ୨ | ୪ |
| କେନ୍ଦ୍ରାପଡ଼ା | ୬ | ୪ | ୬ | ୭ |
| ଢେଙ୍କାନାଳ | ୪ | ୩ | ୪ | ୭ |
| ପୁରୀ | ୧୦ | ୬ | ୮ | ୧୩ |
| ଖୋର୍ଦ୍ଧା | ୭ | ୬ | ୭ | ୭ |
| ବାଲେଶ୍ୱର | ୯ | ୫ | ୭ | ୧୯ |
| ବାଲେଶ୍ୱର ମିଶନ | ୩ | ୧ | ୨ | ୬ |
| ଭଦ୍ରକ | ୬ | ୪ | ୬ | ୭ |
| ମୟୂରଭଞ୍ଜ | ୬ | ୩ | ୪ | ୯ |
| ଲକ୍ଷ୍ମଣନାଥ | ୩ | ୨ | ୩ | ୫ |
| ସମ୍ବଲପୁର | ୩ | ୩ | ୩ | ୪ |
| [illegible] | ୨ | - | - | ୩ |
| [illegible] | ୧ | - | - | ୧୮ |
| [illegible] | ୧୨୪ | ୬୩ | ୧୦୧ | ୨୧୫ |

ଏଥିରୁ ପ୍ରକାଶ ଯେ ଓଡ଼ିଶାର ସରକାରୀ ସ୍କୁଲମଧ୍ୟରେ ରେଭେନସା କଲେଜିଏଟ ସ୍କୁଲ ଏବଂ ସାହାଯ୍ୟ ବା ବେସରକାରୀ ସ୍କୁଲମଧ୍ୟରେ କଟକ ପ୍ୟାରୀମୋହନ ଏକାଡେମୀ ଗତବର୍ଷପରି ଏବର୍ଷ ମଧ୍ୟ ସର୍ବଶ୍ରେଷ୍ଠ ହୋଇଅଛନ୍ତି । ଅନ୍ୟାନ୍ୟ ସ୍କୁଲ ମଧ୍ୟରେ ଭଲ ଫଳ ଦେଖାଇ ଅଛନ୍ତି ଏବଂ ୧ମ ଶ୍ରେଣୀରେ ଅଧିକାଂଶ ପାସ କରିବା ଯାହାକ ଏବର୍ଷର ଅଭିନବ ଓ ସୁଖକର ଘଟଣା ଅଟେ । ତହିଁରେ ନୂତନ ସ୍କୁଲ ଗୁଡ଼ିକ ହୋଇଅଛି କେବଳ ଦୁଃଖର ବିଷୟ ଯେ ଏହା ବାମଣ୍ଡାସ୍କୁଲ ସର୍ବଶୂନ୍ୟରୂପେ ହାରି ଯାଇଅଛି । ଓଡ଼ିଶା ଗଡ଼ଜାତମଧ୍ୟରେ ଗୋଟିଏ ନୂତନ ରାଜ୍ୟ ବାମଣ୍ଡା ପ୍ରଭୃତି ଏହା ଜଣା ଅଛି । ଏକଥା ଉପରେ ଏହା ସଜାଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବ । ଗତବର୍ଷ ଓଡ଼ିଶାର ଜଣେ ଛାତ୍ରୀ ପାସ କରିଥିଲା । ଏବର୍ଷ ସେ ସ୍ଥାନ ଶୂନ୍ୟ ପଡ଼ିଅଛି ।

R

—o—o—

ରାଜଦ୍ରୋହ ନିବାରଣ ।

ଗତ ମାର୍ଚ୍ଚମାସ ତା ୧୪ ରିଖରେ ଭାରତ ଗବର୍ଣ୍ଣମେଣ୍ଟ ରାଜଦ୍ରୋହ ନିବାରଣସମ୍ବନ୍ଧରେ ଏକ ଦୀର୍ଘ ପତ୍ର ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହଙ୍କୁ ଲେଖିଥିଲେ । ବଡ଼ଲାଟ ମହୋଦୟଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟଙ୍କପ୍ରତି ବିଦ୍ୱେଷଭାବ ନିଃସନ୍ଦେହରୂପେ ଭାରତର କେତେକ ସ୍ଥାନରେ ବିଦ୍ୟମାନ ଅଛି ମାତ୍ର କୌଣସି ସ୍ଥାନରେ ଅଧିକ ଲୋକଙ୍କ ମନରେ ଏ ଭାବ ପୋଷିତ ହୋଇନାହିଁ ଅଧିକାଂଶ ସ୍ଥଳରେ ଏହା ଶିକ୍ଷିତ ମଧ୍ୟବିତ୍ତଲୋକଙ୍କ ମଧ୍ୟରେ ସୀମାବଦ୍ଧ ଅଛି । ଗବର୍ଣ୍ଣମେଣ୍ଟ ଅଭିଯୋଗ ନିଷେଧ ବା ଅତ୍ୟାଚାରମୂଳକ ଆଇନ କରିବାରୁ ଏହା ହୋଇନାହିଁ ଏବଂ ଏଥିର ଭିତ୍ତି କୌଣସି ବିଶେଷ ଗୁରୁ ବିଷୟ ଉପରେ ସଂସ୍ଥାପିତ ନ ହୋଇ ଯଥାକଥଞ୍ଚିତ୍ ଅସୂର୍ଯ୍ୟ ବ୍ୟାପାର ଉପରେ ରକ୍ଷିତ ହୋଇଅଛି ମାତ୍ର ଯେଉଁମାନେ ଏଥିରେ ଲିପ୍ତ ଅଛନ୍ତି ସେମାନେ ସାମାନ୍ୟ କଥା ଘେନି ଜାତୀୟଭାବ ଉତ୍ତେଜିତ କରିବାକୁ ଅଗ୍ରସର । ଏମାନଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରାଯାଇପାରେ ପ୍ରଥମ, ଯେଉଁମାନେ ସ୍ୱାୟତ୍ତଶାସନର ପ୍ରାର୍ଥୀ ହୋଇ ଶାନ୍ତିସହ ସୁବିଧା ବାଧା ଦେଇ ସ୍ୱଜାତିର ମୂଲୋତ୍ପାଟନ କରନ୍ତି ଏବଂ ଦ୍ୱିତୀୟ, ଯେଉଁମାନେ ବହୁ ଦେଶ ଲାଗି କାରଣ ୟୁରୋପୀୟ ବା ଦେଶୀ ଲୋକଙ୍କ ଉପରେ ବଳ ପ୍ରକାଶ କରନ୍ତି । ପ୍ରଥମଦଳ ବଳପ୍ରୟୋଗ କରିବାକୁ ପ୍ରସ୍ତୁତ ନ ଥାଇ ଗୋପନରେ ହତ୍ୟା ଏବଂ ଅତ୍ୟାଚାର କାର୍ଯ୍ୟପ୍ରତି ସହାନୁଭୂତି ଦେଖାଇ ରାଜନୈତିକ ଅପରାଧ ଦମନ କରିବାକୁ ଅନିଚ୍ଛୁକ । ଦ୍ୱିତୀୟ ଦଳ ଅଧିକାଂଶ ସ୍କୁଲ ବା କଲେଜର ଛାତ୍ର ବା ସ୍କୁଲ ହେଲେ ଅଳ୍ପବୟସ୍କ ଛାତ୍ରଥିବା ଯୁବକ ଅଟନ୍ତି । ବଙ୍ଗଳା, ପୂର୍ବବଙ୍ଗଳା ଓ ବୋମ୍ବାଇରେ ଦ୍ୱିତୀୟ ଶ୍ରେଣୀର ରାଜଦ୍ରୋହୀ ଅଧିକ । ଯୁକ୍ତପ୍ରଦେଶ ଏବଂ ମାନ୍ଦ୍ରାଜ ଅଞ୍ଚଳରେ ଏମାନଙ୍କର ଦେଖା ନ ଥିଲେହେଁ ସେ ଅଞ୍ଚଳରେ ବିପଦଯୁକ୍ତ ସ୍ଥାନ ଅଛି ନ ଯହିଁପ୍ରତି ତୀକ୍ଷ୍ଣଦୃଷ୍ଟି ରଖିବାକୁ ହେବ । ସମସ୍ତ ବଡ଼ଲାଟ ମହୋଦୟ ବିଶ୍ୱାସ କରନ୍ତି ଯେ ଭାରତରେ ଇଂରାଜଶାସନର ଭାବ ଓ ଫଳ ବିଷୟରେ ଅଜ୍ଞତା ଓ ଅବିଶ୍ୱାସରୁ ଏହା ଉତ୍ପନ୍ନ ହୋଇଅଛି ଇଂରାଜଶାସନର ବିରୋଧୀ ଲୋକମାନଙ୍କମଧ୍ୟରେ ବୈଦେଶିକ ଶାସନପ୍ରତି ଗୋଟିଏ ବିଦ୍ୱେଷଭାବ ଜାଗରିତ ଅଛି ଏବଂ ଅଧିକାଂଶ ଲୋକ ଅସାର ତର୍କ ଏବଂ ପକ୍ଷପାତ କଥାରେ ବିମୁଗ୍ଧ ହୁଅନ୍ତି । ସେମାନଙ୍କ ଆଗରେ ତହିଁର ବିପରୀତ ପ୍ରକୃତ କଥା ପ୍ରକାଶିତ ହୁଏନାହିଁ । ସେଥିର ଏହି କଥାର ପ୍ରକୃତ ହେଲେ ଶାସନପ୍ରଣାଳୀର ସମସ୍ତ ଶାଖାରୁ ତହିଁର ପ୍ରତିକାର ବିଧାନ ହୋଇପାରିବ । କେତେକ ସରକାରୀ କର୍ମଚାରୀ ଚିଠିପତ୍ର ଲେଖା, ମୋକଦ୍ଦମାର ବିଚାର ଅଥବା ଅନ୍ୟ କାର୍ଯ୍ୟ ଶେଷ ହେଲେ କାର୍ଯ୍ୟ ଶେଷ ହେବାର ମନେ କରନ୍ତି ମାତ୍ର ନାନାସ୍ଥାନରେ ଯେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟକଳାପରେ ଯଥା ଅଯଥା ସନ୍ଦେହ ବ୍ୟକ୍ତ ହେଉଅଛି ସେ ସମସ୍ତ ଦୂର କରିବା ବର୍ତ୍ତମାନ ସମୟରେ ଗୋଟିଏ ପ୍ରଧାନ କାର୍ଯ୍ୟ ଅଟେ । ଜିଲ୍ଲାର ଭାରପ୍ରାପ୍ତ କର୍ମଚାରୀ ଏହା ରାଜଦ୍ରୋହ ନିବାରଣକରିବାକୁ ସମର୍ଥ ହେବେ ନାହିଁ । ତାଙ୍କଉପରେ ସର୍ବପ୍ରଧାନ ଦାୟିତ୍ୱ ରହିବ ମାତ୍ର ରାଜଦ୍ରୋହ ନିବାରଣକରିବାକୁ ସମସ୍ତ ବିଭାଗର କର୍ମଚାରୀମାନେ ସମାନଭାବେ ଦାୟୀ ଅଟନ୍ତି ଏବଂ ବଡ଼ଲାଟ ମହୋଦୟ ଆଶା କରନ୍ତି ଯେ ସେମାନେ ଅଧିକ ଆଗ୍ରହ ଏବଂ ନିଷ୍କପଟଭାବେ କାର୍ଯ୍ୟ କରିବେ । ସମସ୍ତ ବିଭାଗମଧ୍ୟରୁ ଶିକ୍ଷାବିଭାଗର ଲୋକଙ୍କର ରାଜଦ୍ରୋହ ନିବାରଣ ବିଷୟରେ ବିଶେଷ ସୁବିଧା ଅଛି । ସେମାନେ ସହାନୁଭୂତି ଦେଖାଇବେ ଏବଂ ସଦୟଭାବରେ ପରାମର୍ଶ ଦେଲେ ଏବଂ ଛାତ୍ରମାନଙ୍କ ସ୍ୱଭାବରେ ଚଳାଇବାପାଇଁ ଯାହା ଦାୟିତ୍ୱ ଥିବା ବିଶେଷ ଶିକ୍ଷକ ଓ ଅଧ୍ୟାପକମାନଙ୍କୁ ବୁଝାଇବାରେ ଭଲମାତ୍ର ହେଲା ନ ହେଲେ ଅନେକ ଉପକାର ହେବ । ରାଜଦ୍ରୋହ ସୂଚକ ଶିକ୍ଷାଦେବାରୁ କେବଳ ବିରତ ହେବା ଯଥେଷ୍ଟ ନୁହେ । ଅପରିଣତ ଓ ଅଳ୍ପବୟସ୍କ ଯୁବକମାନଙ୍କର ପାଠ ପଢ଼ିବାର ଭାର ଯାହାଙ୍କ ଉପରେ ନ୍ୟସ୍ତ ଅଛି ଏବଂ ଛାତ୍ରମାନଙ୍କର ରୁଚି ଯଥାର୍ଥ ପଥକୁ ଫେରାଇବାର ଗୁରୁ ଦାୟିତ୍ୱ ତାଙ୍କରି ଉପରେ । ଉଚିତ ଏବଂ ଲୋକାଙ୍କର ବକ୍ତୃତା ପଢ଼ିବାଦ୍ୱାରା ଅନେକ ଭ୍ରମପୂର୍ଣ୍ଣ ଭାବ ଉଦୟ ହୁଏ । ପାଶ୍ଚାତ୍ୟ

Digitized by srujanika@gmail.com

ଶାସ୍ତ୍ରର ଇତିହାସ ପଢ଼ି ସେ ଦେଶର ବଡ଼ ବଡ଼ ପଣ୍ଡିତମାନଙ୍କର ବୈଜ୍ଞାନିକ ମତକୁ ଅଯଥାର୍ଥରୂପେ ଭାରତବର୍ଷ ପ୍ରତି ଖଟାଇବାରୁ ପ୍ରମାଦ ଜାତ ହୁଏ । ସ୍କଟଲଣ୍ଡ ଓ ଇଟାଲୀପ୍ରଭୃତି ସ୍ଥାନ ବଳ ଖଟାଇ ନେଇ ତାହା ଭାରତ ପ୍ରତି ଉପକାରକ ବୋଲି ବୁଝି ଥାନ୍ତି । ବିଲାତ ଜନାଗତ ଭାରତର ଧନ ବୋହି ନେଉଅଛି ବୋଲି ଘୋଷିବେ ନବାନ୍ତ ଅନଭିଜ୍ଞର କଥା ଲୁଟିଅଛି ଏବଂ ଅନେକ ଉପାଧିଧାରୀ ଏହା ସଫଳଭାବରେ ତାହା ବିଶ୍ୱାସ କରନ୍ତି ଏବଂ ସେମାନେ ତହିଁର ବିରୋଧୀ ଭାଷା ଅଦୌ ଶୁଣିବାକୁ ଚାହାନ୍ତି । ଏହି ଭାବ ଅନେକ ଅନିଷ୍ଟ ସାଧନ କରୁଅଛି ଏବଂ ସମସ୍ତ କର୍ମଚାରୀ ବିଶେଷତଃ ଶିକ୍ଷା ବିଭାଗର ଲୋକ ଏ ବିଷୟର ତଥ୍ୟମାନ ଆଲୋଚନାପୂର୍ବକ ସମସ୍ତ ଯାଇଲମାନଙ୍କୁ ତାହା ବୁଝ କରିବାକାରଣ ଯତ୍ନବାନ ହେବା କର୍ତ୍ତବ୍ୟ ।— ସ୍କୁଲ ଓ କଲେଜମାନଙ୍କରେ ଉପଯୁକ୍ତ ଶିକ୍ଷକ ନ ଥିବାରୁ ଅନେକ କ୍ଷତି ହୋଇଅଛି ଏ ବିଷୟରେ ବିଶେଷତଃ ଯେଉଁ ଶିକ୍ଷକମାନେ ଇତିହାସ ଓ ଲୋକାର୍ଥର ବିଜ୍ଞାନ ( Political Econemy ) ପଢ଼ାନ୍ତି ତାଙ୍କୁ ଉପଯୁକ୍ତ ରୂପେ ଶିକ୍ଷିତ ହେବାର ବନ୍ଦୋବସ୍ତ କରିବା ଉଚିତ । ବିଶ୍ୱବିଦ୍ୟାଳୟ ମଧ୍ୟ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ଉପଯୁକ୍ତ ଶିକ୍ଷକମାନେ ସମୟେ ସମୟେ ବିଶେଷ ବକ୍ତୃତା ପ୍ରଦାନ କରିବା ବିଷୟରେ ଉତ୍ସାହ ପ୍ରଦାନ କରିବେ । କଷ୍ଟର ଲଭପ୍ରାପ୍ତ ଓ ତାଙ୍କ ଅଧୀନସ୍ଥ କର୍ମଚାରୀମାନଙ୍କୁ ଅସନ୍ତୋଷ ନିବାରଣ କରିବା ବିଷୟରେ ବିଶେଷ ଯତ୍ନ କରିବାକୁ ପଡ଼ିବ । ସନ୍ଦିଗ୍ଧ ଅଞ୍ଚଳ ରହିଥିବା ଛୋଟ ବଡ଼ ସମସ୍ତ ଲୋକଙ୍କ ସଙ୍ଗେ ସେମାନେ ମିଶି ରହିବେ । ମୋକଦ୍ଦମା ଚଳାଇବାଠାରୁ ପ୍ରତିବାଦ କରିବା ଭଲ ଏବଂ ଅପରାଧର ଦଣ୍ଡ ଦେବାଠାରୁ ଅପରାଧ ନିବାରଣ କରିବା ଶ୍ରେୟସ୍କର । ପ୍ରତ୍ୟେକ ସ୍ଥାନରେ ଅଧିକାର ପ୍ରାପ୍ତ ରାଜଭକ୍ତ ଲୋକ ଅଛନ୍ତି । କର୍ମଚାରୀମାନେ ସେମାନଙ୍କଠାରୁ ସାହାଯ୍ୟ ପ୍ରାପ୍ତ ହେବେ । ଶାନ୍ତିବିଶ୍ୱାସୀ ଉତ୍ସାହୀ ଲୋକକୁ ନିରପେକ୍ଷ ସାବଧାନ କରିଦେଲେ ସେ ଷଡ଼ଯନ୍ତ୍ର ଦଳକୁ ଯିବାରୁ ଶାନ୍ତ ହେବ । ଧମକ ଦେବାଠାରୁ ମିଷ୍ଟ କଥାରେ ବୁଝା ସୁଝା କରିଲେ ଫଳ ଲାଭ ହୁଏ । କେତେକ ସ୍ଥଳରେ ଉପସନରେ ଉପକାର ଓ ନେତୃତ୍ୱବେଳେ ଏବା ପ୍ରତାପଶାଳୀର ଦର୍ପ ବର୍ଜନ କଲେ ଫଳ ମିଳେ । ଯେଉଁଠାରେ ଉପଯୁକ୍ତ ଲୋକ କାର୍ଯ୍ୟ ଦିନ୍ତ ହେବ ସେଠାରେ ସେପରି ଉପାୟ ଅବଲମ୍ବନ କରିବା କର୍ତ୍ତବ୍ୟ । ସରକାରୀ କର୍ମଚାରୀମାନେ ଦେଶୀୟ ଲୋକମାନଙ୍କ ସହିତ ଭଦ୍ରଭାବରେ ବ୍ୟବହାର ନ କରିବାର ସ୍ୱଭାବ ଅନେକ ସମୟରେ ଶୁଣା ଯାଏ । ସମସ୍ତ ବିଭାଗର ପ୍ରଧାନ କର୍ମଚାରୀମାନେ ନୂତନ ଦେଶୀୟ ବା ୟୁରୋପୀୟ ସମସ୍ତ କର୍ମଚାରୀମାନଙ୍କୁ ଲୋକଙ୍କ ସହିତ ଶିଷ୍ଟାଚାର କରିବା ଓ ଉପଯୁକ୍ତ ଭାବ ଦେଖାଇବା ବିଷୟ ଭଲରୂପେ ବୁଝାଇ ଦେବେ । ଅଳ୍ପ ବୟସ୍କ ୟୁରୋପୀୟ କର୍ମଚାରିମାନେ ଅଜ୍ଞତାବଶରୁ ଅନେକ ସମୟରେ ଭୁଲ କରନ୍ତି ଏବଂ ସେମାନଙ୍କ ସହାୟେ ଦେଶୀୟ ଲୋକଙ୍କ ଉପର-ଭାବରେ ସାକ୍ଷାତ ଦେବାକୁ ହେବ ଏବଂ ଉପର-ଭାବରେ ବିଦାୟ ଦେବାକୁ ହେବ ତହିଁର ନିୟମାବଳୀ ପ୍ରସ୍ତୁତ ହେବା ବାଞ୍ଛନୀୟ । ଜିଲ୍ଲାରେ ଥିବା କର୍ମଚାରିମାନେ ପ୍ରଧାନ ଲୋକଙ୍କ ସଙ୍ଗେ ସାକ୍ଷାତ କରିବେ ଏବଂ ସମସ୍ତ ଅବସ୍ଥାନୀୟ ବିଷୟରେ ତାଙ୍କ ସହିତ ପରାମର୍ଶ କରିବେ । ରାଜନୈତିକ ମୋକଦ୍ଦମାମାନଙ୍କରେ ସାକ୍ଷୀ ପାଇବା କଠିନ । ସାକ୍ଷୀମାନଙ୍କୁ ଭୟ ଦେଖାଇ ଯେପରି ଅଟଳ ନ ହୁଏ ତହିଁପ୍ରତି ସମସ୍ତଙ୍କର ଦୃଷ୍ଟି ରଖିବା ଉଚିତ । ଲୋକମାନଙ୍କୁ ବୁଝାଇ ଦେବାକୁ ହେବ ଯେ ସେମାନେ ସାକ୍ଷୀ ହେବାକୁ ଅନିଚ୍ଛୁକ ହେଲେ ଗୁରୁତର ଅପରାଧ ବା ଷଡ଼ଯନ୍ତ୍ରର ଦମନ ନ ହେବାହେତୁ ଉଦାର ଶାସନକାର୍ଯ୍ୟ ଚଳିପାରିବ ନାହିଁ । ସେମାନେ ସାହାଯ୍ୟ କରିବାକୁ କୁଣ୍ଠିତ ହେଲେ ହାକିମମାନେ ତାଙ୍କୁ ସନ୍ଦେହ କରି କାର୍ଯ୍ୟ କରିବେ । ଏଥିରେ ନିର୍ଦ୍ଦୋଷୀ ଲୋକ ଦଣ୍ଡ ପାଇବାର ଭୟ ଅଛି । ଯେଉଁମାନେ ସାକ୍ଷ୍ୟପ୍ରଦାନ କରିବେ ବା ସମ୍ବାଦ ଦେବେ ତାଙ୍କର ସୁବିଧା ପ୍ରତି ଦୃଷ୍ଟି ରଖିବାକୁ ହେବ ଏବଂ ଆବଶ୍ୟକ-ମତେ ତାଙ୍କୁ ପୁଲିସ ସାହାଯ୍ୟ ଦିଆଯିବ । ପୋଲିସଠାରେ ରାଜଦ୍ରୋହସୂଚକ ସଭା ବସି-ବାର ଜଣା ଗଲେ ତହିଁର ସେକ୍ରେଟରୀଙ୍କୁ ତାହାର ଜର ଦେବାଦ୍ୱାରା କାର୍ଯ୍ୟ ହିତ ହେବ । ଦାନବ୍ୟ କାର୍ଯ୍ୟହେତୁ ପୁନଃ ସଂଘଟନ ପ୍ରତି ଦୃଷ୍ଟି-ରଖି ଯେ ପରଭାବ ରାଜଦ୍ରୋହ ସୂଚକ କାର୍ଯ୍ୟରେ ନ ଲାଗେ ତାହା ଦେଖିବାକୁ ହେବ । ଅନେକ ସ୍ଥଳରେ ଏକଘରଆ କରିବାର ଭୟ ଦେଖାଇ ଥିଏଟର ବା ସରକସର ମ୍ୟାନେଜର, ଜାତ ବାଲୁ, ଦାଟ ଦୋକାନୀ ପ୍ରଭୃତିଙ୍କଠାରୁ ଚାନ୍ଦା ଅଦାୟ ହୋଇଅଛି । ଅନେକ ସଙ୍ଗଠନରୂପେ ସନ୍ଦେହ-ଜନକ ଏଥିର ପ୍ରତିବନ୍ଧକ କରିବାକୁ ହେବ । ଏହାପ୍ରକାର ରାଜନୈତିକ ବର୍ଜନକୁ ଦବଣ୍ଡ-ଷେଷ ନନା କରନ୍ତି ଏବଂ ଲୋକର ସ୍ୱାଧୀନତା ପ୍ରତି ହସ୍ତକ୍ଷେପଣ କାର୍ଯ୍ୟ ଯଥାସାଧ୍ୟ ନିବାରଣ କରିବାନ୍ତିମ ସମସ୍ତ ସରକାରୀ କର୍ମଚାରୀମାନେ ଯତ୍ନବାନ ହେବେ । ବିଲ୍ମାନଙ୍କଠାରେ ଧର୍ମ ପୁସ୍ତକମାନଙ୍କର ଅଯଥାର୍ଥଭାବେ ରାଜଦ୍ରୋହ-ରୂପେ ଅର୍ଥ କରିବାଦ୍ୱାରା ବିଶେଷ ଅନର୍ଥ ଘଟିତ ହୋଇଅଛି ଏବଂ ଧର୍ମ ଉପରେ ରାଜନୈତିକଭାବ ବସାଇବାର ବିପଦ ପ୍ରତି ଜିଲ୍ଲା କର୍ମଚାରିମାନେ ଦୃଷ୍ଟି ଆକର୍ଷଣ କରିବେ । ଧର୍ମ-କାର୍ଯ୍ୟ ସ୍ୱାଧୀନଭାବରେ ଚଳାଇବାକାରଣ ଯାହାଙ୍କ ଅଧିକାର ଦିଆଯାଇଅଛି ସେମାନେ ତହିଁର ଅପବ୍ୟବହାର କରିବାର ଦାୟିତ୍ୱ ବୁଝି ରଖିବେ । ଇଂରାଜଶାସନର ପ୍ରକୃତଭାବ ଅଜ୍ଞତାରୁ ଯେ ରାଜବିଦ୍ୱେଷ ଜାତ ହୋଇଅଛି ତହିଁରେ ସନ୍ଦେହ ନାହିଁ । ସେ ବିଦ୍ୱେଷଭାବ ବହୁଦୂର ବିସ୍ତୃତ ହୋଇନାହିଁ । ନାଗପୁରର ଘୋଷଣାପତ୍ର ଅନେକ ଲୋକ ସ୍ୱରୂପର ଅଜ୍ଞାନତାରୁ ଜାତ ହୋଇଅଛନ୍ତି । ଅଧିକାଂଶ ଲୋକ ଅଦ୍ୟାପି ରାଜଭକ୍ତ ଥାଇ ସରକାରୀ କର୍ମଚାରିଙ୍କ ସଙ୍ଗେ ଯୋଗଦେବାକୁ ପ୍ରସ୍ତୁତ ଅଛନ୍ତି । ବଙ୍ଗଳା ଏବଂ ମାନ୍ଦ୍ରାଜରେ ରାଜବିଦ୍ୱେଷ ଦମନ କରିବାକାରଣ ସମିତି ସ୍ଥାପିତ ହୋଇଅଛି ଏବଂ ଅନ୍ୟସ୍ଥାନରେ ଏହା ହେବା ବାଞ୍ଛନୀୟ । ଭାରତୀୟ ଲୋକଙ୍କର ଉପକାରାର୍ଥେ ଇଂରାଜଶାସନ ସଂରକ୍ଷିତ ହେବା ବାଞ୍ଛନୀୟ ଏବଂ ତହିଁର କ୍ଷମତା ନଷ୍ଟ କରିବା ବିଷୟକ ସମସ୍ତ ଚେଷ୍ଟା ସମ୍ପୂର୍ଣ୍ଣଭାବେ ନିବାରିତ ହେବା ଉଚିତ୍ୟ । ଏଥି-ସଙ୍ଗେ ଲାଟ ମହୋଦୟ ସମସ୍ତ ରାଜଭକ୍ତ ଶିଷ୍ଟଲୋକମାନଙ୍କର ସହାୟତାର ଅପେକ୍ଷା କରନ୍ତି ।—ବଡ଼ଲାଟଙ୍କର ଉପରୋକ୍ତ କଥା ଗୁଡ଼ିକ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରୁଅଛି । ଦଳନନୀତି ଯେ ଭଲ ନୁହେଁ ତାହା ତାଙ୍କପର ସୁଦକ୍ଷ ଶାସକବର୍ଗ ଅବଶ୍ୟ ବୁଝିଅଛନ୍ତି ଅମ୍ଭେମାନେ ଏହାନ୍ତ ଆଶା କରୁ ସରକାରୀ କର୍ମଚାରିମାନେ ତଥା ଦେଶଲୋକେ ଉତ୍ତମରୂପେ ଏ ତଥାଗୁଡ଼ିକ ଆଲୋଚନା କରି କାର୍ଯ୍ୟକାରକ ହେବେ । ବଙ୍ଗଳାର ମାନ୍ୟବର ଲେପ୍ଟେନାଣ୍ଟ ମହୋଦୟ ଏହି ପତ୍ର ପାଇ ତଦନୁସାରୀ କାର୍ଯ୍ୟ କରିବାକାରଣ କଲିକତା ଗେଜେଟରେ ଆଦେଶ ପ୍ରଚାର କରିଅଛନ୍ତି ।

---

## ସାପ୍ତାହିକ ସମ୍ବାଦ

କଲିକତା ଗେଜେଟ ।

ସମ୍ବଲପୁରର ଏକ୍ଟ୍ରା ଡେପୁଟି କଲେକ୍ଟର ବାବୁ ଗୋପୀନାଥ ଦାସ ସେହି ଜଗର ସବଡିଭିଜନାଲ ଅଫିସରରୂପେ ନିଯୁକ୍ତ ହେଲେ ବାବୁ ଦୁର୍ଗଚରଣ ମିଶ୍ର ଅନିଦ ଓ ସହାୟ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ସୁନିଯୁକ୍ତ ହୋଇ ଦେବଗଡ଼ର ସ୍ୱାଧୀନ ଜେଲର ଭାର ନିଯୁକ୍ତ ହେଲେ ।

ପୁରୀ ଜିଲ୍ଲାର ସବ ଡେପୁଟି କଲେକ୍ଟର ବାବୁ ସଦା-ନନ୍ଦ ଦାସ ଓ ବାବୁ ଦୁର୍ଯ୍ୟୋଧନ ଦାସଙ୍କ ନିକଟକୁ ସହାୟ

| | |
|---|---|
| ଶ୍ରୀ ଗଣେଶ ମିଶ୍ର, ଷମଷ୍ଟପୁର | ଟ ୨ |
| ଶ୍ରୀ ଲୋକନାଥ ଦାସ ଜାଇଛୁତା | ଟ ୪ |
| ଶ୍ରୀ ମହାଦେବ ଦାସ, ବଳପୁର ଟ ୨ ଦାଗ | ଟ ୩ |
| ଶ୍ରୀ ଚନ୍ଦନ ଦାସ, ସତ୍ୟବାଦୀ | ଟ ୫ |
| ସମସ୍ତ ମହାଜନମାନେ ଶ୍ରୀରାମଚନ୍ଦ୍ରପୁର | ଟ ୧୦ |
| ମହନ୍ତେ ... ମଠ ମହନ୍ତ, ପୁରୀ | ଟ ୨ |
| ଶ୍ରୀ ମାଗୁଣି ତହଶିଲ୍, ସତ୍ୟବାଦୀ ଟ ୩ ଦାଗ | ଟ ୧ |
| ଶ୍ରୀ ବଳଭଦ୍ର ଦାସ, ଶ୍ରୀରାମଚନ୍ଦ୍ରପୁର | ଟ ୨ |
| ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ବସୁମତୀ | ଟ ୨ |
| ସରତାମରତ ପୁର ଶାସନ ମହାଜନମାନେ | ଟ ୧୫ |
| ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର | ଟ ୫ |

ଏହା ଛଡ଼ା ଯେଉଁମାନେ ୨ ଟଙ୍କାରୁ ଊଣା ଦେଇଅଛନ୍ତି ପତ୍ରିକାରେ ସ୍ଥାନାଭାବ ହେତୁରୁ ସେମାନଙ୍କ ନାମ ପ୍ରକାଶ କରିବାକୁ ଅକ୍ଷମ ହୋଇ ସେମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଅଛୁ । ଏହା ଛଡ଼ା ଯେଉଁ ମହାଶୟମାନେ ଦାନ ଅଙ୍ଗୀକାର କରିଅଛନ୍ତି ସେମାନଙ୍କ ନାମ ଓ ଅଙ୍ଗୀକୃତ ଦାନର ପରିମାଣ ତଳେ ଦିଆଗଲା । ବିନୀତ ପ୍ରାର୍ଥନା ଯେ ଦାତାମାନେ ଅଙ୍ଗୀକୃତ ଦାନ ଅବିଳମ୍ବରେ ପ୍ରଦାନ କରି ଅମ୍ଭମାନଙ୍କୁ ଅନୁଗୃହୀତ କରିବାହେବେ ।

| ଦାତାମାନଙ୍କ ନାମ | | ଅଙ୍ଗୀକୃତ ଦାନ |
|---|---|---|
| ଶ୍ରୀ ହରଜନ ମାରୱାଡ଼ୀ | କଟକ | ଟ ୧୦୦ |
| " ଗୋବିନ୍ଦ ଶରଣ | | ଟ ୨୫ |
| ସ୍ୱରସିଂହ ତାପୁର | | ଟ ୨୫ |
| " ଗୋପବାସ ପଟ୍ଟନାୟକ | | ଟ ୧୦ |
| ପଣ୍ଡିତ ଶ୍ରୀବାଶିବ ଦାସବର୍ଣ୍ଣ | | ଟ ୨୩ |
| " ନୃସିଂହ ଜାନକିଗୋ | | ଟ ୧ |
| " କାଶୀନାଥ ମହାପାତ୍ର | | ଟ ୨ |
| " ରମେଶ ନାଥ ମିଶ୍ର | | ଟ ୨ |
| " ରାଧାଶ୍ୟାମ ମହାନ୍ତି, ବାଲେଶ୍ୱର | | ଟ ୧୫ |
| " ଜଗବନ୍ଧୁ ସିଂହ | | ଟ ୭ |
| " ଭଗବାନ ମହାପାତ୍ର ବି, ଏ ଷଷ୍ଠ ଡେପୁଟି କଲେକ୍ଟର | | ଟ ୩ |
| ଉପେନ୍ଦ୍ର ଓଝା ବି, ଏ ସରକାର ଜାନକିଗୋ | | ଟ ୨ |
| " ମଦନ ମୋହନ ପଟ୍ଟନାୟକ | | ଟ ୧ |
| " ଗୋପାଳ ଚନ୍ଦ୍ର ପ୍ରହରାଜ ବି, ଏଲ କଟକ | | ଟ ୧୦ |
| " ମଧୁସୂଦନ ମହାପାତ୍ର | | ଟ ୨ |
| " ଗୋପାଳ ଓଝା | | ଟ ୨ |
| " ନୀଳକଣ୍ଠ ଦାସ, ସୋନପୁର | | ଟ ୨ |
| " ଜଗନ୍ନାଥ ମିଶ୍ର | | ଟ ୩ |
| ... ଶ୍ରୀ ହରପ୍ରସାଦ ଦେବଭଞ୍ଜ | | ଟ ୨ |

ଅଦ୍ୟାବଧି ଟ ୯୦୦ ୧ ପର୍ଯ୍ୟନ୍ତ ଅମ୍ଭେ ଚାନ୍ଦାରୁ ପାଇଅଛୁଁ । ଗୃହ ନିର୍ମାଣର ଅବଶିଷ୍ଟ ବ୍ୟୟ ଧାର କରି ଯାଉଛନ୍ତୁ । ଦେଶହିତୈଷୀ ଜନସାଧାରଣ ସଦାଶୟ ବ୍ୟକ୍ତିମାନଙ୍କ ନିକଟରେ ଅମ୍ଭମାନଙ୍କର ଏହି ସଦନୁଷ୍ଠାନରେ ଯଥୋଚିତ ସାହାଯ୍ୟ କରିବା ନିମନ୍ତେ କରଯୋଡ଼ ନିବେଦନ କରୁଅଛୁଁ । ଦାତାମାନଙ୍କ ନାମ କ୍ରମଶଃ ଉତ୍କଳଦୀପିକା ପତ୍ରିକାରେ ପ୍ରକାଶର ପ୍ରୟାସ କରିବୁଁ ।

ଶ୍ରୀ ଗୋପବନ୍ଧୁ ଦାସ
ସମ୍ପାଦକ ପରିଚାଳକ ସଭା
ବିଦ୍ୟାଳୟ ସତ୍ୟବାଦୀ

# ନୀଲାମୀ ଇସ୍ତାହାର

କଟକ ମୁକାମ ଦ୍ୱିତୀୟ ମୁନସିଫଙ୍କ ଅଦାଲତ
ନ ୬୧୫ ନଂର ଡିଃ ଜାରି ସନ ୧୯୧୦ ମସିହା
ମୁନସି ସେଖ ଅବୁ ବକର   ବାଦୀ ଡିଃ
(ବ)
ଇତାଶ୍ରୀ ପାଣ୍ଡ ଓଗେର   ପ୍ରତିବାଦୀ ଦେଃ

ବାଦୀର ପାଉଣା ଜରଡିକ୍ରୀ ଓଗେର ଟଙ୍କା ଅଦାୟ କାରଣ ପ୍ରତିବାଦୀର ନିମ୍ନ ଲିଖିତ ସମ୍ପତ୍ତିମାନ ତା ୧୫।୭।୧୦ ମସିହା ଦିବା ଘ ୧୨ ଘଣ୍ଟା ସମୟରେ ପ୍ରକାଶ୍ୟ ମତେ ନିଲାମ ହେବ

୧ । ଝଃ ପୁଃ ଶାଳେପୁର ଓ ଥଃ । ମୁ । କଟକ କଲେକ୍ଟର । ପ୍ର । ଅସୁରେଶ୍ୱର ନ ୩୦୧୩ ନଂର ତଃ ଭୁକ୍ତ । ମୌ । ବଡ଼ଶୀର ଜମିଦାରୀର ତହିଁର ସାଲିଆନା ଜମା ଟ ୩।୦ ଅଟେ ଉକ୍ତ ଜମିଦାରୀ ଓ ତହିଁରେ ଥିବା ନିଜ ଯୋତ ଓ ନିଜଖୃଷ ଅଦ ବନ୍ଦର ଅଛି ନିଲାମ ହେବ ଅଃ ମୂଃ ଟ ୩୫୧ ଙ୍କା

୨ । ଉକ୍ତ ଝଃ ପୁଃ ଓ ଥଃ କଲେକ୍ଟରୀ ଅନ୍ତର୍ଗତ । ପ୍ର । ମଯଲୁର ନ ୧୦୯୪ ନଂର ତଃ ଭୁକ୍ତ ସମ୍ପତ୍ତି ମଧୁପୁର ଖରଦର । ମୌ । ବଡ଼ଶିର ଜମିଦାରୀର ତହିଁର ସଦର ଜମା ଟ ୧୫୧ ଙ୍କା ମଧ୍ୟରୁ ପ୍ରତିବାଦୀର । ଢ । ଟ ୦।୪୮ ଭାଗ ଜମା ଟ ୬। ଅଟେ ଉକ୍ତ ଜମିଦାରୀ ଓ ତହିଁରେ ଥିବା ନିଜ ଯୋତ ଓ ନିଜଖୃଷ ଅଦ ବନ୍ଦର ଅଛି ଅଃ ମୂଃ ଟ ୬୨୧ ଙ୍କା ।

୩ । ପ୍ର । ଅସୁରେଶ୍ୱର ନ ୩୦୦୯ ନଂର ତ । ଭୁକ୍ତ ଏରଦ । ଢ । ମୌ । ବଡ଼ଶିର ଜମିଦାରୀ ର ତହିଁର ଦୋଇବସ୍ତ ୧ଃ ଜମା ଟ ୦ ୫। ଅଟେ ଉକ୍ତ ଜମିଦାରୀ ଓ ତତ୍ସଂକ୍ରାନ୍ତ ନିଜ ଯୋତ ନିଜଖୃଷ ସହିତ ବନ୍ଦର ଅଛି ଅଃ ମୂଲ୍ୟ ଟ ୭୧ ଙ୍କା ।

୪ । ପ୍ର । ଏଟକ । ମୌ । ବଡ଼ଶିର ଖାରଜ । ଦ । ମୌ । ଛାତର ପାଟଣା ପ୍ରକାଶ ନାମ ହରିହରପୁରରେ ଥିବା । ଲା । ବାଯ୍ୟାପ୍ତି ଏ ୧୦୩ ଭୁ ଜମା ଟ ୧।୬ ଅଟେ ଉକ୍ତ ଜମି ଓ ତହିଁରେ ଥିବା ବାଉଁଶ ଓଗେର ବୃକ୍ଷାଦି ସହିତ ବନ୍ଦର ଅଛି ଅନୁମାନିକ ମୂଲ୍ୟ ଟ ୫୦ ୧ ଙ୍କା

---

ନ ୧୫ ନଂର ଉଦ୍ଧୀକାରୀ ସନ ୧୯୧୦ ମସିହା
କଟକ । ମୁ । ସବାର୍ଡିନେଟ ଜଜ ସାହେବଙ୍କ ଅଦାଲତ ।

ଶ୍ରୀ ଦାସସ୍ୟଣପ୍ରସାଦ ମାହାନ୍ତି । ସା । ଦଲ ଲେଲଙ୍ଗବଜାର । ଥ । କଟକ   ବାଦୀ ଉଦ୍ଧୀଦାର
( ବନାମ )
୧ ଉଦେନାଥ ମହାନ୍ତି । ସା । ଜୋବ୍ରା ଓ ୨ ଯୋଗୀନ ମହାନ୍ତି ସ୍ୱୟଂ ଓ ୩ ବଳରାମ ମହାନ୍ତି ନାବାଳଗର ବଡ଼ଦବ ମାତା ଓ ଅଭିଭାବକ ମହନୀଦେଈ । ସା । କୁମା ପୁରୁଷୋତ୍ତମପୁର । ପ୍ର । ଦେଓଗାଁ   ପ୍ରତିବାଦୀ ଦେଃ

ବାଦୀର ପାଉଣା ଜର ଉଦ୍ଧୀଓଗେର ଟଙ୍କା ଅଦାୟକରିବାକୁ ପ୍ରତିବାଦୀମାନଙ୍କର ଦଖଲ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୯୧୦ ମସିହା ଜୁଲାଇମାସ ତା ୧୫ ରଖ ଦିବା ଘ ୧୨ଘ୍ଟା ସମୟେ ପ୍ରକାଶ୍ୟମତେ ନିଲାମ ହେବ ।

୧ ଃଝଃ ପୁଃ ଓ ଥଃ । ମୁ । ଜଗତସିଂହପୁର କଲେକ୍ଟର । ପ୍ର । ଦେଓଗାଁ ନ ୨୬୮୧ ନଂର ତଃ ଭୁକ୍ତ । ମୌ । ଯୋଦାରେ ଥିବା ନ ୧ ନଂର ପ୍ରତିବାଦୀର ଖୋସଦଖଲ କଶ । ଲା । ବାଯ୍ୟାପ୍ତି ଏ୦—୨୩ ଡଃ ନଦିବ ତହିଁର ଅଦାୟଜମା ଟ ୦ ୧ ୬ ଅଟେ । ଉକ୍ତ ଜମି ଓ ତହିଁଉପରେ ଥିବା ଧୂଳଅ କୋଠଘର ବ ୨ ଖଣ୍ଡ ଓ ଢାହ ଉପରଘର ବ ୨ ଖଣ୍ଡ ଓ ପଲଛାଉ ଓ କବାଟ ଚଉକାଠ ସହିତ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୫୧ ଙ୍କା ।

୨ ଃଝଃ ପୁଃ ଓ ଥଃ । ମୁ । ଜଗତସିଂହପୁର କଲକ୍ଟର । ପ୍ର । ଦେଓଗାଁ ନ ୨୬୮୧ ନଂର ତଃଭୁକ୍ତ । ମୌ । ଯୋଦା ଇଡବାରେ ଥିବା ନ ୧ ନଂର ପ୍ରତିବାଦୀର ବାଯ୍ୟାପ୍ତି ମନ୍ଦସ୍ଥାନ ଃବଃ ସ୍ଥିତିବାନ ଉପୁଣି ନ ୧୨ ନଂର ଃସିଃ । ବା, ୧ ଏ୦—୪ଡଃ ଭୁ ଜମା ଟ ୦ । ଅଃ ଟ ୪ ୧ଙ୍କା

୩ ଃଝଃ ପୁଃ ଓ ଥଃ । ମୁ । ଜଗତସିଂହପୁର କଲକ୍ଟର । ପ୍ର । ଦେଓଗାଁ । ନ ୨୬୯୭ ନଂର ତଃଭୁକ୍ତ । ମୌ । ଯଳସା ଜମିଦାରୀର ତହିଁର ଦୋଇବସ୍ତ ସଦରଜମା ଟ ୮୧୯ ୧ ଙ୍କା ଅଟେ । ତହିଁମଧ୍ୟରୁ ନ ୨ । ୩ ନଂର ପ୍ରତିବାଦୀମାନଙ୍କର । ଢ । ଟ ୦୧୭୧୦ ୬।୧୦ ୫ ଜମିଦାରୀର ତହିଁର ମଫସଲ ଃସଃ ଜମା ଟ ୨୯ ୫। ୭ ଅଟେ ଉକ୍ତ ଜମିଦାରୀ ଓ ତହିଁରେ ଥିବା ନିଜଯୋତ ଓ ନିଜଖୃଷ ଓଗେର ସବୁପ୍ରକାର ହକସହିତ ନିଲାମ ହେବ ଅଃ ଟ ୫୦ ୧ ଙ୍କା ।

—ଃ※ଃ—

ନ ୯୨ ନଂର ଉଦ୍ଧୀକାରୀ ସନ ୧୯୧୦ ମସିହା
କଟକ ସବ୍‌ଜଜ ଅଦାଲତ

ଅନନ୍ତରାୟ । ସା । ନରେନ୍ଦ୍ରପୁର । ପ୍ର । ଶୁଭନଇ   ବାଦୀ ଉଦ୍ଧୀଦାର
( ବନାମ )
ଲୋକନାଥ ସାହୁ ଓଗେର । ସା । ଶିଙ୍ଗାଲେ । ପ୍ର । ବାଲୁବିଶି   ପ୍ରତିବାଦୀ ଦେଃ ନାଦେହ

ଏ ମୋକଦ୍ଦମାରେ ଉଦ୍ଧୀ ଟ ୧୦୨୬।୬ ପାଇ ଅଦାୟ ହେବାପାଇଁ ଦେଃ ମାନଙ୍କର ତଳ ତପସିଲ ସମ୍ପତ୍ତି ସନ ୧୯୧୦ ମସିହା ଯୁଲାଇମାସ ତା ୧୫ ରଖେ ନିଲାମ ହେବ ।

Split by PDF Splitter

REGISTERED No. C 81

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

CUTTACK SATURDAY THE 2nd July 1910.

ଭାଗ ୪୫ ଶ | ଏ ୧୮୧୯ ଶକ ୧୩୧୭ ସାଲ ଶନିବାର | ଅଗ୍ରିମ ଟ ୩

ସଂ ୨୬ ସଂଖ୍ୟା | କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍‌ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତହେଲା | ଏକପତ୍ର ମୂଲ୍ୟ ଟ ୦/

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥାଃ—

ପ୍ରଥମବାର ସକାଶେ ଧାଡ଼ିପ୍ରତି ୫୦ । ଓ ପରବର୍ତ୍ତି ୫୦ ଦଶ ଏକଥର ୫୦ ମାତ୍ର । କୌଣସି ବିଜ୍ଞାପନ ଯେତେ ଧେଲେହେଁ ତହିଁର ଖର୍ଚ୍ଚ ୫୦ ରୁ ଊଣା ହେବ ନାହିଁ । କିମ୍ବା ଓ ନୂଆଦୃଷ୍ଟର ସକାଶେ ଖର୍ଚ୍ଚ ପ୍ରଥମ ଥରର ଡେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗରେ ପଠାଇବାକୁ ହେବ ।

## ବିଶେଷ ଦ୍ରଷ୍ଟବ୍ୟ !

ନିମ୍ନଲିଖିତ ପୁସ୍ତକମାନ ଅନେକ ଦିନ ହେଲା ଶେଷ ହୋଇଥିବାରୁ ଅନେକ ପତ୍ର ଏଥିମଧ୍ୟରେ ବାରମ୍ବାର ପତ୍ର ଲେଖି ପାଉ ନାହାନ୍ତି, ବର୍ତ୍ତମାନ ପୁସ୍ତକମାନ ନୂତନ ଛପା ହେଉ ଅଛି, ଶୀଘ୍ର ପ୍ରସ୍ତୁତ ଅଛି, ଯେ ଯାହାଙ୍କର ଯେତେ ଆବଶ୍ୟକ ହେବ, କଟକ ପ୍ରିଣ୍ଟିଂ କମ୍ପାନୀ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ଅନାୟାସରେ ପାଇ ପାରିବେ । ଯଥା ।

| | |
|---|---|
| ଚୈତନ୍ୟ ଚରିତାମୃତ | ଟ ୨। |
| ମାର୍କଣ୍ଡେୟ ପୁରାଣ | ଟ ୦ ॥ |
| ବୈଦେହୀଶ ବିଳାସ ପ୍ରଥମଖଣ୍ଡ | ଟ ୦ ॥ |

ଶ୍ରୀ ଗୋବିନ୍ଦଚନ୍ଦ୍ର ରଥ କର୍ତ୍ତୃକ ପ୍ରକାଶିତ

## ଯଜୁର୍ବେଦ ସଂହିତା ।

( ପ୍ରଥମଖଣ୍ଡ । )

ଏଥିରେ ଯଜୁର୍ବେଦର ମୂଳମନ୍ତ୍ର, ସଂସ୍କୃତ ଟୀକା ଏବଂ ତହିଁର ସରଳ ଓଡ଼ିଆଭାଷାନୁବାଦ ପ୍ରକାଶିତ ହୋଇ ଅତି ସୁଲଭମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଛଅଣା ଏବଂ ମୋହ-ସୂଲକୁ ଭାରତୀୟ ଅଧିକ ଦୁଇପଇସା ଲାଗିବ

Wanted a Tax Daroga for the Balasore Municipality on a Monthly salary of Rs 40 rising to Rs. 50 by biennial increment of Rs 2 None need apply who has not passed the Entrance Examination and has a thorough knowledge of Accounts and the Uriyah language. The approved candidate will have to furnish a security of Rs 500 in cash or Government Promissary notes. Applications will be received by the undersigned up to 7th of July 1910.

Balasore Municipal office } The 23rd June 1910 } B. C. Sen Chairman.

## NOTICE

WANTED respectable young men ( Indians ) to work as Tramway Conductors. Good pay and prospects of promotion to steady and intelligent men. Apply to the Traffic Superintendent, Calcutta Tramways Company Limited, 63 Wellesley Street, Calcutta.

## ଭାରତ ଇନସିଓରେନ୍ସ କୋମ୍ପାନୀ, ଲିମିଟେଡ

ହେଡ଼ ଅଫିସ—ଗ୍ୱାଲ ମଣ୍ଡି, ଲାହୋର ।

( ସାଧ୍ୟୋଜିତର ସ୍ୱଦେଶୀଅଫିସ )

ବ୍ରାଞ୍ଚ ଅଫିସ :—ଲାହୋର, ଦିଲ୍ଲୀ, ମାନ୍ଦ୍ରାଜ, ନାଗପୁର, ଆଜମୀର, ଅହମଦାବାଦ ମାନ୍ଦ୍ରାଜ, ହାଇଦରାବାଦ, ପେଶାବାର

ଚିଫ ଏଜେନ୍ସି :—କଲିକତା ଓ ବମ୍ବାଇ ।

ଚେୟାରମ୍ୟାନ :—ଅନରେବଲ ମିଷ୍ଟର ହରକିଷନ୍ ଲାଲ ଓକିଲ, ଲାହୋର

ବାର୍ଷିକ ଆୟ :—ଟ ୪୦ ୦୦୦ ହଜାର ଉର୍ଦ୍ଧ୍ୱ ।

ସାଧାରଣ ଦାନ, ବାଣିଜ୍ୟ, ବିବାହ ଓ ଶିକ୍ଷା, ପୁରସ୍କାର ଓ ପେନସନ୍ ଓ ବିଶେଷ ନୂ, ସ୍ୱାସ୍ଥ୍ୟପରୀକ୍ଷା ଭିନ୍ନ କ ମାନ ଜୀବନର ବୀମା କରାଯାଏ ।

୧ ବୀମା କୌଣସି ପ୍ରକାରେ ଲିଷ୍ଟ ହୁଏ ନାହିଁ ।

୨ ଦେୟ ମୂଲ୍ୟ ସ୍ଥିର ଥାଏ ।

୩ ବୀମାକାରମାନେ କମ୍ପାନୀର ଲାଭରୁ ଅଂଶ ପାଇ ପାରନ୍ତି ।

୪ ଦାବୀ ଟଙ୍କା ନିଯୁକ୍ତ ସମୟରେ ଦିଆଯାଏ

୫ ସମସ୍ତ ପ୍ରକାର ସୁବିଧା ଦିଆଯାଏ

ଜାମିନ ସଙ୍ଗେ ବେତନ ସମ୍ମାନ ଅନୁଯାୟୀ

ଭାରତର ସମସ୍ତ ପରୀକ୍ଷକମାନଙ୍କଦ୍ୱାରା ଏବଂ ପୃଷ୍ଠପୋଷକ ବ୍ୟବସାୟୀମାନଙ୍କ ଦ୍ୱାରା ଉତ୍ସାହିତ କରାଯାଏ

ବିଶେଷ ବିବରଣ ସକାଶେ ନିମ୍ନଲିଖିତ ଠିକଣାରେ ଆବେଦନ କର ।

ଲକ୍ଷଣ ସାହି ମେନେଜର

Digitized by srujanika@gmail.com

କେବଳ ୪ ଷ୍ଟାମ୍ପରେ କେଟେଲଗ ପଠାଉ ।



ଏହି ଘଡ଼ି ଦେଖିବାକୁ ଅତି ସୁନ୍ଦର, ଶେଲମୁଣ୍ଡ ଗୁଞ୍ଜ ବନ୍ଧନ, ସେଲେଣ୍ଡ କେସ୍ ଯୁକ୍ତ, ମଜବୁତ, ଦୀର୍ଘକାଳ ସ୍ଥାୟୀ, ଠିକ ସମୟ ରକ୍ଷକ; ଥରେ ଦମ ଦେଲେ ୩୬ ଘଣ୍ଟା ଚଳେ, ୩ ବର୍ଷ ଗ୍ୟାରେଣ୍ଟି ଦେଉଛୁ, ନିକେଲ କେସ; ଚେନ ଓ ଲକେଟ ସହ ମୂଲ୍ୟ ଟ ୪୧ ଙ୍କା ମାଶ ଡାକମାସୁଲ ଟ ୦ ୧ ମାତ୍ର ।

ମଣ୍ଡଳ ଢ ଛିବାର କଳ ।

ଅତି ଅଳ୍ପ ପରିଶ୍ରମରେ ଓ ଅଳ୍ପ ସମୟ ମଧ୍ୟରେ ଏହି କଳଦ୍ୱାରା ଦୁଗ୍ଧରୁ ମଖନ ବାହାରେ ଏହାକୁ ଧରିବାର କୌଣସି ଦରକାର ନାହିଁ; କାଠ ଦୁଗ୍ଧରେ ଢାଳି ଦେଇଦେଲେ ଘଣ୍ଟାରେ ପ୍ରବଳ ବେଗରେ ଜଳ ଦୂରେ ଓ ଦୁଗ୍ଧରୁ ସବୁ ମଖନ ବାହାରେ । ମୂଲ୍ୟ ଟ ୧। ଓ ମାଶୁଲ ଟ ୦। ମାତ୍ର । ଯଦି କେହି ଏ କୌଣସି ଦ୍ରବ୍ୟ ଏଜେଣ୍ଟରେ ଗ୍ରହଣ କରିବେ ତାହାହେଲେ ସେ ମଫସଲ ବାଲ ୧୦୨ ଟଙ୍କାର କୌଣସି ଯନ୍ତ୍ର ଦଶ ମୂଲ୍ୟରେ ପ୍ରସ୍ତୁତ ପାଇବେ ।

Address ;—
S. C. Gupta & Co.
General Order Suppliers
2-I Shambazar Street
P. O. Bagbazar Calcutta

Wanted for Mission High School 4th master Rs. 25 per month: Mohamedan undergraduate qualified to teach Persian preferred. Apply Headmaster immediately.

W. W. Henderson
Headmaster

# ଉତ୍କଳ ଦୀପିକା ।

## BIRTHDAY HONOURS.

We are very glad the Government has been pleased to confer on the Maharaja of Mayurbhanj the title of "Hereditary Maharaja" and on the Raja of Kanika the title of "Raja" as a personal distinction. The recipients of these honours long enjoyed these titles although the Government has been rather slow to recognise them. The people of Orissa are accustomed to call the person who occupies the guddee of Mayurbhanj a Maharaja and the proprietor of Kanika a Raja, and they will continue to do so, no matter whether they are officially so recognised or not. Our ancestors called them by these titles—we have been doing so and no doubt our progeny will do the same. The title of Raja should have come to Kanika long ago. It gives us immense pleasure to notice that the young Raja of Kanika is now deeply engaged in qualifying himself for the Bar and we trust that in fullness of time he will be called to the Bar and will come out to India as a Raja Barrister. The Maharaja of Mayurbhanj has also been out on a tour round the world and when he comes back, he will surely bring with him stored information regarding the administration of various states, the educational, industrial and agricultural improvements that are sorely needed in this country. Both are men of light and leading. Orissa expects much from them. We offer our sincere congratulations and pray for their long life, success in their undertaking and safe return home.

---

## RAGHUNATHPUR CANAL CROSSING.

We have been hearing loud complaints regarding the serious—almost dangerous inconvenience caused to public traffic by the withdrawal or absence of ferry boat provided by the Irrigation Department for crossing the Taldanda Canal at Raghunathpore since upward of a month or the re-opening of the canal after the last annual repairs. To-day we publish below a letter which we have received on the subject. It is very strange that a matter of such vital public importance has taken so long to attract the attention of the local authorities concerned. We earnestly request the Government and the Superintending Engineer, Orissa Circle to take early steps for the removal of this crying grievance.

"Sir, There is a Ferry-boat at Raghunathpur ghat in Taldanda canal in the Cuttack district every year for the thorough-fare of the villagers. But this year no Ferry-boat has yet been provided by the Government, and the people have been put to much inconvenience for thorough-fare. Some years ago a bridge was proposed to be constructed over the canal in the said ghat as it is one of the most important ghats; but far from it, even a Ferry-boat has not yet been sanctioned this year. The people of Sirlow, Raghpur, Padmapur, Raghunathpur and some other villages have constantly to cross the canal for their respective businesses; now they are in great difficulty for want of a bridge or a Ferry-boat. I hope that the attention of the higher authority will be drawn into the matter, and a bridge will soon be constructed, or at least a Ferry-boat will kindly be supplied to remove the great inconvenience of the public.

Yours truly,
Shashibhusan Nag.
Sirlow-Navagram"
26-6-1910

ମାନ୍ୟବର ବଙ୍ଗେଶ୍ୱର ଶୀଘ୍ର କୃଷ୍ଣ ନଗର ମିସ୍ତ୍ରୀମାନଙ୍କ ସ୍ଥାନରେ ଯାଇ ସନ୍ଧ୍ୟାକାଳ କଟାଇବେ, ଏମାନଙ୍କର ମିତ୍ରପିଣ୍ଡ ଦର୍ଶନ କରିବା ପାଇଁ ଶ୍ୟାମ ମିତ୍ର ଜନୃତ୍ୟ ଦେଉଅଛନ୍ତି ।

—୫※୫—

ବଙ୍ଗଦେଶର ହେଲ୍ଥବୋର୍ଡ ଉଚ୍ଚପଦ ଦେଇଅଛନ୍ତି ଯେ ଢାକା, ବାଲେଶ୍ୱର ଓ ପୁରୀ ଏହି ତିନ ଜିଲାର କୌଣସିଠାରେ ସ୍ୱରୂପ ଘଟି ଛତା ଅନ୍ୟ କୌଣସି ସ୍ଥାନର ଦେଶୀମାନ ବନ୍ଦ କରାଯିବ ନାହିଁ । ମାତ୍ର ସମ୍ବଲପୁର ଜିଲାର କିଛି ଅଂଶରେ ହେବ ।

—————

ଚଳିତ ସନ ୧୯୧୦ ସାଲରେ ବଙ୍ଗପ୍ରଦେଶର ବଳେଜମନୁଷ୍ୟର ରକ୍ଷାର ଯତ୍ନ କରୋ-ଜଳସ୍ରୋତ ବନ୍ଦ ହେବାର ତାଲିକା ଗତ ସପ୍ତାହର କଲିକତା ଗେଜେଟରେ ବାହାରିଅଛି । ବର୍ଷର ଅର୍ଦ୍ଧେ ଭାଗ ହୋଇଯାଇଅଛି । ଅସନ୍ତା ମାସ ତା ୩ ରଖରେ ୧୦ ରେଭେନ୍ୟୁ ଜେଲର ଜିଲ୍ଲା ଦୁର୍ଗାପୂଜା ଛୁଟୀ ତା ୮ ରଖ ଅକ୍ଟୋବରଠାରୁ ତା ୩ ରଖ ନବେମ୍ବରପର୍ଯ୍ୟନ୍ତ ୨୪ ଦିନ ହେବ ।

—୦—

ବିଶ୍ୱବିଦ୍ୟାଳୟର ଆଇନର ବିଧି ଅନୁସାରେ ୧୦ ରେଭେନ୍ୟୁ ଡିଭିଜନ ବୋର୍ଡ ଅଧିକାର ନିମନ୍ତେ ଶାସନକାର୍ଯ୍ୟରେ ନିମ୍ନଲିଖିତ ସଭ୍ୟ ମାନ୍ୟବର ବଙ୍ଗେଶ୍ୱର ନିଯୁକ୍ତ କରିଅଛନ୍ତି ଯଥା:—

ଓଡ଼ିଶା ବିଭାଗର କମିଶନର, ଉତ୍କଳ ରେଭେନ୍ସା କଲେଜର ପ୍ରିନସିପଲ ସଦାଶିବ ସତ୍ୟବାଦୀ ଓ ହେଡମାଷ୍ଟର । ବାବୁ ଜଗବନ୍ଧୁ ସିଂହ ଏମ୍, ଏ, ପ୍ରଫେସର । ବାବୁ ଯୋଗେଶଚନ୍ଦ୍ର ରାୟ ଏମ୍, ଏ, ପ୍ରୋଫେସର ।

—※୦※—

ଗତ ତା ୨୩ ରଖରେ ଶେଷହେବା ସପ୍ତାହରେ କେବଳ ଓଡ଼ିଶାର ଅନ୍ତର୍ଗତ ଉତ୍ତରପୂର୍ବ ଦିଗ ଓ କେନ୍ଦୁଝରର ଛଡ଼ା ଅନ୍ୟ ସମସ୍ତ ସ୍ଥାନରେ ଅଳ୍ପାଧିକ ବର୍ଷା ହୋଇଥିଲା । ଅବା ସାଗର ଏବଂ ବଙ୍ଗସାଗର ଉପକୂଳରେ ବର୍ଷା ପ୍ରୋତ ପ୍ରବଳ ଥିଲା ସେମାନଙ୍କରେ ସର୍ବାପେକ୍ଷା ଅଧିକ ଯଥା ଏହିସବୁରେ ୧୨ ଇଞ୍ଚ ଜଳ ପଡ଼ିଥିଲା । ଅନ୍ୟାନ୍ୟ ସ୍ଥାନ ମଧ୍ୟରେ ବୋମ୍ବେରେ ୭ ଇଞ୍ଚ ପାଟନାରେ ୩ ଇଞ୍ଚ ହାଇଦ୍ରାବାଦରେ ପ୍ରାୟ ୬ ଇଞ୍ଚ ଏବଂ କଟକରେ ୨୪ ଇଞ୍ଚ ବର୍ଷା ହୋଇଥିଲା ।

—୦—

ଗତ ତା ୧୮ ରଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗରେ ୧୦୫୦ ମୃତ୍ୟୁ ହୋଇଥିଲା ସେ ସବୁ ମଧ୍ୟରେ

Digitized by srujanika@gmail.com

Split by PDF Splitter



ପଞ୍ଜାବର ଅଙ୍କ ସର୍ବାପେକ୍ଷା ଅଧିକ ଯଥା ୧୪୩୬ ଥିଲା ଏବଂ ବମ୍ବେର ବମ୍ବାଇ ଓ ସଜଦୂତାବା ପ୍ରତ୍ୟେକରେ ଏତଦପେକ୍ଷା ଅଧିକ ଥିଲା । ମାତ୍ର ବଙ୍ଗଳ ପ୍ରଦେଶରେ ପୂର୍ବସପ୍ତାହରୁ ଊଣା ହୋଇଥିଲା । ଅଥଚ ମଧ୍ୟରେ ଏଥର ପୂର୍ବବଙ୍ଗ ଓ ଆସାମ ଜିଲ୍ଲାରେ ୧୬୪ ମୃତ୍ୟୁ ହୋଇଥିଲା ଏ ପ୍ରଦେଶରେ ଏ ପର୍ଯ୍ୟନ୍ତ ରୋଗ ନ ଥିଲା । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୩୯୫୩ ଥିଲା । ସୁତରାଂ ଅପେକ୍ଷା ଊଣା ପଡ଼ିଅଛି ।

———

ସଶୋହଳ ଜିଲ୍ଲାର ଅନ୍ତର୍ଗତ ପୂର୍ବଭଙ୍ଗା ଗ୍ରାମର ଶ୍ରୀଯୁକ୍ତ ଉପେନ୍ଦ୍ର ନାଥ ସିଂହ ଜମିଦାର ମହାଶୟଙ୍କ ଘରଠାରେ ଗତ ଜ୍ୟୈଷ୍ଠମାସ ତା ୭ ରଖରେ ଏକ ଉପନୟନ ହୋଇଥିଲା । ତହିଁରେ ପଣ୍ଡିତ ଶ୍ରୀଯୁକ୍ତ ବ୍ରଜବରବନ୍ଧୁ ଆଚାର୍ଯ୍ୟ ବେଦବ୍ୟାସ ମହାଶୟ ଆଚାର୍ଯ୍ୟର ଆସନ ଗ୍ରହଣ କରିଥିଲେ । ସେଠାରେ ୬୧୪ ଣ ବ୍ରାହ୍ମଣ ଉପବୀତ ଗ୍ରହଣ କରିଅଛନ୍ତି । ଜ୍ୟୈଷ୍ଠ ମାସ ତା ୨୩ ରଖରେ ସବଳିଗାଠାରେ ଯେଉଁ ଉପନୟନ ହୋଇଥିଲା ସେଠାରେ ୬୯ ଣ ବ୍ରାହ୍ମଣ ଉପବୀତ ଗ୍ରହଣ କରିଅଛନ୍ତି । ଏ ସ୍ଥାନମାନଙ୍କରେ ପୁରୋହିତମାନେ ଉପବୀତ ଦେବା ସମ୍ବନ୍ଧରେ କୌଣସି ଆପତ୍ତି କରି ନ ଥିବା ଆନନ୍ଦର କଥା ।

———

ଗତ ସୋମବାର ଦିନର ପୂର୍ବଦିନ ଓଡ଼ିଶାର ମାନନୀୟ କମିଶନର ସାହେବ ତାହାଙ୍କ କୋଠିରେ କଟକ ବାଲେଶ୍ୱର ପୁରୀ ଓ ଅନୁଗୁଳର କଲେକ୍ଟର ଏବଂ ସମ୍ବଲପୁରର ଡେପୁଟି କମିଶନରଙ୍କ ସହିତ ବୈଠକ କରିଥିଲେ । ପ୍ରଥମ ଥର ଡେପୁଟି ଓ ସବ୍‌ଡେପୁଟି ପଦପ୍ରାର୍ଥୀ ବାଛିବା ପ୍ରସଙ୍ଗ ପଡ଼ିଥିଲା ଏବଂ ଉପସ୍ଥିତ ପ୍ରାର୍ଥୀମାନଙ୍କୁ ଦର୍ଶନ କରି ସେମାନଙ୍କର ଯୋଗ୍ୟତା, ଓ ଅଭିପ୍ରାୟ ବୁଝା ଯାଇଥିଲା । ଫଳ ଯାହା ହେବ ପରେ ଜଣା ଯିବ । ମାତ୍ର ଆନନ୍ଦର ବିଷୟ ଯେ ଏଥର ହାକିମମାନେ ଜାତି ବର୍ଣ୍ଣର ସ୍ଥଳ ଯୋଗ୍ୟତା ଅନୁସାରେ ପାଞ୍ଚ ମନୋନୀତ କରିଥିଲେ । ଭରସା କ୍ରୁଥର କମିଶନର ଓ ଗବର୍ଣ୍ଣମେଣ୍ଟ ସେହି ଉଦାର ନ୍ୟାୟପଥ ଅବଲମ୍ବନ କରିବେ ।

———

ଅମ୍ଭମାନଙ୍କ ସୁହୃତ୍ ଦି ଇଣ୍ଡୋର୍ଟର ବିଷୟ ଉପର ଶ୍ରୀଯୁକ୍ତ ସାରଦାଚରଣ ମିତ୍ର ମହାଶୟ ସୁଷ୍ଟଇନୋଠାରେ ଏକ ପ୍ରବନ୍ଧର ବିବରଣ ସମ୍ପ୍ରେ ପ୍ରକାଶ କରିଥିଲେ ଯେ ବଙ୍ଗଳାର ଜାତମାନେ ଯୁକ୍ତପ୍ରଦେଶ ବା ପଞ୍ଜାବରେ ଥିଲେ ସୁଦ୍ଧା ସେମାନେ ଏତ ସାମାଜିକ ବନ୍ଧନରେ ବଙ୍ଗଳାର ଅଧିବାସୀଙ୍କ ସହିତ ଆବଦ୍ଧ ଅଛନ୍ତି । ଜାତିଗତ କାର୍ଯ୍ୟ ଅଥବା ମିତ୍ରବିବାହାଦିର ଅନ୍ତରାଳ ପାର୍ଥକ୍ୟ ହେଲୁ ସମାଜ ବିଚ୍ଛିନ୍ନ ହେବ ନାହିଁ । ବରଂ ବଙ୍ଗିନ ହେବାହେତୁ ଅନୈକ୍ୟ ଘଟିବା ସ୍ଥଳରେ ଏକତା ଅଧିକତର ଦୃଢ଼ଭାବ ଧାରଣ କରିଅଛି ।—କଥାଟା ଠିକ୍ । ଯଦି ଲୋକେ ମିଳି ରହିବାକୁ ଇଚ୍ଛା କରିବେ ତେବେ ଶାସନପଦ୍ଧତି, ଆଚାର ଅଥବା ଆହାର ବ୍ୟବହାରର ପାର୍ଥକ୍ୟ କିଛି ବ୍ୟତିକ୍ରମ ଘଟାଇ ନ ପାରେ । ମଦ୍ରାଜ ଓ ଉତ୍କଳ ଅଞ୍ଚଳ ଅନ୍ତସର ହେବାକାରଣ ସମସ୍ତଙ୍କର ଦୃଢ଼ ସଂକଳ୍ପ ଥିଲେ ଯେ ସେଉଁଠାରେ ଆଞ୍ଚଳ୍ୟ ଉନ୍ନତ ହେବା ପକ୍ଷେ ସନ୍ଦେହ ନାହିଁ ।

R

———

ସମ୍ରାଟଙ୍କର ଗତ ଜନ୍ମୋତ୍ସବ ସଙ୍କ୍ରାନ୍ତ ଉପାଧି ବିତରଣର ଦ୍ୱିତୀୟ ତାଲିକା ଗତ ପୂର୍ବ ଶୁକ୍ରବାରର ଅତିରିକ୍ତ ଇଣ୍ଡିଆ ଗେଜେଟରେ ବାହାରିଅଛି ଏବଂ ଏଥିମଧ୍ୟରେ ତାହା ସମସ୍ତେ ଅବଗତ ହୋଇଅଛନ୍ତି । ସମ୍ମାନ ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଅନ୍ୟାନ୍ୟ ବର୍ଷାପେକ୍ଷା ଊଣା ହେବ ଏବଂ ବିଶେଷ ସାବଧାନତା ସହିତ ବଣ୍ଟା ହେବାର ଜଣାଯାଏ । ଓଡ଼ିଶାରେ କେବଳ ୨ ଣ ଯଥା ମୟୂରଭଞ୍ଜ ରାଜା ପୁରୁଷ ନ୍ କ୍ରମେ ମହାରାଜା ଏବଂ ଦଳଦା ରାଜା ରାଜ ନିମନ୍ତେ ରାଜା ପଦ ପାଇଅଛନ୍ତି । ଏହି ସମ୍ମାନ ଏମାନଙ୍କ ପକ୍ଷରେ ନୂତନ ନୁହେ । ଗତ ମଣ୍ଡଳୀରେ ଏମାନେ ଏହିପଦ ପ୍ରଭୃତିକାଳରୁ ଭୋଗ କରି ଆସୁଅଛନ୍ତି ମାତ୍ର ବର୍ତ୍ତମାନ ହେଲା ସରକାରୀ କାଗଜରେ ଲେଖା ହେଉ ନ ଥିଲା । ଏଥିକି ଅବାଧେ ଲେଖାଯିବ । ଯାହା ହେଉ ଏହି ସୁବିଚାର ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କ ଧନ୍ୟବାଦ ଓ ମହାରାଜା ଓ ରାଜାଙ୍କୁ ମଙ୍ଗଳ ସମ୍ଭାଷଣ ପ୍ରଦାନ କରୁଅଛୁଁ । ଓଡ଼ିଶାରେ କେହି ହୋଇ କେହି ପଦ ପାଇଥିଲେ ଅଧିକ ଆନନ୍ଦ ହୋଇଥାନ୍ତା ।

———

ଗତ ଜୁନମାସ ତା ୧ ଦିନରେ ଦକ୍ଷିଣମେରୁ ଅନ୍ୱେଷଣ କାରଣାର୍ଥ 'ଟେରାନୋଭା' ନାମକ ଜାହାଜ ଲଣ୍ଡନ ନଗରଠାରୁ ଟେମ୍ସ ନଦୀରେ ଯାତ୍ରା କଲା । ଏ ଜାହାଜର ଯାତ୍ରୀମାନେ କେତେ ବିପଦ ସହ୍ୟ କରିବାପାଇଁ ପ୍ରସ୍ତୁତ ହୋଇ ଯାଉଅଛନ୍ତି ବୋଲାଯାଇ ନ ପାରେ । ଏତମାତ୍ର ଜ୍ଞାନପିପାସା ସମସ୍ତ ବାଧା ବିଘ୍ନ ତାଙ୍କ ମନରୁ ଦୂର କରିଅଛି । ୟୁରୋପୀୟ ପଣ୍ଡିତମାନଙ୍କର ଏହିପରି ଅଦମ୍ୟ ଅଧ୍ୟବସାୟହେତୁ ସେଠାରେ ବିଜ୍ଞାନ ଏତେଦୂର ଉନ୍ନତି ଲାଭ କରିଅଛି । ଦକ୍ଷିଣମେରୁର ଯେଉଁପରି ଅବସ୍ଥାର ହୋଇଅଛି ତହିଁରେ ବିସ୍ତୀର୍ଣ୍ଣ ବରଫ ରାଶି ଏବଂ ବାସର ଅଯୋଗ୍ୟ ପ୍ରକାଣ୍ଡ ପ୍ରାନ୍ତର ଦେଖାଯାଉଅଛି । ମାତ୍ର କାଳକ୍ରମେ କ ହେବ କେ କହିଯାଇ ନ ପାରେ । ସେଠାରେ ବିସ୍ତୀର୍ଣ୍ଣ ରାଜ୍ୟ ପର୍ବତମାଳାରେ ଅନ୍ତହିତ ଥିବାର ଦେଖାଯାଏ ଏବଂ ସେଥିରୁ ବହୁତ ଖଣିଜଦ୍ରବ୍ୟ ମିଳିବାର ସମ୍ଭବ । ଅନ୍ୟ କିଛି ନ ହେଉ ବାୟୁ ବା ଆକାଶ ବିଷୟ ଏବଂ ଭୂମଣ୍ଡଳର ଯେ ଅନେକ ଉନ୍ନତି ସାଧନ ହେବ ଏଥିରେ ସନ୍ଦେହ ନାହିଁ ।

—ଃ※ଃ—

ସମ୍ବଲପୁର ହିତୈଷିଣୀରେ ପାଠକଲୁଁ ଯେ ଖୋଲପୁର ଯୁବରାଜଙ୍କର ଶୁଭ ଉପନୟନ କ୍ରିୟା ଗତ ତା ୧୬ ରଖରେ ଅତି ଆଡ଼ମ୍ବରରେ ନିର୍ବାହ ହୋଇଅଛି । ଖେତଗାଁ, ଅଠମଲ୍ଲିକରାଜା, ଦର୍ପଣ ପ୍ରଭୃତି ଜଗତ ଓ ରଣଭଗରୁ ଅଣାଯାଇଥିଲା ଏବଂ ଫୁଲ ପଦ୍ମ ପତାକା ପଟ ପ୍ରଭୃତିର ନଗରଟି ମଣ୍ଡିତ ହୋଇଥିଲା । ବୈଦ୍ୟୁତିକ ଆଲୋକ ସମସ୍ତର ଶୋଭା ଅତିଶୟ ବଢ଼ାଇଥିଲା । ଏହି ଶୁଭ କାର୍ଯ୍ୟରେ ଯୋଗଦେବା କାରଣ ଆମନ୍ତ୍ରିତ ରାଜନ୍ୟବର୍ଗ ମଧ୍ୟରୁ ବାମ ଗାଙ୍ଗପୁର, ପାଟଣା, ଓ ପଟଳାର ରାଜାମାନେ ତଳଲାର ଯୁବରାଜ ଓ ପଟ୍ଟାୟତ, ଝରିଅଳର ଲାଲସାହେବ, ସରାଇକଲାର ପଟ୍ଟାୟତ ଏବଂ କେତେକ ଜମିଦାର ସାମନ୍ତବର୍ଗ ସହିତ ଶୁଭାଗମନ କରିଥିଲେ । ଏମାନେ ଅଧିକାଂଶ ସମ୍ବଲପୁରବାଟେ ଗଲେ । ରାଜାମାନଙ୍କର ହାତୀ ଘୋଡ଼ା ଅସବାବ ଇତ୍ୟାଦି ଘରାଯାତରେ ସମ୍ବଲପୁରରେ ଗହଳି ହୋଇଥିଲା ଏବଂ ଟାଙ୍ଗା, ଗାଡ଼ି, ଘୋଡ଼ା, ପାଲିକି, କୌଣସିରୁ ଅଭାବ ହୋଇଥିଲା ।

—୦※୦—

ସଞ୍ଜୀବନଗୁଣଦର୍ପଣ ଲେଖିଅଛନ୍ତି ଯେ ମହାମହୋପଦେଶକ ସାମନ୍ତ ଶ୍ରୀ ସଦାଶିବ ମିଶ୍ର କାବ୍ୟତୀର୍ଥ ଅନେକ ପରିଶ୍ରମ କରି ଉତ୍କଳବାସୀଙ୍କ ଲାଗି ସଂସ୍କୃତ ଗ୍ରନ୍ଥର ଖଣ୍ଡିଏ ତାଲିକା ପ୍ରସ୍ତୁତ କରିଅଛନ୍ତି । ସେହିସବୁ ପୁସ୍ତକ ଦେଶ ବିଦେଶରେ ପ୍ରଚାରନିମନ୍ତେ ଦେବନାଗର ଅକ୍ଷରରେ ଏବଂ ଭାଷାଗ୍ରନ୍ଥମାନ ଉତ୍କଳଭାଷାରେ ମୁଦ୍ରିତ ହେଲେ ଉତ୍କଳର ଗୌରବ ବୃଦ୍ଧି ହେବ । ସେହି ସବୁ ପୁସ୍ତକ ମୁଦ୍ରଣପାଇଁ ୧୦ ହଜାର ଟଙ୍କା ମୂଳଧନ ଅଂଶପ୍ରତି ଦଶଟଙ୍କାର ଗୋଟିଏ କମ୍ପାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ କରି ଉତ୍କଳର ସମ୍ପାଦକ ସମୂହ ଏବଂ ଜନସାଧାରଣଙ୍କର ମତ ଲୋଡ଼ିଅଛନ୍ତି । ଅମ୍ଭେମାନେ ମନେ କରୁଁ କ.ମଗ ଲୋକବାପୁ.ଙ୍କ ଅପ୍ରକାଶିତ

Digitized by srujanika@gmail.com

ସଂସ୍କୃତ ଓ ଭାଷା ସୁଶୃଙ୍ଖଳାରେ ଚାଳିବା ପ୍ରସ୍ତାବ କରିବା ଅବଶ୍ୟକ ହେଉଅଛି । ଏଥିରେ ଅଧିକ ଶରେ ଧରିବା ପାଇଁ ଓ ବନ୍ଧୁ ସଭର ଦଣ୍ଡା ହୋଇବି ଡାକ୍ତରର ଉଦ୍ୟମ ସ୍ୱଭା ବୋଧ ନ ପାରେ । ଯଥା ବୃତ୍ତଗ ଚଳିବା ଦେଖି ଯାହା ପ୍ରକାଶ ହେଲେ ବସ୍ତୁ ହେବାର ଅନୁମାନ ହେବ କୌଣସି ସ୍କୁଲସ୍ତ ତାହା ଛପାଇବାରେ ପ୍ରବୃତ୍ତ ହୋଇପାରିବେ ଓ ଯାହା ବସ୍ତୁର ସମ୍ଭାବନା ତାହୁ ବହିଁପାଇଁ ଭଲ ଲୋକ ହେଲେ ସଂଖ୍ୟା ଜଳ ହବା ତାହା ନହୁ ପାରନ୍ତ ପାଇଁ ।

—:—:—

ଧନୁଅଣି ବିବାହ ହେବା ପଦ୍ଧତି ଅଦ୍ୟାପି ଅନେକ ଜଙ୍ଗଲି ଜାତିଙ୍କ ମଧ୍ୟରେ ପ୍ରଚଳିତଅଛି । ଛୋଟନାଗପୁରର ହେରେଙ୍ଗ ଜଙ୍ଗଲି ଜାତିଙ୍କ ମଧ୍ୟରେ ପ୍ରଥା ଅଛି ଯେ ବିବାହହେବାର ସମୟ ସ୍ଥିର ହେଲେ କନ୍ୟା ଜଙ୍ଗଲ ମଧ୍ୟରୁ ପଳାଇଯାଏ । ବର ତାହା ପଛେ ଗୋଡ଼ାଇ ତାକୁ ଧରି ଆଣି ବିବାହ ହୁଏ । ଅସାମ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥରେ ଗାରୋମାନଙ୍କ ବିଷୟରେ ଲେଖାଅଛି ଯେ ତାଙ୍କର ବର ପଳାଇଯାଏ ଏବଂ କନ୍ୟା ଜଙ୍ଗଲରୁ ଯାଇ ତାକୁ ଗୋଡ଼ାଇ ଆଣି ବିବାହ ହୁଏ । ଖାସିୟାମାନଙ୍କ ମଧ୍ୟରେ ମାତା ଅନୁକ୍ରମେ ସମ୍ପତ୍ତି ଭୋଗହେବାର ନିୟମ ଅଛି । ମାତାର ସମ୍ପତ୍ତି ଝିଅ ପାଏ ଏବଂ ଝିଅ ଅନ୍ତୁ ବିବାହର ପ୍ରସ୍ତାବ ହୁଏ । ତାଙ୍କ ମଧ୍ୟରେ ବର ଝିଅର ପଳାଇ ସିବାର ବିଧି ଅଛି । କନ୍ୟା ବୁଝିଅର ଯାଇ ଧରି ଆଣିଲେ ବିବାହ ହେବ । ଥରେ ଏପରି ଘଟିଥିଲା ଯେ ବର ପଳାଇଗଲା ମାତ୍ର କନ୍ୟା ତାକୁ ଖୋଜିବାକୁ ନ ଯାଇ ଅନ୍ୟ ପୁରୁଷକୁ ବିବାହ କଲା । ଏ ସ୍ଥଳେ ବର କ୍ଷତିପୂରଣ ପାଇବା କାରଣ ଦାବି କଲା । କନ୍ୟା କୋର୍ଟରେ ନ ଯାଇ ଅଥବା ବରକୁ ପସନ୍ଦ ନ କରି ଅନ୍ୟକୁ ବିବାହ ହେବାରୁ ବରକୁ କ୍ଷତିପୂରଣ ଦେବାକୁ ପଡ଼ିଲା । ଖାସିମାନଙ୍କ ମଧ୍ୟରେ ସ୍ତ୍ରୀ ମାନ ଅନୁକ୍ରମେ ସମ୍ପତ୍ତି ଭୋଗ ହେବାର ନିୟମ ଅଛି ଏବଂ ଏହାଙ୍କ ଉନ୍ନତ ଶାସ୍ତ୍ରଙ୍କଠାରୁ ଅଧିକ ଅଟେ । ବେଦାନ୍ତ ଶାସ୍ତ୍ରରେ ସ୍ତ୍ରୀ ହିଁ ବରଣ କରିବାର ବିଧିଅଛି ଏବଂ ସମସ୍ତ ସଭ୍ୟଦେଶରେ ଏହା ପ୍ରଚଳିତ ହେଉଅଛି କେବଳ ଅମ୍ଭେମାନେ ବିଦ୍ୟାର ଗୌରବ କରୁଥିବା ସ୍ତ୍ରୀମାନଙ୍କ ନୂଆ ଦର ଜେମନ୍ତ ଅପେ ବେ ଅଧିକାର ରଖାଇ ବାଲ୍ୟ ବିବାହର ସୃଷ୍ଟି କରିଅଛି ଜେମନ୍ତ ହାତେ ଫଳ ଭୋଗ କରୁଅଛୁଁ ।

———

ବାଲେଶ୍ୱର ସମ୍ବାଦବାହିକାର ପ୍ରେରିତପତ୍ର-ସ୍ତମ୍ଭରେ ଦେଖିଲୁଁ ଯେ ଧାମନଗରର ସ୍କୁଲ ସବଇନସ୍ପେକ୍ଟରଙ୍କ ମୌଲବୀ ଅସରଫସନ ସେଠାରୁ ସ୍ଥାନରୁ ବଦଳ ହେବାର ଶୁଣି ତାହାଙ୍କୁ ସମ୍ମାନସୂଚକ ବିଦାୟ ଦେବା ଓ ତାହାଙ୍କଠାରେ ପ୍ରେମ ଓ ଆଦର ପ୍ରକାଶ କରିବା ନିମନ୍ତେ ଗତ ତା ୭ରଣ ସନ୍ଧ୍ୟା ସମୟରେ ସେଠାର ହିନ୍ଦୁ ଓ ମୁସଲମାନମାନେ ମିଶି ଏକ ବନ୍ଧୁ ସମ୍ମିଳନୀର ଅନୁଷ୍ଠାନ କରିଥିଲେ । ହିନ୍ଦୁ ମୁସଲମାନ ଆବାଳବୃଦ୍ଧ ପ୍ରାୟ ୩୦୦ ଜଣ ଉପସ୍ଥିତ ଥିଲେ । ସବଇନସ୍ପେକ୍ଟର ମହାଶୟଙ୍କୁ ପୁଷ୍ପମାଳା ଭୂଷିତ କରି ପ୍ରତିଭାଜନ ସୂଚକ ଉତ୍ତର ଓଡ଼ିଆ ଓ ଉର୍ଦ୍ଦୁ ଭାଷାରେ ତାହାଙ୍କର ଗୁଣାବଳୀ ବର୍ଣ୍ଣିତ ପଦ୍ୟ ଗଦ୍ୟ ରଚନାମାନ ପାଠ କରିଥିଲେ ଏବଂ ସ୍କୁଲପିଲାମାନେ ସୁସ୍ୱରରେ ସେହିଭାବର ସଙ୍ଗୀତ ଗାନ କରିଥିଲେ । ମଉଲବୀ ମହାଶୟ ଯଥୋଚିତ ବିନୟସହିତ କୃତଜ୍ଞତା ପ୍ରକାଶ ଓ ପିଲାମାନଙ୍କୁ ବିଦ୍ୟା ଓ ସଦାଚାର ଶିକ୍ଷାର ଉପଦେଶ ଦେଇ ସାଶ୍ରୁଲୋଚନରେ ବିଦାୟ ଗ୍ରହଣ କଲେ । ପତ୍ର ପ୍ରେରକ ଲେଖିଅଛନ୍ତି ଯେ ମଉଲବୀ ମହାଶୟ ନିରପେକ୍ଷତା, କର୍ତ୍ତବ୍ୟପରାୟଣତା, କର୍ମୋତ୍ସାହତା, ଅମାୟିକତା, ପରୋପକାରିତା ପ୍ରଭୃତି ଗୁଣ ଦ୍ୱାରା ହିନ୍ଦୁ ମୁସଲମାନ ସମସ୍ତଙ୍କର ଭକ୍ତି ଓ ଶ୍ରଦ୍ଧାର ପାତ୍ର ହୋଇଅଛନ୍ତି । ଯେଉଁମାନେ ମନେ କରନ୍ତି ଯେ ଝୁଣ ସ୍ଥାନ ସମୟରେ ମୁସଲମାନ ଏ ପ୍ରଦେଶରେ ବର୍ତ୍ତମାନ ଅଛନ୍ତି ସେମାନେ ଆପଣ ଭ୍ରମ ବୁଝିପାରିବେ ।

—•※•—

‘କର୍ମଯୋଗିନ୍’ ନାମକ ପତ୍ରିକାର ସମ୍ପାଦକ ମନମୋହନ ଘୋଷ ନାମରେ ଦଣ୍ଡବିଧି ଆଇନର ୧୨୪ କ ଦଫା ଅଭିଯୋଗରେ ଯେଉଁ ମୋକଦ୍ଦମା ଆରମ୍ଭ ହୋଇଥିଲା ତାହା ନିଷ୍ପତ୍ତି ହୋଇଯାଇଅଛି । କଲିକତାର ପ୍ରଧାନ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ସ୍ୱନ ହୋ ମହୋଦୟ ଆସାମିପ୍ରତି ମାସ ଦଣ୍ଡ ପ୍ରଦାନ କରିଅଛନ୍ତି । ମାଜିଷ୍ଟ୍ରେଟ ମହୋଦୟ ରାୟରେ ଲେଖିଅଛନ୍ତି ଯେ ସରକାରଙ୍କ ନୀତି ଶାନ୍ତଭାବେ ଯୁକ୍ତି ସଙ୍ଗତରୂପେ ସମାଲୋଚନା କଲେ ଦୋଷ ନାହିଁ ମାତ୍ର ଯେ ସମୟରେ ଦେଶରେ ଅଶାନ୍ତି ବିରାଜମାନ ସେତେବେଳେ ଗବର୍ଣ୍ଣମେଣ୍ଟଙ୍କପ୍ରତି ଅସାଧୁତା ପକ୍ଷପାତିତା ଏବଂ ନ୍ୟାୟହୀନତା ଆରୋପ କଲେ ଅବଶ୍ୟ ଲୋକଙ୍କର ମନ ଫାଟିଯିବ । ଯେଉଁ ପ୍ରବନ୍ଧ ନିମନ୍ତେ ଅଭିଯୋଗ ଆନୀତ ହୋଇଥିଲା ପାଠ କଲେ ତାହା ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟର ନିରପେକ୍ଷ ବା ଯୁକ୍ତି ସଙ୍ଗତ ସମାଲୋଚନା ନ ଥାଇ ବରଂ ତଦ୍ୱାରା ଗବର୍ଣ୍ଣମେଣ୍ଟଙ୍କପ୍ରତି ଅନ୍ୟାୟର, ଅସାଧୁତା, ପକ୍ଷପାତିତ୍ୱ ଏବଂ ନୀଚଶତ୍ରୁତାର ଆକ୍ଷେପ କରାଯାଇଅଛି ଏହି କାରଣରୁ ମାଜିଷ୍ଟ୍ରେଟ ମହୋଦୟ ଉକ୍ତରୂପ ଦଣ୍ଡ ବିଧାନ କଲେ । ଅସାମି ପକ୍ଷରୁ ଉକ୍ତ ପ୍ରବନ୍ଧର ଭାବ ସେ ବୁଝି ନ ଥିବା ହେତୁ ଦୋଷୀ ନ ଥିବାର ଆପତ୍ତି କରାଯାଇଥିଲା ମାତ୍ର ମୁଦ୍ରିତ ବୋଲି ପ୍ରତିଜ୍ଞା ପତ୍ର ସ୍ୱାକ୍ଷର କରିଥିବା ହେତୁ ସେପରି ଆପତ୍ତି ଶୁଣାଯିବାର ଯୋଗ୍ୟ ନୁହେ ବୋଲି ମାଜିଷ୍ଟ୍ରେଟ ମହୋଦୟ ପ୍ରକାଶ କଲେ ଏବଂ ତାହା ହାଇକୋର୍ଟର ନଜିର ସଙ୍ଗତ ଅଟେ ।

——※——

ଶ୍ରୀ ରାମକୃଷ୍ଣମିଶନ ନାନା ଦେଶରେ ଅପରିଚିତ ନୁହେ । ଏହି ମିଶନର ପ୍ରଧାନ ମଠ କଲିକତା ହାବଡ଼ା ନିକଟ ବେଲୁଡ଼ଗ୍ରାମରେ ଶ୍ରୀ ରାମକୃଷ୍ଣ ମଠ ନାମରେ ପ୍ରତିଷ୍ଠିତ ଅଛି । ଏହି ମଠର ସେବକଦଳ ଅଧି ନାଗପୁର ଅଞ୍ଚଳର ଘୋର ସମୟରେ ଦୁର୍ଭିକ୍ଷପୀଡ଼ିତ ଦରିଦ୍ରଙ୍କୁ ଅନ୍ନାଦି ସାହାଯ୍ୟ ଏବଂ ଭୁବନେଶ୍ୱରର ଗତ ଦାରୁଣ ସଂକ୍ରାମକରେ କଷ୍ଟପାଇଥିବା ଅସହାୟ ବ୍ୟକ୍ତିଙ୍କ ସେବାକର୍ମ ଓ ସାହାଯ୍ୟ କରିଥିଲେ । ବୃନ୍ଦାବନ ଗୋଟିଏ ପ୍ରଧାନ ତୀର୍ଥ ସ୍ଥାନ । ସେଠାରେ ଦରିଦ୍ର ବ୍ୟକ୍ତି ନିଜର ଜନ୍ମକ୍ଷେତ୍ର ଅନେକ କୁଞ୍ଜ ବା ସଦାବ୍ରତ ମଠ ଅଛି ମାତ୍ର ଅସହାୟ ରୋଗୀଙ୍କର ସେବାର କୌଣସି ବନ୍ଦୋବସ୍ତ ନ ଦେଖି ଏହି ରାମକୃଷ୍ଣ ମିଶନ ଗୋଟିଏ ସେବାଶ୍ରମ ସ୍ଥାପନ କରିଅଛନ୍ତି । ଏହି ଆଶ୍ରମରେ ଏକକାଳେ ୩୦ ଜଣ ରୋଗୀ ଭର୍ତ୍ତି ହେବାର ସ୍ଥାନ ଅଛି ଏବଂ ଏ ଛଡ଼ା ଅନ୍ୟ ରୋଗିଙ୍କୁ ଔଷଧ ଓ ପଥ୍ୟ ଯୋଗାଇବା ଏବଂ ସେମାନଙ୍କ ରହିବା ସ୍ଥାନରେ ସେବା କରିବା ଅଥବା ନିକଟସ୍ଥ ମଥୁରା ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା ଅଛି । ଗତବର୍ଷ ୧୪୭ଜଣ ଆଶ୍ରମରେ ରହି ଓ ଅନ୍ୟତ୍ର ରହିବା ୭୧୩୪ଜଣ ଚିକିତ୍ସିତ ହୋଇଥିଲେ । ଆଶ୍ରମ କିପରି ହେତେ ଉପକାର ହେଉଅଛି ଏବଂ ଆଶ୍ରମର ସେବକମାନେ କେମନ୍ତ କାର୍ଯ୍ୟ କରୁଅଛନ୍ତି ଏଥିରୁ ପାଠକମାନେ ବୁଝି ପାରିବେ । କେବଳ ସାଧାରଣ ଦାନ ବା ଭିକ୍ଷାଦ୍ୱାରା ଏହି ଆଶ୍ରମର କାର୍ଯ୍ୟ ଚଳୁଅଛି ଅତଏବ ଏହା ଯେ ଦାନର ପରମପାତ୍ର ଏ କଥା ବୋଲିବା ଅଧିକ । ସମ୍ପ୍ରତି ଏହି ଆଶ୍ରମ ସହାୟେ ଖଣ୍ଡିଏ ଦାନର ପ୍ରାର୍ଥନା ପତ୍ର ସେବା ସମିତିର ପ୍ରେସିଡେଣ୍ଟ ଶ୍ରୀ ସ୍ୱାମୀ ବ୍ରହ୍ମାନନ୍ଦଙ୍କଠାରୁ ଆସି ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ଉକ୍ତ ମଠରେ ଯେ ଯାହା ଦାନ କରିବେ ତାହା ବେଲୁଡ଼ ମଠ ଠିକଣାରେ ତାହାଙ୍କ ନିକଟକୁ ଅଥବା ବୃନ୍ଦାବନ ବଂଶୀବଟ ଗାଲିବାରୁ କୁଞ୍ଜ ଠିକଣାରେ

Split by PDF Splitter
Digitized by srujanika@gmail.com

Split by PDF Splitter



ସେବାଶ୍ରମରେ ସେକ୍ରେଟରୀଙ୍କ ନିକଟକୁ ପଠାଇ ଦେଲେ ତାହା ବେଶି ସେବାରେ ଲାଗିବ ।

---

ଗତ ମଙ୍ଗଳବାର ସକାଳ ସମୟରେ ଏ ନଗର ସଂଲଗ୍ନ ପଦ୍ମାଧରପୁର ସରକାରୀ କୃଷି କ୍ଷେତ୍ରରେ ବଙ୍ଗୀୟ କୃଷି ବିଭାଗର ବାର୍ଷିକ ଅଧିବେଶନ ହୋଇଥିଲା । କୃଷି ବିଭାଗର ଡେପୁଟି ଡାଇରେକ୍ଟର ଶ୍ରୀ ଯୁକ୍ତ ସ୍ମିଥ ସାହେବ କଲିକତାରୁ ଆସିଥିଲେ । ଶ୍ରୀ ଯୁକ୍ତ ଗାରେଟ ସାହେବ କମିସନର ସଭାପତିର ଆସନ ଗ୍ରହଣ କରିଥିଲେ ଓଡ଼ିଶାର ଗୁରୁଜନ କଲେକ୍ଟର ଓ ସ୍କୁଲ ଇନ୍‌ସ୍ପେକ୍ଟର ପ୍ରାୟ ନ ୨୦ ଣ ଗ୍ରାମୀଣ ସଭ୍ୟ ଏବଂ ସେହି ପରିମାଣ ଲୋକଙ୍କ ବାହି ପ୍ରଭୃତିର ସରବରାହକାର ପ୍ରଭୃତି ଉପସ୍ଥିତ ଥିଲେ । କୃଷି କାର୍ଯ୍ୟର ବିଶେଷ ଉନ୍ନତି ହେବୁ ଗତ ବାର୍ଷିକ ଅଧିବେଶନ ପର ପ୍ରଜାମାନେ ଅଭିପ୍ରାୟ ନ ଥିଲେ । କ୍ଷେତ ବୁଲି ଦେଖିବା ଉତ୍ତାରୁ ସଭାର କାର୍ଯ୍ୟାରମ୍ଭ ହୋଇ ଗତ ବାର୍ଷିକ ରିପୋର୍ଟ ପାଠାନ୍ତେ ସରକାରୀ ବାର୍ଷିକ ସାହାଯ୍ୟ ୫ ୧୦୦୦୯ ଙ୍କା, ସ୍ୱରଜନରେ ବଙ୍ଗ କୃଷି ଇନ୍‌ସ୍ପେକ୍ଟରଙ୍କର ଗତ ବର୍ଷର ଅନୁଷ୍ଠାନ ପତ୍ର ଇତ୍ୟାଦି ବିଷୟ ସ୍ଥିର ହୋଇ ସଭାର କାର୍ଯ୍ୟ ଶେଷ ହେଲା । ଅତ୍ୟନ୍ତ ଦୁଃଖର ବିଷୟ ବାଙ୍ଗ୍ଳା ହେତୁ ଅଧିକାଂଶ ସଭ୍ୟ ଏହା ବୁଝି ପାରିଲେ ନାହିଁ । ଗତ ବାର୍ଷିକ ରିପୋର୍ଟ ଛାପା ହୋଇ ବଣ୍ଟାଯିବା ହେତୁ ତେବେ ପଢ଼ି ସଭ୍ୟମାନେ ତାହା ଜାଣି ପାରିଲେ । ସୁତରାଂ ସଭାର ଉଦ୍ଦେଶ୍ୟ ଇଂରାଜୀ ନ ଜାଣିବା ହେତୁ ବହୁ ବୁଝି ପାରିଲେ ନାହିଁ ଏବଂ ସେମାନଙ୍କ ମତ ଅନେକ ବହୁ ବୁଝିଲ ବୁଝାଇଲ ନାହିଁ କେବଳ ୨୧ଣ୍ଡ ଲେଖାଏ ଓଡ଼ିଆ ଛପା ଉପଦେଶ ପତ୍ର ପାଇ ସେତକ ନେଇ ବିଦାୟ ହୋଇଗଲେ । ସେମାନେ ଅଦର୍ଶକ୍ଷେତ୍ରରେ ଯାହା ଦେଖିଲେ ସେ ପ୍ରସଙ୍ଗରେ ସେମାନଙ୍କ ସନ୍ଦେହ ତଥା ବାର୍ତ୍ତାଦି ସେମାନଙ୍କ ମତ ଜାଣିବା ଓ ସେମାନଙ୍କ ଭ୍ରମ ଭଙ୍ଗିବାର ଚେଷ୍ଟା ହୋଇଥିଲେ ଅନେକ ଉପକାର ହୁଅନ୍ତା । ଅନେକଙ୍କର ଧାରଣା ଓ କେତେକେ ଲୋକ ସେଠାରେ ପ୍ରକାଶ କରିବାର ଶୁଣିଅଛୁଁ ଯେ ସରକାରୀ କ୍ଷେତ୍ରକୁ ତାଳ ଜଳର ଅଭାବ ନାହିଁ ଏବଂ ସରକାର ବହୁତ ଟଙ୍କା ଖରଚ କରୁଅଛନ୍ତି ତେଣୁ ସେ କ୍ଷେତ୍ରରେ କୃଷି ଭଲ ହୋଇଅଛି । ଏ ସୁଯୋଗ ଓ ସଙ୍ଗତ ପ୍ରଜାର ନାହିଁ ଯେ ସେ ସେପରି ଭଲ କୃଷି କରିବ ? ଏ ଧାରଣା ସେମାନଙ୍କ ମନରୁ ଦୂର କରିବା ଏକାନ୍ତ ଆବଶ୍ୟକ ।

---

ଭଦ୍ରକ ଅନ୍ତର୍ଗତ କାଉପୁର ଏକ ପ୍ରସିଦ୍ଧ ସ୍ଥାନ ଅଟେ । ସେଠାରେ ଅନେକ ବ୍ରାହ୍ମଣ କାୟସ୍ଥ କରଣ ଏବଂ କାଉପୁରର ଜମିଦାର ମହାଶୟମାନେ ବାସ କରନ୍ତି । ପ୍ରାୟ ୧୪୦ ବର୍ଷ ହେବ ସରକାରୀ ସାହାଯ୍ୟପ୍ରାପ୍ତ ଏକ ଭର୍ଣ୍ଣାକ୍ୟୁଲର ସ୍କୁଲ ସ୍ଥାପିତ ହୋଇ ସେଥିର ବ୍ୟୟ ମାସିକ ୮ ୨୮ ଟଙ୍କା ମଧ୍ୟରୁ ଡିଷ୍ଟ୍ରିକ୍ଟବୋର୍ଡ ମାସକୁ ୮ ୧୨ ଟଙ୍କା ସାହାଯ୍ୟ ଦେଉଛନ୍ତି ଅବଶିଷ୍ଟ ୮ ୧୬ ଟଙ୍କା କାଉପୁରର ମହାଶୟ ଶ୍ରୀଯୁକ୍ତ ଗଧାକାନ୍ତ ରାୟ ପ୍ରଭୃତି ଦେଇ ସ୍କୁଲକୁ ରକ୍ଷା କରି ଆସୁଅଛନ୍ତି । ଉକ୍ତ ସ୍କୁଲ ସ୍ଥାପନ ହେବାଠାରୁ ଅନେକ ଛାତ୍ର ପରୀକ୍ଷାରେ ପାସ କରୁଅଛନ୍ତି ମଧ୍ୟ ସ୍କୁଲବିଭାଗର କର୍ତ୍ତୃପକ୍ଷ ଓ ଜିଲ୍ଲାର ମାଜିଷ୍ଟ୍ରେଟ ପ୍ରଭୃତି ଉକ୍ତ ସ୍କୁଲ ପରିଦର୍ଶନ କରି ଯଥେଷ୍ଟ ସନ୍ତୋଷ ଥିବାର ଦର୍ଶକ ବହିରେ ଲେଖି ଯାଇଅଛନ୍ତି । ଦୁଃଖର ବିଷୟ ଅବଗତ ହେଲୁଁ ବାଲେଶ୍ୱର ଜିଲ୍ଲା ବୋର୍ଡର ଭାଇସ୍ ଚେୟାରମେନ ଶ୍ରୀଯୁକ୍ତ ଗଧାଚରଣ ଦାସ ମହାଶୟ କାଉପୁର ସ୍କୁଲର ସରକାରୀ ସାହାଯ୍ୟ ବନ୍ଦ କରି ଉକ୍ତ ସାହାଯ୍ୟ ଟଙ୍କା ଅଗର-ପଡ଼ାରେ ଦେଇ ସେଠାରେ ଏକ ନୂତନ ଭର୍ଣ୍ଣାକ୍ୟୁଲର ସ୍କୁଲ ବସାଇବାର ସ୍ଥିର କରି କାଉପୁର ସ୍କୁଲର ସାହାଯ୍ୟ ବନ୍ଦ କରିବାର ରିପୋର୍ଟ କରିଅଛନ୍ତି । ଶ୍ରୀଯୁକ୍ତ ଗଧାଚରଣ ବାବୁ ବାଲେଶ୍ୱରର ଜଣେ ପ୍ରସିଦ୍ଧ ଜମିଦାର ଓ ଖାନଦାନବଂଶ ଅଟନ୍ତି ଯଦି ସେ କାଉପୁର ସ୍କୁଲର କୌଣସି ତ୍ରୁଟି ଦେଖିଥିଲେ ତେବେ ଉକ୍ତ ସ୍କୁଲର ସମ୍ପାଦକ ପ୍ରଭୃତିଙ୍କି ସାବଧାନ କରିଦେଇ ବନ୍ଦୋବସ୍ତ ସଂଯୁକ୍ତ ଦେଇଥିଲେ ଭଲ ହୋଇଥାଆନ୍ତା । ବର୍ତ୍ତମାନ କାଉପୁର ଜମିଦାର ପ୍ରଜା ଓ ସମସ୍ତଶ୍ରେଣୀର ଲୋକ ମିଳି ବାଲେଶ୍ୱରଜିଲ୍ଲାର ମାଜିଷ୍ଟ୍ରେଟ ଓ ଓଡ଼ିଶାର କମିଶନର ସାହେବ ମହୋଦୟଙ୍କଠାରୁ କାଉପୁର ସ୍କୁଲକୁ ପୂର୍ବପ୍ରାୟ ସେହିଠାରେ ରଖାଯିବା ନିମନ୍ତେ ପ୍ରାର୍ଥନା କରୁଅଛନ୍ତି । ସାହେବ ମହୋଦୟମାନେ ଏ ବିଷୟରେ ଅବଶ୍ୟ ସୁବିଚାର କରିବେ ।

—o—)—

## ପୁରୁଲୟା ଦର୍ପଣରୁ ଉଦ୍ଧୃତ ଆଶ୍ଚର୍ଯ୍ୟ ଘଟଣା ।

ବାଙ୍କୁଡ଼ା ଜିଲ୍ଲା ଅନ୍ତର ଥାନାନ୍ତର୍ଗତ ସାପୁର ଗ୍ରାମରେ ଏକ ବ୍ରାହ୍ମଣ ଗୃହରେ ଛ ମାସ ହେଲା ଗୋଟିଏ ବାଳକ ଜନ୍ମ ହୋଇଅଛି । ପିଲାଟି ଭୂମିଷ୍ଠ ହେବା ଦିନଠାରୁ ତାହା ନିକଟରେ ଗୋଟିଏ ସର୍ପ ସର୍ବଦା ରହିଅଛି । ଏକଦିନ ଏହି ସର୍ପକୁ ନିକଟସ୍ଥ ବଣରେ ପକାଇ ଦେଲେ ମଧ୍ୟ ସେ ସର୍ପ ପୁନଶ୍ଚ ଗୃହକୁ ଫେରି ଆସିଲା । ସେହିଦିନ ସନ୍ଧ୍ୟାରେ ବ୍ରାହ୍ମଣକୁ ସ୍ୱପ୍ନରେ ସର୍ପ କହିଲା କି ତୁମ୍ଭେ ଯେବେ ମତେ ମାରି ପକାଇବ ତେବେ ତୁମ୍ଭର ବଂଶ ନାଶ କରିବି ପରନ୍ତୁ ତୁମ୍ଭର ବହୁ ଅନିଷ୍ଟ କେବେହେଁ ନଷ୍ଟ ହେବ । ସେହିଦିନଠାରୁ ସେମାନେ ସର୍ପର କୌଣସି ଅନିଷ୍ଟ କରନ୍ତି ନାହିଁ । ବାଳକ ଭୂମିରେ ଶୋଇଥିଲେ ବା ଖେଳୁଥିଲେ ସର୍ପ ଫଣା ବିସ୍ତାର କରି ତାହା ମସ୍ତକ ଉପରେ ଠିଆ ହୋଇଥାଏ । ବାଳକକୁ ଖଟରେ ଶୁଆଇଲେ ସର୍ପ ଖଟତଳେ ସ୍ଥିର ହୋଇ ପଡ଼ିଥାଏ । ବାଳକର ମାତା ଏକଦିନ ବାଳକକୁ କୋଳ କରିଥିବା ବେଳେ କୌଣସି ବନ୍ଧୁ ଗୃହକୁ ଗଲେ ପୃଷ୍ଠରୁ ଶିଶୁର ପିତା ମଧ୍ୟ ଜମଳ କଲ ପକ୍ଷି ଦୂର ଯାଇ ବାଗରେ ଥିବା ଛତା ଫିଟାଇ ଦେଖିଲେ ଯେ ତାହା ମଧ୍ୟରେ ସର୍ପ ରହିଅଛି । ତାହାକୁ ନାଶ କରିବାରେ ସେ ପ୍ରକଷ୍ଟ ବ୍ରାହ୍ମଣ ଗୃହକୁ ଆସିଲା । ବ୍ରାହ୍ମଣ ମଧ୍ୟ ସର୍ପକୁ ଏକ ପାତ୍ରରେ ଦୁଗ୍ଧ ଦୁଇ ଥରେ ଦେଉଥିଲେ ତାହା ପାନ କରୁଥିଲା । ଅଦ୍ୟାବଧି ସର୍ପ ତାହାର କୌଣସି ଅନିଷ୍ଟ କରି ନାହିଁ । "ସମ୍ପଦେ ନ ଗୃହେ ବାସ" ଶୁଣିବାଙ୍କ ଏହି ବାକ୍ୟ ବ୍ୟର୍ଥ ହେଲେ ରକ୍ଷା ।

---

## ଦଶଲକ୍ଷର ଦସ୍ତାବେଜ ।

ପ୍ରଜାର ଦଶଲକ୍ଷ ହିସାବର ଦସ୍ତାବେଜର ସମ୍ବନ୍ଧରେ ବର୍ତ୍ତମାନ କଲିକତା ହାଇକୋର୍ଟରେ ଗୋଟିଏ ନଜିର କଲିକତା ଉଇକ୍ଲି ନୋଟର ଚତୁର୍ଦ୍ଦଶ ଖଣ୍ଡର ୭୨୯ ପୃଷ୍ଠାରେ ବାହାରି ଅଛି । ମୋକଦ୍ଦମାର ବିବରଣ ଏହି ଯେ ଦୁଇ ଭାଇ ଗୋଟିଏ ଜମିରେ ବନ୍ଦୋବସ୍ତ ଖାସ କରି ଦଖଲସ୍ୱତ୍ୱ ପାଇଥିଲେ । ତହିଁ ମଧ୍ୟରୁ ଏକଭାଇ ବାବୁଙ୍କୁ ଅଂଶ ଜାରି ଜମିର ଅଠପଣ ବନ୍ଧକ କଲା ଓ ସେ ଦଖଲ ନ ପାଇବାରୁ ଅନ୍ୟଭାଇ ନାମରେ ତାହା ସହିତ ଉକ୍ତ ଜମିରେ ଉଦ୍ଧାରଦଖଲ ପାଇବ ଦାବିରେ ମୋକଦ୍ଦମା ଦାୟର କଲା । ପ୍ରତିବାଦୀ ଉକ୍ତ ଦଖଲସ୍ୱତ୍ୱ ହସ୍ତାନ୍ତର ଯୋଗ୍ୟ ନ ଥିବାର ଜବାବ ଦେବାରୁ ମୁନସଫ ବାଦୀର ଦାବି ଡିସ୍‌ମିସ କଲେ ମାତ୍ର ଅପିଲରେ ସବଜଜ ବାଦୀକୁ ଡିକ୍ରୀ ଦେବାରୁ ପ୍ରତିବାଦୀ ହାଇକୋର୍ଟରେ ଅପିଲ କଲା । ମାନ୍ୟବର ପ୍ରଧାନ ବିଚାରପତି ଓ ବିଚାରପତି ଦାସ ମହୋଦୟମାନେ ଗତ ମଇ ମାସ ତା ୭ ରିଖରେ ସବଜଜଙ୍କ ରାୟ ରଦ କରି ବାଦୀର ଦାବି ଡିସ୍‌ମିସ କରିଅଛନ୍ତି । ବିଚାରପତିମାନେ ରାୟରେ ୧୭୯୧ ମସିହାରୁ ଏପର୍ଯ୍ୟନ୍ତ ରୟତର ଦଖଲସ୍ୱତ୍ୱ ଓ ତାହା ହସ୍ତାନ୍ତର ହେବା ସମ୍ବନ୍ଧୀୟ ଆଇନ, କାନୁନ ଓ ନଜିର ପର୍ଯ୍ୟବେକ୍ଷଣପୂର୍ବକ ସିଦ୍ଧାନ୍ତ କରି ଅଛନ୍ତି ଯେ ରୟତ ଯେ ପର୍ଯ୍ୟନ୍ତ ଖଜଣା ଦେବ ସେପର୍ଯ୍ୟନ୍ତ ତାହାର ଜମିରେ ଅଧିକାର । ଏଣୁ ରାୟରେ ଦଖଲସ୍ୱତ୍ୱ ତାହାର ନଜର ( Per-

Digitized by srujanika@gmail.com

sonal ) ସୂତ୍ର ଅଟେ । ସୁତରାଂ ତାହା ହସ୍ତାନ୍ତର ଯୋଗ୍ୟ ନୁହେ । ରାଇୟତି ପ୍ରଜାସ୍ୱତ୍ୱ ଅଧିକାର ପୂର୍ବ ପକ୍ଷରୁ ହସ୍ତାନ୍ତର କରିବାର ଅଧିକାର ନ ଥିଲା ମାତ୍ର ଏହା ଅଧୁନାରେ କେତେଗୁଡ଼ିଏ ରାୟ ଥିବାରୁ କର୍ତ୍ତୃ ବ୍ୟବସ୍ଥାପକ ସଭା ସେହିମାନଙ୍କର ସ୍ୱତ୍ୱ ବହୁ ବଢ଼ାଇ ଦେଉଥିବାର ବୋଧ ହେଲେହେଁ ଜମିଦାରଙ୍କ ଅନୁମତି ବିନା ବିକ୍ରୟ ନ ହେବା ଉଚିତ ଯେ ସମସ୍ତ ପ୍ରଥା ପୂର୍ବରୁ ବର୍ତ୍ତମାନ ପ୍ରଜା ତାହା କାଏମ ରଖା ଯାଇଅଛି । ଏମନ୍ତ ସ୍ଥଳେ ବନ୍ଦୋବସ୍ତ ପତ୍ତନଦାର ହସ୍ତରରେ ବହୁ ଦିନ ଥିବାର ବୋଲାଯାଇ ନ ପାରେ ଏବଂ ହସ୍ତାନ୍ତରପତ୍ରମାନେ ସ୍ପଷ୍ଟ ରଦ୍ଦ ହୋଇ ଥିଲେ ସେ ହସ୍ତାନ୍ତର ହେବା ସମ୍ବନ୍ଧୀୟ ଆପତ୍ତି କରିବାର ଛଡ଼ା ଅନ୍ୟ ଲୋକ ରକ୍ଷା କରି ପାରେ । ଅବଶ୍ୟ ଉପୃତ ହସ୍ତାନ୍ତର ହେଲେ ତାହାର ଯେ ହକପୁରେ ଆପତ୍ତି କରିବାର ଅଧିକାର ନାହିଁ ଏବଂ ଏ ବିଧି ବଙ୍ଗଦେଶ ପ୍ରଚଳିତ ଅଛି । ଯେଉଁଠାରେ ରସୂତ ଦଖଲସ୍ୱତ୍ୱ ବନ୍ଦୋବସ୍ତ ହୋଇଥିବ ସେଠାରେ ସେ ଭଳି ଜମି ନିଲାମ ହେବା ସମ୍ବନ୍ଧରେ ଆପତ୍ତି କରି ୮ ପରେ ମାଲିକ ଜମି ନିଲାମ ହୋଇଗଲା ବିଷୟ ଜମିଦାର କିମ୍ବା ଖରିଦଦାରକୁ ଜମିରେ ପ୍ରବେଶ କରିବାକୁ ନ ଦେଇ ସେ ଦଖଲ କରି ପାଇବାର ଅଧିକାର ଅଛି । ଆମ୍ଭମାନଙ୍କ ବିବେଚନାରେ ପ୍ରଜାଙ୍କ ଯେତେ ଜମି ହସ୍ତାନ୍ତର କରିବାର ଅଧିକାର ହେବା ସେତେ ଅନର୍ଥର ମୂଳ । ହେଉଥିବାରୁ ସେମାନେ ମହାଜନଙ୍କ ହାତରେ ପଡ଼ି ସର୍ବସ୍ୱାନ୍ତ ହେଉ ଅଛନ୍ତି । କେତେ ସ୍ଥଳେ ସେମାନଙ୍କର ବଞ୍ଚିବାର ଉପାୟ ନାହିଁ କାରଣ ସେ ଜମି ଛଡ଼ାଇନେବା ଲୋଭ ପାଇ ତାହାକୁ ସେ ଦଖଲ କରି ନ ପାରେ । ଆମ୍ଭେମାନେ ଭରସା କରୁ ହସ୍ତାନ୍ତରପତ୍ରମାନଙ୍କର ବର୍ତ୍ତମାନ ନିୟମ ପ୍ରଜାଙ୍କର ଅନେକ ଦୁର୍ଦଶା ମୋଚନର ସାହାଯ୍ୟ କରିବ ।

---

## ବୃଷୋତ୍ସର୍ଗ ।

ବଙ୍ଗୀୟ ଇଂରାଜୀ ସମ୍ବାଦ ପତ୍ର 'ପାୟୋନିଅର' ଲେଖି ଅଛନ୍ତି ଯେ ଭାରତର ଯାଜକଙ୍କ ଶାସ୍ତ୍ରର ବୃଷୋତ୍ସର୍ଗ ବ୍ୟାପାର ବନ୍ଦ ପ୍ରସ୍ତାବ ଏବଂ ପଦକ୍ଷେପ କାର୍ଯ୍ୟ ଅଟେ । ମାନ୍ଦ୍ରାଜ ହାଇକୋର୍ଟର ଜଜ ସାହେବ ଦାକ୍ଷିଣାତ୍ୟର ଗୋରୁ ସମ୍ବନ୍ଧୀୟ ପୁସ୍ତକରେ ଲେଖି ଅଛନ୍ତି ଯେ ପୂର୍ବକାଳରେ ଜଣେ ହିନ୍ଦୁ ରାଜା ଗ୍ରାମ୍ୟ ଗୋରୁଙ୍କ ଶୋଚନୀୟ କ୍ଷୀଣ ଏବଂ କ୍ଷୁଦ୍ର ଅବୟବ ଦେଖି ଅତ୍ୟନ୍ତ ଦୁଃଖିତ ହୋଇ ନିୟମ କଲେ ଯେ ପ୍ରତ୍ୟେକ ଲୋକର ମୃତ୍ୟୁରେ ତାହାର ଆତ୍ମୀୟ କୁଟୁମ୍ବମାନେ ସର୍ବାପେକ୍ଷା ଭଲ ଷଣ୍ଢ ବାଛୁରୀ ବାଛି ମହାଦେବ ଓ ନନ୍ଦୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ଯେ ମହାଦେବ ପୃଥିବୀରେ ବୁଲିବା ସମୟରେ ତାହା ଉପରେ ଚଢ଼ି ବୁଲିବେ । ଏହି ଉତ୍ସର୍ଗୀକୃତ ଷଣ୍ଢ ଗ୍ରାମବାସିଙ୍କ ସମ୍ପତ୍ତି ହୋଇ ସର୍ବତ୍ର ଚରି ବୁଲି ଖାଇ ପୁଷ୍ଟ ହେଉଥିଲା ଏବଂ ଏ ନିୟମ ଧର୍ମରୂପେ ପ୍ରତିପାଳିତ ହେଉଥିବା ସମୟରେ ଭଲ ବାଛୁରୀ ଉତ୍ପନ୍ନ ହୋଇ ଲୋକଙ୍କର ମଙ୍ଗଳର କାରଣ ହେଉଥିଲା । କାଳକ୍ରମେ ଅନ୍ୟ ଜାତୀୟ ଲୋକେ ଏହାକୁ କାଳ ଜନ୍ତୁ ଓ ଦାରିଦ୍ର୍ୟହେତୁ କେବଳ ଧର୍ମରକ୍ଷା ଅଭିପ୍ରାୟରେ କେତେ ଅଳ୍ପ ମୂଲ୍ୟର ହଡ଼ା ବାଛୁରୀ ଅର୍ପଣ କଲେ । ଫଳରେ ଭଲ ଷଣ୍ଢ ଅଭାବରୁ ବର୍ତ୍ତମାନ ଭଲ ବାଛୁରୀ ଦେଖିବା କଠିନ । ଆମ୍ଭେମାନେ ଏ ବିଷୟରେ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଶାସ୍ତ୍ର ବିଧିର ବୃଷୋତ୍ସର୍ଗ ଗୋଟିଏ ପ୍ରଧାନ ଏବଂ ଜୀବହିତକର ଅଙ୍ଗ ଅଟେ । ବୃଷୋତ୍ସର୍ଗ ଶ୍ରାଦ୍ଧ ପାଡ଼ ନ ହେଲେ ବୃଷୋତ୍ସର୍ଗ ହୋଇ ନ ପାରିବାର ବ୍ରାହ୍ମଣେ ନିୟମ କରିବାରୁ ସମସ୍ତ ଲୋକେ ତାହା କରିବାକୁ ବାଧ୍ୟ ହେଲେ । ମଧ୍ୟ ଅନେକ ସ୍ଥଳରେ ପୁରୋହିତ ସେମନ୍ତ ବାଛୁରୀଟାଏ ଦାନ ଦେଲେ ଫଳ ଲାଭ ହେବାର ଯଜମାନଙ୍କୁ ବୁଝାଇଦେବାରୁ ଭଲ ବାଛୁରୀ ଦାନ ଦେଖିବା କଠିନ ହୋଇଅଛି । ପୁଣି ଅନେକ ସ୍ଥଳରେ ପୁରୋହିତ ବାଛୁରୀର ଦାମ ପାଇଲେ ଦାନର ଫଳ ହେଲାବୋଲି କହୁଅଛନ୍ତି । ଶାସ୍ତ୍ରର ବ୍ୟବସ୍ଥା ଏବଂ ତାହାର ଉପକାରିତା ଜନଙ୍କ ଜ୍ଞାନରୁ ଅନଭିଜ୍ଞ ତଥା ଦରିଦ୍ର ହେବା ହେତୁରୁ ପୁରୋହିତଙ୍କ ପତନ ସଙ୍ଗେ ଲୋକଙ୍କର ଅବସ୍ଥା ଅନୁରୂପ ହୋଇଅଛି । ଦେଶର ଅବସ୍ଥା ବା କାର୍ଯ୍ୟକାରିତା ଉପରେ ଦୃଷ୍ଟି ନ ରଖିବାରୁ ଲୋକେ ଯେନ ତେନ ପ୍ରକାରେଣ କାର୍ଯ୍ୟ ସାରୁଅଛନ୍ତି ଏବଂ ପୁରୋହିତ ଅପଣା ଦକ୍ଷିଣା ପାଇଲେ ସନ୍ତୁଷ୍ଟ ହୋଇ ଯାଉଅଛନ୍ତି । କ୍ରିୟାକଳାପକୁ ଅଯଥା ବଢ଼ାଇବାକୁ ଯାଇ ଶେଷକୁ ତାହାର ଉଚ୍ଛେଦ ସାଧିତ ହୋଇଅଛି । ଏହା କେତେଦୂର ଅନିଷ୍ଟଜନକ ସହୃଦୟ ପାଠକମାନଙ୍କଠାରେ ତାହା ବୁଝିପାରିବେ ଏବଂ କି ଉପାୟରେ ଏଥିର ପୁନରୁଦ୍ଧାର ହେବ ସମ୍ଭାବନା ମାନେ ଏହା ଚିନ୍ତାର ବିଷୟ । ଧର୍ମ ନାମରେ ଯେତେଗୁଡ଼ିଏ କ୍ରିୟା ଶାସ୍ତ୍ରରେ ବିଧିବଦ୍ଧ ହୋଇଅଛି ତାହାର ଉପକାରିତା ଦେଖାଇ ଲୋକେ ତାହା ଯେମନ୍ତ ସହଜରେ [illegible] ତାହାର ଉପାୟ କଲେ ଫଳୋପଧାର ହେବ, ଆମ୍ଭମାନଙ୍କର ଏହା ହିଁ ଧାରଣା । ସମ୍ପ୍ରତି ବାଛୁରୀ ଶାଦ୍ ଉଚ୍ଚ ଜାତିର ହିନ୍ଦୁମାନେ ଘରର ଅଣ୍ଡିରା ବାଛୁରୀକୁ ବଳଦ ନ କରି ଷଣ୍ଢ କର ଚଗଡ଼ଲେ ଅନେକ ଉପକାର ହୁଅନ୍ତା ମାତ୍ର ଦୁଃଖକାରଣ ବଳଦର ଦର ଅଧିକ ହେବାରୁ ସେମାନେ ସହରରେ ଅପଣା ଅଣ୍ଡିରା ବାଛୁରୀକୁ ବଳଦ କରୁଅଛନ୍ତି ଏବଂ ସହିତ ବଙ୍ଗାଳମାନେ ବଳଦ କରୁ ନାହାନ୍ତି ମାତ୍ର ଅନେକେ ହେଲା ଭଲ ବାଛୁରୀ ଭଲ ଷଣ୍ଢ ହେଉ ନାହିଁ । ତଥାପି ଯେବେ ଓଡ଼ିଆମାନେ ବଙ୍ଗାଳୀମାନେ ବଳଦ କରୁଅଛନ୍ତି ତେବେ ଷଣ୍ଢ ମଧ୍ୟ ଭଲ ଦୁଃଖର ହୋଇଥାନ୍ତା । ବଳଦ ନ କରି ଏବଂ ଷଣ୍ଢଙ୍କ ବଳଦର ବଳ କାର୍ଯ୍ୟ କରାଇ କରିବାର ଶାସ୍ତ୍ରବିଧି ପ୍ରଚଳିତ ହେଲେ ବୃଷୋତ୍ସର୍ଗର ଅଭିପ୍ରାୟ ସିଦ୍ଧ ଓ ଫଳ ଲାଭ ହେବାର ଆଶା ହୁଅଇ ।

---

## କପାସ ।

ଗଞ୍ଜାମବାସୀ ଲେଖିଅଛନ୍ତି ଯେ ଲୁଗାର ଦର ବଢ଼ିବାର ଯାହା ଦେଖାଯାଏ ତାହାର କାରଣ କପାର ଅଭାବ । ତାହାର ସହଯୋଗୀ ଏ ଦେଶର କୃଷକଗଣଙ୍କୁ କପାସ ବୁଣିବାକୁ ପରାମର୍ଶ ଦେଉଅଛନ୍ତି । ଆମ୍ଭେମାନେ ଏ ଦେଶରେ କପାସର ବୃଦ୍ଧି କାମନା କରୁଁ । ଧାନକ୍ଷେତ କ୍ଷୀଣତା ବୃଦ୍ଧି ହେବା ଉଚିତ ଯେତେବେଳେ ତାହାର ମୂଲ୍ୟ ଉଚ୍ଚ ରହିଅଛି ଏବଂ ଦାନାଉପରେ ସବୁଦ୍ରବ୍ୟର ମୂଲ୍ୟ ନିର୍ଭର କରେ ସେତେବେଳେ କପାସ ବଢ଼ିଲେ ଲୁଗା ଶସ୍ତା ହେବାର ନିଶ୍ଚୟ କୋହିଯାଇ ନ ପାରେ । ତଥାପି ଭାରତର ଲୁଗା କଳାନ୍ତ ପ୍ରଯୋଜନ ଓ ତାହା ଉତ୍ପନ୍ନ କରିବାର ଏକାନ୍ତ ଚେଷ୍ଟା କରିବା କର୍ତ୍ତବ୍ୟ । ପୂର୍ବେ ପ୍ରତ୍ୟେକ କୃଷକ ଧାନ ସଙ୍ଗେ କିଛି କପାସ କରି ଘରେ ସୂତା କାଟି ଲୁଗା ବୁଣାଇ ଅପେ ନିର୍ବାହ ହେଉଥିଲା ଏବଂ ବଳକା କପା ଓ ସୂତା ବିକୁଥିଲା । ଜାପାନୀ ବିଦେଶୀ ଲୁଗା ସୁଲଭ ଦରରେ ମିଳିବାରୁ କପାସଙ୍କ କଳର ବ୍ୟବସାୟ ପ୍ରାୟ ଉଠିଯାଇଅଛି ଓ ଏହା ଧାନକ୍ଷେତରେ ଯାହା ଲାଭ ହେଉଅଛି ତାହାର ଅନେକାଂଶ ଲୁଗାକିଣାରେ ବାହାର ଯାଉଅଛି । ତାହା ଉପରେ ଅଯଥା ସଭ୍ୟତାର ଚଳଣିରେ ଲୁଗାର ଖରଚ ମଧ୍ୟ ଅବସ୍ଥାର ଅଧିକ ବଢ଼ୁଅଛି । ସାଧାରଣ ବଡ଼ଲୋକର ମୂଲ ଶକଳେ ପଚିଶ ଲମ୍ବା ଜୋଗ କରିବାକୁ ହୁଏ । ଅକାଳର ଅଧିକା ଲୁଗାଗଡ଼ ତାହାର ଗୋଟିଏ ଉଦାହରଣ । ମୋଟ ଖଦ ବ୍ରେଷ୍ଟେଡ ଶୁଦ୍ଧ ଓ ତାହା ଉପରେ କୁରୁତା, କୋଟ, ମୋଜା ଇତ୍ୟାଦି ପିନ୍ଧା ସଭ୍ୟହେବା ମନ ନୁହେ । ମାତ୍ର ସେଥି ଗାଆଁ ସହରବାସିମାନେ ତଥା ଉତ୍ପନ୍ନ ଓ ତାହାରୁ

ସୂତା ଓ ଲୁଗା ପ୍ରସ୍ତୁତ କରିବାକୁ ଅକ୍ଷମ ସେମା-
ନଙ୍କର ସେପରି ସହାୟତା ମିଳିବା ଉଚିତ
ନୁହେ କି ? ଅନେକ ଲୋକ ଧୂଆ ପକେଇ ବାନ୍ଧି,
ତାର ଏହି ଦେଶୀ ଶାନ୍ତିପୁରି ସବୁଠା
ମନେ କରିବା ଉଚିତ । ଏ କାଳରେ ଅଧିକ
ଲୁଗାଶବ୍ଦର ଦୃଷ୍ଟିରେ ଦେଖାଯାଏ ବଢ଼ିଗଲା
ଅବଶ୍ୟ ହେଉଅଛି । ମାତ୍ର ଦୁଃଖର ବିଷୟ
ଯେ ବଢ଼ିଗଲା ଦେଶୀ ଆଉ କମ ଜଣାଯାଏ
ହ୍ରାସ ହେଉଅଛି । ଅନେକ ଲୋକର ଧାରଣା
ହୋଇଅଛି ଯେ କପାଗଛରେ ଲାଭ ନାହିଁ ତେଣୁ
ସେମାନେ ତହିଁରୁ ବିରତ ହେଉଅଛନ୍ତି । ମାତ୍ର
ଏହା କପାର ଦୋଷ ନୁହେ ଏଠା ଲୋକଙ୍କ ବୁଦ୍ଧିର
ଦୋଷ । କପା ଦୁଇଜାତି, ଖେଟ ଓ ବଡ଼ ।
ଯାହାର ଗଛ ଖେଟ ତହିଁର ତୁଳା କମ ନୁହେ
ଓ ତହିଁରୁ ମୋଟ କଣା ସରୁସୂତା ହୁଏନାହିଁ ।
ବଡ଼ଗଛ କପାର ତୁଳା କମ ଓ ଅଧିକ ଧୋବ
ଓ ତହିଁରୁ ସରୁସୂତା ପ୍ରସ୍ତୁତ ହୁଏ ବୋଲି ଅଳ-
ଚାଷ ଅଧିକ ଅବଲମ୍ବନୀୟ, ଲୁଗାକଳର ଏହି
କପା ଅଧିକ ଲୋଡ଼ା । ତହିଁରୁ ଅଧିକ ତୁଳା ମିଳେ
ସୁତରାଂ ତହିଁର ମୂଲ୍ୟ ଅଧିକ । ଏ ଅଞ୍ଚଳର
କୃଷିମାନେ ବର୍ତ୍ତମାନ ବଜାରର ଖବର ନ ରଖି
ପୁରୁଣାକାଳର ଖେଟ କପା ଉତ୍ପନ୍ନ କରି ଧନମୂଲ୍ୟ
ନ ପାଇ ଚିନ୍ତିତ ପଡ଼ୁଅଛନ୍ତି । ଧାନ୍ୟ ସହିତ
ବମ୍ବେର ଅଞ୍ଚଳର ଭଉଣ୍ଡିଆ କପାଗଛ କଲେ
ସେମାନେ ଅବଶ୍ୟ ଅଧିକ ଲାଭ କରିବେ ।
ଅନେକଙ୍କର ମୋଟଲୁଗାରେ ସନ୍ତୁଷ୍ଟ ହେଲେ
ଖେଟ କପାରେ ମଧ୍ୟ କ୍ଷତି ନାହିଁ । କୋମଳବସ୍ତ୍ର
ଅପେକ୍ଷା ଗଡ଼ଜାତ ମାଟି ଦଶା ଘରକରି ଅଧିକ
ଉପଯୋଗୀ । ଭଲମନ୍ଦ ଅଣାଇ ଲୁଗାବସ୍ତ୍ରର
ପ୍ରସ୍ତୁତପଦ୍ଧତିରେ ବଡ଼ କପାର ଗୁଣ କଲେ
ଯଥେଷ୍ଟ ଲାଭ ହେବ ସନ୍ଦେହ ନାହିଁ । ମାତ୍ର
ପଥପ୍ରଦର୍ଶନ ଓ ସାହାଯ୍ୟ କଲା ମୂର୍ଖଗ୍ରାମ କେ
ମିଳିବାକୁ ପାଇବେ କି ? ସରକାର ଏହି
ଉଦ୍ଦେଶ୍ୟରେ କଟା କମଦାର ପ୍ରଭୃତି ଭୂମିମାନ
ବ୍ୟକ୍ତିଙ୍କ ସହାୟ କରି ପ୍ରାଦେଶିକ ଓ ଜିଲ୍ଲା କୃଷି
ସମିତିମାନ ଗଠନ କରଅଛନ୍ତି ଏବଂ ସଭ୍ୟମାନଙ୍କ
ଜାଣିବା କାରଣ ପ୍ରତିବର୍ଷରେ ଗୋଟିଏ
ଲେଖାଏ କୃଷି ପୁସ୍ତିକାଲୟ ସ୍ଥାପନ କରି ପୁସ୍ତିକା,
ଓ ସାମୟିକପତ୍ରିକାଦି ଯୋଗାଉ ଅଛନ୍ତି । କେହି
ଶ୍ରମସ୍ୱୀକାରପୂର୍ବକ ସେ ସମସ୍ତ ପାଠ ଏବଂ
ଅବଶେଷରେ ତହିଁର ଫଳ ନ ଦେଖାଇଲେ
ଅକ୍ଷରଜ୍ଞଙ୍କର ଅଶିକ୍ଷିତ ଓ ଦରିଦ୍ରତା ଦୂର
ହେବାର ଅନ୍ୟ ଭଲ ଉପାୟ ନାହିଁ । କାର୍ଯ୍ୟ
ଲଗୁରେ କମିଟୀଙ୍କୁ ଉପଦେଶ ଦେବା ବିଫଳ ।
ସେଥିପାଇଁ ଭଲଖର ବା ପଢ଼ାଶୁଣାରେ ଏତ
ଧରାଇ ଅପକ୍ଷ ସେମାନେ ସମ୍ପାଦକ ପୁସ୍ତିକା

ସମ୍ପାଦକ ଉପଦେଶ ଲୁଣ୍ଠି କାର୍ଯ୍ୟ କରିବାକୁ
ସମର୍ଥ ହେବେ କି ? ଅତଏବ କପା ବା ଅନ୍ୟ
କୃଷ୍ୟ ପ୍ରୟୋଜନୀୟ ଦ୍ରବ୍ୟର ଗୁଣ ବିଷୟରେ
ଜଣା କରିବାକୁ ପ୍ରଜାଙ୍କ ଏହି ସାହାଯ୍ୟ-
କରିବାକାରଣ ଆମ୍ଭେମାନେ ଅନୁରୋଧ କରୁ-
ଅଛୁଁ । କେହି ଗଡ଼ଜାତଗୁଡ଼ା ଏଥିରେ
ମନୋଯୋଗୀ ଥିବାର ଆମ୍ଭେମାନେ ଶୁଣିଅଛୁଁ
ମାତ୍ର ଅନେକଙ୍କୁ ପଥିକ ହେବାର ଆମ୍ଭେମାନେ
ଆଶା କରୁଁ ।

—୦*୦—

ଗ୍ରାମ୍ୟ ସମିତି ।

ଗତ ହିନ୍ଦୁସ୍ଥାନ ରିଭ୍ୟୁରେ ଶ୍ରୀଯୁତ ଏସ୍
ସୁବ୍ରହ୍ମଣ୍ୟମହାଶୟ ଭାରତବର୍ଷର ଗ୍ରାମ୍ୟସମିତି
ସମ୍ବନ୍ଧରେ ଗୋଟିଏ ଚିନ୍ତାଶୀଳ ପ୍ରବନ୍ଧ ଲେଖି-
ଅଛନ୍ତି । ଭାରତବର୍ଷର ପ୍ରତ୍ୟେକ ଗ୍ରାମରେ
ପୁରାକାଳରୁ ଗ୍ରାମ୍ୟସମିତି ଅଛି । ପ୍ରତ୍ୟେକ ଗ୍ରାମ-
ରେ ବଢ଼ାଇ, କମାର, ଭଣ୍ଡାରି, ଧୋବା ପ୍ରଭୃତି
ରହିଥାନ୍ତି ଯେ ସେମାନେ ଗ୍ରାମବାସିଙ୍କ ପ୍ରତ୍ୟ-
କ୍ଷରୂପ କାର୍ଯ୍ୟ କରିବାକୁ ବାଧ୍ୟ । ପ୍ରତ୍ୟେକ
ଗ୍ରାମରେ କେତେକ ଜଣ ପ୍ରଧାନ ଲୋକ ଅଛନ୍ତି
ଯେ ସେମାନେ ପଞ୍ଚାଏତ ସ୍ୱରୂପ ବସି ଗ୍ରାମର
ଅଭିଯୋଗ କଥା ଶ କରନ୍ତି । କେବଳ ଦୁଃଖିତ
ହୋଇ କହୁଅଛନ୍ତି ଯେ ଏହିରୂପରେ ପ୍ରତ୍ୟେକ
ଗ୍ରାମର ପୁରାକାଳରୁ ବସିଥିବା ଗ୍ରାମ୍ୟସମିତିର
ବଳ ବର୍ତ୍ତମାନକୁ କ୍ଷୟ ହୋଇଯାଉଅଛି ।
ସରକାର ଓ ସେମାନଙ୍କ ମଧ୍ୟରେ ଜମିଦାର ଓ
ପ୍ରଧାନ ପ୍ରଭୃତି ପ୍ରତିଷ୍ଠିତରେ ଏମାନଙ୍କର
କ୍ଷମତା ଗ୍ରାମମାନଙ୍କରେ ନାନା କାର୍ଯ୍ୟାଣ ସ୍ଥା...
ନରେ ମାତ୍ର ବୋମ୍ବାଇ ଓ ମାନ୍ଦ୍ରାଜ ପ୍ରଦେଶ ପ୍ରାୟ
ସେଥିପାଇଁରେ ରାୟତ୍ୱାରୀ ବନ୍ଦୋବସ୍ତ
ବନ୍ଦୋବସ୍ତ ହୋଇଅଛି ସେଠାରେ ସରକାରଙ୍କ
ପକ୍ଷରୁ କୌଣସି ଗ୍ରାମ୍ୟ କର୍ମଚାରୀ ଥିଲେସୁଦ୍ଧା
ଉପୁର ସହିତ ହେତୁ ପଞ୍ଚାୟତ ମେଳ ରହିବାର
ଦେଖାଯାଏ ନାହିଁ । ଏଣେ ଜମାବୃଦ୍ଧି ଓ ଭୂସଂ-
ଜଣ୍ଡ ଚଟିଭଗ୍ନରେ ଆଦାୟ ହେବା ଏବଂ ଭଗର-
ମାନ ସମୃଦ୍ଧି ସମ୍ପନ୍ନ ହେବାହେତୁ ଗ୍ରାମମାନ
ଙ୍କର କେମନ୍ତ ଶ୍ରୀ ନାହିଁ । ଆମ୍ଭେମାନେ ଏ
ବିଷୟରେ ପାଠକମାନଙ୍କର ତଥା ଗବର୍ଣ୍ଣମେଣ୍ଟ
ଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ସ୍ୱାୟତ୍ତ-
ଶାସନ ନୀତି ଚଳାଇବା ସମୟରେ ଦୟାଶୀଳ
ଇଂରାଜ ଗବର୍ଣ୍ଣମେଣ୍ଟ ଗ୍ରାମ୍ୟପଞ୍ଚାଏତ ଗଢ଼ିକରି
ଲୋକଙ୍କୁ କ୍ଷମତାର ଅଧିକାର ପ୍ରଦତ୍ତ ହେବାର
ଆଶା ହେଉଅଛନ୍ତି । ଗ୍ରାମର ଲୋକଙ୍କ ନିକଟରେ
ସେପରି ଗ୍ରାମର ବିଷୟମାନ ସହଜରେ ଏବଂ
ସୁନ୍ଦରଭାବରେ ନିଷ୍ପତ୍ତି ହେବ ଅନ୍ୟପ୍ରକାରେ
ତାହା ହେବା କଠିନ । ଏ ବିଷୟ ସ୍ୱାଧୀନତା-

ପ୍ରିୟ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଯେତେଦୂର ଜଣା
ଅନ୍ୟ କୌଣସି ଗବର୍ଣ୍ଣମେଣ୍ଟ ସେତେ ବୁଝି
ପାରିବେ ନାହିଁ । ଭଗବାନ ସମୃଦ୍ଧିଶାଳୀ
ହେବା ବାଞ୍ଛନୀୟ ଏବଂ ତାହା ସୁଶାସନଃ ଅଧିକ-
ଲୋକଙ୍କ ଆକର୍ଷଣ କରେ । ତେବେ ଗ୍ରାମବାସ-
ଙ୍କର ଶ୍ରୀ ଓ ସୌନ୍ଦର୍ଯ୍ୟ ରକ୍ଷିତ ହେବା ବାଞ୍ଛନୀୟ ।
ଜମିଦାର, ମହାଜନ, ସରବରାହକାର, ପ୍ରଧାନ ପ୍ର-
ଭୃତିଙ୍କ ଯୋଗେ ଗ୍ରାମର ଶ୍ରୀ ଯେ ବୃଦ୍ଧି
ହୁଏ ଏଥିରେ ସନ୍ଦେହ ନାହିଁ । ଜମିଦାର ପ୍ର-
ଭୃତି ପ୍ରଜାଙ୍କ ଉପରେ ଅତ୍ୟାଚାର କରନ୍ତି
ଅନେକ ଲୋକଙ୍କର ଧାରଣା ଏବଂ ଜଣେ ଯେ
ଅତ୍ୟାଚାର ନ କରନ୍ତି ଏହା ଆମ୍ଭେମାନେ କହୁ
ନାହୁଁ । ପୂର୍ବେ ସରକାର ଗବର୍ଣ୍ଣମେଣ୍ଟ ଯେମନ୍ତ
ଜମିଦାରଙ୍କ ଉପରେ ଅତ୍ୟାଚାର କରୁଥିଲେ
ସେମନ୍ତ ଜମିଦାର ପ୍ରଜାଙ୍କୁ ଅତ୍ୟାଚାର କରିବାକୁ
ଛାଡ଼ୁ ନ ଥିଲେ । ମାତ୍ର ବର୍ତ୍ତମାନ ଦାଦାପ୍ରଥାର
ହ୍ରାସକର ଆଇନ ହୋଇ ସୁଶାସନଦ୍ୱାରା ତାହା
କମାଇଲା ହୋଇଅଛି । ସୁତରାଂ ବର୍ତ୍ତମାନ
ଅତ୍ୟାଚାର ନାହିଁ ହୋଇଲେ ଚଳେ ଏବଂ
ସେଥିପାଇଁ ରେନ୍ଟଲ ସାଲା ହୁଏ ସେଠାରେ
ଗ୍ରାମ୍ୟପକ୍ଷମାନେ ଦକ୍ଷତେ ତହିଁର ପ୍ରତିବିଧାନ
କରିବାକୁ ସକ୍ଷମ ହୁଅନ୍ତି । ଅନ୍ୟପକ୍ଷରେ ଜମି
ଦାର ମହାଜନ ପ୍ରଭୃତିମାନଙ୍କ ସହାୟତାରେ
ନାନାପ୍ରକାରରେ ଉପକୃତ ହୁଅନ୍ତି । ତାଙ୍କର
ଦାମାଦ୍ୟ ପାଇଁ ସ୍ୱତନ୍ତ୍ର ସମସ୍ତ କଥା କହୁଁରେ
ଗ୍ରାମରେ ରହିଲେ ହୁଏ ଏବଂ ସେଥିଯୋଗୁଁ ତାଙ୍କ-
ଠାରେ ସରକାରୀ କର୍ମଚାରୀଙ୍କ ନିକଟ ବା
ଦରଖାସ୍ତ ଦିଆ ଯାଇ ସେ ନଜରର ଶତ କରି-
ବାକୁ ହୁଏନାହିଁ । ବର୍ତ୍ତମାନ ସ୍କୁଲଗୃହ ବା ଗ୍ରାମ
ମଣ୍ଡଳୀ ବସାଇ ସରକାରଙ୍କୁ ପ୍ରେସିଡେଣ୍ଟ ନିଯୁକ୍ତ
ହେବାର ପ୍ରଥା ପ୍ରଚଳିତ ହେଲେହେଁ ସେମାନଙ୍କ
ହସ୍ତରେ ସେଭଳି କ୍ଷମତା ଏବଂ ସମ୍ମାନ ଦେବା-
ଇବାର ଅଧିକାର ଦିଆଯାଇଅଛି ତହିଁରେ
ପ୍ରଜାଙ୍କ ସଙ୍ଗେ ମେଳ ରହିବାର ଆଶା କରାଯାଏ
ନାହିଁ । ବରଂ ପ୍ରେସିଡେଣ୍ଟ ଓ ମେମ୍ବରମାନେ
ମଫସଲରେ ପୁଲିସ୍‌କ୍ଷମତା ଚଳାନ୍ତି ଓ ପ୍ରଜାଏ
ତାଙ୍କୁ ଡର କରିଥାନ୍ତି । ଗ୍ରାମର ଚୌକିଦାର
ପ୍ରଜାଙ୍କର ଭୃତ୍ୟ ଥାଇ ଯେମନ୍ତ କାର୍ଯ୍ୟ କରୁଥିଲା
ବର୍ତ୍ତମାନ ତଦ୍‌ବ୍ୟତୀତ ପୁଲିସ୍‌କ୍ଷମତା ପାଇ
ଗ୍ରାମରେ ଅଧିପତ୍ୟ ଚଳାଇ ହେଲା କରୁଅଛି ।
ଏ ସମସ୍ତ ଚିନ୍ତା କଲେ ପୁରାତନ ଗ୍ରାମ୍ୟସମିତି
ସଂଗଠିତ ହେଲେ ଲୋକଙ୍କର ଉପକାର ହେବ
ଏହା ସମସ୍ତଙ୍କର ତଥା ଗବର୍ଣ୍ଣମେଣ୍ଟଙ୍କର ଚିନ୍ତାର
ବିଷୟ ଅଟଇ ।

ସାଲଭା ବରୁଣ ବଲୁଗା ।

ଗତ ଅପ୍ରେଲ ମାସରେ ସମ୍ବଲପୁରରେ
ହିନ୍ଦୁସ୍ଥାନୀ ଓ ବଙ୍ଗାଳୀ ଦାସୁପ୍ରମାଣଙ୍କର ସେଉ

ସନ୍ନିହିତ ସଭାର ଅଧିବେଶନ ହୋଇଥିଲା ତହିଁରେ ଚଳିତ ହାଇକୋର୍ଟର ଭୂତପୂର୍ବ ବିଚାରପତି ମାନ୍ୟବର ସାରଦାଚରଣ ମିତ୍ର ମହୋଦୟ ଗୋଟିଏ ସୁନ୍ଦର ବକ୍ତୃତା କରିଥିଲେ । ପାଠକମାନଙ୍କ ଅବଗତି ନିମିତ୍ତ ତହିଁରୁ ଏକଦେଶାଂଶ ନିମ୍ନରେ ଉଦ୍ଧାର କଲୁଁ, ଯଥା;—

"ବିଦ୍ୟାଲୋଚନା ପ୍ରତି ଅମ୍ଭମାନଙ୍କର ବିଶେଷ ମନୋନିବେଶ ଆବଶ୍ୟକ । ବେଦ, ବେଦାଙ୍ଗ ଦର୍ଶନାଦି ଆର୍ଯ୍ୟ ବିଦ୍ୟାରେ ଅମ୍ଭମାନଙ୍କର ସମ୍ୟକ୍ ପ୍ରବେଶ କରିବା ଆବଶ୍ୟକ । ଅନେକ ପ୍ରଦେଶରେ କାୟସ୍ଥଗଣ ଉଚ୍ଚ ପଦସ୍ଥ ହେଲେହେଁ ବିଦ୍ୟା ବୁଦ୍ଧି ନିମିତ୍ତ ସର୍ବତ୍ର ସମ୍ମାନିତ ହେଲେହେଁ ସେମାନେ ଶୂଦ୍ରଶ୍ରେଣୀର ଅନ୍ତର୍ଗତ ବୋଲି ଓ ତାର ଉଚ୍ଚାରଣରେ ଅନଧିକାରୀ ହୋଇଅଛନ୍ତି କିନ୍ତୁ ପ୍ରକୃତ ପ୍ରସ୍ତାବରେ ସେମାନେ ଶୂଦ୍ର ନୁହନ୍ତି । ସେମାନେ ଆର୍ଯ୍ୟବଂଶ ସମ୍ଭୂତ ଦ୍ୱିଜାତିର ଅନ୍ତର୍ଗତ । ଜାତି ଶ୍ରେଣୀ ମଧ୍ୟରେ ସେମାନେ ଉଚ୍ଚାସନ ଅଧିକାର କରି ରହିଅଛନ୍ତି ମାତ୍ର ବଡ଼ ଦୁଃଖର ବିଷୟ ଯେ ସେମାନେ ଅନେକେ ପ୍ରକୃତ ଶୂଦ୍ରତ୍ୱର ଅନୁଗତ । ଜାତୀୟ ଉନ୍ନତି ଏବଂ ପ୍ରତ୍ୟେକ କାୟସ୍ଥର ଆତ୍ମୋନ୍ନତି ନିମିତ୍ତ ବେଦାଧିକାର ଆବଶ୍ୟକ । ତେବେ ଗୁରୁତର ଲୁପ୍ତ (?) କାୟସ୍ଥ ସମାଜର ଅପରିସୀମ କ୍ଷତି କରୁଅଛି, ଅନ୍ତର୍ଗତ ବିବାହର ଅଭାବ, ବିବାହ ବ୍ୟୟ, ବରକର୍ତ୍ତାର ଶୁଳ୍କଗ୍ରହଣ, ସମୁଚିତ ସ୍ତ୍ରୀଶିକ୍ଷାର ଅଭାବ ପ୍ରଭୃତି ଅନେକ ବିଷୟରେ ଅମ୍ଭମାନଙ୍କ ମନୋଯୋଗ ଆବଶ୍ୟକ । ଭାରତବର୍ଷୀୟ ସମସ୍ତ କାୟସ୍ଥ ଏକତ୍ରୀଭୂତ ହୋଇ ଅମ୍ଭମାନଙ୍କର ପ୍ରକୃତ ବୃଦ୍ଧି କରିବାର ଆୟୋଜନ ନିତାନ୍ତ ଆବଶ୍ୟକ । * * * * ଶାସ୍ତ୍ରକାରମାନେ କାୟସ୍ଥମାନଙ୍କ କ୍ଷତ୍ରିୟ ବର୍ଣ୍ଣାନ୍ତର୍ଗତ କରିଅଛନ୍ତି । କାୟସ୍ଥ ଜାତିର ମୂଳ ଯାହା ହେଉ ଅମ୍ଭେମାନେ ସମସ୍ତେ ଏକ ଶ୍ରେଣୀସ୍ଥ ଏବଂ ଅମ୍ଭେମାନେ ଯେ ଶତରେ ପତିତ ଅଛୁଁ ତହିଁର ପ୍ରତିଷ୍ଠା ରକ୍ଷା ସକାଶେ ସମବେତ ଚେଷ୍ଟା କରିବା ଅମ୍ଭମାନଙ୍କର ନିତାନ୍ତ କର୍ତ୍ତବ୍ୟ । ମୂଳ ବିଷୟରେ କୌଣସି ପ୍ରୟୋଜନ ନାହିଁ । କେବେ ଏ କଥା ନିଃସନ୍ଦେହ ବୋଲାଯାଇ ପାରେ ଯେ ଅମ୍ଭେମାନେ ଶୂଦ୍ର ନୋହୁଁ । ଅମ୍ଭମାନଙ୍କର ଶୂଦ୍ରତ୍ୱର ଚିହ୍ନ ନାହିଁ । ଅମ୍ଭମାନଙ୍କର ଯେ ଶାସ୍ତ୍ରରେ ଅଧିକାର ଥିଲା ସେ ବିଷୟରେ କୌଣସି ସନ୍ଦେହ ନାହିଁ । ସରହର୍ବର୍ଟ ରିଜଲି ସାହେବ ଅମ୍ଭମାନଙ୍କୁ ମୋଙ୍ଗଲ ଓ ଦ୍ରାବିଡ଼ୀୟ ବୋଲି ସୁଦ୍ଧା ଅପରିଷ୍କାରରେ କହିଅଛନ୍ତି ଯେ ଅନ୍ତତଃ ବଙ୍ଗଦେଶୀୟ କାୟସ୍ଥଗଣ ଆର୍ଯ୍ୟ ସନ୍ତାନ । ବଙ୍ଗଦେଶସ୍ଥ, ଓ ପଶ୍ଚିମାଞ୍ଚଳସ୍ଥ ସକଳ କାୟସ୍ଥ ଚିତ୍ରଗୁପ୍ତ ଦେବଙ୍କ ସନ୍ତାନ, ସମସ୍ତେ ଏକ ବ୍ୟବସ୍ଥାସ୍ଥ, ଅମ୍ଭେମାନେ କାହିଁକି ଏକତ୍ରିତ ହୋଇ ନ ପାରୁଁ ? ବଙ୍ଗଦେଶୀୟ କାୟସ୍ଥମାନଙ୍କର ଅଧୁନା ଜନକ ଶୂଦ୍ରାପବାଦ ଅଛି । ସେ ଅପବାଦ ସହଜରେ ମୋଚନ ହୋଇପାରେ । ସେମାନେ ଅନେକେ ଏବେ ସଂସ୍କାରଯୁକ୍ତ ହୋଇଅଛନ୍ତି । ଦ୍ୱିଜାତି ସମୁଚିତ ଆଚାର ହେଲେ ସମସ୍ତ ଭାରତବର୍ଷୀୟ କାୟସ୍ଥର ସାମାଜିକ ଏକତା ଅତି ସହଜ ହେବ । ହିନ୍ଦୁସ୍ଥାନୀ କାୟସ୍ଥମାନେ ବଙ୍ଗଦେଶୀୟ କାୟସ୍ଥମାନଙ୍କୁ ଆଚାରଭ୍ରଷ୍ଟ ମନେ କରନ୍ତି । ବଙ୍ଗଦେଶୀୟ କାୟସ୍ଥମାନେ ଉପବୀତଧାରୀ ହେଲେ ସେ ଭାବ ତିରୋହିତ ହେବ ।

ଅନେକେ ମନେ କରନ୍ତି ଯେ ଲିପି ଓ ଭାଷାର ବିଭିନ୍ନତା ଏବାରେ ସାମାଜିକ ଏକତା ଅସମ୍ଭବ ମାତ୍ର ଅମ୍ଭମାନଙ୍କର ବର୍ଣ୍ଣମାଳା ଏକଲିପିର ପାର୍ଥକ୍ୟ ଗୁରୁତର ନୁହେ । ସେ ପାର୍ଥକ୍ୟ ଯହିଁରେ ନ ଥାଏ ସେଥି ସକାଶେ ବିବେଚକ ବ୍ୟକ୍ତି ମାତ୍ରେ ଯତ୍ନବାନ୍ ହୋଇଅଛନ୍ତି । ଆଶା କରୁ ସେ ପାର୍ଥକ୍ୟ ଅଧିକଦିନ ରହିବ ନାହିଁ ।

ଭାଷାର ପାର୍ଥକ୍ୟ ଗୁରୁତର ବୋଧ ହୋଇପାରେ । ସ୍ୱାମୀ ସ୍ତ୍ରୀର ଭାଷା ବୁଝିବ ନାହିଁ, ସ୍ତ୍ରୀ ସ୍ୱାମୀର ଭାଷା ବୁଝିବ ନାହିଁ ଏ କଥା ଟିକିଏ ଗୁରୁତର ବୋଧ ହୋଇପାରେ ମାତ୍ର ସେ ଭୟ ଅମ୍ଭେ ବଙ୍ଗୀୟ ସାହିତ୍ୟ ସମ୍ମିଳନରେ ଦେଖାଇଅଛୁଁ ଯେ ଭାଷାର ପାର୍ଥକ୍ୟ ଅକିଞ୍ଚିତ୍କର । ଅତ୍ର ସର୍ବଦା ଦେଖାଯାଉଅଛି ହିନ୍ଦୁସ୍ଥାନୀ ଓ ବଙ୍ଗାଳୀ ସ୍ତ୍ରୀ ଅତି ସହଜରେ ପରସ୍ପରର ଭାଷା ଶିଖିପାରେ । ବିଶେଷତଃ ସକଳ ବିଦ୍ୱାନ୍ ଓ ବିଚକ୍ଷଣ ଭାରତବାସିମାନଙ୍କର ପରସ୍ପରର ପ୍ରଧାନ ପ୍ରଧାନ ଭାଷା ଶିକ୍ଷା କରିବା କର୍ତ୍ତବ୍ୟ । ଅମ୍ଭେମାନେ ପରସ୍ପର ଭାଷା ଶିଖିବୁଁ ହିନ୍ଦି ଶିଖିବୁଁ ନାହିଁ ଏ କଥା ମନେ ହେଲେ ଅମ୍ଭମାନଙ୍କର ଅନ୍ତଃକରଣ ଉଦ୍ବେଗ ହେବା ଉଚିତ । ଅମ୍ଭେମାନେ ସମସ୍ତେ ଏକ ସନାତନ ଧର୍ମାବଲମ୍ବୀ, ଏକଦେଶସ୍ଥ, ଏକସକଳଶାସକାଧୀନ, ଅମ୍ଭମାନଙ୍କର ପ୍ରାଚୀନ ସଂସ୍କୃତ ଭାଷା ଏକ, ଅମ୍ଭେମାନେ କି ଏତେ ଅପଦାର୍ଥ ଯେ ଅମ୍ଭେମାନେ ଭାଷାରେ ଏକ ହୋଇ ନ ପାରୁଁ ? ସାମାନ୍ୟ ବିଭିନ୍ନତାରେ ଅମ୍ଭେମାନେ କାହିଁକି ସଙ୍କୁଚିତ ହେଉଅଛୁଁ । ଆସନ୍ତୁ ଅମ୍ଭେମାନେ ସମସ୍ତେ ଭ୍ରାତୃଭାବରେ ପ୍ରେମାଲିଙ୍ଗନ କରୁଁ ।"

ଅମ୍ଭେମାନେ ଉପରୋକ୍ତ କଥା ସ୍ୱଜାତି ହିତୈଷୀଚିତ୍ତରେ ଅନୁଧ୍ୟାନ କରିବା ନିମନ୍ତେ ଏ ପ୍ରଦେଶସ୍ଥ ସମସ୍ତ କାୟସ୍ଥ ଓ କରଣମାନଙ୍କୁ ଅନୁରୋଧ କରୁଅଛୁଁ । ଏକତାର ଫଳ ମହାନ୍ ଓ ତହିଁରୁ ବଞ୍ଚିତ ରହିବା ଯେଉଁଭଳି ଅନୁଚିତ ସେମନ୍ତ ଅମନସ୍କତାର ପରିଚାୟକ ।

---

## ଉପାଧିପତ୍ର ପ୍ରଦାନ ସଭା ।

ଏଥିପୂର୍ବ ଉପାଧି ବିତରଣ ସମୟରେ ଓଡ଼ିଶାରେ ଯେଉଁମାନେ ଉପାଧି ପାଇଥିଲେ ସେମାନଙ୍କୁ ତହିଁର ସନନ୍ଦ ଓ ଖିଲତ ଦେବା କାରଣ ଗତ ବୁଧବାର ଓଡ଼ିଶାର କମିଶନର ସାହେବ ସକାଳ ଆଠଘଣ୍ଟା ବେଳେ ଆପଣା କଚେରିରେ ଏକ ସଭା କରିଥିଲେ । ସାହେବ ମହୋଦୟଙ୍କର ଆମନ୍ତ୍ରଣ ମତେ ପ୍ରାୟ ଏକଶତ ଇଉରୋପୀୟ ଓ ଦେଶୀୟ କର୍ମଚାରୀ ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତି ସମସ୍ତ ଓଡ଼ିଶା [illegible] କଲେକ୍ଟର, ସ୍କୁଲ ଇନସ୍ପେକ୍ଟର, କଲେଜର ପ୍ରିନ୍‌ସିପଲ ଯାଦସ୍ ଯୁଙ୍ଗ (?) ସାହେବ ରାଜା [illegible], ରାଜା ବଳରାମପୁର (?) ରାୟ ବାହାଦୁର [illegible] ନାୟକ, ରାୟ ମଧୁସୂଦନ ରାଓ ବାହାଦୁର, ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇ, ବାବୁ ବିହାରୀଲାଲ ପଣ୍ଡିତ, ବାବୁ ଯୋଗେନ୍ଦ୍ରନାଥ ବସୁ ପ୍ରଭୃତି ଉପସ୍ଥିତ ହୋଇଥିଲେ । ମାନ୍ୟବର ଓଡ଼ିଶା କମିଶନର ଶ୍ରୀଯୁକ୍ତ ଗାରେଟ୍ ସାହେବ ଯଥା ସମୟରେ ସଭାସ୍ଥଳରେ ପ୍ରବେଶ କରି ସଭାପତିର ଆସନ ଗ୍ରହଣ ପୂର୍ବକ ପ୍ରଥମେ ଉପାଧି ସନନ୍ଦ ବିତରଣ ସକାଶେ ଏହି କ୍ଷୁଦ୍ର ଦରବାର ହେଉଥିବାର କହି ପ୍ରତ୍ୟେକ ଉପାଧିପ୍ରାପ୍ତ ବ୍ୟକ୍ତି ସମ୍ମାନ ପାଇଥିବାର କାରଣ ନିମ୍ନଲିଖିତରୂପେ ଜଣାଇଲେ ଯଥା—

ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର—ଏ ମହାଶୟ ପୁରୀଜିଲ୍ଲାରେ ସଂସ୍କୃତ ଶିକ୍ଷା ବିସ୍ତାରରେ ଅନେକ ପରିଶ୍ରମ କରି ଅଛନ୍ତି ଓ ବଳଯୋଗ ପ୍ରଭୃତି ଓଡ଼ିଆ ପଣ୍ଡିତଗଣ ରଚିତ ଅନେକ ପୁସ୍ତକ ସ୍ମୃତି ଓ ଅନ୍ୟାନ୍ୟ ଗ୍ରନ୍ଥ ସଂଗ୍ରହ ଓ ସଂକଳନ କରି ବଙ୍ଗଳା ଏସିଆଟିକ ସୋସାଇଟିକୁ ଭେଟି ଅଛନ୍ତି । ସଂସ୍କୃତରେ ଏହାଙ୍କର ଅସାଧାରଣ ଜ୍ଞାନ ଅଛି ମହାମହୋପାଧ୍ୟାୟ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ଏମ୍, ଏ ସରକାର ପକ୍ଷରୁ ଓଡ଼ିଶାର ସଂସ୍କୃତ ଶିକ୍ଷାର ଅବସ୍ଥା ଅନୁସନ୍ଧାନ କାର୍ଯ୍ୟରେ ଯାଇଥିବା ସମୟରେ ଏ ମହାଶୟ ତାହାଙ୍କୁ ଅନେକ ସାହାଯ୍ୟ କରିଥିଲେ ଏବଂ ଏହାଙ୍କ ପରାମର୍ଶମତେ ସରକାର ସାହାଯ୍ୟରେ ପୁରୀର ପ୍ରଧାନ ସଂସ୍କୃତ କେନ୍ଦ୍ର ସମୂହରେ ଟୋଲମାନ ସ୍ଥାପିତ ହୋଇଅଛି । ଶିକ୍ଷାବିଭାଗ ବଙ୍ଗଳା ଏସିଆଟିକ ସୋସାଇଟି ବିଶେଷତଃ ଅକ୍ସଫୋର୍ଡ ୟୁନିଭରସିଟିର ଅଧ୍ୟାପକ ମାକ୍‌ଡୋନେଲ ସାହେବ ଏହାଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ ।

ରାୟ ପୂର୍ଣ୍ଣଚନ୍ଦ୍ର ମୌଳିକ ବାହାଦୁର—ଏ ମହାଶୟ ସନ ୧୯୦୭ ସାଲର ବନ୍ୟା ସମୟରେ କେନ୍ଦ୍ରାପଡ଼ା ସବଡିଭିଜନ [illegible] ଥାଇ ଭଲ କାର୍ଯ୍ୟ କରିଥିଲେ । ଫଳେ

ଯାଜପୁରରୁ ବଦଳି ହୋଇ ସେହି ସାହାଯ୍ୟ କାର୍ଯ୍ୟର ସବୁ ଯାକ ବର୍ତ୍ତିରେ ବିଶେଷ କାର୍ଯ୍ୟ ଦକ୍ଷତା ଦେଖାଇ ଜିଲ୍ଲା କଲେକ୍ଟର ମାରେଟ ଓଡ଼ିଶା କମିଶନର ଲେଭିଞ୍ଜ ସାହେବମାନଙ୍କର ପ୍ରଶଂସା ଲାଭ କରିଥିଲେ । ଏ ମହାଶୟ ଜଣେ ବିଶେଷ ଯୋଗ୍ୟ ଓ ସରଳ ଚରିତ୍ରବାନ୍ ଏବଂ ଏ ବର୍ଷର ଜାଜପୁର ପ୍ରଦର୍ଶନୀ ତାହାଙ୍କ ଉଦ୍ୟମ ଏବଂ କାର୍ଯ୍ୟକାରିତାରେ ବଡ଼ ସଫଳ ହୋଇଅଛି ସବଡିଭିଜନରେ ତାହାଙ୍କର ସୁଖ୍ୟାତି ପ୍ରକାଶିତ ଅଛି ।

ରାୟ ଅଚ୍ୟୁତାନନ୍ଦ ଘୋଷ ବାହାଦୂର— ଏ ମହାଶୟ ଅଟର୍ଣ୍ଣି ହେଲେ ଆପଣା କାର୍ଯ୍ୟରେ ବିଶେଷ ଯୋଗ୍ୟତା ଓ ଗୁଣ ଦେଖାଇ ଆସିଅଛନ୍ତି । ଏ ନଗରର ମେଡିକାଲସ୍କୁଲ ଓ କଲେଜେ ହାସପାତାଲର ସୁବନ୍ଦୋବସ୍ତ ଏବଂ ଉନ୍ନତିରେ ସର୍ବଦା ମନୋଯୋଗ ଏବଂ ଏକାନ୍ତ ମଙ୍ଗଳାକାଂକ୍ଷୀ ସ୍ୱଭାବ ଦେଖାଯାଇ ଅଛି । ଯେଉଁମାନେ ଏ ତାଙ୍କ ସହିତ କାର୍ଯ୍ୟ କରୁଅଛନ୍ତି ସେମାନେ ବିଶେଷ ପ୍ରଶଂସା ଓ ଆଦର କରୁଅଛନ୍ତି ।

ରାୟ ସାହେବ ପ୍ରାଣକୃଷ୍ଣ ସେନ୍— ଏ ମହାଶୟ ପ୍ରଥମେ ସନ ୧୮୮୫ ସାଲରେ ଓଭରସିୟର ନିଯୁକ୍ତ ହୋଇ ହୁଡ଼କୋଲା ଜଷାପୁର ନିର୍ମାଣରେ କାର୍ଯ୍ୟ ନିପୁଣତା ଦେଖାଇଥିଲେ । ପରେ ପଞ୍ଚାମୃତ ଡାଲର ଖାଲ ନାଳମାନ ନିର୍ମାଣ ଏବଂ ତାଳଦଣ୍ଡା କେନାଲ ଓ ହାଇ ଲେବଲ କେନାଲର ଜଳକର ବନ୍ଦୋବସ୍ତ କାର୍ଯ୍ୟମାନ ଏହାଙ୍କର ପ୍ରଶଂସନୀୟ ଉତ୍ସାହରେ ସୁସମ୍ପାଦିତ ହୋଇ ଥିଲା । ଗତ ତିନି ବର୍ଷ ହେଲା କଟକର ସବ ଡାକ କୋଠି ଉପରର ଭାର ପାଇଅଛନ୍ତି ଓ ସନ ୧୯୦୭ ସାଲରେ ଅଡ଼ିଶନାଲ ଡିଷ୍ଟ୍ରିକ ଇଞ୍ଜିନିୟର ହୋଇ ଅଛନ୍ତି ।

କମିଶନରସାହେବ ମହୋଦୟ ଏହିପରି ପଦବୀ ଦେଇ କଟକ ଶେଷ ଦଳରୁ ଉପର- ଲିଖିତ ବ୍ୟକ୍ତିମାନେ ଏବଂ ପରେ ଏହି ତାହାଙ୍କ ହାତରୁ ଅସି ସନନ୍ଦ ନେଇ ବିଦାୟ ହେଲେ ଓ ସଭା ଭଙ୍ଗ ହେଲା । ମହାମହୋପାଧ୍ୟାୟ ବାବା ଖଣ୍ଡେର ସରକାରୀ ପୋଷାକ ଖିଲତସ୍ୱରୂପ ପାଇଥିଲେ ଓ ଶେଷ ଲିଖିତ ମହାଶୟ ଶୁଣିଲୁଁ ପାଞ୍ଚଶତ ଟଙ୍କା ହେଉ ଉପଯୁକ୍ତ ପୋଷାକ ଖିଲତ ପାଇ ଅଛନ୍ତି ବାର ଦେଖିଲୁଁ । ରାୟ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ବାହାଦୂର ପ୍ରାୟ ୮ ୪୦୦ ଙ୍କା ହେଉ ଘଡ଼ି ହେଉ ଖିଲତ ପାଇବାର ଶୁଣିଲୁ ମଞ୍ଚ ଦେଖିବାରେ ଆସିଲା ନାହିଁ । ଏହା ସାହେବମହୋଦୟ ସ୍ୱ ହସ୍ତରେ ଦାନ ଦେଇଥିଲେ ଭଲ ହୋଇଥାନ୍ତା ।

---

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

କୃଷ୍ଣନଗର କଲେଜର ପ୍ରଫେସର ବାବୁ ସତୀଶଚନ୍ଦ୍ର ରାୟ କଟକ ରେଭେନ୍ସା କଲେଜକୁ ଓ କଟକ ରେଭେନ୍ସା କଲେଜର ପ୍ରଫେସର ବାବୁ ବ୍ରଜନାଥ ଘୋଷ କୃଷ୍ଣନଗର କଲେଜକୁ ବଦଳି ହେଲେ ।

ପୁରୀର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବାବୁ ଗୋପୀ ମହାପାତ୍ର ସନ ୧୯୧୦ ସାଲର ସପ୍ତାହ "ସ୍ୱ ଛୁଟିର ଅର୍ଦ୍ଧ ଲାଭ" ପାଇଲେ ।

୨୪ ପ୍ରଗନ୍ନା ବସିରହାଟର ମୁନସଫ ବାବୁ ବିନୟଭୂଷଣ ମିତ୍ର ମାନଭୂମ-ପୁରୁଲିଆର ମୁନସଫ ନିଯୁକ୍ତ ହୋଇ ଧାନବାଦରେ ଅବସ୍ଥାପିତ ହେଲେ ଓ ଛୋଟକୋର୍ଟ ଜଜର କ୍ଷମତା ପାଇଲେ ।

ଛୁଟିରେ ଥିବା ମାନଭୂମ ପୁରୁଲିଆରେ ଜଗନ୍ନାଥପୁର ମୁନସଫ ବାବୁ କୁଞ୍ଜ ପ୍ରସାଦ ଘୋଷ ତ୍ରିପୁରାର ମୁନସଫ ନିଯୁକ୍ତ ହୋଇ ଶ୍ରୀରାମପୁରରେ ଅବସ୍ଥିତ ହେଲେ ।

ବାବୁ ଭଗବତୀପ୍ରସାଦ ମହାପାତ୍ର ଓ ବାବୁ ରମାନାଥ ମହାନ୍ତି ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ବାଲେଶ୍ୱରରେ ଉଭୟ ସ୍ୱାଧୀନ ଭାବରେ କାର୍ଯ୍ୟ ହେଲେ ଓ ଫୌଜଦାରୀ ମୋକଦ୍ଦମାମାନଙ୍କରେ ସାକ୍ଷ୍ୟନେବାର ଭାର ପାଇଲେ ।

ରେଭେନ୍ସା କଲେଜର ନାରାୟଣ ମିଶ୍ର ଓ ଗୋବିନ୍ଦ ମୋହନ ଦାସ ବିଶେଷ ବୃତ୍ତି ପାଇଅଛନ୍ତି ।

ନିମ୍ନଲିଖିତ ଛାତ୍ରମାନେ ବି, ଏଲ ପରୀକ୍ଷାରେ ବୃତ୍ତି ପାଇଅଛନ୍ତି

| | |
|---|---|
| ବୈକୁଣ୍ଠନାଥ ରାୟ | ରଥ କୃଷ୍ଣ ମହାନ୍ତି |
| କୃଷ୍ଣଦାସ ସାମନ୍ତ | ଚନ୍ଦ୍ରଚରଣ ପଟ୍ଟନାୟକ |
| ଗୋପାଳପ୍ରସାଦ ମିଶ୍ର | ଲକ୍ଷ୍ମଣ ଦାସ |

ଏ ମାସ ତା ୨୨ ରଖ ଶେଷ ହୋଇଥିବା ସପ୍ତାହରେ ବୃଷ୍ଟିପାତ କଟକ ସଦରରେ ୧୧ ଇଞ୍ଚ, ବାଲେଶ୍ୱର ସେ ୧୭ ଇଞ୍ଚ, ଅନୁଗୁଳ ସେ ୧୪ ଇଞ୍ଚ, ପୁରୀ ସେ ୧୨ ଇଞ୍ଚ, ଓ ସମ୍ବଲପୁର ସେ ୧୪ ଏବଂ ଗଡ଼ଜାତମାନଙ୍କ ମଧ୍ୟରେ ସର୍ବୋଚ୍ଚ ବାମଣ୍ଡା, ପାଲଲହଡ଼ା, ଓ ତାଳଚେର ସେ ୨୦ ଓ ସର୍ବନିମ୍ନ ଆଠମଲିକ ସେ ୧୧ ।

ଗତ ସପ୍ତାହର ବୃଷ୍ଟିପାତ "ଯଥା କଟକ ୫.୮୭ ବାଲେଶ୍ୱର ୧.୩୧, ଅନୁଗୁଳ ୭.୭୭, ପୁରୀ ୪.୪୦ ଓ ସମ୍ବଲପୁର ୨.୦୭ ଇଞ୍ଚ ଏବଂ ଗଡ଼ଜାତମଧ୍ୟରେ ବୃଷ୍ଟି ସର୍ବୋଚ୍ଚ ପାଲଲହଡ଼ା ୪.୫୧ ଓ ସର୍ବନିମ୍ନ ସୋନପୁର ୦.୪୭ ଇଞ୍ଚ ।

ସନ ୧୯୧୦ ମସିହା ଅପ୍ରେଲ ତା ୨୨ ରଖରେ ହୋଇଥିବା ଡିଭିଜନାଲ ଶାନ୍ତ୍ରୀତିକ ପରୀକ୍ଷାର ଫଳ ।

ନିମ୍ନଲିଖିତ କର୍ମଚାରୀମାନେ ପାର୍ଶ୍ୱଲିଖିତ ଅନୁବିଷୟ ବିଷୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

ଦ୍ୱିତୀୟ ବା ଉଚ୍ଚଶ୍ରେଣୀ ।

| | |
|---|---|
| ମି, ଏଲ, ବର୍ଣ୍ଣି ... ... ... | ଓଡ଼ିଆ |
| ବାବୁ ନଗେନ୍ଦ୍ରନାଥ ଦତ୍ତ ... ... | ଏଜନ |
| ମୌଲବି ନଜିବୁଲ୍ ହକ ... ... ... | ଏଜନ |
| ବାବୁ ପ୍ରେମଚନ୍ଦ୍ରମାର ମଲ୍ଲିକ ... ... | ଓଡ଼ିଆ |
| " ଶରଚ୍ଚନ୍ଦ୍ର ନାଥ ଗୁପ୍ତ ... ... ... | ଏଜନ |
| ମି ଉବଲଇଉ, ଜି, ହେଲ ... ... | ଏଜନ |
| ବାବୁ ସୁଧୀରକୁମାର ସେନଗୁପ୍ତ... ... | ଓଡ଼ିଆ |
| " ଚାରୁଚନ୍ଦ୍ର ଦାସ ସର୍ବାଧିକାରୀ ... | ହିନ୍ଦୀ |
| " ସୁରେନ୍ଦ୍ରନାଥ ବାନାର୍ଜ୍ଜି ... ... | ଓଡ଼ିଆ |
| " ଶରତ୍ଚନ୍ଦ୍ର ନାୟକ ... ... | ଏଜନ |

ନିମ୍ନଲିଖିତ କର୍ମଚାରୀମାନେ ସଂକ୍ଷିପ୍ତ ପାଠ କରେ ଓ ପ୍ରତ୍ୟେକ ନାମର ପାର୍ଶ୍ୱଲିଖିତ ବିଷୟ ଅବଶିଷ୍ଟ ରହିଲା ।

| | |
|---|---|
| ବାବୁ ଭଗବାନ ମହାପାତ୍ର ... | ଏଜନ ବ୍ୟାକରଣ ଓ ହସ୍ତଲିପି |
| " ଜଗନ୍ନାଥପ୍ରସାଦ ପଟ୍ଟନାୟକ ... | ଏଜନ |
| " ଇଶ୍ୱରପ୍ରସାଦ ସିଂହ ... ... | ଏଜନ ଓ ଓଡ଼ିଆ |
| " ଦୁର୍ଗାପ୍ରସାଦ ମିଶ୍ର ... | ଏଜନ ବ୍ୟାକରଣ ଓ ହସ୍ତଲିପି |
| " ଶୈଳେନ୍ଦ୍ରନାଥ ମିଶ୍ର ... ... | ହସ୍ତଲିପି |
| ମୌଲବି ସୈୟଦ ଓଜିହ ଅଲି ... | ଏଜନ ବ୍ୟାକରଣ ଓ ହସ୍ତଲିପି |
| ବାବୁ ହରମୋହନ ପଟ୍ଟନାୟକ ... ... | ଏଜନ ଓ ହିସାବ |

ପ୍ରଥମ ବା ନିମ୍ନଶ୍ରେଣୀ ।

ନିମ୍ନଲିଖିତ କର୍ମଚାରୀମାନେ ସମ୍ପୂର୍ଣ୍ଣରୂପେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

ବାବୁ ଭଗବାନ ମହାପାତ୍ର

" ଦୁର୍ଗାପ୍ରସାଦ ମିଶ୍ର

ମୌଲବି ସୈୟଦ ଓଜିହ ଅଲି

ନିମ୍ନଲିଖିତ କର୍ମଚାରୀଙ୍କର ପାର୍ଶ୍ୱଲିଖିତ ବିଷୟ ଅବଶିଷ୍ଟ ରହିଲା ଯଥା—

ବାବୁ ଜଗନ୍ନାଥପ୍ରସାଦ ପଟ୍ଟନାୟକ ... ଏଜନ

——o——

ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ବରାବର ଅଳ୍ପ ମେଘାଚ୍ଛନ୍ନ ଓ ବେଳେ, ବର୍ଷା ହୋଇଥିଲା ମାତ୍ର ଜଳର ପରିମାଣ ଅଳ୍ପ । ଗ୍ରୀଷ୍ମ ତାପ ପ୍ରାୟ କମିଅଛି ।

ମହାନଦୀ ଓ କାଠଯୋଡ଼ି ଏହି ସପ୍ତାହରେ ଯଥାସମ୍ଭବ ବଢ଼ିଅଛି ।

ଏ ନଗରର ସ୍ୱାସ୍ଥ୍ୟ ଭଲ । ବସନ୍ତ ରୋଗର କୌଣସି ଉପଦ୍ରବ ନାହିଁ ।

ଅଳ୍ପ ବର୍ଷା ଯୋଗେ କୃଷି କାର୍ଯ୍ୟର ବିଶେଷ ସୁବିଧା ହୋଇଅଛି ।

ଏଠା ପେନ୍ସନ୍ ସାହୁ ଏଲ ଏ ପାସ ମଠ୍ୟା ସ୍କୁଲ ମାଷ୍ଟର ... ଏଠାରେ ଅବସ୍ଥାନ ହେଉଥିବା ପାଇଁ ... ଶ୍ରୀ ବାବୁ ଜଗନ୍ନାଥ ଘୋଷଙ୍କ ସ୍ଥାନରେ ମା ୭ ସ ବୃଦ୍ଧିରେ ପାଇଅଛି ।

ଏଠା ସ୍କୁଲର ସେହି ସ୍ଥାନ ଅପଣାର ପ୍ରଥମ ସାନ ହୋଇ ଅବସ୍ଥା ହେଲେ ଜଣେ ହେଡ଼ମାଷ୍ଟର ହେଲେ ଏହି ନିମନ୍ତେ ହୋଇଥିବା ଅବସ୍ଥାରେ ଯେଉଁ ହୁଏବାର ଜେ ମା ଶ୍ରୀ ଯୁକ୍ତ ନାଥ ସାହେବଙ୍କ ବଦଳରେ ମା ୫ ସ ବୃଦ୍ଧିରେ ପାଇଅଛି ।

ଅପରା ଟେଲିଗ୍ରାଫ ବିଭାଗ ପାତ୍ରର ଯୋଗ ସାହେବ ହୋଇ ଥାଇଥିବା ଅବସ୍ଥାରେ ଧର୍ମପତ୍ର ସହ ସୁବିଧା ହେ ମା ଶ୍ରୀ ଯୁକ୍ତ ବୈଦ୍ୟ ସାହେବଙ୍କ ବଦଳରେ ୧୦ ଙ୍କ ବୃଦ୍ଧିରେ ପାଇଅଛି ।

[illegible]

[illegible]

[illegible]

[illegible]

କଟକ ସମ୍ବାଦ ।

[illegible]

[illegible]

[illegible]

ଯାଜପୁର ସମ୍ବାଦ ।

[illegible]

[illegible]

[illegible]

[illegible]

[illegible]

ସାଧାରଣ ସମ୍ବାଦ ।

[illegible]

[illegible]

[illegible]

[illegible]

[illegible]

[illegible]

[illegible]

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ଦାୟୀ ନୋହୁଁ ।

To
The Editor of Utkal Dipika

Dear Sir,

I am thankful to you for pointing out to me that I had made an incorrect statement in my letter which you kindly published. I said that the speeches and gesticulations were made at the meeting when the resignation of some members were discussed. I should have said they were made at the meeting when these members expressed their wish to resign. Will you kindly publish this and accept this as my apology to you, to your readers and the members of the Orissa Association for my carelessness. At the same time permit me to observe that the date of the meeting is not material. Whether what transpired at the meeting was justifiable is the question at issue between us, and not why the meeting was convened.

Cuttack, 30-6-1910

Yours truly
M. S. Das.

Sir,

It is about 5 months since the last Exhibition at Jajpur is over. But as yet no account of the tolal realisation and actual disbursements have been made known to anybody. The list of prize winners is also not yet out. This unusual delay is inexplicable. It implies that there must be something wrong at the bottom. In the raising of the funds, even the tillers of soil throughout this Sub-Division were laid under heavy contribution and as such they have a right to be publicly informed if their money was properly spent or mis-spent. It is believed in all quarters that no less than Rs. 8000 has been raised for this Exhibition. The poor people of this Sub-Division all ill-afford to meet the heavy costs of such pompous pageantry, which are the artful devices of willy individuals for their self-aggrandisement. Last year the people had to bear the cost of a Darbar on the occasion of the investment of a certain officer with a title. The people of Jajpur therefore expect that the accounts of Jajpur Exhibition will be duly published for

Digitized by srujanika@gmail.com

# ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅତ୍ରେ ତା ୨୦।୭।୮ ସନରେ ଶରତ୍‌ସାହୁ ।ଗୁ। ଚନ୍ଦ୍ରସାହୁ ।ସା। ବୃନ୍ଦାବନ ।ପୁ। ବ୍ରହ୍ମଙ୍କ ।ତା। ଦୃଷ୍ଟ ଦାଲିମାର୍କଣ୍ଡେଶ୍ୱର ସାହି ଟାଉନ୍ ପୁରୀଙ୍କୁ ଅମ୍ଭ ଯାଜପୁରବାର ସମ୍ବନ୍ଧୀୟ ଉତ୍କଳ ଓ ଡାକଜରଡ଼ ଜନମାର୍ଫତରେ ଉକ୍ତ ଭଙ୍ଗର ଯୁକ୍ତ ଖର୍ଚ୍ଚ ଇତ୍ୟାଦି ଚଳାଇବା ସକାଶେ ୩ବର୍ଷ ନିମନ୍ତେ ଲେଖି ଦେଇଥିଲୁଁ । ବର୍ତ୍ତମାନ ତାହାଙ୍କର କାର୍ଯ୍ୟକଳାପରେ ଅମ୍ଭ ମନରେ କେତେକ ବିଷୟ ସନ୍ଦେହ ହେବାରୁ ତାହାଙ୍କୁ ଉକ୍ତ କାର୍ଯ୍ୟରୁ ରହିତ କଲୁଁ । ତାହାଙ୍କର ଅମ୍ଭ ଉତ୍କଳ ଓ କାଗଜ ପତ୍ର ଇତ୍ୟାଦିରେ ହସ୍ତ କ୍ଷେପ କରିବାର କ୍ଷମତା ନାହିଁ, ଅତଏବ ମଧ୍ୟ ଉପରୋକ୍ତ ସାଧୁମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେ ଲେଖିନେଇଥିବା ଅଳିଥର କାମାରୁ ରଦ ଜାଣି ଅମ୍ଭର ଯେ ବ କାଗଜ ପତ୍ର ଇତ୍ୟାଦି ଯାହାଅଛି ତାହା ତାହାଙ୍କ ନିକଟ ତାରଣଠାରୁ ଗତ ମଇମାସ ଶେଷସୁଦ୍ଧା ଜମା ଖର୍ଚ୍ଚର ହିସାବ ଶୀଘ୍ରମାତ୍ର ଅମ୍ଭ ନିକଟ ବା ଅମ୍ଭ ଉକିଲ ଶ୍ରୀ ବାବୁ ମହେନ୍ଦ୍ରନାଥ ଦତ୍ତ । ସା । କୁଣ୍ଡେଇବେଣ୍ଟ ସାହି ଟାଉନ ପୁରୀଙ୍କ ନିକଟରେ ଦ ୧୫ ଦ ମଧ୍ୟରେ ବୁଝାଇ ଦେଇ ଅମ୍ଭ ମନରୁ ସନ୍ଦେହ ମୋଚନ କରିଇବେ ।

ଶ୍ରୀ ଭାଗୀରଥୀ ପଢ଼ିଆରୀ । ପୁ । ଗୋପୀନାଥ ପଢ଼ିଆରୀ ମାତା ମହାଫିସ । ସା ।
ହରଚଣ୍ଡୀ ସାହି । ପୁରୀ ।
ତା ୩୦।୬।୧୯୧୦

# ଉତ୍କଳ ଦୀପିକା ।

ଗତ ତା ୨୫ ଋଣରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗରେ ୧୬୯ ମୃତ୍ୟୁ ହୋଇଥିଲା ଯେ ତହିଁ ମଧ୍ୟରେ ପଞ୍ଜାବର ଅଙ୍କ ସର୍ବାପେକ୍ଷା ଅଧିକ ଯଥା ୬୦ ଥିଲା ଏବଂ ବୋମ୍ବାଇ ଓ ବ୍ରହ୍ମରେ ଏକଶହର ଅଧିକ ଥିଲା । ମାତ୍ର ସକଳ ପ୍ରଦେଶରେ ପୂର୍ବସପ୍ତାହରୁ ଊଣା ହୋଇଥିଲା । ପୂର୍ବସପ୍ତାହର ମୋଟ ମୃତ୍ୟୁ ୧୪୩୨ ଥିଲା ସୁତରାଂ ଊଣା ପଡିଅଛି ।

ଲଣ୍ଡନ ନଗରର ଗୋଟିଏ କୁମ୍ପାନୀ ବଣିକର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟରେ ବୈଦ୍ୟୁତିକ ଶିଳ୍ପଶାଳା ସ୍ଥାପନାର୍ଥ ୨୩୦୦୦ ପାଉଣ୍ଡ ଅର୍ଥାତ ପ୍ରାୟ ସାଢେ ତିନିଲକ୍ଷ ଟଙ୍କା ଦାନ କରିଅଛନ୍ତି ।

କାଳଭର ଲୋକେ ଯେମନ୍ତ ଧର୍ମ ତେମନ୍ତ ଧନର ସଦ୍ବ୍ୟବହାର କରି ଜାଣନ୍ତି । ଅମ୍ଭମାନଙ୍କ ଦେଶର ଧନୀମାନେ ଏହା ଅନୁକରଣ କଲେ ଶିକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ ଦେଶର ଦୁର୍ଦ୍ଦଶା ମୋଚନ ହେବ ।

ବରିଶାଲରେ ଗତ ଜୁନମାସ ତା ୨୧ ଋଣରେ ଜମିଦାର ବାବୁ ଯୋଗେନ୍ଦ୍ରନାଥ ଚକ୍ରବର୍ତ୍ତିଙ୍କ ଅବାସ ଗୃହରେ ଅବରୋଧ ବାସିନୀ ମହିଳାମାନଙ୍କର ଗୋଟିଏ ସମ୍ମିଳନୀ ହୋଇଥିଲା । ଅନେକ ଦେଶୀୟ ଏବଂ ୟୁରୋପୀୟ ଭଦ୍ର ମହିଳା ଏ ସମ୍ମିଳନୀରେ ସମବେତ ହୋଇଥିଲେ । ସେଠା କଲେକ୍ଟର ବୋଥାମ ସାହେବଙ୍କ ମେମ୍ ସମସ୍ତଙ୍କ ସଙ୍ଗେ ସମଭାବେ ମିଳାମିଶା କରି ପ୍ରୀତି ସମ୍ବର୍ଦ୍ଧନ କରିବା ବଡ଼ ସୁଖର ବିଷୟ । ଦେଶୀୟ ମହିଳାମାନେ ଇଂରାଜ ରମଣୀଙ୍କର ସଦାଳାପରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିଲେ । ଇଂରାଜ ରମଣୀମାନେ ଏପରି ପ୍ରୀତି ମନରେ ଦେଶୀୟ ରମଣୀମାନଙ୍କ ସଙ୍ଗେ ମିଳାମିଶା କଲେ ଏଠା ରମଣୀମାନଙ୍କର ଅବସ୍ଥା ପରିବର୍ତ୍ତନ ଓ ଦେଶର ଉନ୍ନତି ପକ୍ଷେ ସନ୍ଦେହ ନାହିଁ ।

ଇଂଲଣ୍ଡର ଓ ଭାରତ ସମ୍ରାଟ ପଞ୍ଚମ ଜର୍ଜଙ୍କ ଜ୍ୟେଷ୍ଠପୁତ୍ର ଗତ ଜୁନମାସ ତା ୨୩ ଋଣ ଗୁରୁବାରଦିନ ୧୬ ବର୍ଷ ବୟସ ଅତିକ୍ରମ କଲେ, ସେହିଦିନ ସେ ପ୍ରିନ୍ସଅଫ୍‌ୱେଲସ ଉପାଧି ପାଇଲେ । ସପ୍ତମ ଏଡୱାର୍ଡ଼ ସିଂହାସନାରୋହଣ କରିବାର ୧୧ ମାସ ପରେ ବର୍ତ୍ତମାନ ସମ୍ରାଟ ପ୍ରିନ୍ସ ଅଫ୍ ୱେଲସ ଉପାଧି ପାଇଥିଲେ କାରଣ ପରଲୋକଗତ ସମ୍ରାଟଙ୍କର ଅଭିଳାଷମତେ ତାଙ୍କର ଜନ୍ମଦିନରେ ସେ ଉପାଧି ପ୍ରଦାନ କଲେ ସପ୍ତମ ଏଡୱାର୍ଡ଼ ସ୍ୱୟଂ ଉକ୍ତ ଉପାଧି ପାଇବାସମୟରେ ମାସକର ପୁଆ ହୋଇ ନ ଥିଲେ । ଅମ୍ଭମାନଙ୍କ ବର୍ତ୍ତମାନ ଯୁବରାଜଙ୍କ ପୂର୍ଣ୍ଣ ଉପାଧି ପ୍ରିନ୍ସ ଅଫ ୱେଲସ, ଅର୍ଲ ଅଫ ଚେଷ୍ଟର, ଡ୍ୟୁକ ଅଫ କର୍ଣ୍ଣୱାଲ, ଡ୍ୟୁକ ଅଫ ରଥସେ, ପ୍ରିନ୍ସ ଅଫ ସେକ୍ସକୋବର୍ଗ ଏବଂ ଗୋଥା, ଡ୍ୟୁକ ଅଫ ସେକ୍ସନ, ଅର୍ଲ ଅଫ କାରିକ ଓ ଇନଭର୍ଣ୍ଣେସ, ବେରନ ଅଫ ରେନ୍‌ଫ୍ରୁ ଓ କଲ୍ଟି, ଲର୍ଡ଼ ଅଫ ଦି ଆଇଲସ ଏବଂ ଗ୍ରେଟ ଷ୍ଟିୱାର୍ଡ଼ ଅଫ ସ୍କଟଲଣ୍ଡ । ବର୍ତ୍ତମାନ ଉପାଧି ସହିତ ସେ ମସ୍ତକରେ ମୁକୁଟ, ଅଣ୍ଟାରେ ତରବାରି, ଅଙ୍ଗୁଳିରେ ମୁଦ୍ରିକା ଏବଂ ହାତରେ ସ୍ୱର୍ଣ୍ଣ ଦଣ୍ଡ ପ୍ରାପ୍ତ ହେଲେ । ଅମ୍ଭେମାନେ ତାହାଙ୍କର ଦୀର୍ଘଜୀବନ କାମନା କରୁଁ ।

ପୁନାର ଫର୍ଗୁସନ କଲେଜର ଛାତ୍ରାବାସ ନିର୍ମାଣ ଅର୍ଥେ ଗଣ୍ଡଲର ଠାକୁରସାହେବ ସର୍ ଭଗବତ୍‌ସିଂହଜୀ ମହାଶୟ ୨୦୦୦୦ ଟଙ୍କା ଦାନ ଦେଇଅଛନ୍ତି । ଗଣ୍ଡଲ ରାଜ୍ୟର ଯେଉଁ ଛାତ୍ରମାନେ ଲେଖା ପଢ଼ିବେ ସେମାନଙ୍କୁ ଏହି ଛାତ୍ରାବାସରେ ଅଗ୍ରେ ସ୍ଥାନ ଦିଆଯିବ ଏବଂ ୬ ଜଣ ଛାତ୍ର ବିନା ଖର୍ଚ୍ଚରେ ରହି ପାରିବେ । ଏହି ଟଙ୍କା ମଧ୍ୟରୁ ଅନେକ ହଜାରଟଙ୍କା ଉଚ୍ଚଶିକ୍ଷା କାର୍ଯ୍ୟରେ ବ୍ୟୟିତ ହେବ, ଠାକୁରସାହେବଙ୍କର ଏ ଦାନ ଯେ ପ୍ରଶସ୍ତ ଏହା କହିବା ଅଧିକ । ଶିକ୍ଷାକାର୍ଯ୍ୟ ବିଶେଷ ବ୍ୟୟସାଧ୍ୟ ଏବଂ ଯେମନ୍ତ ବ୍ୟୟସାଧ୍ୟ ତେମନ୍ତ ଲାଭକର କାରଣ ଛାତ୍ରମାନେ ଶିକ୍ଷାଲାଭ କଲେ ସେମାନେ ଭବିଷ୍ୟତରେ ନାନା ସଦୁପାୟରେ ପେଟ ପାଳି ଦେଶୋନ୍ନତିର କାର୍ଯ୍ୟରେ ବ୍ରତୀ ହୋଇ ପାରିବେ, ସୁତରାଂ ଶିକ୍ଷାର୍ଥ ଦାନ କଦାପି ବ୍ୟର୍ଥ ନୁହେ । ଇଂଲଣ୍ଡ ବଡ଼ ଧନୀ ଦେଶରେ ଦାନଦ୍ୱାରା ଟଙ୍କା ବୃଦ୍ଧି ହେବାର ଦେଖାଯାଏ ଏବଂ ଯେମନ୍ତ ବଡ଼ ଦାନ ତେମନ୍ତ ମହା ଧର୍ମ୍ମକର ପଣ୍ଡିତମାନେ ବିଦ୍ୟାଳୟକୁ ବାହାର ଦେଶର ମୁଖୋଜ୍ଜ୍ୱଳ କରୁଅଛନ୍ତି । ଅମ୍ଭ ଦେଶର ଧନୀମାନେ ଏଥିର ଅନୁକରଣ କରିବେ କି ?

ଗତ ତା ୨୯ ଋଣର କଲିକତା ଗେଜେଟରେ ବଙ୍ଗଳାର ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ବାହାଦୁର ଘୋଷଣା ଦେଇଅଛନ୍ତି ଯେ ସେ ବଙ୍ଗପ୍ରଦେଶର ଅନ୍ୟାନ୍ୟ କେତେକ ମିଉନିସିପାଲିଟି ସହିତ କଟକ ଜିଲ୍ଲାର ଯାଜପୁର ଓ କେନ୍ଦ୍ରାପଡ଼ା ମିଉନିସିପାଲିଟିର ନାମ ସନ ୧୮୮୪ ସାଲର ମିଉନିସିପାଲ ( ବଙ୍ଗୀୟ ସନ ୧୮୮୪ ସାଲର ଆଇନ ) ଆଇନର ପ୍ରଥମ ତଫସିଲରୁ ବାହାର କରି ଦେଲେ । ସୁତରାଂ ଏଣିକି ଏହି ଦୁଇ ମିଉନିସିପାଲିଟିର କମିଶନରଗଣ ସରକାରଦ୍ୱାରା ନିଯୁକ୍ତ ନ ହୋଇ କରଦାତାଙ୍କଦ୍ୱାରା ନିର୍ବାଚିତ ହେବେ । ଦୀର୍ଘକାଳ ପରେ ଗବର୍ଣ୍ଣମେଣ୍ଟଙ୍କର ଏ ବିଷୟରେ ଦୃଷ୍ଟି ପଡିଲା ଏହା ମାନ୍ୟବର ସର ବେକର ବାହାଦୁରଙ୍କ ନ୍ୟାୟ ଓ ସହାନୁଭୂତିପୂର୍ଣ୍ଣ ହୃଦୟର ଫଳ ଅଟେ ଏବଂ ଏଥିପାଇଁ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁଁ । ସରକାର ସଦୟ ହୋଇ ଯେଉଁ ଉଚ୍ଚ ଅଧିକାର ପ୍ରଦାନ କଲେ ଆଶା କରୁଁ ମିଉନିସିପାଲିଟିର କରଦାତାମାନେ ଯୋଗ୍ୟବ୍ୟକ୍ତି ନିର୍ବାଚନ ଓ ନିର୍ବାଚିତ କମିଶନରମାନେ ଯୋଗ୍ୟତା ଓ ଦୃଢ଼ତା ସହିତ କର୍ତ୍ତବ୍ୟ କାର୍ଯ୍ୟ କରିବାଦ୍ୱାରା ତହିଁର ମର୍ଯ୍ୟାଦା ରକ୍ଷା କରିବେ ଓ ଅଚିରେ ଚେୟାରମାନ ନିର୍ବାଚନ କରିବାର ଅଧିକାର ପାଇବେ ।

Split by PDF Splitter
Digitized by srujanika@gmail.com

ଢେଙ୍କାନାଳରୁ ଜଣେ ଲେଖିଅଛନ୍ତି କି ଗତମାସରେ ବୌଦର ରଜା ଢେଙ୍କାନାଳକୁ ବନ୍ଧୁଭାବରେ ଶୁଭାଗମନ କରିବାରେ ତାହାଙ୍କର ସତ୍କାରାର୍ଥ ଯାହା ଅନୁଷ୍ଠାନ ମଧ୍ୟରେ ଦୁଇଟି ନାଟକାଭିନୟ ହୋଇଥିଲା । ପ୍ରଥମଦିନ ରାମଚନ୍ଦ୍ର ବାବୁଙ୍କ ଓଡ଼ିଆ ପଦ୍ମାବତୀର ଅଭିନୟ ଯେ ଅସ୍ୱାଭାବିକରୂପେ ଦେଖିପାର ନଥିଲା । ୨ୟଦିନ ଶିଶିର ବାବୁଙ୍କ ବଙ୍ଗଳା ଜନାନ୍ଦନ୍ୟାସର ଅଭିନୟ ଦେଖି ଅଧିକ ଆନନ୍ଦ ଲାଭ କଲେ । ଓଡ଼ିଆ ଗଡ଼ଜାତର ଅନେକସ୍ଥଳରେ ନାଟକାଭିନୟ ହେଉଥିବାର ଶୁଣିଅଛନ୍ତି ଓ ହେଉଥିବା ଦେଖିଅଛନ୍ତି । ମାତ୍ର ସେ ଦିନର ଦୃଶ୍ୟ ବଡ଼ ଚମତ୍କାର ହୋଇଥିଲା । ଜଙ୍ଗଲ ମଧ୍ୟରେ ଓସ୍ତାଦ ଜମା ଯେପରି ନୃତ୍ୟ ଓ ହସ୍ତିଚିତ୍ରର କଳ୍ପନା ଦେଖିଲ କଲିକତାରେ ଦେଖିଥିବା ଅଭିନୟରୁ ଊଣା ନ ଥିଲା । ଅଦୃଷ୍ଟବଳରେ ବହିଲେ ଯେ ସେଠାର ଅଭିନୟର ଶୀଘ୍ର ଦ୍ୱାରକାନାଥ ସରକାର ବସୁନାମାରୁ ସ୍ତାମ୍ୟ ଅମଳ ପ୍ରଭୃତି ଭଦ୍ରଲୋକଙ୍କୁ ଯେଉଁ ଏହି ଅଭିନୟ ବଳ ସୃଷ୍ଟି କରାଇଛନ୍ତି । ସେ ସମସ୍ତ ଗୁଣଉଥାଇ ନହଲେ ଅଭୁକ୍ତି ହେବନାହିଁ । ଲେଖକ ଜଣେ ସମ୍ଭ୍ରାନ୍ତ ଓଡ଼ିଆ ବନ୍ଧୁ ଯଥାର୍ଥ ସ୍ୱଜାତିପ୍ରେମୀ ଏବଂ ହୃଦୟର ହୃଦୟବାନ୍ । ସେଣୁ ସେ ସରଳମନରେ କହୁଅଛନ୍ତି କି "ଯେଉଁଦିନ ଗଡ଼ଜାତସ୍ୱାମୀମାନେ ସେମାନଙ୍କ ସୁଶିକ୍ଷିତ ବଙ୍ଗୀୟ ଭ୍ରାତାଙ୍କର ନଦଦୃଷ୍ଟାନ୍ତ ଅନୁସରଣ କରିବେ ସ୍ୱାଧୀନଭାବରେ ତହିଁର ଅନୁଶୀଳନ ଓ ପରିପୁଷ୍ଟିସାଧନ କରିବାକୁ ସକ୍ଷମ ହେବେ ସେ ଦିନ ଗଡ଼ଜାତ ଉତ୍କଳ ଦେଶର ପ୍ରକୃତ ଦଥାଗଣି ବୋଲାଇବ । ସେ ଦିନ ସେ ଦିନ ଅସିବ ?" ଯେଉଁମାନେ ଏପରି ଭିନ୍ନଭାବ ପୋଷଣ କରି ସ୍ୱଦେଶର ମଙ୍ଗଳାର୍ଥ ମନସ୍ତତ୍ତ୍ୱର ସଙ୍ଗ ଲୋଡ଼ନ୍ତି ସେମାନେ ପ୍ରକୃତ ସ୍ୱଦେଶହିତୈଷୀ ପରମେଶ୍ୱର ଏପରି ଲୋକଙ୍କର ସଂଖ୍ୟା ବୃଦ୍ଧି କରନ୍ତୁ ।

—୦*୦—

କନିକାର ରଜା ମାନ୍ୟବର ରାଜେନ୍ଦ୍ରନାଥ ଭଞ୍ଜ ଦେବ କଲିକତାରୁ ଗତ ତା ୧୬ ରଖର ପଠାଇଥିବା ପତ୍ରରୁ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଓଡ଼ିଶାର ପୁରାତନ ବନ୍ଧୁ ପ୍ରାତଃସ୍ମରଣୀୟ ଶ୍ରୀଯୁକ୍ତ ରେଭେନ୍‌ସା ସାହେବ ମହୋଦୟ ସୁସ୍ଥ ଶରୀରରେ ବିଲାତରେ ବାସ କରୁଅଛନ୍ତି । ରଜା ମହୋଦୟ ଅଳ୍ପଦିନ ତଳେ ତାଙ୍କ ସଙ୍ଗେ ସାକ୍ଷାତ କରିବାରେ ସାହେବ ମହୋଦୟ ତାଙ୍କର ସମୁଦାୟ ସ୍ୱଜନ ବନ୍ଧୁ ଓ ପରିଚିତ ଭଦ୍ରଲୋକଙ୍କ ନାମ ଧରି ସେମାନଙ୍କ ବିଷୟ ସଙ୍ଗେ ଏହି ପତ୍ରିକାର ସମ୍ପାଦକଙ୍କ କଥା ମଧ୍ୟ ପଚାରୁଥିଲେ । ବର୍ତ୍ତମାନ ତାଙ୍କର ବିଶେଷ ବାର୍ଦ୍ଧକ୍ୟ ଅବସ୍ଥା ହେଲେହେଁ ସେ କାର୍ଯ୍ୟ ଦକ୍ଷତାରେ ତତ୍ପର ଅଛନ୍ତି । ତାଙ୍କ ସଙ୍ଗେ କଥା ବାର୍ତ୍ତା କରି ଏବଂ ତାଙ୍କର ଅଦ୍ୟାପି ଉତ୍କଳ ଏବଂ ଉତ୍କଳବାସୀଙ୍କ ପ୍ରତି ସ୍ନେହ ସହାନୁଭୂତି ଅମଳ ଉତ୍ସାହ ଦେଖି ରଜା ମହୋଦୟ ବିଶେଷ ଖୁସି ହୋଇଅଛନ୍ତି । ତାଙ୍କ ନାମରେ କଲେଜ ବାଳକାଶ୍ରମ ଆଦି ଯେ ସମସ୍ତ ଶୁଭାନୁଷ୍ଠାନ ସ୍ଥାପିତ ହୋଇଅଛି ତହିଁର ଉନ୍ନତି ଜାଣିବାକୁ ଆଗ୍ରହ ପ୍ରକାଶ କରୁଥିଲେ ।—ସାହେବ ମହୋଦୟ ଏବେ ଅଧିକ କାଳ ଉତ୍କଳରୁ ବାହାର ହୋଇ ମାତୃଭୂମିରେ ଆପଣା ଲୋକବର୍ଗଙ୍କ ମେଳରେ ବାସ କରି ସୁଦ୍ଧା ଯେ ଅମ୍ଭମାନଙ୍କୁ ଓ ଅମ୍ଭମାନଙ୍କର ଅନନ୍ତ ଉତ୍କଳମାତାଙ୍କୁ ଭୁଲି ନାହାନ୍ତି ଏଥିଁକି ଆଉ ସୁଖର ବିଷୟ କି ହୋଇପାରେ ? ଏହା ମହତ ଉଦାରଭାବର ପରିଚୟ ଏବଂ ଏହିପରି ଉଦାରତା ଏବଂ ସହାନୁଭୂତି ହେତୁ ଅନେକ ଇଂରାଜମାନଙ୍କର ମର୍ଯ୍ୟାଦା ପୃଥିବୀରେ ଏତାଦୃଶ ଉନ୍ନତ ରହିଅଛି । ଯେ ମହାନୁଭବ ଏପରି ସଦୟ ଭାବରେ ଅମ୍ଭମାନଙ୍କୁ ଏତେକାଳ ଭୁଲି ନାହାନ୍ତି ତାଙ୍କର ଗୁଣ-ଗାନ କରିବାକୁ ଅବସର ପାଇ ଅମ୍ଭେମାନେ ଆପଣାକୁ ଧନ୍ୟ ମଣିବା ସଙ୍ଗେ ସଙ୍ଗେ ପାଠକମାନଙ୍କୁ ତାଙ୍କର କୁଶଳାଦି ବାର୍ତ୍ତା ଦେଇ ଧନ୍ୟ ହୋଇଅଛୁଁ । ଈଶ୍ୱର କରନ୍ତୁ ସେ ଅଧିକ ଦୀର୍ଘକାଳ ବଞ୍ଚି ଅମ୍ଭମାନଙ୍କ କଲ୍ୟାଣ ବାଞ୍ଛା କରନ୍ତୁ ଏବଂ ଅମ୍ଭେମାନେ ତାଙ୍କର ଉଦାର ଚରିତ୍ର ସମ୍ମୁଖରେ ରଖି ଉନ୍ନତ ଅଡ଼କୁ ଅଗ୍ରସର ହେବାକୁ ଅବିରତ ଚେଷ୍ଟା କରୁଁ ।

———

ମହୀଶୂର ମହାରାଜାଙ୍କ ଯୁବରାଜଙ୍କ ବିବାହ କ୍ରିୟା ମହା ସମାରୋହରେ ସମ୍ପନ୍ନ ହୋଇଯାଇଅଛି । ଏ ବିବାହକୁ ମାନ୍ଦ୍ରାଜର ଗବର୍ଣ୍ଣର ମହୋଦୟ ଆପଣା ପତ୍ନୀ ଓ କନ୍ୟାଙ୍କ ସହିତ ମହୀଶୂର ରାଜ୍ୟକୁ ଶୁଭାଗମନ କରିଥିଲେ । ଅଦ୍ୟାପି ଅନେକ ବଡ଼ ୨ ସାହେବ ଓ ମେମମାନେ ନିମନ୍ତ୍ରିତ ହୋଇ ଆସିଥିଲେ । ଗତ ଜୁନମାସ ତା ୧୬ ରଖ ଦିନ ବିବାହ କ୍ରିୟା ସମାହିତ ହେଲା । ତହିଁ ପୂର୍ବଦିନ ଯୁବରାଜଙ୍କର ଉପନୟନ କ୍ରିୟା ହୋଇଥିଲା । ବ୍ରାହ୍ମଣମାନେ ବୈଦିକମନ୍ତ୍ରରେ ଯଥାବିହିତ କ୍ରିୟା ସମ୍ପନ୍ନ କଲେ । ଉଭୟ କ୍ରିୟାରେ ବୈଦିକ ମନ୍ତ୍ରମାନ ଅନୁବାଦିତ ହୋଇ ସମାଗତ ଇଂରାଜ ଭଦ୍ରଲୋକ ଓ ମହିଳାମାନଙ୍କ ନିମିତ୍ତ ସଂରକ୍ଷିତ ହୋଇଥିଲା । ଉପନୟନ କ୍ରିୟାର ଗୋଟିଏ ମନ୍ତ୍ରର ଅନୁବାଦରୁ ଦେଖାଯାଏ ଯେ ବ୍ରହ୍ମଚାରୀ ବେଦ ପାଠ କରିବା ଓ ପାଠ ସମାପନାନ୍ତେ ବିବାହ ହେବା କାରଣ ପ୍ରତିଶ୍ରୁତ ହେଉଅଛୁ । ଉପସ୍ଥିତ କ୍ଷେତ୍ରରେ ତା ୧୬ ରଖ ଦିନ ଉପନୟନ ଓ ବେଦ ପାଠ ଓ ପାଠ ସମାପନାନ୍ତେ ବିବାହର ପ୍ରଥମ ବେଦମନ୍ତ୍ରରେ ଯଜ୍ଞସୂତ୍ରରେ ଆଚାର୍ଯ୍ୟ ଗୁରୁ ପୁରୋହିତଙ୍କ ସମ୍ମୁଖରେ ତିନି ବିବାହର ଅଗ୍ନି ଓ ପରମେଶ୍ୱରଙ୍କ ସାକ୍ଷ୍ୟରେ କଣ ତହିଁ ପରେ ତାହା ଯଥାସମ୍ଭବ ବିବାହକ୍ରିୟା ହେଲା । ସମାଜର ଏ ଅଯୋଗତା ହେବେ ଦୂର ହେବ ଲୋକେ ନ ଜାଣନ୍ତି । ଯେବେ ବେଦପାଠରେ ଶ୍ରଦ୍ଧା ନାହିଁ, ଯେବେ ପାଠ ସମାପନାନ୍ତେ ବିବାହ ହେବାକୁ ଅପେକ୍ଷା କରନ୍ତା ଅସମ୍ଭବ ହେବେ ବୃଥା ପ୍ରତିଜ୍ଞା କରି ଉପହାସାସ୍ପଦ ହେବାର ପ୍ରୟୋଜନ କଣ ? ଏହିରୂପ ଦାୟିତ୍ୱର କାର୍ଯ୍ୟକାରିତା ନଷ୍ଟ ହେବା ବ୍ୟତୀତ ହୋଇଗଲେ ଉପଯୁକ୍ତ କାର୍ଯ୍ୟକାରିତା ଅର୍ଥର ଅନାଦର ହେବା ସ୍ୱାଭାବିକ ଏବଂ ସେ ଯୋଗୁଁ ଅମ୍ଭମାନେ ଦିନକୁ ଦିନ ଅନର୍ଥ ସାଗରରେ ବୁଡ଼ିଯାଉଅଛୁଁ ।

———

ଯେମନ୍ତ ସମସ୍ତ ବଙ୍ଗ ସେମନ୍ତ ଓଡ଼ିଶାର ଜଳକଷ୍ଟ ଗୋଟିଏ ପ୍ରଧାନ ଦୁଃଖ । ସର୍ବଦେ ଦେଖାଯାଏ ଯେ ଜଳପାଇଁ ଖରାଦିନରେ ଲୋକଙ୍କର କଷ୍ଟର ସୀମା ନାହିଁ । ଅନେକ ଗ୍ରାମରେ ସ୍ଥାନୀୟ ଜଳର ବଡ଼ ୨ ପୁଷ୍କରିଣୀମାନ ଅଛି ମାତ୍ର ସଂସ୍କାର ଅଭାବରେ ସେ ସମସ୍ତ ପଙ୍କ ଓ ଦଳ ପୂର୍ଣ୍ଣ ହୋଇ ଏକପ୍ରକାର ବ୍ୟବହାରର ଅଯୋଗ୍ୟ ହୋଇଅଛି । ପୁଣି କେତେ ଗ୍ରାମରେ ଆଦୌ ପୁଷ୍କରିଣୀ ଓ କୂଅ ନାହିଁ, ଲୋକେ ବହୁ ଦୂରରୁ ଜଳ ବୋହିଥାନ୍ତି ନଜାଣିଥାନ୍ତି । ଗୋଟିଏ ବର୍ଷର ସୁବିଧା କମନ୍ତେ ବାଟ ଘାଟ ନିର୍ମାଣ ଓ ରକ୍ଷା ସଙ୍ଗେ ଜଳ ଯୋଗାଇବାର ବ୍ୟବସ୍ଥା କରିବା କାରଣ ସରକାର ରୋଡ଼ସେସ ବସାଇଲେ ମାତ୍ର ଜଳକଷ୍ଟ ନିବାରଣର କୌଣସି ଉପାୟ ଏପର୍ଯ୍ୟନ୍ତ ହେଲା ନାହିଁ । କଲିକତାର ବଙ୍ଗଳା ଅମୃତବଜାର ପତ୍ରିକାର ସମ୍ପାଦକ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ଲେଖିବାରେ ଅମ୍ଭମାନଙ୍କର ଦୟାବାନ୍ ଲେଫ୍ଟନାଣ୍ଟ ସର ବେକର ବାହାଦୁର ଜଳ ଯୋଗାଇବାର ବନ୍ଦୋବସ୍ତ କରିବାକାରଣ ବଙ୍ଗୀୟ କମିଶନରମାନଙ୍କ ନିକଟକୁ ଏକ ସର୍କ୍ୟୁଲର ଆଦେଶ ପଠାଇଅଛନ୍ତି ଏବଂ ତହିଁରେ ଦେଖାଇଅଛନ୍ତି ଯେ ସନ ୧୮୯୪ ସାଲରେ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଥିଲେ ଯେ ପ୍ରତ୍ୟେକ ଜିଲ୍ଲାବୋର୍ଡ ବାର୍ଷିକ ଅନ୍ୟୂନ ଟ ୫୦୦୦ ଙ୍କା ପାନୀୟ ଜଳ ଯୋଗାଇବାରେ ଖରଚ କରିବେ । ସେହି ବର୍ଷରୁ ଗତ ୧୪ ବର୍ଷ ମଧ୍ୟରେ ଜିଲ୍ଲାବୋର୍ଡ କେତେ ଟଙ୍କା ଜଳଦାନରେ ଖରଚ କରିଅଛନ୍ତି ତହିଁର ହିସାବ ପ୍ରକାଶ କରି ଗବର୍ଣ୍ଣମେଣ୍ଟ ଦେଖାଇଅଛନ୍ତି ଯେ ସନ୍ତୋଷର ଶିକ୍ଷା

Split by PDF Splitter



ଶାହାବାଦ ଭାଗଲପୁର ଓ ମୁଙ୍ଗେର ଏହି ତିନୋଟି ଜିଲା ମୋଟରେ ନିର୍ଦ୍ଦିଷ୍ଟ ଟଙ୍କା-ଉପରେ ଅଧିକା କିଛି ଖରଚ କରୁଅଛନ୍ତି । ମାତ୍ର ଅନ୍ୟାନ୍ୟ ଜିଲାର ମୋଟ ବ୍ୟୟ ଅଳ୍ପ । ବାର୍ଷିକ ଟ ୫୦୦୦୧ ଲେଖିଏ କ ୧୪ ଟିରେ ୫ ୬୦୦୦୧ ଖରଚ ହେବାସ୍ଥଳେ ଓଡ଼ିଶାର ପ୍ରତ୍ୟେକ ଜିଲାର ଖରଚ ସରକାରୀ ହେସାବମତେ ହୋଇଅଛି । କଟକ ଟ ୩୪୭୭୫୧ ବାଲେଶ୍ୱର ଟ ୨୧୪୩୭୬ ସମ୍ବଲପୁର ଟ ୧୯୭୯୧ ଓ ପୁରୀ ଟ ୩୯୮୭୦୧ଙ୍କା । ଗବର୍ଣ୍ଣମେଣ୍ଟ ଏଥିରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ଜିଲାବୋର୍ଡ ସଭ୍ୟଙ୍କୁ ସାବଧାନ କରି ଦେଇଅଛନ୍ତି ଯେ ପ୍ରତିବର୍ଷ ବୃହତ୍ରୂପେ ହେସାବ ଦେଖାଯିବ ଓ ଯାହାର ତ୍ରୁଟି ହେବ ତାହାର ସରକାରୀ ସାହାଯ୍ୟ ବନ୍ଦ ହେବ । ଏଣୁ ତୁଥର ଏଥିରେ ଜିଲାବୋର୍ଡର ଚେତନା ହେବା ଓ ନିୟମିତ କାର୍ଯ୍ୟରେ ଶାସନକର୍ତ୍ତାଙ୍କ ଧମକର ଆବଶ୍ୟକ ହେଲା ଦୁଃଖର ବିଷୟ ଅଟେ । ବୋର୍ଡର ମେମ୍ବର ଓ ଭାଇସ-ଚେୟାରମାନ ଅଧିକାଂଶ ଦେଶୀୟ ଲୋକ ଏବ ଦେଶର ଅବସ୍ଥା ଉତ୍ତମରୂପେ ଜାଣନ୍ତି । ଏଥିରେ ଯେବେ ଏପରି ପ୍ରଧାନ କାର୍ଯ୍ୟରେ ସ୍ୱଳ୍ପତର ତ୍ରୁଟି ହେଲା ତେବେ ଆମ୍ଭେମାନେ ସ୍ୱାୟତ୍ତ ଶାସନର ଯୋଗ୍ୟ ହୋଇଅଛୁଁ ବୋଲି କିପରି କୁହାଯିବ ? କାର୍ଯ୍ୟର ଅବସ୍ଥା ଦେଖି କିଏ ନ କହିବ ଯେ ଯେଉଁମାନେ ଦେଶର ପ୍ରତିନିଧି-ସ୍ୱରୂପ ବୋର୍ଡର ମେମ୍ବର ହୋଇଅଛନ୍ତି ଓ ତାହା କୋଟିଏ ଗୌରବର କଥା ମନେ କରନ୍ତି ସେମାନଙ୍କର କର୍ତ୍ତବ୍ୟ ଜ୍ଞାନ ନାହିଁ କି ଗ୍ରାମଲୋକଙ୍କ ଅବସ୍ଥା ଓ ଦୁଃଖର ସମ୍ବାଦ ରଖନ୍ତି ନାହିଁ, ପ୍ରକୃତରେ ନୈରାଶ୍ୟ ଓ ପରଦର୍ଶନ ହେବା ସନ୍ଦେହ ଦୂର କିପରି ହେବ ?

———

## ପୁରୀ-ରଥଯାତ୍ରା ।

ଗତ ସୋମବାର ଦ୍ୱାଦଶୀଦିନ ଅପରାହ୍ନରେ ଶ୍ରୀଜୀଉଙ୍କର ବିଜୟପାଦ ବାହାରିଲା । ସ୍ନାନପୂର୍ଣ୍ଣିମାଠାରୁ ଏ ପର୍ଯ୍ୟନ୍ତ ଅନବସର ତାଃ ମଧ୍ୟରୁ କୌଣସି ଭୋଗ ବାହାରିବା ଅଛି ନ ଥିଲା । ଅନ୍ନମହାପ୍ରସାଦାଦି ନୈବେଦ୍ୟମାନ କେବଳ ପଟମୂର୍ତ୍ତିଙ୍କୁ ଭୋଗ ଲାଗୁଥିଲା । ଏକାଦଶୀଠାରୁ ଶ୍ରୀଜୀଉଙ୍କର ଖଡ଼, ଶଙ୍ଖ ଓ ଘଣ୍ଟାଳି ପ୍ରଭୃତି ଶ୍ରୀମୂର୍ତ୍ତି ସଂସ୍କାର କାର୍ଯ୍ୟ ଶେଷ ହୋଇ ଦ ୧୫ ମ ପରେ ଗତ ବୁଧବାର ଘଣ୍ଟ ଶେଷେ ଠାକୁର ପିଣ୍ଡିବାରୁ ଶରଧାଳ ଉଭା ଯାତ୍ରା ଗୁରୁବାର ପ୍ରାତଃକାଳରୁ ଯାତ୍ରିମାନେ ନବଯୌବନ ଦର୍ଶନ କରିଥିଲେ । ମନ୍ଦିର ବାହାରେ ଅରୁଣସ୍ତମ୍ଭ ନିକଟରେ ଏବଂ ଭିତରେ ବଡ଼ ଦେଉଳ ବାଡ଼ ଓ ଅର୍ଗଳମାନଙ୍କ ମଧ୍ୟରେ ଯାତ୍ରିମାନଙ୍କୁ ରଖି କ୍ରମଶଃ ପଞ୍ଚବାସଙ୍କାରେ ସବିଶେଷ ସତର୍କତା ଅବଲମ୍ବିତ ହୋଇଥିଲା । ମଧ୍ୟାହ୍ନ ଘ ୧୨ ଟା ପରେ ଦର୍ଶନ ବନ୍ଦ ହୋଇ ନେତ୍ରୋତ୍ସବ ଓ ସକାଳଧୂପ ଉତ୍ତାରୁ ରଥକୁ ଆଜ୍ଞାମାଳ ଆସିଥିଲା । ମାଜିଷ୍ଟ୍ରେଟ ଓ ପୁଲିସ ସାହେବମାନେ ଉପସ୍ଥିତ ଥାଇ ଅପରାହ୍ନ ଘ ୪ ଟାଠାରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ତିନିରଥ ସିଂହଦ୍ୱାରରେ ଲାଗିଲେ । ନବଯୌବନ ଦର୍ଶନ-ସମୟରେ ଖରା ବର୍ଷା ନ ଥାଇ ମେଘଛନ୍ନ ହୋଇ ଥିବାରୁ ଯାତ ବଡ଼ ସୁଗମରେ ହୋଇଥିଲା ।

ତା ୮ ରଖ ଶୁକ୍ରବାର ଗୁଣ୍ଡିଚା ଦିନ ରଥ ପ୍ରତିଷ୍ଠା ଓ ଛେରା ଭୋଗ ଶେଷ ହୋଇ ଘ ୧୦ ଟା ସମୟରେ ଠାକୁରମାନେ ପହଣ୍ଡି ବିଜେ କରି ଘ ୧୨ ଟା ଠାରେ ରଥାରୂଢ଼ ହେଲେ ଏବଂ ଘ ୨ ଟା ପରେ ରଥ ଟଣା ଆରମ୍ଭ ହୋଇ ଘ ୫ ଟା ସମୟରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାରରେ ଲାଗିଲେ । ଏ ବର୍ଷ ରେଲ ଯୋଗେ ସବସୁଦ୍ଧା ଷାଠିଏ ହଜାର ଯାତ୍ରୀ ହୋଇଥିଲେ ।

ପ୍ରାୟ ଅଠ ଦିନ ପୂର୍ବରୁ ରଥର ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ଏହି କେତେକ ଦିନ କେବଳ ରଥପୀଠର ଚତୁଃପାର୍ଶ୍ୱ, ଚକ ଓ ଅଶ୍ୱମାନଙ୍କର ରଙ୍ଗ ଏବଂ ପରଦା ଓ ମୂର୍ତ୍ତି ସ୍ଥାପନରେ ଅତିବାହିତ ହୋଇଥିଲା । ତିନିରଥ ସିଂହଦ୍ୱାରକୁ ଯିବା ପୂର୍ବରୁ ବଡ଼ଦାଣ୍ଡ ବସନ, ଚାମର, ପତାକା, କ୍ଷୀର ଓ ପତ୍ରମାନଙ୍କରେ ମଣ୍ଡିତ ହୋଇଥିଲା ।

୮।୧୦ ଦିନ ପୂର୍ବବର୍ଷା ପରେ ମେଘ ଖଣ୍ଡିଯିବାରେ ସୋମବାର ଦ୍ୱାଦଶୀଠାରୁ ଦ ୨ ଦ ଯାତ୍ରିସଂଖ୍ୟା ବୃଦ୍ଧି ହୋଇଥିଲା । ଏହି ଦିନଠାରୁ ନିୟମିତ ସମସ୍ତ ଛଡ଼ା ସ୍ପେଶଲ ଟ୍ରେନ ଆସିଥିଲା । ପଶ୍ଚିମାଯାତ୍ରୀ ଅଳ୍ପ ଏବଂ ଅଧିକାଂଶ ବଙ୍ଗାଳୀ ଯାତ୍ରୀ ଆସିଅଛନ୍ତି । ଅନେକ ଗରିବ ଯାତ୍ରୀ ଅଠରନଳା, ମାଲତୀପାଟପୁର ଓ ସତ୍ୟଗଶପୁରରେ ରହିଅଛନ୍ତି । ଯାତ୍ରିଗଣ ଅର୍ଥାତ ଲଜିଙ୍ଗ-ହାଉସମାନ ପ୍ରାୟ ପୂର୍ଣ୍ଣ ହୋଇଗଲା । ସାଧାରଣ ଲୋକଙ୍କର ବଡ଼ା କଣପ୍ରତି ଦୁଇ ତିନି ଟଙ୍କା ହୋଇଥିଲା । ଯାତ୍ରି ବୃଦ୍ଧି ସଙ୍ଗେ ବଡ଼ା ମଧ୍ୟ ବଢ଼ିଥିଲା । ବଡ଼ଦାଣ୍ଡ ଓ ସିଂହଦ୍ୱାର ନିକଟସ୍ଥ ପକ୍କା ଘରମାନ ୭।୮ ଟଙ୍କା କମରେ ମିଳିବା କଠିନ ହୋଇଥିଲା ।

———

## ସତ୍ତ୍ୱଲିପି ପୂରଣ ।

ବଙ୍ଗୀୟ ପ୍ରଜାସତ୍ତ୍ୱ ଆଇନର ଦଶମ ଅଧ୍ୟାୟ ଅନୁଯାୟୀ ନାନାସ୍ଥାନରେ ବନ୍ଦୋବସ୍ତ କାର୍ଯ୍ୟ ଚାଲି ସତ୍ତ୍ୱଲିପି ପୂରଣ ହେଉଅଛି । ଯେଉଁ ସ୍ଥାନରେ ରାୟତର ଦଖଲସତ୍ତ୍ୱ ହସ୍ତାନ୍ତର କରିବାର ଅଧିକାର ନାହିଁ ସେଠାରେ ଖରିଦଦାରର ନାମ ସତ୍ତ୍ୱଲିପିରେ ପୂରଣ ହେବା ସମ୍ବନ୍ଧରେ ବର୍ତ୍ତମାନ କଲିକତା ହାଇକୋର୍ଟରେ ଏକ ମୋକଦ୍ଦମା ଉପସ୍ଥିତ ହୋଇଯାଇଅଛି । ସେ ମୋକଦ୍ଦମାରେ ବନ୍ଦୋବସ୍ତ ହାକିମ ଖରିଦାରର ନାମ ସତ୍ତ୍ୱଲିପିରେ ପୂରଣ କରିବାରୁ ଜମିଦାର ୧୦୬ ଦଫାମତେ ତାହା କଟାଇବା ହାରଣ ମୋକଦ୍ଦମା କଲେ । ଯେଉଁ ବନ୍ଦୋବସ୍ତ ହାକିମଙ୍କ ନିକଟରେ ଏ ମୋକଦ୍ଦମା ପଡ଼ିଲା ସେ ଉକ୍ତ ଜମିରେ ଜମିଦାର ଖାସ ଦଖଲ ପାଇବାର ଅଧିକାରୀ ଥିବା ଏବଂ ଖରିଦଦାର ଅନଧିକାର ପ୍ରବେଶକାରୀ ( tr-espasser ) ଥିବାରୁ ନିଷ୍ପତ୍ତି କରି ସତ୍ତ୍ୱଲିପିରେ ଉକ୍ତ ଜମିସମ୍ବନ୍ଧେ ଜମିଦାର ଖାସ ଦଖଲ ପାଇବା ଓ ଖରିଦଦାର ଅନଧିକାର ପ୍ରବେଶକାରୀ ବୋଲି ଦର୍ଜ ହେବାର ଆଦେଶ କଲେ । ଜଜ ସାହେବଙ୍କ ନିକଟରେ ଏଥିର ଅପିଲ ହୁଅନ୍ତେ ତାହା ବାହାଲ ହେଲା ଏବଂ ହାଇକୋର୍ଟରେ ମଧ୍ୟ ପ୍ରଧାନ ବିଚାରପତି ଓ ବିଚାରପତି ଦାସ ମହୋଦୟମାନେ ଉକ୍ତ ନିଷ୍ପତ୍ତି ବାହାଲ କରିଅଛନ୍ତି । ବିଚାରପତିମାନେ ଆପଣା ରାୟରେ ଲେଖିଅଛନ୍ତି ଯେ ୧୦୨ ଦଫାର ଏ ଓ ବି ପ୍ରକରଣରେ ବ୍ୟବହାରିକ ବା ବ୍ୟବହାରୀ ( occupant or occupier ) ଶବ୍ଦ ୧୮୯୮ ସାଲର ସଂଶୋଧନୀ ଆଇନଦ୍ୱାରା ଯୋଗ ହୋଇ ଆଇ ପ୍ରକରଣ ମଧ୍ୟ ଯୋଗ ହୋଇଅଛି । ଦୁଇଟା ଭିନ୍ନ ଶବ୍ଦ ଯୋଗଦ୍ୱାରା ବିଶେଷ କିଛି ପାର୍ଥକ୍ୟ ନ ଥିବାର ସମ୍ଭବ ଏବଂ ଏହିରୂପ ଅସାବଧାନତାର ଲେଖାଦ୍ୱାରା ଏମନ୍ତ ଅତ୍ୟାବଶ୍ୟକୀୟ ଆଇନ ନଷ୍ଟ ହୋଇଅଛି । ଆଇ ପ୍ରକରଣ ଏହାସଙ୍ଗେ ଯୋଗ ହେବାଦ୍ୱାରା ଉକ୍ତ କେନ୍ଦ୍ରସ୍ଥ ସେହି ପ୍ରକରଣ ସହାଯେ ହୋଇଥିବାର ଜଣାଯାଏ ତାହାହେଲେ ଖରିଦାରର ନାମ ଅଦୌ ସତ୍ତ୍ୱଲିପିରେ ଲେଖାଯିବା ଉଚିତ ନୁହେ । ସେ ସମସ୍ତଲେ କୌଣସି ଅପିଲ ହୋଇନାହିଁ ମାତ୍ର ଖରିଦଦାରର ନାମ ଲେଖାଯାଇ ନାହିଁ ସଙ୍ଗେ ସେ ଅନଧିକାର ପ୍ରବେଶକାରୀ ଲେଖା ନ ଗଲେ କର୍ତ୍ତବ୍ୟତକୁ ଅନୁଚିତ ହେବ । ଏହି ସ୍ଥଳରୁ ପାଠକମାନେ ଦେଖିବେ ଯେ ଜମିଦାରର କଥା ମହଲରେ ଯେ ସବୁ ରୟତି ଜମି ଖରିଦ ହୋଇଅଛି ସେଥିର ଖରିଦଦାରଙ୍କ ନାମ ସତ୍ତ୍ୱଲିପିର ୧୦ ବା କୈଫିୟତ ଘରେ ଯେ ବନ୍ଦୋବସ୍ତ ହାକିମମାନେ ଲେଖି ଦେଉଅଛନ୍ତି ତାହା ଭୁଲ ଅଟେ । ପ୍ରଜାସତ୍ତ୍ୱ ଆଇନର ୧୦୨ ଧାରା ମତେ ବନ୍ଦୋବସ୍ତ ହାକିମ କେବଳ ଦଖଲକାରୀ ବିଷୟ ଦେଖିବାର ଅଧିକାରୀ ହୋଇଥିଲେ ମାତ୍ର ତାହା ଥାଇ ପାରିଲା ନାହିଁ । ଉତ୍କଳସଭା ଏବଂ ବାଲେଶ୍ୱର ଜାତୀୟସଭା ଏ ସମ୍ବନ୍ଧରେ ମୂଳରୁ ଆପତ୍ତି କରି-

Digitized by srujanika@gmail.com

ଥିଲେ ମାତ୍ର ଡାଇରେକ୍ଟର ସାହେବପର୍ଯ୍ୟନ୍ତ ଟାଙ୍କରଣ ହୋଇ ଦେଇ ଦଶମ ସରେ ନାମ ପୂରଣ କରିବାର ପଦ୍ଧତି କଲେ । ବର୍ତ୍ତମାନ ହାଇକୋର୍ଟ ଜଜର ସବୁ ପରଷ୍ଟାର କର ଦେଲା । ଏ ଜଜର କଲକତା ଉତ୍କଳ ଗୋଟ ୧୪ ନମ୍ବର ୮୧୬ ପୃଷ୍ଠାରେ ପ୍ରକାଶିତ ହୋଇଅଛି । ଯେତେବେଳେ ପ୍ରକାଶନ ଅନନ୍ତରେ ଜମିଦାରର ଚଳା ମଞ୍ଜୁରୀରେ ରସୁଣା ଯୋଗ କରିବା ହୋଇ ନ ପାରେ ସେତେବେଳେ ଜଣାଇବାର ଜମିଦାରଙ୍କ ମଞ୍ଜୁର ନ ହେବା ପର୍ଯ୍ୟନ୍ତ ବନ୍ଦୋବସ୍ତ ହାକିମ ବା କୌଣସିଠାରେ ଠିକ ହୋଇ ନ ପାରେ । ବନ୍ଦୋବସ୍ତ ହାକିମ ଯାହା ଏକଡ଼ ରୂଙ୍ଗ ପାଇଲେ ତାହିଁ ଏହା ଅମ୍ଭମାନଙ୍କର ବିଚାର ହେଉଛି । ବୋଲି ବାସ୍ତୁଳା ଉପରେକ୍ତ ଥିଲ ପ୍ରକରଣ ବ୍ୟବହାର ସବୁ ସମ୍ବନ୍ଧୀୟ ଅଟେ ।

---

## ଉଚ୍ଚ ବିଜ୍ଞାନ ଶିକ୍ଷା ।

ଏଠା ରେଭେନ୍ସା କଲେଜରେ ଉଚ୍ଚ ବିଜ୍ଞାନଶିକ୍ଷାର ବନ୍ଦୋବସ୍ତ ନ ଥିବାରୁ ଛାତ୍ରମାନଙ୍କ ପକ୍ଷେ ବିଶେଷ ଅସୁବିଧା ଘଟିଅଛି । ବି, ଏ, ଶ୍ରେଣୀରେ ବିଜ୍ଞାନ ପଢ଼ାଇବାର ବନ୍ଦୋବସ୍ତ କରିବାକାରଣ ଉତ୍କଳସଭା ପକ୍ଷରୁ ବାବୁ ବୈକୁଣ୍ଠନାଥ ଦେ ଓ ବାବୁ ବ୍ରଜସୁନ୍ଦର ଦାସଙ୍କ ସହିତ ସଭାର ସମ୍ପାଦକ ୧୯୦୮ ମସିହା ଅଗଷ୍ଟ ମାସରେ ତତ୍କାଳୀନ ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ମହୋଦୟ ଏଠାରେ ଶୁଭାଗମନ କରିଥିବାରୁ ତାଙ୍କ ନିକଟରେ ପ୍ରତିନିଧି ସ୍ୱରୂପ ଯାଇ ଏ ବିଷୟ ଜଣାଇଥିଲେ । ମହାନୁଭବ ଡାଇରେକ୍ଟର ମହୋଦୟ ପ୍ରକାଶ କଲେ ଯେ କେବଳ ସ୍ଥାନାଭାବରୁ ଏହି ବନ୍ଦୋବସ୍ତ ହୋଇପାରୁ ନାହିଁ ମାତ୍ର କଲେଜ ସଲଗ୍ନ ସ୍କୁଲ ନିମନ୍ତେ ଅନ୍ୟତ୍ର ସ୍ଥାନ ନିଆଯାଇଥିବାରୁ ସେଠାରୁ ସ୍କୁଲଟି ଉଠିଯାଇ ଇଣ୍ଟରମିଡିଏଟରେ ବିଜ୍ଞାନ ପଢ଼ୁଥିବା ଛାତ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାବେଳକୁ ଦୁଇବର୍ଷ ମଧ୍ୟରେ ବି, ଏ, ଶ୍ରେଣୀରେ ବିଜ୍ଞାନ ପଢ଼ିବାର ବନ୍ଦୋବସ୍ତ ହୋଇଥିବ । ଏଥିରୁ ସରକାରଙ୍କ ଆର୍ଥିକ ଅବସ୍ଥା ମନ୍ଦ ହୋଇଉଠିବା ହେତୁ ସ୍କୁଲଘର ଏପର୍ଯ୍ୟନ୍ତ ନିର୍ମାଣ ହୋଇ ନାହିଁ । ଏଣେ ଯେଉଁମାନେ ଇଣ୍ଟରମିଡିଏଟ ପରୀକ୍ଷା ଦେବାକାରଣ ବିଜ୍ଞାନ ନେଇଥିଲେ ତାଙ୍କ ମଧ୍ୟରୁ ୨୩ ଜଣ ଛାତ୍ର ଗତ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଉପସ୍ଥିତ ହୋଇ ୮ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନେ ଆଉ ଏଠାରେ ବି, ଏ, ଶ୍ରେଣୀରେ ପଢ଼ି ପାରିବେ ନାହିଁ । ଉତ୍କଳସଭାର ଗତ ଜୁନମାସ ତା ୭ ରିଖର ଅଧିବେଶନରେ ଏ ବିଷୟର ଆଲୋଚନା ହୋଇ ବି, ଏ, ଶ୍ରେଣୀ ଓ ଅନର୍ ଶାଖା ଖୋଲିବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ଲେଖାଯିବାପାଇଁ ପ୍ରସ୍ତାବ ଧାର୍ଯ୍ୟ ହେଲା ଏବଂ ତଦନୁସାରେ ଗବର୍ଣ୍ଣମେଣ୍ଟଙ୍କୁ ପତ୍ର ପଠାଯାଇଅଛି । କିନ୍ତୁ ଉତ୍ତର ଆସି ନାହିଁ । ଏଣେ କଲେଜର ଛାତ୍ରସଂଖ୍ୟା ବଢ଼ୁଅଛି । ଆଗାମୀ ପରୀକ୍ଷାରେ ଏମାନଙ୍କର ଦଶା ବର୍ତ୍ତମାନଠାରୁ ହେବ । ଏହା ଦେଖିବାକୁ ଅତୀବ ଶୋଚନୀୟ । ରେଭେନ୍ସା କଲେଜ ଓଡ଼ିଶାରେ ଏକମାତ୍ର କଲେଜ । ପ୍ରାତଃସ୍ମରଣୀୟ ରାଜା ସୁପ୍ରଭୁଷ ରେଭେନ୍ସା ସାହେବଙ୍କ ପ୍ରେମପୂର୍ଣ୍ଣ ଶାସନରେ ଆକୃଷ୍ଟ ହୋଇ ପ୍ରାତଃସ୍ମରଣୀୟ ଭୂତପୂର୍ବ ମୟୂରଭଞ୍ଜର ମହାରାଜା ମହୋଦୟ ଅନେକ ଟଙ୍କା ଦାନ କରି ଏହି କଲେଜ ସଂସ୍ଥାପନ କରିଥିଲେ । ସେହି ସଦ୍ଦୃଷ୍ଟାନ୍ତର ଅନୁକରଣ କରି ଯଦି ବର୍ତ୍ତମାନର ମୟୂରଭଞ୍ଜର ମହାରାଜା ଏବଂ ଅନ୍ୟ ରାଜା ମହାରାଜାମାନେ ବାହାରନ୍ତେ ତେବେ ଓଡ଼ିଶାର ଏ ଅଭାବ ଅଧିକଦିନ ରହି ପାରନ୍ତା ନାହିଁ । ଅବଶ୍ୟ ରାଜା, ମହାରାଜାମାନଙ୍କର ଅନ୍ୟ ଅନେକ କାର୍ଯ୍ୟ ଅଛି । ତଥାପି ଏ ଦାନ ଦେଶର ଅବସ୍ଥା ଦୃଷ୍ଟିରେ ନିତାନ୍ତ ଆବଶ୍ୟକୀୟ ହୋଇ ପଡ଼ିଅଛି । ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥା ମନ୍ଦ ହୋଇ ନ ଥିଲେ ସେମାନଙ୍କର ସାହାଯ୍ୟର ପ୍ରୟୋଜନ ହୁଅନ୍ତା ନାହିଁ । ମାତ୍ର ଯେତେବେଳେ ତାହା ଘଟିଅଛି ସେତେବେଳେ ଦେଶର ଧନୀ ଲୋକେ ବାହାରନ୍ତୁ ନ ବାହାରିଲେ ଉପାୟ କଣ ? ସମସ୍ତ ଦାନଠାରୁ ବିଦ୍ୟାଦାନ ଅତି ମହତ୍‌କାର୍ଯ୍ୟ "ଏବଂ କଲେଜର ଶିକ୍ଷା ସାହାଯ୍ୟାର୍ଥ ଦାନ ଏହାବେଳେ ଭାବୀୟ ଦେଶଲୋକଙ୍କର ଉପକାର କରିବାରୁ ମହତ୍ ମହାନ ଅଟେ । ଜଣେ ନ ହେଉ ନିତାନ୍ତ ପକ୍ଷରେ ଦଶଜଣ ଧନୀ ବାହାରିପଡ଼ି ହୋଇଏ କି ପଞ୍ଚାଶହଜାର ଟଙ୍କା ଗବର୍ଣ୍ଣମେଣ୍ଟଙ୍କ ହାତରେ ଦେଲେ ଅଳ୍ପଦିନରେ କାର୍ଯ୍ୟ ହୋଇଯିବ । ଅନେକ ଦିନ ହେଲା କଲେଜ ଲୋକେ ଭୁଲିଯାଇ ଅଛନ୍ତି ଏବଂ ବର୍ତ୍ତମାନ ବେଳ ପଡ଼ିଥିବାରୁ ଅମ୍ଭେମାନେ ସେମାନଙ୍କର ଦୃଷ୍ଟି ଆକର୍ଷଣ କରି ଶୁଭଦ ପ୍ରାପ୍ତ ଆଶା କରିଲୁଁ । କଲେଜିଏଟ ସ୍କୁଲ ଘର ନିମିତ୍ତ ଯେଉଁ ସ୍ଥାନ ନିଆଯାଇଅଛି ତାହା ସମତଳ ହେବାକାରଣ ଟଙ୍କା ମଞ୍ଜୁର ହୋଇଥିବାରୁ ଏବର୍ଷ ସମତଳ ହୋଇ ରହିବ ମାତ୍ର ଗୃହନିର୍ମାଣ ଶେଷହେବାକୁ ଅନ୍ତତଃ ଦୁଇବର୍ଷ ପ୍ରୟୋଜନ । ଉତ୍କଳ ସଭା ଯେପର୍ଯ୍ୟନ୍ତ ଅସ୍ଥାୟୀ ବା ସ୍ଥାୟୀଘର ନିର୍ମାଣପୂର୍ବକ ବି ଏ ଶ୍ରେଣୀର ବିଜ୍ଞାନ ଶିକ୍ଷାର ବନ୍ଦୋବସ୍ତ କରିବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିଅଛନ୍ତି ଏବଂ ପ୍ରେସିଡେନ୍ସି ଓ ଅନ୍ୟାନ୍ୟ କଲେଜରେ ଏହିପରି ବନ୍ଦୋବସ୍ତ ହୋଇଥିବାର ଦର୍ଶାଇଅଛନ୍ତି । କଲେଜଘର ନିକଟରେ ଯଥେଷ୍ଟ ସ୍ଥାନ ଥିବାରୁ ଅସ୍ଥାୟୀ ଘରଦ୍ୱାର ନିର୍ମାଣ କାର୍ଯ୍ୟ ଚଳାଇବାରେ କିଛିମାତ୍ର ଅସୁବିଧା ନାହିଁ, ଏବିଷୟ ମଧ୍ୟ ସଭା ଗବର୍ଣ୍ଣମେଣ୍ଟଙ୍କ ଗୋଚରକୁ ଆଣିଅଛନ୍ତି । ଅମ୍ଭେମାନେ ଭରସା କରୁଁ ଗବର୍ଣ୍ଣମେଣ୍ଟ ଦୟାଚକ୍ଷୁରେ ଏହା ଦେଖି ଦେବେ । ଏଠା କଲେଜର ଅଧ୍ୟକ୍ଷ ଅମ୍ଭମାନଙ୍କର ଶ୍ରଦ୍ଧାଭାଜନ ସାହେବ ମହୋଦୟ ଏହାକୁ ସମର୍ଥନ କଲେ କାର୍ଯ୍ୟ ସିଦ୍ଧିପକ୍ଷେ ବାଧା ଘଟିବ ନାହିଁ ।

—*—

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱର ଜିଲାର ସଦର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ରସିକଲାଲ ଦେବ କାର୍ଯ୍ୟରେ ଅବସର ମଞ୍ଜୁର ହେଲା ।

ନିମ୍ନଲିଖିତ ସବ୍‌ଡେପୁଟୀ ସର୍ଜନମାନେ ସନ ୧୯୧୦ ଅପ୍ରେଲ ତା ୧ରିଖରୁ ମାସିକ ୫୮୦ ବେତନରେ, ଦ୍ୱିତୀୟ ଶ୍ରେଣୀ ... ପାଇଲେ ।

| | |
|---|---|
| ବାବୁ ସର୍ବେଶ୍ୱର ହୋତା | ବାବୁ ଗଙ୍ଗାଧର ଦାସ |
| " ଶ୍ରୀ ସନାତନ ଘୋଷ | " ପୂର୍ଣ୍ଣଚନ୍ଦ୍ର ସୂର |
| " କୈଳାସଚନ୍ଦ୍ର ସିଂହ | " ମାର୍କଣ୍ଡ ସାହୁ |

ମିଃ ଯୋଗେନ୍ଦ୍ରନାଥ ସେନ ସମ୍ବଲପୁରର ଡାକ୍ତରଖାନାର ଚେମ୍ବର ପଦରେ ନିଯୁକ୍ତ ହେଲେ ।

ଗତ ତା ୩ରିଖରେ ଶେଷହେବା ସପ୍ତାହରେ କଟକର ବର୍ଷାର ହାରରେ ସେ ୧୨୪, ବାଲେଶ୍ୱରରେ ସେ ୧୩୧ ସମ୍ବଲପୁରରେ ସେ ୧୪୩ ଓ ପୁରୀରେ ସେ ୧୨୮ ଓ ଗତ ... ଜାତ ମଧ୍ୟରେ ସର୍ବୋଚ୍ଚ ବାମଣ୍ଡା, ପାଇକଡ଼ା ଓ ତାଳଚେରରେ ସେ ୨୦ ଓ ସର୍ବନିମ୍ନ ... ସେ ୧୧ ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା କଟକ ୧.୭୪ ବାଲେଶ୍ୱର ୪.୮୨, ସମ୍ବଲପୁର ୩.୨୭ ଓ ପୁରୀ ୨.୩୪ ଇଞ୍ଚ ଏବଂ ଗଡ଼ଜାତ ମଧ୍ୟରେ ବୃଷ୍ଟି ସର୍ବୋଚ୍ଚ ... ୭.୩୦ ଓ ସର୍ବନିମ୍ନ ... ୦.୨୦ ଇଞ୍ଚ ।

---

## ସ୍ଥାନୀୟ ସମ୍ବାଦ ।

ଖାଟଯୋଗିଆନାସ ... ଗାଁ ... ବହିଲା । ... ଦରବାର ଓ ସତ ... ହୋଇଅଛି ।

ପେନସନ ପ୍ରାପ୍ତ ବାବୁ ... ଗତ ... ମାସରେ ... ପରଲୋକ ଗମନ କଲେ । ବାବୁ ମହୋଦୟ ... ଏଠାରେ ... ସୁଖ୍ୟାତି ସହିତ ... ବର୍ଷ ... କରିଥିଲେ । ମୃତ୍ୟୁକାଳରେ ତାଙ୍କର ବୟସ ପ୍ରାୟ ... ହୋଇଥିଲା ।

ବାମଣ୍ଡା ... ଜଣେ ବ୍ୟବସାୟୀଠାରୁ ... ଧର୍ମଶାଳା ... ଶୋଇଥିଲା । ସେହି ... ଚାହାଁ ... ସେମାନେ ... ସେହି ... ମୂର୍ଚ୍ଛିତ ହୋଇଥିଲେ ଓ ... ହେଲା । ... ଅନୁସନ୍ଧାନ ହେଉଅଛି । ସାଃ ହିଃ

... ଚୋରି ... ପାଇଥିବା ... ଲେଖାଯାଇଅଛି । ... ୧୩।୧୪ ... ଗଣା ... ସାଃ ହିଃ

Split by PDF Splitter



ବ୍ୟକ୍ତିମାନେ ସାହାଯ୍ୟ ଓ ସହାନୁଭୂତିଦ୍ୱାରା ଆମ୍ଭମାନଙ୍କ ଅଧ୍ୟା ଯୁକ୍ତ କରିବେ ।

ଦସ୍ତଖତ
କଟକ
୪।୭।୧୯୧୦, ଗୋପାଳଚନ୍ଦ୍ର ପ୍ରହରାଜ ସମ୍ପାଦକ ଉତ୍କଳ ଗୋରକ୍ଷିଣୀ ସଭା ।

ଜଷ୍ଟିସ୍ ଚିଚିନର ସାହେବଙ୍କ ମନ୍ତବ୍ୟର ଅନୁବାଦ ଏହି ।

"ଗତମାସ ତା ୧୮ ରିଖ ସକାଳେ ଆମ୍ଭେ ସ୍ଥାନୀୟ ଗୋରକ୍ଷିଣୀ ସଭା ସଂଲଗ୍ନ ଗୋଶାଳା ପରିଦର୍ଶନ କଲୁଁ, ସମ୍ପାଦକ ଓ ଟ୍ରେଜରର ସଭ୍ୟ ଅମ୍ଭଙ୍କୁ ଗୋଶାଳାର ସମସ୍ତ ଅଂଶ ବୁଲାଇ ଦେଖାଇଥିଲେ, ଗୃହଟି ପରିଷ୍କାର ପରିଚ୍ଛନ୍ନ ଥିବାର ଅମ୍ଭେ ଦେଖିଲୁଁ ଓ ଗୋଶାଳାର ତତ୍ତ୍ୱାବଧାନ ଭଲ ରୂପେ ହେଉଅଛି । ଗୋଶାଳାର କର୍ତ୍ତୃପକ୍ଷମାନେ ଉତ୍ତମରୂପେ ଓ ଯତ୍ନସହକାରେ ଗୋଶାଳାର କାର୍ଯ୍ୟ ଚଳାଉଥିବାର ସ୍ପଷ୍ଟ ଲକ୍ଷଣ ମାନ ପ୍ରକାଶ ପାଇଲା । ଏହି ଅନୁଷ୍ଠାନଦ୍ୱାରା ଅକ୍ଷମ ଓ ବୃଦ୍ଧ ଜୀବମାନଙ୍କର ଦୁଃଖ ମୋଚନ କରିବାପାଇଁ ବିଶେଷ ଯତ୍ନ କରାଯାଉଥିବାରୁ ଏଥିପ୍ରତି ପ୍ରତ୍ୟେକ ଜୀବକଲ୍ୟାଣକାମୀ ବ୍ୟକ୍ତିଙ୍କର ଅନ୍ତର ସହାନୁଭୂତି ଓ ସାହାଯ୍ୟ ଏକାନ୍ତ ବାଞ୍ଛନୀୟ ।

ସ୍ୱାକ୍ଷର ଜେ, ଏଚ, ଇ ଗାରେଟ
ଏକ୍‌ଟିଂ କମିଶନର ।

---

ପୁସ୍ତକପ୍ରାପ୍ତି ।

| | | |
|---|---|---|
| ଶ୍ରୀବାବୁ ଜେ, ଏସ୍, ଦାସଙ୍କ | କଲିକତା | ଟ ୩( |
| " ଜଗବନ୍ଧୁ ମହାନ୍ତି | ରେଭେନ୍ସା | ଟ ୨( |
| " ପର୍ଶୁରାମ ମହାନ୍ତି ବ୍ରହ୍ମ-ବ୍ରହ୍ମପୁର | | ଟ ୧( |
| " କୃଷ୍ଣପ୍ରସାଦ ଚୌଧୁରୀ | ଫତେଆବାଦ | ଟ ୧୫ |
| ଗ୍ରା । ବା । | ମଧୁପୁର | ଟ ୧୨( |
| ବାବୁ ସୁଦାମ ମହାନ୍ତି | ପଟିଆ | ଟ ୩( |
| ପ୍ରେସିଡେଣ୍ଟ ରଘୁନାଥ ହାଇସ୍କୁଲ | ଦେବଗଡ଼ | ଟ ୩( |
| ଶ୍ରୀବାବୁ ପର୍ଣ୍ଣ ଦାସ | କଟକ | ଟ ୩( |

---

ବିଜ୍ଞାପନ ।

ନୂଆ ନୂଆ ସରଗଳ୍ପ    ପଢ଼ି ଦେଖ ମଜା
ନୂତନ ପୁସ୍ତକ ।

| | |
|---|---|
| (୧) ଦମନ ରାସ | ଟ ୦ ।୬ |
| (୨) ସ୍ତ୍ରୀପଦ୍ମପାଳୀ | ଟ ୦ ୵୬ |
| (୩) ବୁଢ଼ୀ ମା | ଟ ୦ ୵୬ |
| (୪) କଳେଇଁଶାସ୍ତ୍ର | ଟ ୦ ୵୬ |
| (୫) ବିଧବାର ସ୍ୱାମୀପ୍ରାପ୍ତି | ଟ ୦ ୵୬ |
| (୬) ବୋହୂ ଗୋ | ଟ ୦ ୵୬ |
| (୭) ମଧ୍ୟମାଲତୀ ବିଚ୍ଛେଦ | ଟ ୦ ୵୬ |
| (୮) ମଧୁମାଲତୀ ମିଳନ | ଟ ୦ ୵୬ |
| (୯) ଅମୂଲ୍ୟଧନ | ଟ ୦ ୵୬ |
| (୧୦) ବସନ୍ତ କହାଣୀ | ଟ ୦ ୵୬ |
| (୧୧) କହାଣୀ | ଟ ୦ ୵୬ |

ଗଳ୍ପ ଓ ପଦ୍ୟ, ଅତି ସୁନ୍ଦର ଖାଣ୍ଟି ଓଡ଼ିଆ ଗ୍ରାମ୍ୟ ଭାଷା କୌତୁକ ରହସ୍ୟ ପ୍ରଭୃତିରେ ପୂର୍ଣ୍ଣ । ପଢ଼ିବାକୁ ବସିଲେ ବହି ଶେଷ ନ କରି ଉଠି ପାରିବ ନାହିଁ ।

ପ୍ରାପ୍ତି ସ୍ଥାନ କଟକ ପ୍ରିଣ୍ଟିଂକମ୍ପାନୀ

# ବିଜ୍ଞାପନ

ଶ୍ରୀ ଛକଡ଼ି କର କବିରତ୍ନ ।
ଚନ୍ଦ୍ରପ୍ରଭା । ଆୟୁର୍ବେଦୀୟ ଔଷଧାଳୟ
ଗାନ୍ଧିବଜାର କଟକ ।

## ଶ୍ରୀ ମଦନାନନ୍ଦ ମୋଦକ ।

ଏହା ସେବନ କଲେ ଶୁକ୍ରତାରଲ୍ୟ, ଧ୍ୱଜଭଙ୍ଗ, ସ୍ୱପ୍ନଦୋଷ ଶୁକ୍ର ଗଳିବା, ଅଳ୍ପହାସରେ ଶୁକ୍ରସ୍ଖଳନ, ଦନ୍ତ୍ର ଆଳସ୍ୟ ଶରୀର ମାଂସପେଶୀ ବୋଧ ହେବା, କୋଷ୍ଠ ପରିଷ୍କାର ନ ହେବା ପେଟରେ ବାୟୁ ହେବା, ଉଦର ଜୋରିଆ ହାସ ହେବ କଟିର ବ୍ୟଥା ହେବା, ମୂତ୍ର ରୁନ୍ଧିବା, ଅଳ୍ପ ପରିଶ୍ରମ କଲେ ବିଶେଷ କ୍ଳାନ୍ତ ବୋଧ ହେବା ପରିପାକ ଶକ୍ତି ହ୍ରାସ ହେବା, ପରିଶ୍ରମଜନିତ ରକ୍ତମ ରଙ୍ଗ ହେବା, କ୍ଷୁଧା ନ ହେବା ଅଳ୍ପ ଖାଦ୍ୟ ଖାଇଲେ ଅଜୀର୍ଣ୍ଣ ହେବା ସ୍ତ୍ରୀ ସହବାସରେ ଅନିଚ୍ଛା ରୁଚି ଅଳ୍ପକ୍ଷଣରେ ବୀର୍ଯ୍ୟପାତ ହେବା, ଚର୍ମ ଶୁଷ୍କମାନେ ଶୁଷ୍କ ହେବା, ଚର୍ମ ଅମ ଉତ୍ତାପ ହୋଇ ଶୀର୍ଣ୍ଣ ହେବା, ହାତ ଗୋଡ଼ ଜଳିବା, ପଣତ୍ତା ଝାଡ଼ା ହେବା, କଣ୍ଠ ଶୁଷ୍କ ହେବା କିମ୍ବା ଛୋଟ ହେବା, ପରିଧ୍ୱା ସହିତ ଖାଦ୍ୟ ପଦାର୍ଥ ଉଠିବା, ବାୟୁଜନିତ ପେଟରେ ଦରଜ ହେବା, କିମ୍ବା ପେଟ ଫାମ୍ପିବା, ଦୁର୍ବଳ ବୋଧ ହେବା, ଶୀଘ୍ର ଆରୋଗ୍ୟ ହୁଏ ।

ସେ ୧ ଉଣ୍ଟି ୮ ଟା ଡାକମାସୁଲ ସ୍ୱତନ୍ତ୍ର ।

---

# ନୀଲାମୀ ଇସ୍ତିହାର ।

ନ ୫୯୭ ମକଦ୍ଦମା ଡିକ୍ରୀଜାରୀ ସନ ୧୯୧୦ ମଃ
ଶ୍ରୀ ମହନ୍ତ ସ୍ୱଧାବଶ୍ଚଳ ଦାସ । ସା । ଲୁଣପୁର ବାଲକଦାସ ମଠ । ପ୍ର । ବାଣପୁଟାଦ ସହର କଟକ    ଜାରୀ ଡିଃ

( ବନାମ )

୧ । ବଣି ନାୟକ ୨ । ଫଗୁ ନାୟକ । ସା । ଦରଷପୁର । ପ୍ର । ବାଲୁବିଶ    ଦ୍ରୁଭବାଗୀ ଦେଃ

ଉକ୍ତ ମୋକଦ୍ଦମାର ଜରଡିକ୍ରୀ ଓଗେର ଟଙ୍କା ଅଦାୟ ନିମନ୍ତେ ଦେଣଦାରମାନଙ୍କର ନିମ୍ନଲିଖିତ ବନ୍ଧକୀ ସମ୍ପତ୍ତି ସନ ୧୯୧୦ ମସିହା, ଜୁଲାଇ ମାସ ତା ୧୫ ରିଖ ଦିବା ଘ ୧୨ ଟା ସମୟେ କଟକ । ମୁ । ୨ୟ ମୁନସଫଙ୍କ ଅଦାଲତରେ ନିଲାମ ହେବ ।

ପୁଲିସଷ୍ଟେସନ ଓ ସବ୍‌ରେଜେଷ୍ଟ୍ରିର ଜଗତସିଂହପୁର । ପ୍ର । ବାଲୁବିଶ ନ ୮୬୨ ନମ୍ବର ତଉଜି । ମୌ । ଦରଷପୁର ରକବାରେଥିବା ପ୍ରଭବାଦମାନଙ୍କର ସ୍ୱୋଗଦଖଲ ସ୍ଥିତିବାନ୍ ପାଟ ନ ୧ ନମ୍ବର ପ୍ରଭବାଦୀ ନାମରେ ଏ୯—୬୨ ଡିଃରୁ ଅଦାୟ ଜମା ପଥକର ସହିତ ଟ ୨୪।୵୧ ମଧ୍ୟରୁ ୬୨—୦୨ ରୁ ମଥୋଟ ଜମା ପଥକର ସହିତ ଟ ୫।୵୧ ଅଟେ ।

---

ନ ୨୪୭୨ ମକଦ୍ଦମା ସରେଡରଓ ସନ ୧୯୦୭ ସାଲ
ନ ୪୩୩ ମକଦ୍ଦମା ଡିକ୍ରୀଜାରୀ ସନ ୧୯୧୦ ମସିହା
ଶ୍ରୀ ବାଳକୃଷ୍ଣ ପୃଷ୍ଟି । ସା । ହାଜିପୁର । ପ୍ର ।
ସୁହାଙ୍ଗ    ଜାରୀ ଡିକ୍ରୀଦାର

ବନାମ

୧ ବୈଷ୍ଣବ ବସ୍ତଲ ଓ ନ ୨ ସନେ ବସ୍ତଲ ସାବାଳଗ ନ ୩ ଶଙ୍କର ବସ୍ତଲ ନାବାଳଗ ଓ ୪ ଗଦାଧର ବସ୍ତଲ ନାବାଳଗ ପୁତ୍ରମାନେ ସ୍ୱାମୀ ବସ୍ତଲ । ମୃ । ଓ ଉକ୍ତ ନାବାଳଗର ବଳୀଦେବ ଜନନୀ ଅଭିଭାବକ ଜନନୀ ମାତାପିତା ମୃତ ବସ୍ତଲ ଓ ନ ୫ ମଲ୍ଲି ବେଓ୍ୟା ସ୍ତ୍ରୀ ଦାମ ବସ୍ତଲ । ମୃ । ଓ ନ ୬ ମୁକ୍ତ ବେଓ୍ୟା ସ୍ତ୍ରୀ ବୈଷ୍ଣବ ବସ୍ତଲ ମଜକୁର ଜାତି । ସା । ଶୁଦରପଡ଼ା । ପ୍ର । ଅସୁରେଶ୍ୱର    ପ୍ରଭବାଦୀ ଦେଃ

ଉପରଲିଖିତ ନମ୍ବର ଡିକ୍ରୀଜାରୀ ମୋକଦ୍ଦମାରେ ଟ ୩୩୭୪୵୭ୟ ସହାଶେ ନିମ୍ନଲିଖିତ ସମ୍ପତ୍ତିମାନ ବନ୍ଧକ ଥିବାରୁ ସନ ୧୯୧୦ ମସିହା ଜୁଲାଇମାସ ତା ୧୫ ରିଖେ ନିଲାମ ହେବ ।

୧ । କଟକଜିଲା ଅନ୍ତର୍ଗତ ପୁଲିସ ଷ୍ଟେସନ ଓ ସବରେଜେଷ୍ଟ୍ରିର । ମୁ । ସାଲେପୁର ତାଲୁକାଧୀନ । ପ୍ର । ଅସୁରେଶ୍ୱର ନ ୧୧୦୨ ମକଦ୍ଦମା ତଉଜି ଲକ୍ତ । ତା । ଗୋପାଳପୁର । ମୌ । ସଣୀପଡ଼ା ରକବାରେ ଥିବା ସ୍ଥିତିବାନ୍ ପାଟ ନ ୨୫ ମକଦ୍ଦମା ସିଦ୍ଧଲ ଯାହା ବ ନ ୧ ନମ୍ବର ପ୍ରଭବାଦୀ ଓ ଘ ୨।୩।୪ ମକଦ୍ଦମା ପ୍ରଭବାଦୀଙ୍କ ପିତା ନାମରେ ବନ୍ଦୋବସ୍ତି ଏ ୧—୧୨୦ ଡିଃ ରୁ ଜମା ଟ ୩୵୬ ମଧ୍ୟରୁ ଏ ୦—୭୫୧ ଡିଃ ରୁ ମଥୋଟ ଜମା ଟ ୨।୵୬ ଅଟେ ଉକ୍ତ ଜମି ବନ୍ଧକ ଥିବାରୁ ନିଲାମ ହେବ ଜହିଁର ଆଃ ମୂଃ ଟ ୫୦୧ ଟା

୨ । କଟକ ଜିଲା ପୁଲିସ ଷ୍ଟେସନ ଓ ସବରେଜେଷ୍ଟ୍ରିର ସାଲେପୁର । ପ୍ର । ଅସୁରେଶ୍ୱର ନ ୧୦୬୨ ମକଦ୍ଦମା ତଉଜିଲକ୍ତ । ତା । କୃଷ୍ଣପୁର । ମୌ । ଶୁଦରପଡ଼ା ରକବାରେ ଥିବା ଶ୍ରୀ ଦାମୋଦର ଠାକୁରଙ୍କ ଦେବୋତ୍ତର ବାଦେଲ ନ ୧୨୧୯୨ ମକଦ୍ଦମା ଲଃ । ବା । ନ ୧ ମକଦ୍ଦମା ପ୍ରଭବାଗୀ ଓ ଘ ୨।୩।୪ ମକଦ୍ଦମା ପ୍ରଭବାଦମାନଙ୍କ ପିତାଙ୍କର ସ୍ଥିତିବାନ୍ ରସୁଗୀ ଏ ୨—୧୮୧ ଡିଃ ରୁ ଜମା ଟ ୭୵ ମଧ୍ୟରୁ ଦକ୍ଷୀ ବାଦ ଏ ୧—୬୪୬ ଡିଃ ରୁ ମଥୋଟ ଜମା ଟ ୫୵୬ ବନ୍ଧକ ଥିବାରୁ ନିଲାମ ହେବ ଜହିଁର ଅଃ ମୂଃ ଟ ୫୦୧ ଟା ।

Digitized by srujanika@gmail.com

Split by PDF Splitter



## NOTICE.

Is hereby given that Babu Tarini Charan Sur and Hem chandra Sur having purchased 140 logs of Sal timber has failed to take delivery of 47 logs paying price &c. due by them. These 47 logs bearing numbers 94 to 140 will be re sold by auction on Sunday the 31st July 1910 at 8 a m. on the bank of the Mahanuddy near Jobra Workshop at the risk of the said Babus Tarini Charan Sur and Hemchandra Sur. Purchasers will have to pay the price of their bid then and there and remove the timbers as early as practicable.

14.7.10 Ramji Lal

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବାବୁ ତାରଣୀ ଚରଣ ସୁର ଓ ବାବୁ ହେମଚନ୍ଦ୍ର ସୁର ଗୋ ୧୪୦ ଟା ଶାଳ ଗ୍ଲୋଡିଆ କାଠ କ୍ରୟ କରି ତହିଁମଧ୍ୟରୁ ଗୋ ୪୭ଟା କାଠ ମୂଲ୍ୟ ଆଦି ନ ଦେଇ ଉଠାଇ ନେଇ ନ ଥିବାରୁ ସେମାନଙ୍କର ଦାୟିତ୍ୱରେ ଉକ୍ତ ଗୋ ୪୭ ଟା କାଠ ଯହିଁରେ ୯୪ ଠାରୁ ୧୪୦ ନମ୍ବର ଦିଆଯାଇଅଛି ନୀଲାମ ଦ୍ୱାରା ସନ ୧୯୧୦ ମସିହା ଜୁଲାଇ ମାସ ତା ୩୧ ରଖ ରବିବାର ସକାଳ ସ ୮ ଘ ସମୟରେ ଯୋବ୍ରା କାରଖାନା ନିକଟ ମହାନଦୀ କୂଳରେ ବିକ୍ରି ହେବ। କ୍ରେତାମାନେ ମୂଲ୍ୟ ତତ୍କ୍ଷଣାତ୍ ଦାଖଲ କରିବେ ଓ ଯେତେ ଶୀଘ୍ର ପାରନ୍ତି କାଠମାନ ଉଠାଇ ନେବେ।

ତାଂ ୧୪।୭।୧୯୧୦ } ରାମଜୀ ଲାଲ।

---

# ଉତ୍କଳ ଦୀପିକା।

---

ଗତ ତା ୨ ରଖରେ ଶେଷହେବା ସପ୍ତାହରେ ସମସ୍ତ ଭାରତରେ ପ୍ଲେଗ ରୋଗରେ ୮୯୧ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ପଞ୍ଜାବର ଅଙ୍କ ସର୍ବାପେକ୍ଷା ଅଧିକ ଯଥା ୫୮୨ ଥିଲା ଏବଂ ବୋମ୍ବାଇ ଓ ବଙ୍ଗଳାରେ ଏକଶତରୁ ଅଧିକ ଥିଲା, ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୯୬୯ ଥିଲା।

---

ଶୋଣପୁରର ଡାକ୍ତରର ଶବଯାତ୍ରା ଓ ସତ୍କାରକାର୍ଯ୍ୟ; ପୋଲିଟିକାଲ ଏଜେଣ୍ଟ ବା ଦେଶୀୟ ରାଜ୍ୟ ହେଲେ ମଧ୍ୟ ସେଠାରେ ଯୋଗ୍ୟ ଅଫିସର ଅଭାବ ଥିଲା। ଏ ଦୂର ରାଜଧାନୀରେ ... ଶାସନ କାର୍ଯ୍ୟାଳୟ ଓ ତାହା ଜାଗାୟ ବୈଦେଶିକମାନଙ୍କ ଜାତିଗତ ବ୍ୟବସାୟର ଅସୁବିଧା ଯୋଗ୍ୟ ଅଫିସର ଅଭାବରେ ହେଉଥିବାରୁ ବର୍ତ୍ତମାନ ଏକ ଜଣ ଯୁବକେ ସେମାନେ ଏହା ମଞ୍ଜୁର କରିବାରୁ ଗତ ତା ୧ ରଖ ଜୁଲାଇରେ ଯୋଗ୍ୟ ଅଫିସ ଜାରି ହେଉଅଛି।

---

ଏଠା ହାଜିଅବଦୁଲ ମଜିଦ ଯେଉଁ ଜାଲ ମୋକଦ୍ଦମା ମୁନସଫି ନାମରେ ଅଭିଯୋଗ କରିଥିଲେ ତହିଁର ବିଚାର ହସ୍ତର ଗତ ଶନିବାର ଶେଷ ହେଲା। ଅଫିସରମାନେ ଅସାମିଙ୍କ ଦୋଷୀ ଥିବାର ବ୍ୟକ୍ତ କଲେ ଏବଂ ଗତ ମଙ୍ଗଳବାର ଶ୍ରୀଯୁକ୍ତ ଜଜସାହେବ ମହୋଦୟ ଅସାମିଙ୍କ ୪ ବର୍ଷ ସଶ୍ରମ କାରାଦଣ୍ଡ ଦେଇ ଅଛନ୍ତି ଏବଂ ରାୟରେ ଏ ସମାହ୍ଵଲ ତହସିଲଦାରର ଅନ୍ୟାୟ କାର୍ଯ୍ୟ ପ୍ରକାଶ ହେଉଥିବାରୁ ଉପରେ ତଦନ୍ତ ହେବାର ଆଦେଶ କରିଅଛନ୍ତି। ଏ ତହସିଲଦାର ଅଳ୍ପଦିନ ତଳେ ବରଖାସ୍ତ ହୋଇ କମିଶନରରେ ଅପିଲ କରି କାର୍ଯ୍ୟ ପାଇଥିଲେ। ପୁଣି ବିପଦରେ ପଡିଲେ।

---

ଗତ ବୃହସ୍ପତିବାର ସନ୍ଧ୍ୟା ସମୟରେ ଏଠା ୟୁନିଅନ କ୍ଲବର ବାର୍ଷିକ ଉତ୍ସବ ସମାରୋହ ସହକାରେ ସମ୍ପନ୍ନ ହୋଇଅଛି। ସେହି କ୍ଲବର ସଭାପତି ବାବୁ ଜାନକୀନାଥ ବସୁଙ୍କର ପୁତ୍ର ଓ କନ୍ୟାର ବିବାହ ଗତ ବର୍ଷ ମଧ୍ୟରେ ସମାହିତ ହୋଇଥିବାରୁ ସେ କ୍ଲବର ମେମ୍ବର ଓ ବାହାରର ଅନେକ ଭଦ୍ରଲୋକଙ୍କୁ ଆହାରାର୍ଥ ନିମନ୍ତ୍ରଣ କରିଥିଲେ। ପ୍ରାୟ ୭୦ ଜଣ ଭଦ୍ରଲୋକ ଏକତ୍ର କ୍ଲବର ହଲ ଗୃହରେ ଭୋଜନ କରିବାର ଦୃଶ୍ୟ ଚମତ୍କାର ହୋଇଥିଲା। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏବଂ ୟୁରୋପୀୟ ସାହେବ ମଧ୍ୟ ଭୋଜନରେ ଯୋଗଦାନ କରିଥିଲେ। ସେଠାରେ ପରସ୍ପର ସୌହାର୍ଦ୍ଦ୍ୟର ଯେଉଁ ସ୍ରୋତ ପ୍ରବାହିତ ହୋଇଥିଲା ତାହା କ୍ଷଣିକ ନ ହୋଇ ସ୍ଥାୟୀ ହେଲେ ବଡ଼ ଆନନ୍ଦର ବିଷୟ ହେବ।

---

ଯାଜପୁରର ଜନୈକ ପତ୍ର ପ୍ରେରକଙ୍କ ପତ୍ରରୁ ଅବଗତ ହେଲୁଁ ଯେ ଯାଜପୁରର ଡାକ୍ତରଖାନା ଏବଂ ସ୍କୁଲର ଘରମାନ ଅନେକ ଦିନରୁ ଭାଙ୍ଗି ପଡ଼ିଅଛି। ସ୍ଥାନାନ୍ତରେ ପ୍ରକାଶିତ ଅନ୍ୟ ଏକ ପ୍ରେରିତ ପତ୍ରରୁ ଜଣାଯାଏ ଯେ ସେଠା ହସ୍ପିଟାଲ ମ୍ରିୟମାଣ ହୋଇ ରହିଅଛି। ଅମ୍ଭେମାନେ ଏ ବିଷୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚରରେ ଆଣି ପ୍ରାର୍ଥନା କରୁଅଛୁଁ ଯେ ଭାଙ୍ଗି ପଡ଼ିଥିବା ଘରମାନ ଶୀଘ୍ର ଆଦାୟ ହେବାର ବ୍ୟବସ୍ଥା କରାଯାଉ। ଯାଜପୁର ଚର ଗଥ ସ୍ଥାନରେ ସମ୍ଭବ ଚର୍ଚ୍ଚା ନ ଥିବା ଦେଶପକ୍ଷେ ଅତୀବ କଳଙ୍କର ବିଷୟ। କୃଷି ପ୍ରଦର୍ଶନୀ ଉପଲକ୍ଷେ ଆଦାୟ ହୋଇଥିବା ଚାନ୍ଦାରେ ଦାଖଲାମାନା ରୂପ ଲଣ୍ଡନ ଅପେକ୍ଷାରେ ଏକ ୨ ଟଙ୍କା ବ୍ୟୟ ନ କରି ତାହା ଶ୍ରେଷ୍ଠାର୍ଥ ବ୍ୟୟିତ ହୋଇଥିଲେ ହେଁ ଅନେକଙ୍କର ଓ କଲ୍ୟାଣକର ହୋଇଥାନ୍ତା।

---

ଗତ ମାସ ତା ୯ ରଖର ସମ୍ବଲପୁର ହିତୈଷିଣୀ ବାମଣ୍ଡା ବିଦ୍ୟାଳୟରୁ ଗତ ମାଟ୍ରିକୁଲେସନ ପରୀକ୍ଷାରେ ଦୁଇଜଣ ଛାତ୍ର ଉପସ୍ଥିତ ଓ ତନ୍ମଧ୍ୟରୁ ଜଣେ ଉତ୍ତୀର୍ଣ୍ଣ ହୋଇଥିବାର ଲେଖି ଅମ୍ଭମାନଙ୍କର ସମାଲୋଚନା ପ୍ରସ୍ତାବରେ ବାମଣ୍ଡାରୁ କେହି ଉତ୍ତୀର୍ଣ୍ଣ ହୋଇ ନ ଥିବାର ଯାହା ଲେଖିଥିଲୁଁ ତାହା ଭ୍ରମାତ୍ମକ ଥିବାର ଦେଖାଇ ଅଛନ୍ତି। ବାମଣ୍ଡା ବିଦ୍ୟାଳୟରୁ ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାର ସହଯୋଗିଙ୍କଠାରୁ ଅବଗତ ହୋଇ ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ। ଅମ୍ଭେମାନେ ସର୍ବାନ୍ତଃକରଣରେ ବାମଣ୍ଡାର ଉନ୍ନତି ଓ ଶ୍ରୀବୃଦ୍ଧିର କାମନା କରୁଁ ଏବଂ ସେହିହେତୁ ସେଠା ବିଦ୍ୟାଳୟରୁ କେହି ଉତ୍ତୀର୍ଣ୍ଣ ହୋଇ ନ ଥିବା ଦେଖି ସ୍ୱଭାବତଃ ଦୁଃଖିତ ହୋଇଥିଲୁଁ। ସହଯୋଗୀ ଅମ୍ଭମାନଙ୍କର ଭ୍ରମ ଦୂର କରିବାରୁ ଅମ୍ଭେମାନେ ଅନୁଗୃହୀତ ହୋଇଅଛୁଁ। ସହଯୋଗୀ ଉତ୍ତୀର୍ଣ୍ଣ ଛାତ୍ରର ନାମ ଓ ସେ କେଉଁ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି ତାହା ପ୍ରକାଶ କଲେ ସମଧିକ ଆନନ୍ଦିତ ହେବୁଁ।

---

୧୯୦୯।୧୦ ବର୍ଷର ବଙ୍ଗଳାର ଯୌଥ କାରବାର ସମ୍ବନ୍ଧୀୟ ଯେଉଁ ରିପୋର୍ଟ ବାହାରିଅଛି ତହିଁରୁ ଦେଖାଯାଏ ଯେ ଏ କାରବାରର ବିଶେଷ ଉନ୍ନତି ହେଉ ନାହିଁ। ବର୍ଷ ମଧ୍ୟରେ ଗୋ ୩୯ ଟି ନୂତନ କୋମ୍ପାନୀ ରେଜିଷ୍ଟ୍ରି ହୋଇଥିଲା ମାତ୍ର ଗୋ ୧୪ ଟି କୋମ୍ପାନୀ ଫେଲ ହୋଇଗଲା। ଫେଲ ହୋଇଥିବା କୋମ୍ପାନୀମାନଙ୍କ ମଧ୍ୟରୁ ଅନେକ କୋମ୍ପାନୀ ଲକ୍ଷ ୨ ଟଙ୍କା ମୂଳଧନ ଦେଖାଇଥିଲେହେଁ ପ୍ରକୃତରେ ପ୍ରାୟ ୨୦୦୦୦ ଟଙ୍କାର ଅଧିକ କୌଣସି କୋମ୍ପାନୀ ହାତରେ ନ ଥିଲା। ଏହା ବଡ଼ ଶୋଚନୀୟ ଅଟେ। କୋମ୍ପାନୀ ଫେଲ ହେବା ବଡ଼ ଲଜ୍ଜାର ବିଷୟ ଏବଂ ତଦ୍ଦ୍ୱାରା ଅନେକ ଦୁଃଖୀଲୋକେ କ୍ଷତିଗ୍ରସ୍ତ ହୁଅନ୍ତି। ଏହିରୂପ ଫେଲ ହେବାର ଦେଖିଲେ ଲୋକେ ଆଉ କୋମ୍ପାନୀ ଗଢ଼ିବାକୁ ମନ ବଳାଇବେ ନାହିଁ ସୁତରାଂ ଗବର୍ଣ୍ଣମେଣ୍ଟରୁ ଏଥିର ତହକିକାତ ହୋଇ ବିଶେଷ କଟକଣା ହେବା ଆବଶ୍ୟକ।

---

Digitized by srujanika@gmail.com

ବଶ୍ୟାର ପାଇଁ ରାଜା ମହୋଦୟଙ୍କ ଉଚ୍ଚଶିକ୍ଷା-ସମ୍ବନ୍ଧୀୟ ୧୮୯୧ ପରୀକ୍ଷାର ପ୍ରଶଂସା ଦାନର ଫଳସ୍ୱରୂପ ଏପର୍ଯ୍ୟନ୍ତ ଜ ୩୦ ଣ ଯୁବକ ବିଦେଶକୁ ପ୍ରେରିତ ହୋଇ ତହିଁମଧ୍ୟରୁ ଜ ୨୨ ଣ ଶିକ୍ଷା ଶେଷ କରି ବ୍ୟବସାୟରେ ନିଯୁକ୍ତ ଅଛନ୍ତି। ସେମାନଙ୍କମଧ୍ୟରୁ ଜ ୧୬ ଣ ପାର୍ଶି ଏବଂ ଅବଶିଷ୍ଟ ହିନ୍ଦୁ ଅଟନ୍ତି। ଜ ୭ ଣ ଭାରତର ବିଭିନ୍ନସ୍ଥାନ ହୋଇ ଓକାଲତି କରୁଅଛନ୍ତି ଏବଂ ଜ ୩ ଣ ପଞ୍ଜାବ ଶାସ୍ତ୍ରଙ୍କ ଶିକ୍ଷକ ଓ ଇ ଦାର୍ଶନିକ ବିଭାଗରେ ଉଚ୍ଚ ପଦ ପାଇଅଛନ୍ତି। ତାଙ୍କର ୯ଓ ଲଣ୍ଡନ ବିଶ୍ୱ-ବିଦ୍ୟାଳୟରେ ଡାକ୍ତରୀ ପଢ଼ି ସର୍ବୋଚ୍ଚ ଉପାଧି ପାଇ ଗିଟାଣୁତତ୍ତ୍ୱ ପରୀକ୍ଷକରୂପ ସ୍ୱଦେଶରେ ସ୍ଥାନ ଲଭିଅଛନ୍ତି। ବୈଦ୍ୟକ ୮ ଜଣ ବିଶାରଦ-ଙ୍କରେ ଜ ୨ ଣ ପଣ୍ଡିତ ଲାଭ କରି ଜଣେ ପିଟର୍ସବର୍ଗର କୋଟିଏ ପ୍ରଧାନ କାରଖାନାରେ ମେନେଜର ହୋଇଅଛନ୍ତି। ଜ ୨ ଣ ସରକାରୀ ସୂତସ୍ଥ ଏବଂ ଅନ୍ୟମାନେ ଇଞ୍ଜିନ ଓ ବାରିଷ୍ଟରୀ କରୁଥିବାର ଜଣାଯାଏ। ଏହାଦ୍ୱାରା ରାଜା ମହୋଦୟଙ୍କ ଧନରୁ ଦେଶର କେମନ୍ତ ଉନ୍ନତି ହେଉଅଛି ଧନୀମାନେ ଦେଖନ୍ତୁ।

—:*:○:*:—

ବଳଗେଉସ୍ଥାନ ଦକ୍ଷରୋଗୀଲୋକେ ସର୍ବଦାବ ହେଉଥିବା ଦେଖି ସେ ଦେଶରେ ଥିବା ଗିଟାଣୁମାନେ ଖାଦ୍ୟ ନାଲ ବଢ଼ାଉ ଥିବା ବିଷୟ ଡାକ୍ତରମାନେ ସ୍ଥିର କଲେ। ବର୍ତ୍ତମାନ ସଭ୍ୟ ଲୋକଙ୍କ ମଧ୍ୟରେ ବହୁ ପ୍ରକାର ବିଷୟ ସ୍ୱବରେ ଦେଖାଯାଏ। ଭାରତବର୍ଷର ଲୋକେ ବହୁ ବସ୍ତୁ ପୂର୍ବକାଳରୁ ବ୍ୟବହାର କରୁଅଛନ୍ତି। ବିଷ ଏବଂ ଘୋଳଦହି ଉଭୟ ଅତ୍ୟନ୍ତ ଉପକାରକ ଅଟେ। ଫଳତଃ ଦେଖାଯାଏ ଗିଟାଣୁମାନଙ୍କ ମଧ୍ୟରେ ଦୁଇଶ୍ରେଣୀ ଅଛି। ଏକ ଶ୍ରେଣୀର ଗିଟାଣୁ ମନୁଷ୍ୟ ଶରୀରର ବନ୍ଧୁ ଏବଂ ଅନ୍ୟ ଗିଟାଣୁ ଶତ୍ରୁ ପ୍ରାୟ ବ୍ୟବହାର କରନ୍ତି। ବର୍ତ୍ତମାନ କାଳରେ ଯେଉଁମାନେ ପ୍ରକୃତ ତତ୍ତ୍ୱ ବୁଝିବାକୁ ସକ୍ଷମ ହୋଇଅଛନ୍ତି ସେମାନେ ତାହା ବ୍ୟବହାର ପୂର୍ବକ ଅନ୍ୟ ମାନଙ୍କ ମଧ୍ୟରେ ପ୍ରବର୍ତ୍ତିତ କରନ୍ତୁ। ଏହା ବହୁ ଦିନରୁ ବିର୍ଦ୍ଦ, ଅଧିକ ତାରକ ଉତ୍ପାଦ ନାନା ପ୍ରକାର ଅମ୍ଳ ପଦାର୍ଥରେ ଯେଉଁ ଗିଟାଣୁ ଅଛି ତାହା ଶରୀର ପୋଷକ ଥିବାରୁ ଲୋକେ ନିର୍ଭୟ ହୋଇ ବ୍ୟବହାର କରନ୍ତୁ। ବର୍ତ୍ତମାନ ତହିଁର ବୈଜ୍ଞାନିକ ତତ୍ତ୍ୱ ଜାଣିବାରୁ ଲୋକେ ଉପଯୁକ୍ତ ପଦାର୍ଥ ବ୍ୟବହାର କରି ସ୍ୱାସ୍ଥ୍ୟରୂପ ଐଶ୍ୱର୍ଯ୍ୟ ଭୋଗ କରିବାକୁ ସମର୍ଥ ହେବେ।

———

ବନ୍ଦୋବସ୍ତ ମହକୁମାର ପ୍ରକାଶିତ ଅନୁସାର ପ ୧୦୬ ଟା ମୋକଦ୍ଦମାମାନ କଟକ ସଦର ମହକୁମାର ଫଣ୍ଟେଇପଡ଼ା ହେଠି ଓ ତେନ୍ତୁଳିପଡ଼ା ଇଲାକାର ସଦସ୍ୟର କୋଟିଠାରେ ନିଷ୍ପତ୍ତି ହେବା ମର୍ମରେ ବନ୍ଦୋବସ୍ତ କର୍ତ୍ତା ଆଦେଶ ଦେଇଥିବାର ଅବଗତ ହେଲୁ। ଉକ୍ତ ଗ୍ରାମ ଓ ଜଗତ-ସିଂହପୁର ଥାନା ଇଲାକାର ଲୋକମାନଙ୍କ ବାସ ଦୂର ହେବା ହେତୁ ଫଣ୍ଟେଇପଡ଼ା ଠାରେ ପ୧୦୬ ଟା ମୋକଦ୍ଦମାମାନ ଶୁଣାଣି ହେବା ପ୍ରଧାନ କାରଣ ବୋଲି କଥିତ ହୁଏ। କଟକର ମୁନସିଫି ଏବଂ କଲେକ୍ଟରୀ ଇତ୍ୟାଦି ମହକୁମାରେ ଛକ୍ତ ଥାନା ଇଲାକାର ଲୋକମାନେ ଅତି ସ୍ୱଚ୍ଛନ୍ଦରେ ମୋକଦ୍ଦମା କରୁଥିବାରୁ ବନ୍ଦୋବସ୍ତ ଇଲାକାର କାର୍ଯ୍ୟ କଟକରେ ହୋଇ ନ ପାରିବାର ହେତୁ ଆମ୍ଭେମାନେ ବୁଝିପାରିଲୁ ନାହିଁ। ଫଣ୍ଟେଇପଡ଼ା ଏଠାରୁ ୧୧ ମାଇଲ ଦୂର ଅଟେ। ସୁତରାଂ ଏଠାରୁ ପକ୍ଷମାନେ ଓକିଲ ମୁକ୍ତାର ନେଇ ଗିବା ଯେ ବିଶେଷ ଖର୍ଚ୍ଚର କଥା ଏଥିରେ ଦ୍ୱିରୁକ୍ତି ନାହିଁ। ଫଳତଃ ବନ୍ଦୋବସ୍ତ ମହକୁମାର ବନ୍ଦୋବସ୍ତ ସ୍ଥଳ ପ୍ରକାରର ଅଟେ ଏବଂ ସେଠା କଟକର ଦେୱାନୀ ଅଦାଲତର ବହୁଦୂରରେ ଥିବାରୁ କଟକରେ ହେବା ଯୁକ୍ତିସିଦ୍ଧ ହେଲା ନାହିଁ।

—○—

ଚନ୍ଦ୍ରଗ୍ରାମ ଅଞ୍ଚଳର ଜଣେ ଜଙ୍ଗଲ ରକ୍ଷକ ଜ ୩ ଣ ଲୋକଙ୍କ ଦଖଲୀସ୍ଥଳରେ ଜଙ୍ଗଲ ମଧ୍ୟରେ ହାଠ କାଟିଥିବା ହେତୁ ଧରି ସମସ୍ତଙ୍କ ସେମାନଙ୍କ ଗଛବା ଦିଅନ୍ତୁ ନ ଦେଇ ଉପ-ବାସ ରଖି ବହୁ ଅନ୍ତର ନିକଟବର୍ତ୍ତୀ ପୁଲିସ ଥାନାକୁ ନ ନେଇ ଦୂରବର୍ତ୍ତୀ ଜଙ୍ଗଲ ପରିଦର୍ଶକ ଅଫିସକୁ ନେଇ ଯାଉଥିବା ସମୟରେ ଗ୍ରାମବାସିମାନେ ମିଳି ତାହାକୁ ମାରପିଟ କରି ଅସାମିଙ୍କି ଛଡ଼ାଇ ଆଣିଲେ। ଗ୍ରାମବାସୀ କେତେକ ଲୋକଙ୍କ ନାମରେ ଅସାମୀ ଛଡ଼ାଇ ନେବା ଅପରାଧରେ ମୋକଦ୍ଦମା ଆଣତ ହେବାରେ ଚନ୍ଦ୍ରଗ୍ରାମର ଡେପୁଟି ମେଜେଷ୍ଟ୍ରେଟ ତାଙ୍କୁ ଦଣ୍ଡ ଦେବାରୁ ହାଇକୋର୍ଟରେ ମୋସନ ହୋଇଥିଲା। ବିଚାରପତି ଷ୍ଟିଭେନ ଓ ହାରିଙ୍ଗ-ଟନ ସାହେବମାନେ ଏକ୍ତ ଅବସ୍ଥାରେ ଅବରୋଧ ନେଇଅଛନ୍ତି ଓ ଜଙ୍ଗଲ ଆଇନର ୬୩ ଦଫାର ବିପରୀତ ଥିବାରୁ ଅସାମୀ ଛଡ଼ାଇନେବାରେ କୌଣସି ଅପରାଧ ହୋଇ ନ ଥିବାର ସ୍ଥିର କରି ତାଙ୍କୁ ଖଲାସ ଦେଇଅଛନ୍ତି। କେତେକ ହାକିମମାନେ ଆଇନର ଦଫାମାନ ଭଲ କରି ନ ଦେଖିବା ହେତୁ ଅନେକ ଅନର୍ଥ ଜାତ ହୁଏ, ସେ ସାହା ହେଉ ଜଙ୍ଗଲ ରକ୍ଷକମାନେ ଏଥିରୁ ଉତ୍ତମ ଶିକ୍ଷା ଲାଭ କରିବେ। ଧର୍ମହୋଇଥିବା ଅସାମିମାନେ ପ୍ରାପ୍ତ ସମୟ ନାହିଁ ଉଦାର ହୋଇ ଏବଂ ସହରରେ ଉଭୟ ପ୍ରକାରେ ଥାଆନ୍ତି ମାତ୍ର ତାଙ୍କର କୋର୍ଟର ବନ୍ଦୀ ଉଦ୍ଧାରସ୍ଥଳରେ ଖାଲି ରହେ ନାହିଁ।

———

ଜଙ୍ଗଲ ଅଧିବାସୀ ଲୋକଙ୍କ ମଧ୍ୟରେ ବିବାହ ଛିନ୍ନ ହେବାର ନିୟମ ଅତି ସହଜ ଅଟେ, ଆମ୍ଭ ଦେଶର ଶ୍ରେଷ୍ଠଜାତି ମାନଙ୍କ ମଧ୍ୟରେ ଦମ୍ପ-ତୀର ବିଶ୍ୱାସ ଘାତକ ହେବାର ନିୟମ ଅଛି ମାତ୍ର ଖାସିମାନଙ୍କ ମଧ୍ୟରେ ସ୍ୱାମୀ ପତ୍ନୀ ପାରସ୍ପ-ରିକ ହେଲେ ସ୍ତ୍ରୀ ତାହାସଙ୍ଗେ ଅନ୍ୟ ପାଞ୍ଚ, ପାତ୍ରଙ୍କ ନିଶାର ସ୍ୱାମୀ ହାତରୁ ହଏ ଏବଂ ସ୍ୱାମୀ ତାହାକୁ ଫୋପାଡ଼ିଦେଲେ ବିବାହ ବନ୍ଧନ ଛିନ୍ନ ହୁଏ। ଏହା ମଧ୍ୟ ଜାତିର ପଞ୍ଚଜଣ ଲୋକଙ୍କ ଉପରେ କରାଯାଏ। ବିବାହ ବନ୍ଧନ ଛିନ୍ନ କରିବାର ନିୟମ ସହଜ ହେବାରୁ ଖାସିଙ୍କ ମଧ୍ୟର ଜଣେ ଲୋକ ୩୫ ଠାରୁ ୪୦ ଥର ବିବାହ ହେବାର ଦେଖାଯାଏ। ସେମାନଙ୍କ ମଧ୍ୟରେ ଅଧିକାରୀ ଘରର ମାଲିକ ଏବଂ ସାଧାରଣତଃ ଖାସିମାନେ ନିଜ ନାମ ବ୍ୟବହାର ନ କରି ତାଙ୍କ ସ୍ତ୍ରୀଙ୍କ ନାମ ଦେଇ ତାହାର ବାପ ବୋଲି ଲେଖନ୍ତି। ଏ ଦେଶର ଅନେକ ସ୍ଥାନରେ ସ୍ତ୍ରୀ ପୁଅର ନାମ ଧରି ମା ବାପଙ୍କୁ ଡାକନ୍ତି ମାତ୍ର ଖାସିମାନଙ୍କ ମଧ୍ୟରେ ପୁଅର ନାମ ବ୍ୟବହାର ଏହାବେଳରେ ହୁଏ ନାହିଁ। ତାଙ୍କ ଧର୍ମର ଦାୟକ ସର୍ପ। ତାଙ୍କ ମଧ୍ୟରେ ଏମନ୍ତ ପ୍ରବାଦ ଅଛି ଯେ ଗୋଟିଏ ବୃହତ ସର୍ପ ଅନେକ ଲୋକ ଏବଂ ଜୀବଜନ୍ତୁ ଖାଇଗଲା। ଜଣେ ଖାସି ସାହସ୍ପୂର୍ବକ ନାନା ଉପାୟରେ ସେ ସାପକୁ ମାରିପକାଇ ତାକୁ ଖଣ୍ଡ ଖଣ୍ଡ କରି କାଟି ଖାଇଗଲା। ତହିଁମଧ୍ୟରୁ ଖଣ୍ଡିଏ ଭୁଲରେ ରହିଗଲା ଏବଂ ସେହିଖଣ୍ଡରୁ ଅନେକ ସାପ ବାହାରି ପ୍ରତ୍ୟେକ ପରିବାରର ପଛ ଅନୁସରଣ କରିବାରୁ ଖାସିମାନେ ଯେତେବେଳେ ସାପକୁ ନର-ବଳି ଦେଇ ସନ୍ତୁଷ୍ଟ ରଖିବେ ସେତେବେଳେ ସାପ ତାଙ୍କୁ ଐଶ୍ୱର୍ଯ୍ୟ ଦେବ। ଏହି ଭ୍ରମସ୍ଥାର ହେତୁ ଅନେକ ହତ୍ୟାକାଣ୍ଡ ଘଟୁଥିଲା ମାତ୍ର ବର୍ତ୍ତମାନ ତାହା ରହିତ ହୋଇଅଛି। ବହୁ ସଂଖ୍ୟକ ଖାସି ବର୍ତ୍ତମାନ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଅଛନ୍ତି। ଏହା ଉଚ୍ଚଶ୍ରେଣୀର ହିନ୍ଦୁମାନେ ନିମ୍ନ ଶ୍ରେଣୀର ହିନ୍ଦୁଙ୍କୁ ଅନାଦର କରିବାର ଫଳ। ଖ୍ରୀଷ୍ଟିୟାନ ମିସନାରୀମାନଙ୍କ ଯତ୍ନରେ ଉକ୍ତ ଅଧିବାସୀମାନେ ବର୍ତ୍ତମାନ ଲେଖାପଢ଼ା ଶିଖି ଯାହା ଦସ୍ୟୁ ଧର୍ମ ଆଚରଣ କରିବାକୁ ସକ୍ଷମ ହୋଇଅଛନ୍ତି ଏହା ସାମାନ୍ୟ କଥା ନୁହେ।

———

Split by PDF Splitter

Digitized by srujanika@gmail.com

## ପୁରୀ ରଥଯାତ୍ରା ।

ଗତ ତା ୮ ଇଖ ଶ୍ରୀଗୁଣ୍ଡିଚା ଦିନ ଅପରାହ୍ଣ ଘ ୫ ଟା ଠାରେ ବଡ଼ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସନ୍ନିକଟସ୍ଥ ହେବା ସମୟେ ଏକ ଅସରା ଟାଣବୃଷ୍ଟି ଯୋଗୁଁ ଠାକୁରାଣୀ ଓ ଶ୍ରୀ ଜଗନ୍ନାଥଦେବଙ୍କ ରଥ ଯଥାକ୍ରମେ ବ.ସ. ଅଖେଡ଼ା ଓ ବଳଗଣ୍ଡି ନିକଟରେ ରହିଗଲେ । ପରଦିନ ତା ୯ ଇଖ ଶନିବାର ସନ୍ଧ୍ୟା ପୂର୍ବେ ପୂର୍ବୋକ୍ତ ଦୁଇରଥ ଗୁଣ୍ଡିଚା ମନ୍ଦିରରେ ଲାଗିବାରୁ ତା ୧୦ ଇଖ ରବିବାର ଦିବା ଘ ୧୦ ଟା ସମୟେ ପଣ୍ଡାମାନେ ନର ଠାକୁରମାନଙ୍କ ମଧ୍ୟାହ୍ନ ଘ ୧୨ ଟା ଠାରେ ଶ୍ରୀଗୁଣ୍ଡିଚାମନ୍ଦିର ରତ୍ନବେଦୀରେ ଅଧିଷ୍ଠିତ କଲେ ଏ ଦିନ ରଥ ଉପରେ କେବଳ ସକାଳଧୂପ ଶେଷ ହୋଇ ଗୁଣ୍ଡିଚାମନ୍ଦିର ଧୂପଠାରୁ ଯଥାରୀତି ଅନ୍ନଭୋଗ ଆରମ୍ଭ ହୋଇଥିଲା । ତିନିରଥ ଗୁଣ୍ଡିଚା ମନ୍ଦିରରେ ଲାଗିବାରୁ ଏକଦିନ ବିଳମ୍ବ ଘଟିବାରେ ଏ ବର୍ଷ ପୂର୍ଣ୍ଣ ଦ ୭ ଦ ସ୍ଥଳେ ଦ ୬ ଦ ଅନ୍ନଭୋଗ ହେଲା । ଗତ ବୁଧବାର ରଥରୁ ଅଣ୍ଟାମାଳ ଅସିବା ପରେ ଦେଖା ରଥର ଦକ୍ଷିଣମୂର୍ତ୍ତି ଶେଷ ହୋଇଅଛି ।

ଯାତ୍ରାର ପୂର୍ବେ ଓ ପରେ ପ୍ରବଳ ବୃଷ୍ଟି ହୋଇ ତିନି ଚାରିଦିନ ହେଲା ମେଘ ଛାଡ଼ି ଯାଇଅଛି । ଶ୍ରୀଗୁଣ୍ଡିଚା ପୂର୍ବଦିନଠାରୁ ଓଲାଉଠା ସାମାନ୍ୟ ରୂପେ ଆରମ୍ଭ ହୋଇଥିଲା ତା ୯ ଇଖ ସୁଦ୍ଧା ଏହି ରୋଗରେ ଜ ୩୦ ଣ ଯାତ୍ରୀ ଆକ୍ରାନ୍ତ ଏବଂ ଜ ୯ ଣ ମୃତ୍ୟୁମୁଖରେ ପତିତ ହୋଇଥିଲେ । ଏଣିକି ରୋଗର ପ୍ରାବଲ୍ୟ ଊଣା ପଡ଼ିଅଛି । ଓଲାଉଠା ରୋଗୀ ବହିନେବା ସକାଶେ ଏ ବର୍ଷ କଲିକତାରୁ ନୂତନ ଧରଣ ଗାଡ଼ି ଅସିଅଛି ସେ ଜଣେ ଲୋକ ସହଜରେ ଠେଲିନେଇ ଯାଉଅଛି ଏବଂ ଚକତଳେ ରବରସଂଯୁକ୍ତ ଥିବାରୁ ଗାଡ଼ୀ ନିଃଶବ୍ଦ ଓ ସ୍ଥିରଭାବେ ଚାଲୁଅଛି ମାତ୍ର ଗାଡ଼ୀର ଦୁଇପାଖ ଖୋଲା ଥିବାରୁ ରୋଗୀ ଲୋକଙ୍କ ଦୃଷ୍ଟିପଥରେ ପଡ଼ୁଅଛି ।

ଶ୍ରୀଗୁଣ୍ଡିଚା ପରବର୍ତ୍ତୀ ତିନିଚାରି ଦିନ ମଧ୍ୟରେ ଅଧିକାଂଶ ଯାତ୍ରୀ ବାହାରି ଯାଇଅଛନ୍ତି । ଏହି କେତେକଦିନ ଷ୍ଟେସନରେ ବିଶେଷ ଭିଡ଼ ହୋଇଥିଲା । ଅବଶିଷ୍ଟ ଯାତ୍ରୀ ତା ୧୨ ଇଖ ମଙ୍ଗଳବାର ଯାତ୍ରା ଦେଖି ପ୍ରସ୍ଥାନ କରିଅଛନ୍ତି । ମାତ୍ର ପହିମା ଯାତ୍ରୀ କେତେକ ଆସୁଅଛନ୍ତି ।

---

## କେନ୍ଦ୍ରାପଡ଼ା ରଥଯାତ୍ରା ।

ଗତ ପୂର୍ବ ଗୁରୁବାର ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କର ନେତ୍ରୋତ୍ସବ ଯାତ୍ରା ଯଥାକ୍ରମରେ ସମ୍ପନ୍ନ ହୋଇ ଯାଇଅଛି ମାତ୍ର ଅପରାହ୍ଣ ଘ ୨ ଟିକା ସମୟରେ ଏକ ଅସରା ଟାଣ ବୃଷ୍ଟି ହେବାରୁ ଦୂରଗତ ଯାତ୍ରୀସଂଖ୍ୟା ବଡ଼ ଊଣା ହୋଇଥିଲା । ପରଦିନ ଶୁକ୍ରବାର ଶ୍ରୀଗୁଣ୍ଡିଚା । ଏଦିନ ପ୍ରାତଃକାଳରୁ ଘୋର ବୃଷ୍ଟି ହେବାର ଦେଖି ଦୂରବର୍ତ୍ତୀ ଗ୍ରାମର ଦର୍ଶନାର୍ଥୀମାନେ ଶ୍ରୀ ଜୀଉଙ୍କର ପହଣ୍ଡିବିଜେ ଦର୍ଶନ ସୁଖର ମାୟା ପରିତ୍ୟାଗ କରିଥିଲେ ତଥାପି ସନ୍ଧ୍ୟା ସମୟରେ ଶ୍ରୀଠାକୁରମାନେ ଅନବସର ଗୃହରୁ ବିଜେ କରିବା ସମୟରୁ ସ୍ନାନୀୟ ଯାତ୍ରିରେ ଶ୍ରୀମନ୍ଦିରର ପ୍ରଶସ୍ତ ପ୍ରାଙ୍ଗଣ ଓ ଦାଣ୍ଡ ପୂର୍ଣ୍ଣ ହୋଇ ଯାଇଥିଲା । ଏଦିନ ଶ୍ରୀଜୀଉମାନଙ୍କୁ ଅନେକ ଯଜମାନୀ ଭୋଗ ନିବେଦିତ ହୁଏ ସେଥିଯୋଗୁଁ ଦୈନିକ ନୀତି ଶେଷ ହେବାରେ ସାମାନ୍ୟ ବିଳମ୍ବ ଘଟିବା ଅନିବାର୍ଯ୍ୟ ଯାହାହେଉ ସନ୍ଧ୍ୟାର କିଞ୍ଚିତ ପୂର୍ବେ ଶ୍ରୀଜୀଉଙ୍କ ଛେର ପହର ସେବାଧିକାରୀ ବାବୁ ଶ୍ରୀ ବଳରାମ ଭ୍ରମରବର ରାୟ ଶ୍ରୀମନ୍ଦିରରେ ପନ୍ଥୁଆଳମାନେ ଠାକୁର ମେନେଜର ବାବୁ ଶ୍ରୀ ଅମ୍ବିକାଚରଣ ଘୋଷ ପହଣ୍ଡିର ଉଦ୍ଯୋଗ କଲେ । ଘଣ୍ଟା ପ୍ରାୟ ଏକ ପ୍ରହର ସରିବା ଶ୍ରୀଶ୍ରୀଜୀଉମାନେ ସୁସଜ୍ଜିତ ରଥୋପରି ବିଜେ କଲେ । ତତ୍ପରଦିନ ରଥ ଚାଲିବ ବୋଲି ବହୁଯାତ୍ରୀଙ୍କର ସମାଗମ ହୋଇଥିଲା । ଏଦିନ ଶରପାତ ଯୋଗୁଁ ଦିନ ଘ ୧୦ ଟିକାଠାରୁ କ୍ରମଶଃ ଯାତ୍ରୀ ସମାଗମ ହେବାକୁ ଲାଗିଲା ଏବଂ ଅପରାହ୍ଣ ଘ ୪ ଟିକା ସମୟେ ରଥ ଚାଲିଲାବେଳକୁ ପ୍ରଶସ୍ତ ରଥଦାଣ୍ଡ ଯାତ୍ରିରେ ପୂର୍ଣ୍ଣ ହୋଇଗଲା । ଯାତ୍ରିସଂଖ୍ୟା ପ୍ରାୟ ପନ୍ଦରସହସ୍ରରୁ ଊଣା ହେବ ନାହିଁ । ଅପରାହ୍ଣ ଘ ୪ ଟିକା ସମୟରେ ରଥଟଣା ଆରମ୍ଭ ହେଲା ଏବଂ ପ୍ରାୟ ଦୁଇଘଣ୍ଟାରେ ରଥ ଚକଡ଼ା ଲାଗିଲା । ତତ୍ପରଦିନ ରବିବାର ସନ୍ଧ୍ୟା ସମୟରେ ଅଧରପଣା ଭୋଗାନ୍ତେ ଶ୍ରୀ ପ୍ରଭୁମାନେ ଗୁଣ୍ଡିଚା ମନ୍ଦିରକୁ ବିଜେକଲେ ।

—:*:O:*:—

## କାୟସ୍ଥେ ଉପନୟନ ।

ଦାର୍ଜିଲିଙ୍ଗର ଭରଦାଦା ନାମକ ଗ୍ରାମରେ ଗତ ଆଷାଢ଼ମାସର ପ୍ରଥମସପ୍ତାହରେ ଶ୍ରୀଯୁକ୍ତ ବିଧୁଭୂଷଣ ଦତ୍ତଙ୍କ ଘରଠାରେ ଗୋଟିଏ ଉପନୟନ ହୋଇ ଜ ୫ ଣ କାୟସ୍ଥ ଉପବୀତ ଗ୍ରହଣ କରିଥିଲେ । କଲିକତାର ବିଖ୍ୟାତ ହାଇକୋର୍ଟର ଭୂତପୂର୍ବ ବିଚାରପତି ଶ୍ରୀଯୁକ୍ତ ଶାରଦାଚରଣ ମିତ୍ର ଦେବବର୍ମାଙ୍କ ଘରଠାରେ ସେହି ମାସ ତା ୩ ରିଖରେ ଯେଉଁ ଯଜ୍ଞ ହୋଇଥିଲା ତହିଁରେ ଜ ୫ ଣ କାୟସ୍ଥ ଉପବୀତ ଗ୍ରହଣ କରିଅଛନ୍ତି । ସେହିଦିନ ଯଶୋହର ଜିଲ୍ଲା ମାଗୁରା ମହକୁମା ବାରଇପଡ଼ା ଗ୍ରାମଠାରେ ସେଠା ଜମିଦାରଙ୍କ ଘରେ ମହତ ଉପନୟନ କ୍ରିୟା ମହାସମାରୋହରେ ସମ୍ପନ୍ନ ହୋଇଥିଲା । ସେହି ଯଜ୍ଞରେ ସମଧିକ ଉତ୍ସାହ ସହକାରେ ଜ ୪୯ ଣ କାୟସ୍ଥ ଉପବୀତ ଗ୍ରହଣ କରିଥିଲେ । କୁଷ୍ଟିଆ ମହକୁମା ହୋମସପୁରଠାରେ ଦେବ ଶ୍ରୀ ମାଣିକ ଲାଲ ମିତ୍ର ବର୍ମା ମହାଶୟଙ୍କ ଘରଠାରେ ଏକ ଉପନୟନ ଯଜ୍ଞ ହୋଇ ଜ ୨୩ ଣ କାୟସ୍ଥଙ୍କୁ ଉପବୀତ ଦିଆଯାଇଥିଲା । ରଘୁନାଥପୁରଠାରେ ଅନ୍ୟ ଏକ ଉପନୟନ ଯଜ୍ଞରେ ଜ ୨୮ ଣ କାୟସ୍ଥ ଉପବୀତ ଗ୍ରହଣ କରିଥିଲେ । ହାଜୀପୁରଠାରେ ଆଉ ଗୋଟିଏ ଉପନୟନଯଜ୍ଞ ହୋଇଥିଲା ଏବଂ ସେଠାରେ ଜ ୮ ଣ କାୟସ୍ଥ ଉପବୀତ ଗ୍ରହଣ କରିଅଛନ୍ତି । ଏହି ଆଷାଢ଼ମାସ ତା ୧୩ ରିଖରେ ସୋମସପୁରଠାରେ ଅନ୍ୟ ଏକ ଉପନୟନଯଜ୍ଞରେ ଜ ୧୩ ଣ କାୟସ୍ଥଙ୍କୁ ଉପବୀତ ଦିଆଯାଇଥିଲା । ଉପବୀତଧାରୀ ଏ ସମସ୍ତ କାୟସ୍ଥମାନଙ୍କର ନାମ ଧାମ କଲିକତାର ସୁବିଖ୍ୟାତ ଆନନ୍ଦବଜାର ପତ୍ରିକାରେ ଛପା ହୋଇଅଛି । ବଙ୍ଗଳାର କାୟସ୍ଥମାନେ ଏତିକି ପ୍ରଭୃତ ଉତ୍ସାହ ଦେଖାଇ ଉପବୀତ ଗ୍ରହଣରେ ତତ୍ପର ହୋଇଅଛନ୍ତି । ଆଗାମୀ ଲୋକସଂଖ୍ୟାର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସମସ୍ତ କାୟସ୍ଥମାନଙ୍କର ଉପବୀତ ଗ୍ରହଣରେ ଯତ୍ନ ଉଦ୍ଯୋଗୀ ହେବା କର୍ତ୍ତବ୍ୟ ଯେପରି କି ଲୋକସଂଖ୍ୟା ତାଲିକାରେ ସେମାନଙ୍କର ଆଉ ନୀଚ ଶୂଦ୍ରଅବସ୍ଥା ନ ଥାଏ । ଉତ୍କଳର କାୟସ୍ଥମାନେ ନିଶ୍ଚିନ୍ତ ହୋଇ ନିଦ୍ରା ଯାଉଅଛନ୍ତି କାହିଁକି ?

—*:O:*—

## ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ରାଣୀ ବାସନ୍ତୀଙ୍କ ଉକ୍ତି ।

ମାନ୍ଦ୍ରାଜଜିଲ୍ଲା ସେଣ୍ଟଥୋମଠାରେ ଥିଓସଫିକାଲ ସୋସାଇଟିଦ୍ୱାରା ପ୍ରତିଷ୍ଠିତ ବାଳିକାବିଦ୍ୟାଳୟର ପାରିତୋଷିକ ବିତରଣ ଉପଲକ୍ଷରେ ଖ୍ୟାତନାମ୍ନୀ ରାଣୀ ବାସନ୍ତୀ ମହୋଦୟା ଯେଉଁ ବକ୍ତୃତା କରିଥିଲେ ତହିଁରେ ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ବହୁମୂଲ୍ୟ ଉକ୍ତି କରିଥିବାରୁ ତହିଁର କିୟଦଂଶ ପାଠକମାନଙ୍କୁ ଉପହାର ଦେଉଅଛୁଁ । ରାଣୀ ମହୋଦୟା ପ୍ରକାଶ କଲେ ଯେ ପୂର୍ବକାଳରେ ଭାରତବର୍ଷରେ ସ୍ତ୍ରୀମାନଙ୍କ ନିମିତ୍ତ ଦୁଇଗୋଟି ମାର୍ଗ ଖୋଲା ଥିଲା । ଗୋଟିଏ ମାର୍ଗରେ ଅଗ୍ରସର ହୋଇ ସେମାନେ ପତ୍ନୀ ଓ ମାତାର ଉପଯୋଗିନୀ ହେଉଥିଲେ । ସ୍ୱତନ୍ତ୍ର ସ୍ତ୍ରୀ ଲୋକର ଚରିତ ଭାଙ୍ଗରେ ପୁଷ୍ଟ ଯୋଗଥିବା ଚିତ୍ରରେ ପ୍ରଦର୍ଶିତ ହେଉଥିଲା । ସେହି ଆଦର୍ଶ ବର୍ତ୍ତମାନ ରକ୍ଷା କରିବାସକାଶେ ବାଳିକାମାନଙ୍କର ଶିକ୍ଷା ସ୍ତ୍ରୀଲୋକଙ୍କ ହସ୍ତରେ ନ୍ୟସ୍ତ ହେବା କର୍ତ୍ତବ୍ୟ ଯେମନ୍ତ ସେ ଉଦ୍ୟୋଗରୁ ତଦ୍ଦ୍ୱାରା ଆପଣାର ଓ ଦେଶର କଲ୍ୟାଣ ସାଧିତ ହେବ । ସ୍ତ୍ରୀମାନଙ୍କ ଉପରେ ଭାରତର ଧର୍ମରକ୍ଷାର ଭାର ନ୍ୟସ୍ତ ଅଛି । ପୁରୁଷମାନେ ଧର୍ମଛଡ଼ା ହୋଇ-

ପାରନ୍ତି ମାତ୍ର ସ୍ତ୍ରୀମାନେ ଶାସିତ ହେଲେ ସ୍ୱାମୀର ପରମ ଅବଶ୍ୟମ୍ଭାବୀ । ସ୍ୱାମୀର ଧର୍ମରକ୍ଷା ଏବଂ ସ୍ତ୍ରୀମାନେ ସ୍ୱାମୀର କର୍ତ୍ତବ୍ୟ ହେବାରୁ ରକ୍ଷା କଲେ ତାଙ୍କର ସ୍ୱାଭାବିକ ପ୍ରେମ, ଦୟା ଏବଂ ମାୟା ସହିତ ଜ୍ଞାନ ଓ ବୁଦ୍ଧିବଳର ସଂଯୋଗ ହେବା ପ୍ରୟୋଜନୀୟ କାରଣ ତାହା ହେଲେ ସେମାନେ ସ୍ୱାମୀର ସହାୟକାରିଣୀ ଓ ପୁତ୍ରର ପ୍ରକୃତ ମାତା ହୋଇ ପାରିବେ । ତାଙ୍କର କର୍ତ୍ତବ୍ୟପାଳନ ଘରର ଲକ୍ଷ୍ମୀ ହେବାସକାଶେ ଉପଯୁକ୍ତ ଶିକ୍ଷା ପାଇବା ଆବଶ୍ୟକ କାରଣ ମୂର୍ଖମାତା ଆପଣା ବୁଦ୍ଧିଦୋଷରୁ ଭଲ ନ କରି ମନ୍ଦ କରି ବସିବେ । ପ୍ରାଚୀନକାଳରେ ଭଦ୍ରମାନଙ୍କ ପରିବାରର କନ୍ୟାମାନେ ଘରମଧ୍ୟରେ ଦେଖି ଶିଖିବାର ଅନେକ ସୁବିଧା ଥିଲା ମାତ୍ର ବର୍ତ୍ତମାନକୁ ସେ ପ୍ରଥା ଉଠିଯାଉଥିବାରୁ ସେମାନେ ଆପଣା ଘରେ ଧର୍ମ ଏବଂ ଘରକରଣାର ଶିକ୍ଷା ପାଇ ପାରୁନାହାନ୍ତି । ପ୍ରାଚୀନକାଳରେ ସ୍ତ୍ରୀ ଆପଣାର ସ୍ୱାମିର ଗୃହିଣୀ, ସଚିବ ଓ ସଖା ଥିଲେ । ତାହାହିଁ ସଂରକ୍ଷଣ କରିବା ସକାଶେ ସ୍ତ୍ରୀଶିକ୍ଷା ପ୍ରୟୋଜନୀୟ । ଅନ୍ୟ ଗୋଟିଏ ମାର୍ଗରେ ଉଦାରଚେତା ମହିଳାମାନେ ଆପଣା ଜୀବନ ଈଶ୍ୱରଙ୍କଠାରେ ଅର୍ପଣ କରି ଦେଶର କଲ୍ୟାଣରେ ନିରତ ଥିଲେ । ସୀତାଙ୍କ ପତିଭକ୍ତି, ସାବିତ୍ରୀର ପତି ନିମିତ୍ତ ପ୍ରାଣଦାନ ପର୍ଯ୍ୟନ୍ତ ତାଙ୍କର ମହାନ୍ ଆଦର୍ଶ । ସେମାନଙ୍କ ଛଡ଼ା ଅନ୍ୟ ଅନେକ ଗୁରୁତରମଣୀ ଭାରତବର୍ଷର ମୁଖ ଉଜ୍ଜ୍ୱଳ କରିଅଛନ୍ତି । ସ୍ତ୍ରୀମାନେ ବିଦ୍ୟାଦାତ୍ରୀ ସରସ୍ୱତୀ, ସ୍ତ୍ରୀମାନେ ଐଶ୍ୱର୍ଯ୍ୟ ଏବଂ ଧନଦାତ୍ରୀ ଲକ୍ଷ୍ମୀ ଏବଂ ସ୍ତ୍ରୀମାନେ ଶକ୍ତିର ଅନ୍ନଦାତ୍ରୀ ଅନ୍ନପୂର୍ଣ୍ଣା । ହିନ୍ଦୁ ପୁରୁଷମାନେ ସ୍ତ୍ରୀମାନଙ୍କୁ ଯଥୋଚିତ ସମ୍ମାନ କରିବେ ଏବଂ ଯେପର୍ଯ୍ୟନ୍ତ ସ୍ତ୍ରୀଲୋକମାନଙ୍କପ୍ରତି ସମୁଚିତ ସମ୍ମାନ ସହକାରେ ବ୍ୟବହାର ହେଉନାହିଁ ସେପର୍ଯ୍ୟନ୍ତ ଭାରତବାସୀ ପୃଥିବୀରେ ପ୍ରବଳଜାତି ହୋଇପାରିବେ ନାହିଁ ଏଥିଉପରେ ଆମ୍ଭମାନଙ୍କର ଅଧିକ କିଛି କହିବାର ନାହିଁ । ଦେଖ ବାସନ୍ତୀ ଇଂଲଣ୍ଡ ଏବଂ ଇଂରେଜମାନେ ସ୍ତ୍ରୀମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ପୃଥିବୀରେ ସର୍ବଶ୍ରେଷ୍ଠ କ୍ଷମତାଶାଳୀ ଜାତି ହୋଇଥିବାର ଦୃଷ୍ଟାନ୍ତ ଆମ୍ଭଙ୍କ ସମ୍ମୁଖରେ ବିଦ୍ୟମାନ । ଆମ୍ଭେମାନେ ଦେଖୁଁ ଯେବେ ତହିଁର ଅନୁକରଣ କରି ସ୍ତ୍ରୀଶିକ୍ଷାରେ କାର୍ଯ୍ୟମନେ ବାଞ୍ଛିତେ ମହିଳାନ୍ ନ ହେବୁଁ ତେବେ ଆମ୍ଭମାନଙ୍କ ଦେଶ ଉନ୍ନତ ହୋଇପାରିବ ନାହିଁ ।

---

ସର୍ବସାଧାରଣ ସତ୍ୱ ।

ଗତ ବନ୍ଦୋବସ୍ତରେ ହେଉଛି ଭୁଲ ହୋଇଥିବା ଓ ବର୍ତ୍ତମାନ୍ ପର୍ଯ୍ୟନ୍ତ ଯେ ସମସ୍ତ ପରିବର୍ତ୍ତନ ହେଉଅଛି ତାହା ଠିକ୍ କରି ଲେଖିବା କାରଣ ବନ୍ଦୋବସ୍ତର ମିଆଦ ଶେଷ ହୋଇ ନ ଥିଲେହେଁ ଗବର୍ଣ୍ଣମେଣ୍ଟ ପକ୍ଷରୁ ସଂଶୋଧନ ବନ୍ଦୋବସ୍ତର ସୃଷ୍ଟି ହୋଇଅଛି । ଏହି ବନ୍ଦୋବସ୍ତ ଯେ ନାନା ପ୍ରକାରେ ଉଭୟ ଜମିଦାର ଓ ପ୍ରଜାଙ୍କ ହିତକର ହେଉଅଛି ତାହା ଆମ୍ଭେମାନେ ବାରମ୍ବାର ଦେଖାଇ ଦେଇଅଛୁଁ ଏହି ସମୟ ବନ୍ଦୋବସ୍ତର ସୃଷ୍ଟି ମଧ୍ୟରେ ସର୍ବସାଧାରଣ ବୋଲି ଏକ ନୂତନ ପ୍ରକାର ସତ୍ୱର ସୃଷ୍ଟି ହୋଇଅଛି ଏବଂ ତାହା ସ୍ୱର୍ଗ ପ୍ରାପ୍ତ ସୁଖକର ବୋଲି ବନ୍ଦୋବସ୍ତ ମହଲୁମାନେ ଘୋଷାଉଅଛନ୍ତି । ଏ ସ୍ୱର୍ଗ ଗତ ବନ୍ଦୋବସ୍ତର ସୃଷ୍ଟିରେ ନ ଥିଲା ଏବଂ ହଠାତ୍ମିଳନ୍ତ ସ୍ୱର୍ଗ ପ୍ରାପ୍ତ ଏ ଦ୍ୱିତୀୟ ସୃଷ୍ଟିର ପରିଣାମ ଭୟଙ୍କର ହୋଇଅଛି । ଅଳ୍ପ ଦିନତଳେ ଏଠା ଉତ୍କଳଷ୍ଟାରର ଜମିଦାର ସମ୍ପାଦକ ଶ୍ରୀଯୁକ୍ତ ଯୋଗେନ୍ଦ୍ରନାଥ ବସୁ ମହାଶୟ ଆପଣା ଜମିଦାରୀର ଅନେକ ଜମି ବନ୍ଦୋବସ୍ତ ହାକିମମାନେ ସର୍ବସାଧାରଣ କରିଦେବାରୁ ଆପତ୍ତି କରିଥିଲେ । ଆମ୍ଭେମାନେ ଏତତ୍ସମ୍ବନ୍ଧରେ ବନ୍ଦୋବସ୍ତ ମହଲୁମାନଙ୍କୁ କୌଣସି ସ୍ଥିର ସିଦ୍ଧାନ୍ତ ହୋଇଥିବା ବିଷୟ ଶୁଣି ନାହୁଁ ଏବଂ ଉତ୍କଳଷ୍ଟାରରେ ତାଙ୍କର ଯେଉଁ ପ୍ରେରିତପତ୍ର ଛପା ହୋଇଥିଲା ତହିଁର କୌଣସି ଉତ୍ତର ବନ୍ଦୋବସ୍ତ ମହଲୁମାନୁ ପ୍ରକାଶିତ ହୋଇ ନାହିଁ । ଇତି ମଧ୍ୟରେ ବନ୍ଦୋବସ୍ତ କର୍ତ୍ତା ଆପଣା ପକ୍ଷ ସମର୍ଥନ ଏବଂ ଅଭ୍ୟାସ ଜଣାଇବାକାରଣ ହେଡ଼ିତଭଜନ ଭଦ୍ରଲୋକଙ୍କ ସଙ୍ଗେ ସାକ୍ଷାତ୍ କରି ଉକ୍ତ ସର୍ବସାଧାରଣ ସତ୍ୱ ବ୍ୟବହାର୍ଯ୍ୟ ସତ୍ୱ (right of easement) ବୋଲି ପ୍ରକାଶ କରିଥିବାର ଶୁଣିଲୁଁ । ଏ ବିଷୟ ଆମ୍ଭମାନଙ୍କର ସୁବିଜ୍ଞ କମିଶନର ସାହେବ ମହୋଦୟଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ ଏବଂ ଯୋଗେନ୍ଦ୍ର ବାବୁଙ୍କ କର୍ତ୍ତୃକ ପ୍ରକାଶିତ ପତ୍ରରୁ ଜଣାଯାଏ ସେ ସାହେବ ମହୋଦୟ ତାଙ୍କୁ ବନ୍ଦୋବସ୍ତ ସମ୍ବନ୍ଧୀୟ ଗୁଦାମ ପ୍ରକାଶ କରିବା କାରଣ କହିବାରୁ ସେ ତାଙ୍କ ଅମିନ କାନଗୋଇ ପ୍ରଭୃତିଙ୍କର ଉପର ରେକର୍ଡଠାରୁ ସର୍ବସାଧାରଣ ସତ୍ୱଲିପି ପର୍ଯ୍ୟନ୍ତ ସମସ୍ତ କଥା ଜଣାଇଅଛନ୍ତି । ସେ ପତ୍ର ଅତ୍ୟନ୍ତ ଦୀର୍ଘ ଓ ତହିଁରେ ଦୁଇ ଏକଗୋଟା ବାଜେ କଥା ଥିଲେହେଁ ତାହାଙ୍କ ଅନ୍ୟଶେଷ ମତେ ସ୍ପଷ୍ଟାକ୍ଷରରେ ପ୍ରକାଶ କଲୁଁ । ପାଠକମାନେ ସେ ପତ୍ର ପଢ଼ିବୁଝିବେ ଯେ ସେ ସେଟଲମେଣ୍ଟ୍ ଅଫିସର୍ ଅନେକ ଭୁଲ କରିଅଛନ୍ତି ଏବଂ ସର୍ବସାଧାରଣ ଲିପି ବିଷୟରେ ଅତ୍ୟାଶ୍ଚର୍ଯ୍ୟ ଯୁକ୍ତି ଦେଖାଇଅଛନ୍ତି । ଇତିମଧ୍ୟରେ ଅନ୍ୟ ଦୁଇ ଏକଜଣ ଜମିଦାରଙ୍କ ଜମି ଅନ୍ୟାୟରୂପେ ବନ୍ଦୋବସ୍ତ ହାକିମ ସର୍ବସାଧାରଣ କରିଦେବାରୁ ସେମାନେ ଦେବାନୀ ଅଦାଲତର ଆଶ୍ରୟ ନେଇ ଉକ୍ତ ଜମି ସର୍ବସାଧାରଣ ନ ଥିବାର ସାବ୍ୟସ୍ତ କରାଇଲେ ବନ୍ଦୋବସ୍ତ ମହଲୁମାନେ ସତ୍ୱଲିପି ସଂଶୋଧନାର୍ଥ ଆବେଦନ କରିଥିବାର ଅବଗତ ହୋଇଅଛୁଁ ଓ ବନ୍ଦୋବସ୍ତ କର୍ତ୍ତା ଅବଧି ଆଦେଶ ଦେଇ ନାହାନ୍ତି । ବନ୍ଦୋବସ୍ତ କର୍ତ୍ତା ଯେ ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କ କରୁଥିବାର ଯୁକ୍ତି ଶୁଣିବାସ୍ତେ ଅଦାଲତର ଉକ୍ତି ଅଗ୍ରାହ୍ୟ କରିବା ଉଚିତ ହେବ ନାହିଁ । ଯୋଗେନ୍ଦ୍ର ବାବୁ ସର୍ବପ୍ରଥମେ ସାଧାରଣସ୍ୱତ୍ୱରେ ଏ ସର୍ବସାଧାରଣ ଲିପିପଦ୍ଧତି ବିରୁଦ୍ଧରେ ଆପତ୍ତି କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଭରସା କରୁ ଓଡ଼ିଶାର ଜମିଦାରଗଣ ତାହାଙ୍କର ପତ୍ର ପାଠ କରି ଏକ ଯୋଗରେ ଆପଣା ସ୍ୱତ୍ୱରକ୍ଷାର ବହୁତ ଉପାୟ ଅବଲମ୍ବନ କରିବେ ଏବଂ ଅଣଓଡ଼ିଆ ବୋଲି ତାହାଙ୍କ ନ୍ୟାୟସଙ୍ଗତ କଥାରେ ଅନାସ୍ଥା କରିବେ ନାହିଁ । ଜମିଦାର ସତ୍ୱ ଶୀଘ୍ର ନାଶ ହେଉଛି । କୃଷକଙ୍କ ଭିଅଣ ତାହା ଅନର୍ଥ ଭିଆଉଅଛି ।

---

ସନ ୧୯୧୦ ମସୀହାରେ ହୋଇଥିବା ଫଷ୍ଟ ଡିଗ୍ରୀ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଯଥା:—

ଓଡ଼ିଶା ଟ୍ରେନିଂ ସମିତି କଟକ

ବ୍ୟାକରଣ ୧ମ ଶ୍ରେଣୀ

| | |
|---|---|
| କୃଷ୍ଣଚନ୍ଦ୍ର ସାମନ୍ତ | ବାଲେଶ୍ୱର ଜିଲା |
| ଶ୍ରୀକାନ୍ତ ସତପଥି | ଐ .. |
| **୨ୟ ଶ୍ରେଣୀ** | |
| ଜାନକୀବଲ୍ଲଭ ଆଚାର୍ଯ୍ୟ | ଯାଜପୁର ଜିଲା |
| ରମାନାଥ ଆଚାର୍ଯ୍ୟ | ଭଦ୍ରକ .. |
| ଗଜେନ୍ଦ୍ର ମହାପାତ୍ର | ପଦ୍ମପୁର .. |
| ଗଉରୀ ମିଶ୍ର | ଯାଜପୁର .. |
| କେଶବ ମିଶ୍ର | ବାଲେଶ୍ୱର .. |
| ଶ୍ରୀଧର ନନ୍ଦ | ଯାଜପୁର .. |
| ପୂର୍ଣ୍ଣଚନ୍ଦ୍ର ରଥ | ପଟ୍ଟଣା .. |
| ଯଦୁମଣି ଷଡ଼ଙ୍ଗୀ | ଯାଜପୁର .. |
| ଜଗନ୍ନାଥ ଷଡ଼ଙ୍ଗୀ | ଢେଙ୍କାନାଳ ଗଡ଼ଜାତ |
| **ଭାଷା ୧ମ ଶ୍ରେଣୀ** | |
| ଚନ୍ଦ୍ରଶେଖର ମିଶ୍ର | ଦଶପଲ୍ଲା ଗଡ଼ଜାତ |
| ନନ୍ଦକିଶୋର ମିଶ୍ର | ଢେଙ୍କାନାଳ .. |
| **୨ୟ ଶ୍ରେଣୀ** | |
| ବୃନ୍ଦାବନ ଆଚାର୍ଯ୍ୟ | ଯାଜପୁର ଜିଲା |
| ଗୋବର୍ଦ୍ଧନ ଆଚାର୍ଯ୍ୟ | ବାଲେଶ୍ୱର .. |
| ଗୌରକିଶୋର ଦାସ | ପଦ୍ମପୁର .. |
| ବୈଦ୍ୟନାଥ ଦାସ | ସମ୍ବଲପୁର .. |
| ଭାଗୀରଥି ମି | ଢେଙ୍କାନାଳ ଗଡ଼ଜାତ |
| ଦକ୍ଷନାରାୟଣ ମିଶ୍ର | ବାଲେଶ୍ୱର ଜିଲା |
| ବୈଦ୍ୟନାଥ ମିଶ୍ର | ପଦ୍ମପୁର .. |
| ଦାମୋଦର ମିଶ୍ର | ଢେଙ୍କାନାଳ ଗଡ଼ଜାତ |
| ଗଙ୍ଗାଧର ମିଶ୍ର | କଟକ .. |

Split by PDF Splitter

Digitized by srujanika@gmail.com

ହରେକୃଷ୍ଣ ମିଶ୍ର ଜଳେଶ୍ୱର ବୃତ୍ତି
ଲକ୍ଷ୍ମୀଧର ମିଶ୍ର କଣ୍ଟପଡ଼ ଅନୁତ୍ତୀର୍ଣ୍ଣ
ସୋମନାଥ ମିଶ୍ର ମଧୁପୁର "
ଅର୍ଜୁନ ମହାପାତ୍ର କେନ୍ଦୁଝର "
ଚକ୍ରମଣି ଦାସ ପଟନାଇକ ବୃତ୍ତି
ଲକ୍ଷ୍ମଣ ପାଣିଗ୍ରାହୀ କଟକ "
ବଳରାମ ଶତପଥୀ ଜଳେଶ୍ୱର "
ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଭଦ୍ରକ "

ବାଲେଶ୍ୱର ଜିଲ୍ଲା ସମିତି ।
ବ୍ୟାକରଣ ୧ମ ଶ୍ରେଣୀ

ରମାନାଥ ଦାସ ବାଲେଶ୍ୱର ସଂସ୍କୃତ ଟୋଲ ବାଲେଶ୍ୱର
ଲମ୍ବୋଦର ପଣ୍ଡିତ ଦମୋଦର " "
ଶ୍ରୀନାଥ ପଣ୍ଡିତ ଶ୍ରୀରାମଚନ୍ଦ୍ର " "
କୃଷ୍ଣଚନ୍ଦ୍ର କର ଐ
ଚକ୍ରମଣି ମିଶ୍ର ଖଣ୍ଡପଡ଼ା " "
ରମଚନ୍ଦ୍ର-ଚନ୍ଦ୍ର— ଘାଟମାରପୁର " "
ନାରାୟଣ କର ଐ
ଗଙ୍ଗାଧର ପଣ୍ଡା ନରହରିପୁର " "
ଚକ୍ରମଣି ପାଣିଗ୍ରାହୀ ଶ୍ରୀରାମଚନ୍ଦ୍ର " "
ଶ୍ରୀଧର ରଥ ମୁକୁନ୍ଦପୁର " "
ଜଗନ୍ନାଥ ଦାସ ଶ୍ରୀରାମଚନ୍ଦ୍ର " "
ଦଣ୍ଡ ଦାସ ଦାମୋଦର " "
ଗୋବିନ୍ଦଚନ୍ଦ୍ର ଶର୍ମା ରାଜାରାମପୁର " "
କୃଷ୍ଣମୋହନ ଷଡ଼ଙ୍ଗୀ ଶ୍ରୀରାମଚନ୍ଦ୍ର " "
ହରପ୍ରସାଦ ଷଡ଼ଙ୍ଗୀ ଐ " "

କାବ୍ୟ ୧ମ ଶ୍ରେଣୀ

ଗୋପାଳପ୍ରସାଦ ଷଡ଼ଙ୍ଗୀ ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର
୨ୟ ଶ୍ରେଣୀ

ରାମଚନ୍ଦ୍ର ମହାନ୍ତି ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର
ରମାନାଥ କର "
ଜୟକୃଷ୍ଣ ମିଶ୍ର
ରାମଚନ୍ଦ୍ର ପଣ୍ଡା "
ଶ୍ରୀହରି ଷଡ଼ଙ୍ଗୀ କାଞ୍ଚି "

ପୁରାଣ ୨ୟ ଶ୍ରେଣୀ

ଉପେନ୍ଦ୍ର ଦାସ ଦାମୋଦର ଟୋଲ ଭଦ୍ରକ

ପୁରୀ ଜଗନ୍ନାଥ ସମିତି
ବ୍ୟାକରଣ
୨ୟ ଶ୍ରେଣୀ

ଦାମୋଦର ଆଚାର୍ଯ୍ୟ ଶ୍ରୀ ରଘୁନାଥ ଟୋଲ ପୁରୀ
ବୈଦ୍ୟନାଥ ମହାପାତ୍ର ଭୁବନେଶ୍ୱର "
ହରିହର ମହାପାତ୍ର ପାଟ୍ଣା "
ଗୋପାଳ ମହାପାତ୍ର "
ଗୁରୁଚରଣ ମହାପାତ୍ର ଅଠରନଳା "
ଚକ୍ରପାଣି ମହାପାତ୍ର ଭୁବନେଶ୍ୱର "
ଅନନ୍ତ ମିଶ୍ର ଅଠରନଳା "
ଲୋକନାଥ ମିଶ୍ର ଦଣ୍ଡପଡ଼ା "
ବାସୁଦେବ ମିଶ୍ର ଐ "
ନୀଳକଣ୍ଠ ମିଶ୍ର ଉତ୍ତରଶାସନ "
ଗୋପୀନାଥ ମିଶ୍ର "
ରଘୁନାଥ ମିଶ୍ର ବାଲିପାଟଣା "
ସୋମନାଥ ମିଶ୍ର ଶ୍ରୀକୃଷ୍ଣ ଟୋଲ "
ସୁଦାମ ନାୟକ ଗୋପୀ ବ୍ରହ୍ମ ଟୋଲ

କାବ୍ୟ ୧ମ ଶ୍ରେଣୀ

ଜଗନ୍ନାଥ ମିଶ୍ର ଜଗନ୍ନାଥ ବଲ୍ଲଭ, ପୁରୀ
ଜଗନ୍ନାଥ ରଥ ଜିଲ୍ଲା ସ୍କୁଲ "

୨ୟ ଶ୍ରେଣୀ

କାଶୀନାଥ ରାଜଗୁରୁ ପଣ୍ଡିତ ଭାଗବତ
ଜଗନ୍ନାଥ ମହାପାତ୍ର ଗୋପୀ ବ୍ରହ୍ମ ଟୋଲ ପୁରୀ
ଗୋପୀନାଥ ମହାପାତ୍ର ଜିଲ୍ଲା ସ୍କୁଲ "
ବାମଦେବ ଚନ୍ଦ୍ରଦେବ ମହାପାତ୍ର ଐ
ଲକ୍ଷ୍ମଣ ମିଶ୍ର ଐ
ଗଙ୍ଗାଧର ରଥ ସତ୍ୟବାଦୀ ପୁରୀ
ମୃତ୍ୟୁଞ୍ଜୟ ଦେବ ଜିଲ୍ଲା ସ୍କୁଲ "
ସୁଦର୍ଶନ ତ୍ରିପାଠୀ ରଘୁନନ୍ଦନ ଟୋଲ "
ଜଗନ୍ନାଥ

୧ମ ଶ୍ରେଣୀ

ଲକ୍ଷ୍ମୀଧର ମିଶ୍ର ଜିଲ୍ଲା ସ୍କୁଲ ପୁରୀ
ସ୍ମୃତି
୧ମ ଶ୍ରେଣୀ

ଗଦାଧର ମିଶ୍ର ଜିଲ୍ଲା ସ୍କୁଲ ପୁରୀ
୨ୟ ଶ୍ରେଣୀ

ଦାମୋଦର ମହାପାତ୍ର ଜିଲ୍ଲା ସ୍କୁଲ ପୁରୀ
ଜଗନ୍ନାଥ ଷଡ଼ଙ୍ଗୀ ରାମକୃଷ୍ଣ ଟୋଲ ପୁରୀ
ପଦ୍ମନାଭ ଷଡ଼ଙ୍ଗୀ ଐ

ସାଂଖ୍ୟ ୨ୟ ଶ୍ରେଣୀ

ଲକ୍ଷ୍ମଣ ଷଡ଼ଙ୍ଗୀ ଜିଲ୍ଲା ସ୍କୁଲ ପୁରୀ
ବେଦାନ୍ତ ୨ୟ ଶ୍ରେଣୀ

ବାଳକୃଷ୍ଣ ଦାସ ଜିଲ୍ଲା ସ୍କୁଲ ପୁରୀ

---

ସନ ୧୯୧୦ ମସିହାରେ ହୋଇଥିବା ସଂସ୍କୃତ ପ୍ରଥମ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା;

ଓଡ଼ିଶା ସଂସ୍କୃତ ସମିତି ଦ୍ୱାରା ।
ବ୍ୟାକରଣ । ୨ୟ ବିଭାଗ ।

ହରେକୃଷ୍ଣ ବନ୍ଦ୍ୟୋପାଧ୍ୟାୟ ଧରାକୋଟ ବୃତ୍ତି
ବ୍ରଜବନ୍ଧୁ ଆଚାର୍ଯ୍ୟ ସୁନାଗ ବୃତ୍ତି
ଜଗନ୍ନାଥ ଦାସ ଧରାକୋଟ ବୃତ୍ତି
ଶୀତଳପ୍ରସାଦ ହୋତା ଐ
ବାଞ୍ଛାନିଧି ଦାସ ଗୋପୀନାଥପୁର ବୃତ୍ତି
ଉପେନ୍ଦ୍ର ଦାସ ବାଲେଶ୍ୱର ସମ୍ମାନ
ଦାମୋଦର ଦାସ ଓଡ଼ିଶା ବୃତ୍ତି
ଯଦୁମଣି ଦାସ ବାଲେଶ୍ୱର ସମ୍ମାନ
ଚନ୍ଦ୍ରକୁମାର ଦାସ ଗୁପ୍ତ ଧରାକୋଟ ବୃତ୍ତି
ଭୁବନମୋହନ ହାଲଦାର ଐ
ବଦ୍ରୀନାଥ ପାଣିଗ୍ରାହୀ ବଡ଼ବାରପୁର ବୃତ୍ତି
ଅନନ୍ତ ମହାପାତ୍ର ଓଡ଼ିଶା ବୃତ୍ତି
ଗୋପୀନାଥ ମହାପାତ୍ର ଐ
ନରସିଂହ ମହାପାତ୍ର ଓଡ଼ିଶା ବୃତ୍ତି
ବୈଦ୍ୟନାଥ ମହାନ୍ତି ବାଲେଶ୍ୱର ସମ୍ମାନ
ଶ୍ୟାମମୋହନ ମହାପାତ୍ର ଅନୁତ୍ତୀର୍ଣ୍ଣ
ଅନନ୍ତ ମିଶ୍ର ବାଲେଶ୍ୱର ବୃତ୍ତି
ଅର୍ଜୁନ ମିଶ୍ର ବଡ଼ଖେମୁଣ୍ଡି ବୃତ୍ତି
ଭଗବାନ ମିଶ୍ର ସହଦ ସମ୍ମାନ
ହେମାନନ୍ଦ ମିଶ୍ର ଚେକାଗଡ଼ ଐ
ଗୋବିନ୍ଦ ମିଶ୍ର ପଟନାଇକ ବୃତ୍ତି
ମଦନଗୋପାଳ ମିଶ୍ର ଭଦ୍ରକ ଐ
ଜଗନ୍ନାଥ ମିଶ୍ର ସହଦ ସମ୍ମାନ
ବିଶ୍ୱେଶ୍ୱର ମିଶ୍ର ଚେକାଗଡ଼ ଐ
ଗୋପାଳ ମୋହନ ମିଶ୍ର ମଧୁସୂଦନ ବୃତ୍ତି
ବାସୁଦେବ ରଥ ଚେକାଗଡ଼ ସମ୍ମାନ
ରଘୁନାଥ ରଥ ବାଲେଶ୍ୱର ଐ
କୃଷ୍ଣ ରଥ ମଧୁସୂଦନ ବୃତ୍ତି
ପଦ୍ମନାଭ ନାୟକ ଭଦ୍ରକ ବୃତ୍ତି

ଶ୍ୟାମମୋହନ ନାୟକ ଧରାକୋଟ ବୃତ୍ତି
ହରିହର ପାଣିଗ୍ରାହୀ ଐ
ବୈକୁଣ୍ଠନାଥ ଦାସ ବଡ଼ଖେମୁଣ୍ଡି ବୃତ୍ତି
ଶ୍ରୀନାଥ ଦାସ ନାରାୟଣ ବୃତ୍ତି
ଚିନ୍ତାମଣି ରଥ ଐ
କୃଷ୍ଣନାଥ ରଥ ପଦ୍ମନାଭ ବୃତ୍ତି
ଗୋପୀନାଥ ରଥ ଦିଗ୍ପାଳ ସମ୍ମାନ
ହରିହର ଷଡ଼ଙ୍ଗୀ ନୟାଗଡ଼ ବୃତ୍ତି
ନିରଞ୍ଜନ ଷଡ଼ଙ୍ଗୀ ଭଦ୍ରକ ବୃତ୍ତି
ଗୋପାଳଚନ୍ଦ୍ର ସାମନ୍ତରାୟ ଧରାକୋଟ ବୃତ୍ତି
ବନମାଳୀ ଶତପଥୀ ମହାବୀର ବାସୁଦେବ ବୃତ୍ତି
ହରିହର ଶତପଥୀ ପୁରୁଷ ବୃତ୍ତି
ରଘୁନାଥ ଶତପଥୀ ପଟନାଇକ ବୃତ୍ତି
ନୃସିଂହ ଶତପଥୀ ଗୋପୀନାଥପୁର ବୃତ୍ତି
ଲକ୍ଷ୍ମୀନାରାୟଣ ଶତପଥୀ ଧରାକୋଟ ବୃତ୍ତି
ରଘୁନାଥ ତ୍ରିପାଠୀ ଗାଁସୁରକଣ ବୃତ୍ତି

କାବ୍ୟ । ୨ୟ ବିଭାଗ ।

ବଳଭଦ୍ର ଦାସ ଭଦ୍ରକ ବୃତ୍ତି
ପୂର୍ଣ୍ଣଚନ୍ଦ୍ର ଦାସ ଐ
ଗଙ୍ଗାଧର ମହାପାତ୍ର ଅଠଗଡ଼ା ସମ୍ମାନ
ନରସିଂହ ମିଶ୍ର ନୟାଗଡ଼ ଐ
ଶ୍ରୀନାଥ ମିଶ୍ର ଅଠଗଡ଼ା ଐ
ବନମାଳୀ ରଥ ଓଡ଼ିଶା ବୃତ୍ତି
କୃପାସିନ୍ଧୁ ରଥ ଐ

ସ୍ମୃତି । ୨ୟ ବିଭାଗ ।

ଅନନ୍ତରାମ ଆଚାର୍ଯ୍ୟ ଲୋଧାଗାଁ

ଜ୍ୟୋତିଷ ୨ୟ ବିଭାଗ ।

ଲକ୍ଷ୍ମଣ ହୋତା ବଡ଼ଖେମୁଣ୍ଡି ବୃତ୍ତି

ଶୁକ୍ଳ ଯଜୁର୍ବେଦ ୧ମ ବିଭାଗ ।

ଶ୍ରୀନାଥ ରଥ ବଡ଼ଖେମୁଣ୍ଡି ବୃତ୍ତି

ବାଲେଶ୍ୱର ସଂସ୍କୃତ ସମିତି ।
ବ୍ୟାକରଣ ୧ମ ବିଭାଗ ।

ଗଣପତି ନାଥ ଦାସ ରଘୁନାଥପୁର ଟୋଲ ବାଲେଶ୍ୱର
୨ୟ ବିଭାଗ ।

ରଘୁନାଥ ଆଚାର୍ଯ୍ୟ ଅଗର୍ପଡ଼ା ଟୋଲ ବାଲେଶ୍ୱର
ବୈଦ୍ୟନାଥ ଦାସ ଖଣ୍ଡପଡ଼ା ଟୋଲ "
ହରିହର ଦାସ ଅଗର୍ପଡ଼ା ଟୋଲ "
କୃଷ୍ଣଚନ୍ଦ୍ର କର ରାଜକୁମାର ଟୋଲ ବାଲେଶ୍ୱର
ରାଘବ ମହାପାତ୍ର ଅଗର୍ପଡ଼ା ଟୋଲ "
ହରେକୃଷ୍ଣ ମିଶ୍ର ରାଜକୁମାର ଟୋଲ "
ଲକ୍ଷ୍ମୀଧର ମିଶ୍ର ଖଣ୍ଡପଡ଼ା " "
ଚନ୍ଦ୍ରମଣି ମିଶ୍ର ରାଜକୁମାର " "
ଗୋପୀନାଥ ପଣ୍ଡା ଶ୍ରୀରାମଚନ୍ଦ୍ର " "
ଗୋବିନ୍ଦ ପଣ୍ଡା ନରହରିମୋହନ " "
କୃଷ୍ଣଚନ୍ଦ୍ର ପଣ୍ଡା ପଦ୍ମାବତୀ " "
ମହେଶ୍ୱର ପଣ୍ଡା ହିଙ୍ଗୁଳା " "
ଦାମୋଦର ପଣ୍ଡା ନୃସିଂହ " "
ରମାନାଥ ପଣ୍ଡା ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର
ବୈକୁଣ୍ଠନାଥ ପାଢ଼ୀ ଐ
ଗଙ୍ଗାଧର ଷଡ଼ଙ୍ଗୀ ଐ
ଗଦାଧର ରଥ ରଘୁନାଥପୁର ଟୋଲ ବାଲେଶ୍ୱର
ଶ୍ରୀଧର ଦାସ କାଞ୍ଚି " "
ଦୁର୍ଗାଚରଣ ତ୍ରିପାଠୀ ଶ୍ରୀରାମଚନ୍ଦ୍ର " "
ଗଙ୍ଗାଧର ତ୍ରିପାଠୀ ବଳୀଗାଁ " "
ବ୍ରହ୍ମାନନ୍ଦ ତ୍ରିପାଠୀ ଐ " "
ଶ୍ୟାମସୁନ୍ଦର ତ୍ରିପାଠୀ ଐ " "

Split by PDF Splitter
Digitized by srujanika@gmail.com

ଢାକା । ୨ୟ ବିଭାଗ ।

ବାବୁ ଭଜନ ଦାସ    ଦାମୋଦର ହୋଲ କଲେଜର
ଲମ୍ବୋଦର ଗୋସ୍ୱାମୀ    ମଦନମୋହନ ,, ,,
ପୁରୁଷୋତ୍ତମ ମହାନ୍ତି    ଭିକ୍ଟୋରିଆ ,, ,,
ଅନନ୍ତରାମ ମଣ୍ଡ    ମୟୂରଭଞ୍ଜ ,,
ମଧୁସୂଦନ ପାଣି    କଟକ ,,
ଜଗନ୍ନାଥ ଶତପଥୀ    ଖୋମଚନ୍ଦ ଟେଷ୍ଟ ବାଲେଶ୍ୱର
ପ୍ରହ୍ଲାଦ ଶତପଥୀ    ଦାମୋଦର ,, ,,
ଶ୍ରୀଧର ଦଉରଥ    ଗଙ୍ଗେଶ୍ୱରପୁର ,, ,,

ଦଳ ୨ୟ ବିଭାଗ ।

ଲକ୍ଷ୍ମୀଧର ଷଡ଼ଙ୍ଗୀ    ଜଗନ୍ନାଥ ହୋଲ ବାଲେଶ୍ୱର

ଦେବଗ୍ର । ୨ୟ ବିଭାଗ ।

ବୈଦ୍ୟନାଥ ଚୌଧୁରୀ    ମ୍ୟୁନସିପ ବାଲେଶ୍ୱର

ପୁରୀ । ୧ମ ବିଭାଗ ।

ଶ୍ରୀପତି ଦାସ    ମ୍ୟୁନସିପ ବାଲେଶ୍ୱର

ଖାମଦେବ । ୨ୟ ବିଭାଗ ।

ହରେକୃଷ୍ଣ ଦାସ    ଶ୍ରୀରାମଚନ୍ଦ୍ର ହୋଲ ବାଲେଶ୍ୱର
ଶ୍ରୀଧର ଦଳ    ଏଜେ

ଜଗନ୍ନାଥ ବଳିତ, ଗୁପ୍ତ ।

ଚାନ୍ଦବେଣ ୧ମ ବିଭାଗ ।

ବଳଭଦ୍ର ମିଶ୍ର    ସୁନ୍ଦରଗଡ଼ ସ୍କୁଲ
ଚନ୍ଦ୍ରଶେଖର ପଣ୍ଡା    ଏଜେ

୨ୟ ବିଭାଗ ।

ଦାମୋଦରଚନ୍ଦ୍ର ଦତ୍ତ    ସୁନ୍ଦରଗଡ଼ ସ୍କୁଲ
ଗୋବିନ୍ଦ ଦଳ    ଭୁବନେଶ୍ୱର ,,
ଦୟାନିଧି ସେ ଚୂଡ଼ ଦାସ    ସ୍କୁଲ
ଗଣେଶ ଦାସ    ସୁନ୍ଦରଗଡ଼ ସ୍କୁଲ
ସୁରୁ ଅଚ୍ୟୁତାନନ୍ଦ ଦାସ    ସ୍କୁଲ
ହରେକୃଷ୍ଣ ଦାସ    ଚାନ୍ଦବାଲି ସ୍କୁଲ
ଗୋପାଳକୃଷ୍ଣ ଦାସ    ସ୍କୁଲ
ପୁରୁଷୋତ୍ତମ ପରିଡ଼ା    ଭୁବନେଶ୍ୱର ,,
ଲକ୍ଷ୍ମୀଧର ହୋତା    ଉଦୟଗିରି ,,
ଶ୍ରୀଧର ମହାପାତ୍ର (୧)    ସୁନ୍ଦରଗଡ଼ ସ୍କୁଲ
ଶ୍ରୀଧର ମହାପାତ୍ର (୨)    ଏଜେ
ରାଜେନ୍ଦ୍ର ମହାପାତ୍ର    ଚାନ୍ଦବାଲି ସ୍କୁଲ
ହରିହର ମହାପାତ୍ର    ସୁନ୍ଦରଗଡ଼ ,,
ଅଭିମନ୍ୟୁ ମିଶ୍ର    ଭଦ୍ରକ ହୋଲ ,,
ଗଙ୍ଗାଧର ମିଶ୍ର    ଏଜେ ,,
ଲୋକନାଥ ମିଶ୍ର    ଉଦୟଗିରି ,,
ପଦ୍ମନାଭ ମିଶ୍ର    ଭୁବନେଶ୍ୱର ,,
ଜଗନ୍ନାଥ ମିଶ୍ର    ସୁନ୍ଦରଗଡ଼ ,,
ସୋମନାଥ ମିଶ୍ର    ଏଜେ
ହରିମୋହନ ମିଶ୍ର    ଭଦ୍ରକ ହୋଲ ସ୍କୁଲ
ଅନନ୍ତ ରଥ    ଜଗନ୍ନାଥପୁର ,, ,,
ଦୟାନିଧି ରଥ    ସତ୍ୟବାଦୀ ,, ,,
ଦାମୋଦର ରଥ    ଜଗନ୍ନାଥପୁର ,, ,,
ସୋମନାଥ ରଥ    ସୁନ୍ଦରଗଡ଼ ,,
ଅନିରୁଦ୍ଧ ଷଡ଼ଙ୍ଗୀ    ଭଦ୍ରକ ହୋଲ ,,
ଲକ୍ଷ୍ମଣ ତ୍ରିପାଠୀ    ପଟ୍ଟାମୁଣ୍ଡାଇ ,, ,,

ଢାକା । ୨ୟ ବିଭାଗ ।

ଗୋପୀନାଥ ଦାସ    ଉଦୟଗିରି ସ୍କୁଲ
ବାଳୁ ଦାସ    ଚାନ୍ଦବାଲି ,,
ନିତ୍ୟାନନ୍ଦ ଦାସ    ସତ୍ୟବାଦୀ ,,
ବଳଭଦ୍ର ମହାପାତ୍ର    ସୁନ୍ଦରଗଡ଼ ,,
ଗଙ୍ଗାଧର ମହାପାତ୍ର    ଭୁବନେଶ୍ୱର ,,
ଗୋପୀନାଥ ମହାପାତ୍ର    ସତ୍ୟବାଦୀ ,,

ପଦ୍ମନାଭ ମହାପାତ୍ର    ସୁନ୍ଦରଗଡ଼ ସ୍କୁଲ
ପ୍ରେମାନନ୍ଦ ମହାପାତ୍ର    ସତ୍ୟବାଦୀ ,,
ବନମାଳୀ ମିଶ୍ର    ଭୁବନେଶ୍ୱର ,,
ଜଗନ୍ନାଥ ମିଶ୍ର    ସୁନ୍ଦରଗଡ଼ ,,
ବିଶ୍ୱନାଥ ରଥ    ଏଜେ ,,
ବୈଦ୍ୟନାଥ ରଥ    ଏଜେ ,,
ରଘୁନାଥ ଶତପଥୀ    ଉଦୟଗିରି ,,

କଟକ । ୧ମ ବିଭାଗ ।

ବୈଦ୍ୟନାଥ ଦଳ    ସୁନ୍ଦରଗଡ଼ ସ୍କୁଲ

୨ୟ ବିଭାଗ ।

ଦାମୋଦର ମହାପାତ୍ର    ସୁନ୍ଦରଗଡ଼ ସ୍କୁଲ
ଲୋକନାଥ ମିଶ୍ର    ଜଗନ୍ନାଥ ହୋଲ ସ୍କୁଲ

ଦଳ ୨ୟ ବିଭାଗ ।

ବାମଦେବ ସିଂହଦେବ ମହାପାତ୍ର    ଦେବଗଡ଼ ହୋଲ ସ୍କୁଲ

ଦେବଗଡ଼ । ୧ମ ବିଭାଗ ।

ସୋମନାଥ ମହାପାତ୍ର    ଚାନ୍ଦବାଲି ସ୍କୁଲ

୨ୟ ବିଭାଗ ।

ଗଙ୍ଗାଧର ମିଶ୍ର    ଚାନ୍ଦବାଲି ସ୍କୁଲ

ଦେବଗ୍ର ୧ମ ବିଭାଗ ।

ଗୋବିନ୍ଦଚନ୍ଦ୍ର ଶତପଥୀ    ସୁନ୍ଦରଗଡ଼ ସ୍କୁଲ

# ସାପ୍ତାହିକ ସମ୍ବାଦ ।

## ଉତ୍କଳଗୌରବ ଗେଜେଟ୍ ।

ଭୋମା ବାବୁ କରେନ୍ଦ୍ରନାଥଙ୍କୁ ୪ର୍ଥ ଗ୍ରେଡ୍‌ରୁ ଓ ଡେ, ମା ମୌଲବି ଷେଖ୍ ଗାଲବ୍‌ଙ୍କୁ ୫ମ ଗ୍ରେଡ୍‌ରେ ବାହାଲ ହୋଇଲେ ।

ଭୋମାବାବୁ ଅନ୍ନପୂର୍ଣ୍ଣାଦ ଦାସ ଓ ବାବୁ ହରେକୃଷ୍ଣ ମହା, ୫ମ ଗ୍ରେଡ୍‌ରୁ, ବାବୁ ଅଭିରୂଷଣ ଶତପଥୀ, ମିଃ ଚନ୍ଦ୍ର ଉଦୟ ଓ ବାବୁ ବାମଦେବ ଦାସ ଚୌଧୁରୀ ୬ଷ୍ଠ ଗ୍ରେଡ୍‌ରୁ, ବାବୁ ବାଳମୁକୁନ୍ଦ କାନୁନଗୋ ଡେପୁଟି ଇନ୍ସପେକ୍ଟର ପ୍ରୋବେସନ ୭ମ ଗ୍ରେଡ୍‌ରୁ, ଓ ବାବୁ ଶରତଚନ୍ଦ୍ର ବସୁ ଓ ମୌଲବି କରିମ ବକ୍ସ ସେଷ୍ଠା କରିସ୍ ରୂପେ ୭ମ ଗ୍ରେଡ୍‌ରେ ପକ୍କା ହେଲେ ।

ଡେ: ମ: ଓ ଡେ: କଲେକ୍ଟର ବାବୁ ଅକ୍ଷୟକୁମାର ଗୁହ ଅଧିକା ଏକମାସ ଛୁଟି ପାଇଲେ ।

ଜେଲ୍‌ପୁର ଜାତି ସବଡିଭିଜନ ଡେ: ମ: ଓ ଡେ: କଲେକ୍ଟର ବାବୁ ବାମଦେବ ଦାସ ଚୌଧୁରୀ ତିନିମାସ ଛୁଟି ପାଇଲେ ।

ଗତ ତା ୧୧ ରଖ ଶେଷହେବା ସପ୍ତାହରେ କଟକର ବନ୍ଧ ଧାର ବର୍ଷାରେ ସେ ୧୧୨', ବାଲେଶ୍ୱରରେ ସେ ୧୪, ଅନୁଗୁଳ ସେ ୧୪୩, ପୁରୀ ସେ ୧.୬୪ ଓ ସମ୍ବଲପୁରରେ ସେ ୧୮ ଏହି ଷଡ଼ଭାଗ ମଧ୍ୟରେ ସର୍ବୋଚ୍ଚ ପରିମାଣ, ଗତ ଲକ୍ଷ୍ମୀ ଓ ଡାକରେଲରେ ସେ ୨୦ ଏବଂ ସବୁ ଷଡ଼ ଅଧିକ ଅଧିକ ଏହିରେ ସେ ୧୧୧ ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା କଟକ ୮.୧୮, ବାଲେଶ୍ୱର ୦.୭୪, ଅନୁଗୁଳ ୧.୭୦, ପୁରୀ ୨.୮୭ ଓ ସମ୍ବଲପୁର ୪.୪୮ ଇଞ୍ଚ ଏହି ଷଡ଼ଭାଗ ମଧ୍ୟରେ ସର୍ବୋଚ୍ଚ ଡାକରେ ୮.୦୦ ଓ ସବୁଠାରୁ କମ୍ ଦରବା ୨:୧୧ ରେ ।

## ସ୍ୱାସ୍ଥ୍ୟ ସମ୍ବାଦ ।

ଏଠା କଲେରାରୋଗ ଜଣେ ଦେଖାଦେଇ ଲୋକ ମାରୁଛି ବାର ଶବ ହୋଇଅଛି ।

ଗତ ସୋମବାରଠାରୁ କଟକ ଭଗବାନ ଛାଡ଼ ଗଡ଼ ହେଉଅଛି ଓ ଦୁଇଟା ଲୋକ ଅବସ୍ଥ ହୋଇ ଅଛି ।

ବୋଧହୁଏ ଏଥର କଲେରା ଦେଖି ଥିବା ଦେଶରେ କୋଠା ନିଷ୍କାସନ ଗୋଚରମାନରେ ଗତ ସୋମବାର ଡେ: ମ: ଏ ସ ଦୋଷ ବେଳରେ ଦ ୬ ଓ ଦଶଗୋଟି ପାଇଅଛି ।

ଶୁଭ ହିନ୍ଦୁର ଦଶ ୫ଟି ବର୍ଷା ସେଠାରେ ହୋଇଥିବା ଅବ ସ୍ଥଳରେ ସବ ସୋମବାର ଡେ: ମ: ଓ ଏକ ପଦଚ୍ଛ ଦର ଲରେ ମା ୭ଟି ସ ଦଶବର୍ଷ ପାଇଅଛି ।

ଅଠଗଡ଼ର ବାବୁ ପଶା ନ ଗୋଷ୍ଠ ଏ ଗରଦାର ଓ ଭୂଷ-ଘୋଷ । ମୁଣ୍ଡିଆ ହୁଏ ତହିରେ ଅନ୍ନ ନବମାସ ପୂର୍ବ ମାଲ-ଖାନା ଲଟାରେ ବୃଦ୍ଧିରା ଗୋଷ୍ଠ ପୁରୀ ସାନଦ ଅଭ ଗୁରୁତ ହେଉଥିବାରୁ ୪୧୦୦ ଗହିରରେ ଥାଇ ମହତ୍ତ୍ୱ ଦଣ୍ଡ ହେଉଅଛି ।

## ପୁରୀ ସମ୍ବାଦ ।

ପୁରୀରେ ସାମାନ୍ୟ ବର୍ଷା ପଡ଼ି ଏକ ବର୍ଷାରୁ ପୁରୀବାସୀ ବାନ୍ଧୁଛନ୍ତି ଘରୁ ଓ ସାଧାରଣଙ୍କ ଠାରୁ ଅର୍ଥ ଉଠା କରିଥିଲେ ।

କଣ୍ଠାସ୍ତ କଟିବାର ପର୍ବ ସେଠ ଦେବ ମଠରେ ରହି ଯାହା ସମୟରେ ଦଣ୍ଡକୁ ଯାତ୍ରୀମାନଙ୍କ ଅବସ୍ଥା ଦେଖି ସେ ଗୋଟିଏ ହେବା, ଦୋଷ ହେଉଛି ଦଣ୍ଡ ବାସୀଙ୍କ ଠାରୁ ଯାତ୍ରୀମାନଙ୍କ ଅର୍ଥ ଆଦାୟ ହେଉ ନ ଦେବାର ପଠାଇବା ଏହି ସେଠା ୪ ଅଟୁଳ ପଡ଼ିଆ ରାସ୍ତା ସେଠା ବୃଷ୍ଟା । ଔଷଧାଦିର ବ୍ୟବସ୍ଥା ହେବା ଉଚିତ ଧାର୍ମିକ ଦ୍ୱାରା ହେଲେ ।

## ଗଞ୍ଜାମ ସମ୍ବାଦ ।

ଗତ ତା ୭ ରଖ ଏ ଅଞ୍ଚଳରେ ଅତ୍ୟଧିକ ବୃଷ୍ଟି ଓ ଭୟଙ୍କର ଝଡ଼ ବୃଷ୍ଟି ହୋଇ ଧାନ ଫସଲ ଅନେକ ନଷ୍ଟ ହୋଇଯାଇଅଛି । ଦଶଗଡ଼ ଜମିରେ ପାଣି ଦେବା-ଯାଉରେ ଏବା ଅଧିକର ଗୋଲାଏର ମଧ ସବି ଯାଇ ଅଛନ୍ତି । ଏକ ଡଣାଳ ଚତର ଗୋ ୧୮ ଟି ଘାଇ ସବୁ କେଣାପାଟରୁ ମଧ ଭିଡ଼ି ଯାଇଅଛନ୍ତି । କେତେକ ଏ ପର୍ଯ୍ୟନ୍ତ ହୋଇ ନାହିଁ ।

ଉତ୍କଳ ମୌଲାଇ ଗୋଷ୍ଠ ଏବେ ହାକିମ ସେଥରେ ନାଷ ପଡ଼ୁଅଛନ୍ତି । ଅନେକ ସ୍ଥାନ ଦେଖିଲା ।

ବୋଡ଼ାବାଡ଼ ଗ୍ରାମ ବନମାଳୀପୁରର ଗୋପାଳ ଅନ୍ଧାରୀ ବାସ ସେତେ ଅନେକ ଥାର ୬୦ ଟଙ୍କା ରେ ମଠର କଣି ବଢ଼ୁଥିବା ଅଳ ପୁରୀ ପର ଉପରେ ଥିଲା ବାବୁ ମିଶ୍ରଙ୍କ ସମ୍ପାଦକ ସମ୍ପ ଦୋଷ ସୁଧ ଡେ: ମା, ଗ୍ରାମ ଅନୁର ବାବୁଙ୍କ ଦାମରେ ଚନ୍ଦ୍ରାସ ପଥର ଦାସ ବାସ ଭରଅଛି ।

ଭୂର୍ତ୍ତୁର ମହଲାର ବ ୧୨ ଓ ଦଶବର ଗୋଷ୍ଠ ମାଡ ବାଜର ଦସ୍ କୌଶ ଠାକୁରାଣୀଙ୍କର ପୂଜା ହେଉ ଭର ଜେଲଖାନା ଅଧ୍ୟକ୍ଷରେ ଭାଡ଼ା ଦାସ ଦେବ ସଭା ହୋଇଅଛି ।

ଏହି ଉତ୍ସବର ପାଇଁମାନ ଗାଁରେ ଉପାସନା ବିଷୟମ ଜଣ ଜମା ଉପଯୋଗ ବକ୍ତା ଲକ୍ଷ୍ମୀପତି ମାନେ ଅଧିକ ପରେ ସେହି ହୋଇ ସାଧାରଣ ଭର୍ତ୍ତି ବିଷୟମାନଙ୍କ ରୂପ ଇ ଦେଇଅଛନ୍ତି ।

## ଅନୁଗୁଳ ସମ୍ବାଦ ।

ଖାଲେ ଧାନ ରୁଆ ଶେଷ ହୋଇ କେବଳ କାର୍ଯ୍ୟ ଅରମ୍ଭ ହୋଇଅଛି ।

ଜଳାଭୂମିର ଉଚ୍ଚରେ ପୂର୍ଣ୍ଣହେବାରୁ କଞ୍ଚାଡ଼ି ବୁଣା ହୋଇଅଛି ।

ଅନୁଗୁଳ ଦବଖାନାର ପୁରୀ ଏକଜନଗୁରୁ ନ ବାବୁ କାଳିମଣି ପର ପୂର୍ବ ଯାହାଙ୍କ ଜଣେ-ପାରେ ସବୁ ଉତ୍ତ ସ୍ଥାନର ପରବ ବାରଜଣଙ୍କୁ ଭୂଷି ଉତ୍ତମ କରୁଥିଲେ ।

ଧାନ ଟଙ୍କାରେ ୧୦ ସେର ଓ ଚାଉଳ ୧୧ ସେର ମିଳୁଅଛି ।

ଜର୍ମାନ ପଣ୍ଡିତ କେଟସନଙ୍କ ମତୋଦୟ ଏକ ସ୍ୱତନ୍ତ୍ର ବୈଜ୍ଞାନିକଙ୍କର ୬୭୨ ଓ ଅଂଶର ସେହି ଶୀତଳତା ସମୁଦ୍ରର ତଳ ଦେଶର ତାହାକୁ ତିନି ୪୦୦ ଓ ଉପରେ ଉଠାଇଲେ ଜଗତ ଧ୍ୱଂସ ହେବ ଏବଂ ଦେଖିଲେ ତିନି ୧୦୦୫ ଠାରୁ ଅଧିକ ଶୀତଳ ଏବଂ ଅବଶେଷରେ ଦେଶତାପ ଦ୍ୱାରା ଅଧିକ ଦଗ୍ଧ ହେଲେ ତାହା ଭୂତଳ ହୋଇଯିବ । ସାଙ୍ଗ୍ରାମିକ ଭାବରେ ଉଦ୍ଧାର ହେଲେ । ତା ୧୬ ଣ ଜଲପ୍ରବାହ ହେବ । ଯଦି ୨ ୫ ଏକ ଶତ ଶତାବ୍ଦୀରେ ହୋଇଥିବ । କିନ୍ତୁ ବିଚାରପୂର୍ବକ ଏହିରେ ଜଗତ୍ର ହୋଇ ବର୍ତ୍ତମାନ ବୈଜ୍ଞାନିକ ଯୋଗର ଉଲ୍ଲଙ୍ଘନରୁ ଶିକ୍ଷା ଦେଉଅଛନ୍ତି । ଏ ସମ୍ବନ୍ଧରେ ଅନୁଭବ ନାହିଁ ।

ଅଧୁନା ଡାକ୍ତରମାନଙ୍କ କେତୁ ଦିନ ଯାଏ ଜଣେ ବ୍ରିଟିଶ ସାହେବ ନିଜର ଶ୍ରେଣୀକୁ ଦେଇ କହାନ୍ତି ଯେ ସେ କୌଣସି ଏକ ଉଦ୍ଭିଦ ସ୍ୱରୂପ ବର୍ତ୍ତମାନ ହିଉ ତାହାର ଶ୍ରେଣୀକୁ ଦେଉଅଛନ୍ତି । ଏହା ଶୁଭ ଲକ୍ଷଣ ।

ବିଶେଷ ସ୍ୱଦେଶୀ ଲୋକ ସମ୍ବନ୍ଧ କୃଷକ ଶ୍ରମଜୀବୀ ଭାବେ ଦେବତ୍ତ ସମ୍ପଦ, ବିଦେଶୀ ସାଦରମାନଙ୍କ ଜଣାଅଛି ଯେ ଏହା ବିଦେଶୀ ଦେଶର ଦେବତ୍ତ କେତେଠାରୁ ମୁକ୍ତିର ଦରକାର ।

ଏଥର ବର୍ଷ ବଙ୍ଗ ଓଡ଼ିଶା ମାସ ତା ୨୮ ତାରିଖ ବଡ଼ ପାର୍ଲିଆମେଣ୍ଟରେ ଆରମ୍ଭ ହେବା ବିଷୟ ପ୍ରଧାନ ମନ୍ତ୍ରୀ ସୂଚନା ଦେଇଅଛନ୍ତି ।

ଜେଟରେ ପ୍ଳେଗ ବର୍ତ୍ତମାନ ସହରର ଶୁଦ୍ଧ ହାର ଅନେକ ବଢ଼ି ଯାଇଅଛି । ସମୁଦ୍ର ରାସ୍ତା ବନ୍ଦ ଥିବାରୁ ଦେଶ ଓ ନଗର ଉଭୟ ଯାତ୍ରୀ ଭୟ ନିବାରଣ କରିଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

## A REAL WANT AND ITS' REMOVAL.

To

The Editor of the Utkal Dipika.

Sir,

Jajpur being a place of pilgrimage is of interest to all the Hindu population of India. It was once a seat of Sanskrit learning. Though a dead language Sanskrit holds the key to that ancient store the value of which as a peace-giving and soul-saving power is appreciated by all whose thoughts roam beyond this life. The last vestige of sanskrit learning has disappeared from Jajpur with the death of Pandit Damodur Vidyabagish. Though the Brahmin element predominates here, there is no institution for imparting knowledge in sanskrit the only one of the kind started 4 or 5 years back through the exertions of a private gentleman of meagre means being in a struggling and tottering condition for want of funds.

Thanks to the beneficient exertions of local authorities, the Government has not done anything for its maintenance. But as to private enterprize, the people of Jajpur whose pockets are sounded and emptied in and out of season could have some consolation to see some portion at least of their money employed in this way. But alas! such a thought never, even by mistake, finds place among the many freaks we have had of late. If the wishes of the people through their friends though outside the limited circle of mutual admirers were consulted in a matter like this, then without diverting the funds from the purpose for which they were collected from unwilling contributors a reasonable portion of the proceeds from a bonafied sale of the building materials of the Jajpur Exhibition Pandal-which were priced by D. P. W. men and others at Rs. 1000—1200-should be so utilized. But it is not too late yet. If any favoured individual has taken possession of these materials for so inadequate a price as-as we learn—Rs 200 only, no matter whether it is true or not that some of these are being used in the erection of a structure adjoining the Government bungalow set apart as the S. D. O.'s quarters. The real value should be realized from the party benefitted, and made over or funded for the benefit of the Sanskrit tol.

It that be not done, some portion of the money realized from the public under various circumstances in the name of another institution, public or private interest in which will be gone with the transfer of one or two gentlemen sooner or later, should be appropriated for the benefit of the Sanskrit tol, now dying from want of pecuniary help.

11-7-1910 } Yours humbly,

Humble suggestion.

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟଙ୍କ ସମୀପେଷୁ ।

ମହାଶୟ !—

ଗତ ତା ୨୨ ରିଖରେ ଆପଣଙ୍କ ପତ୍ରର ସାହାଯ୍ୟ ନେଇ କେତେ ଅଧିକ ଦୟାଳୁତାର ଅନୁରୋଧ କରି ଚାହୁଁଥିଲି ଯେ ଓଡ଼ିଶା ଜମିଦାରଙ୍କର ଅପ୍ରତ୍ୟକ୍ଷ ଘଟିତ ଦୁଃଖ ଶୁଣିବାକୁ ଦୟା ପ୍ରକାଶ କରନ୍ତୁ । ଗତ ବନ୍ଦୋବସ୍ତ ଅବସରରେ ଏବଂ ୧୮୯୦-୧୯୦୦ ସାଲରେ ଯେଉଁ ଜେଲା ବାଳେଶ୍ୱରରେ ଜମିଦାରଙ୍କଠାରୁ ନାଁ ଯିବା ଜେଲାପୁରରେ ଅନାବାଦୀ ଜମିର ଉପସ୍ୱତ୍ୱ ଓ ଜଳ ଜମିଦାରଙ୍କର ରହିଅଛି । ସମସ୍ତ ଅନାବାଦୀ ଜମି ଜମିଦାରଙ୍କର ହସ୍ତରେ ଯେଉଁ ବୋଧକରି ବ୍ୟାପାର ଘଟିଅଛି ତାହାର ପ୍ରତିକାର ନ କରିଲେ ସେମାନେ ବନ୍ଦୋବସ୍ତ ଦେବାକୁ ନିତାନ୍ତ ବାଧ୍ୟ ହେବେ । ପୁଣି ଜେଲାର ସ୍ଥାନରେ ନୂଆ ରାସ୍ତାର ଖାଲ ଜମି ଓ ବନ୍ଦୋବସ୍ତ ଜଗିବା ଏପର୍ଯ୍ୟନ୍ତ ଜମିଦାରଙ୍କ ହାତର ଘାଟ ପରିବର୍ତ୍ତନ ହୋଇଅଛି ଯାହା ଲେଖିବା ଉଚିତ୍ ମନେ କରୁଅଛି । ଏହା ଦୁଃଖର ଅଟେ । ମୁଁ ସେ ଗ୍ରାମର ଉଚ୍ଚ ସମ୍ବାଦ ଦେଉଛନ୍ତି ସେମାନେ ଜାଣନ୍ତି ଯେ ଅତିଶୟ ସେଟେଲମେଣ୍ଟ

ଅଫିସର ଓ ଜଜର ଦର୍ଶନକାରୀମାନଙ୍କ ପ୍ରତେକଙ୍କୁ ନୋଟିସ ଦେଇ ଓ ତାହାଙ୍କର ପ୍ରସ୍ତାବ ଜମିଦାରମାନେ ମତେ ଦେଲେ । ମୁଁ କେତେ ଗ୍ରାମ ବୁଲିଅଛି ସେଠାରେ ଏହି ସ୍ୱଭାବ ଶୁଣିଅଛି ଯଥା—ଗଭର୍ଣ୍ଣମେଣ୍ଟ ନିଜ ଜମିର ଚାର୍ଜ୍ଜ ଛାଡ଼ି ବନ୍ଦୋବସ୍ତ-ସେଟେଲମେଣ୍ଟ ଦାଖଲ ରହିବା, ଅମଳ, ଉଦ୍ଦେଶ୍ୟର ଓ ଡାକୁ ଦଶୋହି ନୋଟିସ ନକ୍ସା ଘର କରଣରେ ଉଠାଇ ଦେବା ଓ ସେହି ଘର ଲେଖା ଅଥବା ଯେ ଅଫିସରେ ଦେଇଥିଲେ ତାହା ନ ଦେବା ହେଉ ବା ସ୍ତ୍ରୀ ଦେବା ଯେଉଁମାନଙ୍କ ଜମିରେ ଦଖଲ ତାହାଙ୍କ ସେମାନଙ୍କ ବାଧା ଦେଇ ବନ୍ଦୋବସ୍ତ କର୍ମଚାରୀଙ୍କ ଯାଇ ପାରନ୍ତି ନାହିଁ ଏବଂ ଅନେକସ୍ଥଳେ ବନ୍ଦୋବସ୍ତ କର୍ମଚାରୀ ତଦନ୍ତକାରୀ ହୋଇ ଏହିପରି ବନ୍ଦୋବସ୍ତ ମକଦ୍ଦମା ଯେଉଁ ଗରିବ ମୂର୍ଖ ଲୋକଙ୍କର ତାଙ୍କର ଦୁଃଖ ନିବାରଣ ନିମନ୍ତେ ଅସିଅଛି ସେମାନଙ୍କର ଶୀଘ୍ର ଯତ୍ନ ହୋଇଅଛି । ଉତ୍ତମମାନେ ଜପାଇର ଫଳ ନାହିଁ ଜାଣିବାରେ ସହି ରହନ୍ତି ।

ବନ୍ଦୋବସ୍ତ କାର୍ଯ୍ୟ ଏଜନ୍ସିରେ ପ୍ରକାର ହିତସାଧନ ହେଉ ନ ହେଉ ବନ୍ଦୋବସ୍ତ ଅନ୍ୟାନ୍ୟରେ ଅନେକ ଜମିଦାରଙ୍କ ହିତ ଅନିଷ୍ଟକର ଅଟେ । ଅଧିକାଂଶ ସଚ୍ଚରିତ୍ର ଏବଂ ଅନଭିଜ୍ଞ ସେଟେଲମେଣ୍ଟ କର୍ମଚାରୀ, ବର୍ଷ କାଳର ହିସାବ ଅନୁସାରେ ବା ଅନ୍ୟ ଶାସନ କରିବାର ନିମିତ୍ତ ଯୋଗ ମଣ୍ଡଳରେ ସଦା ଗରିବ ଜମିଦାରଙ୍କର ଏକମାତ୍ର ରକ୍ଷାସ୍ଥଳ ଅନାବାଦୀ ଜମି ଅଟେ ଯହିଁର ଲାଭ ଗଭର୍ଣ୍ଣମେଣ୍ଟ ଦୟା କରି ସେମାନଙ୍କୁ ଗତ ବନ୍ଦୋବସ୍ତରେ ଛାଡ଼ି ଦେଇଅଛନ୍ତି । ମାତ୍ର ଅନ୍ୟ ଦେଶ ଯେଉଁ ବନ୍ଦୋବସ୍ତ ଶାସନ ପ୍ରକାର ହୋଇଅଛି ଓ ଯହିଁରୁ କେତେ ଦୁର୍ବଳ ଜମିଦାରଙ୍କ ହାତରୁ ଆସିଅଛି ତାହା ଦେଖିଲେ ବୁଝିଯିବ ଯେ ତହିଁରେ ବର୍ତ୍ତମାନ ଜଳପୁରର ବିବାଦ ମଧ୍ୟରେ ସୁଦ୍ଧା ସେମାନଙ୍କର ଦଖଲ ଅବଶିଷ୍ଟ ରହିବ ନାହିଁ ବଙ୍ଗୀୟ ସତ ୧୯୦୭ ସାଲର ୫ ୧ ମର ସଂଶୋଧନ ଆଇନ ଦ୍ୱାରା ପ୍ରଜାଙ୍କ ଆଇନର ଧା ୧୦୨ ଉପରେ ଯୋଗ ହୋଇଥିଲା । ୯ ପ୍ରକରଣ ଗନେ ବସ୍ତୁ କର୍ମଚାରୀ ଦାଖଲ ଏବଂ ସମ୍ପତ୍ତିର ଅଷ୍ଟ ପ୍ରଦାନ କରିଅଛି ଯେ ଦେଖା ଗଲାର ତଦନ୍ତ ହେଉ ଏହି ଲୋକ ହୋଇଥିବା ସେ ସମସ୍ତ ଜମିର ବୃତ୍ତି ଅଂଶ ସର୍ବସାଧାରଣ ଜମି ଅର୍ଥାତ୍ ଏକଚେଟିଆ ସ୍ୱତ୍ୱ ସରକାରଙ୍କ ସର୍ବସାଧାରଣ ଜମି ହୋଇଯିବ । ମୁଁ ଅଳ୍ପ ଲୋକଙ୍କ ଯାହା ଜାଣେ ତଦ୍ୱାରା ବୁଝିଅଛି ଯେ ସର୍ବସାଧାରଣର ଅର୍ଥ ସମସ୍ତଙ୍କର ଯଥା ସରକାରୀ ବାଟ ପୁଣି ସେ

ଜମି ଏହା ଗ୍ରାମବାସୀ ତାହାଙ୍କ ଗ୍ରାମ ଛଡ଼ା ଅପର ସମସ୍ତଙ୍କର ବ୍ୟବହାର କରିବାର ଅଧିକାର ଅଛି । ଯିଏଙ୍କ ଲୋକଙ୍କର ଯେଉଁ ଅଧିକାର ଥିବାର ଏପର୍ଯ୍ୟନ୍ତ ସେମାନେ ନଜେ ଜାଣନ୍ତି ନାହିଁ ବନ୍ଦୋବସ୍ତ କର୍ମଚାରୀ ତାହା ସେମାନଙ୍କୁ ଦେଇ ଅଛନ୍ତି । ଅତଏବ ଏହି ବ୍ୟବହାର ସତ୍ତ୍ୱ 'ସର୍ବସାଧାରଣ' ଶବ୍ଦରେ ବନ୍ଦୋବସ୍ତ କର୍ମଚାରୀର ସୃଷ୍ଟି ଅଟେ । ଅତୀତ ଗତବନ୍ଦୋବସ୍ତ କାଗଜର ପ୍ରବିଷ୍ଟି ଠିକ୍ ବୋଲି ସ୍ୱୀକାର କରୁଥିବାସ୍ଥଳେ ବର୍ତ୍ତମାନ ବନ୍ଦୋବସ୍ତ କର୍ମଚାରୀମାନେ ଯାହା ଠିକ୍ ଲଖିବାର କହନ୍ତି ସେ ଅନ୍ତତଃ ଜାଣନ୍ତି ଯେ ଯେଉଁ ବ୍ୟବହାର ସତ୍ତ୍ୱ ଲେଖିବାକୁ ସେ ବର୍ତ୍ତମାନ ଏତେ ବ୍ୟସ୍ତ ଉତ୍କଳସ୍ଥିତ ଲେଖାପଢ଼ି ସମୟରେ ତାହା ନ ଥିଲା ଥିଲେ ଗୋଚର ଓ ଶ୍ମଶାନ ଜମିପରି ତହିଁର ଚେଷ୍ଟିତ କମ୍ବର ସହିତ ଉତ୍କଳସ୍ଥିତରେ ନିଶ୍ଚୟ ଲେଖା ହୋଇଥାନ୍ତା । ଏସ୍ଥଳେ ପଚରା ଯାଉଅଛି ଯେ ଏହି ନୂଆ ବ୍ୟବହାର ସତ୍ତ୍ୱର ସୃଷ୍ଟି କେବେ କେଉଁ ହେଲା ? ବ୍ୟବହାର ସତ୍ତ୍ୱ ଉତ୍ପନ୍ନ ହେବାକୁ ଯୁଗ ବ ୨୦ ବର୍ଷ ଦରକାର ମାତ୍ର ଗତବନ୍ଦୋବସ୍ତ ଶେଷ ହେବାର ବ ୧୫ ବର୍ଷ ପୂର୍ବା ହୋଇନାହିଁ । ଅତଏବରେ ଯୋଗହେବା ନୂତନଧାରା ତାହା ବଳବତ୍ ହେବାର ପୂର୍ବ ସମୟପ୍ରାପ୍ତ ଘଟି ନ ପାରେ ତ ଗୋଟିଏ ନୂତନ ସତ୍ତ୍ୱ ଜନ୍ମି ନ ପାରେ ତେବେ କେଉଁ ତାରିଖରୁ ତାହା ଉଦ୍ଭବ ହେବାର ବନ୍ଦୋବସ୍ତ କର୍ମଚାରୀ ଗଣନା କରୁଅଛନ୍ତି ? ବନ୍ଦୋବସ୍ତ କର୍ମଚାରୀ ଅବା କହିବେ ଯେ ସେହି ପ୍ରକରଣଟି ଅତୀତରେ ସଂଯୋଗ ହେବା ପୂର୍ବେ ହାଇକୋର୍ଟର ଅନେକ ମୋକଦ୍ଦମାର ବିଚାରରେ ବ୍ୟବହାର ସତ୍ତ୍ୱ ହେଉଥାଏ ବୋଲି ସିଦ୍ଧାନ୍ତ ହୋଇଅଛି । ମାତ୍ର ଯେ ସବୁ ସ୍ଥଳରେ ସରକାର ଓ ଜମିଦାର ମଧ୍ୟରେ ଚୁକ୍ତି ହୋଇ କେତେକ ଜମି ଗୋଚର ଓ ଶ୍ମଶାନ କମଲେ ପୃଥକ୍ ରଖାଯାଇଅଛି ଏବଂ ଯହିଁରେ ପ୍ରଜାବର୍ଗଙ୍କ ଏକ ପ୍ରକାର ଅନିର୍ଦ୍ଦିଷ୍ଟ ସମସ୍ତ ସକାଶ ବ୍ୟବହାର ସତ୍ତ୍ୱ ଦିଆଯାଇ ଜମିଦାରର ଗୃହ କରିବାର ଅଧିକାର କାଢ଼ି ନିଆଯାଇଅଛି ତହିଁପ୍ରତି ସେ ଯୁକ୍ତି ଖଟେ ନାହିଁ । ଅତଏବ ସମସ୍ତର ଅପେକ୍ଷା ବନ୍ଦୋବସ୍ତ କର୍ମଚାରୀଙ୍କ ସପକ୍ଷରେ ହେଉ ନାହିଁ । ବ୍ୟବହାର ସତ୍ତ୍ୱ ଲିପିବଦ୍ଧ କରିବାର ପ୍ରଣାଳୀପ୍ରତି ଦୃଷ୍ଟି କଲେ ଦେଖାଯାଏ ଯେ ବନ୍ଦୋବସ୍ତ କର୍ମଚାରୀ ନିଜେ ସ୍ୱୀକାର କରନ୍ତି ଯେ ବନ୍ଦୋବସ୍ତ କାର୍ଯ୍ୟାବଳୀ ସଂକ୍ଷେପ ଅଟେ ଓ ତହିଁରେ ବିସ୍ତାରିତ ଅନୁସନ୍ଧାନ ପ୍ରଥା ଅବଲମ୍ବନର ଦରକାର ନାହିଁ ଅତଏବ ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସରମାନେ ଯାହାଙ୍କର ଗୃହକ ଶିକ୍ଷା ଅଳ୍ପ ଏବଂ କୌଣସି ଏକ ଗ୍ରାମରେ କାର୍ଯ୍ୟ କରିବାର ସମୟ ଅଳ୍ପ ସେମାନଙ୍କୁ ଏହି ସମସ୍ତ ଜଟିଳ ମୋକଦ୍ଦମା ଯଥାସାଧ୍ୟ ଉତ୍ତମରୂପେ ନିଷ୍ପତ୍ତି କରିବାର ଭାର ଦିଆଯାଇ ଅଛି ଓ ସେମାନେ ଜମିଦାରର ଅସାକ୍ଷାତରେ ଆପଣା ମନକୁ ଗୃହ ଏହି ବ୍ୟବହାର ସତ୍ତ୍ୱଘଟିତ ମୋକଦ୍ଦମାମାନ ନିଷ୍ପତ୍ତି କରି ଜମିଦାର ବିରୁଦ୍ଧରେ ଏକ ଅଭିନବ ମନୋଜ୍ଞପ୍ରକାର ଦାୟିତ୍ୱ ଲିପିବଦ୍ଧ କରୁଅଛନ୍ତି । ସେମାନେ ଉଭୟପକ୍ଷର ପ୍ରମାଣ ନ ନେଇ ଅତୀତଘଟିତ ଏମନ୍ତ ଜଟିଳ ମାମଲା ସବୁର ଫଇସଲ କରୁଅଛନ୍ତି ତହିଁରେ ଉଚ୍ଚ ବ୍ୟବହାର ବେଗଙ୍କ ମଧ୍ୟରେ ସବୁଦ ମତ ଭେଦ ଦେଖାଯାଏ । ଏ ବିଷୟରେ ଅନେକ ଉଦାହରଣ ଅଛି ତହିଁ ମଧ୍ୟରୁ ଗୋଟିଏ ଏଠାରେ ଲେଖିଲୁଁ । ପ୍ର । ହରହରପୁର । ତା ଉତ୍ତରଖାଦନ ତଉଜି ନ ୧୧୭୯ମରରେ ମହାଜନସାହି ନାମରେ ଗୋଟିଏ ମୌଜା ଅଛି । ଗତ ବନ୍ଦୋବସ୍ତରେ ଏହି ମୌଜାରେ ୧୮.୩୭୧ ଏକର ଜମି ଗୋଚର ଶ୍ମଶାନ ବୋଲି ରଖାଯାଇଥିଲା । ନୂଆ ସାଲ ବନ୍ଦୋବସ୍ତରେ ଅଧିକ ୧୧.୯୭୫ ଏକର ଜମି ଅନାବାଦୀ ହେବରୁ ତଟା ହୋଇ ସର୍ବସାଧାରଣ ନାମରେ ରଖାଯାଇ ଅଛି । ଏ ଜମି ମଧ୍ୟରେ ଅଛି ୧.୩୫୦ ବଗାଏତ ଏ ୦-୬୨୦ ପୁଷ୍କରଣୀ ଏ ୦.୩୫୪ ଲୟୁକ ପଡ଼ିଆ ଏ୦.୧୪୬ ପାଣିମାହାନ୍ତ ଓ ଏ୦-୩୮୫ ପୁଣି ଶ୍ମଶାନ ଲେଖାଅଛି । କୈଫିୟତ ସରେ ବଗାଏତର ଗଛ ଉପରେ ଜମିଦାରଙ୍କୁ ସତ୍ତ୍ୱ ନଥିବାର ମାତ୍ର ଜମି ସର୍ବସାଧାରଣ ରହିବାର ଲେଖା ଅଛି । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ଜମିଦାର ଓ ସରକାର ମଧ୍ୟରେ ଯେଉଁ ଉତ୍କଳସ୍ଥିତ ଲେଖାପଢ଼ି ହୋଇଅଛି ଓ ଯାହା ଯୁକ୍ତିସ୍ୱରୂପ ଉଭୟପକ୍ଷ ମାନିବାକୁ ସମ୍ମତ ହୋଇଅଛନ୍ତି ତାହା ପ୍ରବଳଥିବା ପ୍ରତ୍ୟକ୍ଷେ ବନ୍ଦୋବସ୍ତ କର୍ମଚାରୀ ଜଣେ ତୃତୀୟପକ୍ଷ ଉପସ୍ଥିତ ହୋଇ ସେହି ଚୁକ୍ତିର ସାଉଣ୍ଡ ଭଙ୍ଗ କରୁଅଛନ୍ତି । ଏଥିରୁ ଅନୁଭବ ଦେଖାଯାଏ ଯେ ଜମିଦାରର ନିଜର ବଗିଚା ଓ ପୋଖରୀ ସର୍ବସାଧାରଣ ଶ୍ରେଣୀରୁ ଛଡ଼ା ପାଉନାହିଁ । ପୋଖରୀରେ ଜମିଦାରମାନଙ୍କ ଧରିବାର ସତ୍ତ୍ୱ ଅଛି ମାତ୍ର ଜଳରେ ଅଧିକାର ସର୍ବସାଧାରଣର । ଜଳ ଶୁଖିଗଲେ ଜମି କିଏ ଦଖଲ କରିବ ବନ୍ଦୋବସ୍ତ କର୍ମଚାରୀ କହିନାହାନ୍ତି ପୁଣି ସେ ସମ୍ପତ୍ତି ତାହାର କୂପ ବୋଲି ଜମିଦାର ଜାଣିଲେ ଉକ୍ତରୁ ପୁନର୍ବାର ସେ ପୋଖରୀ ଖୋଳାଇବାକୁ ପ୍ରବୃତ୍ତ ହେବ କି ? ଅତଏବ ଦେଖାଯାଏ ଯେ ଜମିଦାରଙ୍କୁ ଅନ୍ୟାୟରୂପେ କଷ୍ଟ ଦିଆଯାଉଅଛି ଓ ତାହାର ଦଥ ଉତ୍କଳସ୍ଥିତର ଭଙ୍ଗ ହେଉଅଛି । ଉକ୍ତ କର୍ମଚାରୀଗଣ ହସ୍ତକ୍ଷେପ ନ କଲେ ଜମିଦାରମାନେ ଆପଣା ସତ୍ତ୍ୱସାବ୍ୟସ୍ତ କରନ୍ତେ ଅତ୍ୟନ୍ତ ବ୍ୟୟଯୁକ୍ତ ଦେୱାନୀ ମୋକଦ୍ଦମା କରିବାକୁ ବାଧ୍ୟ ହେବେ । ବନ୍ଦୋବସ୍ତ ମକଦ୍ଦମା ଉପସ୍ଥିତ ବିବାଦମାନ ଗ୍ରହଣକରିବାକୁ ଯାଇ ଜମିଦାର ଓ ପ୍ରଜା ମଧ୍ୟରେ ନୂଆ ବିବାଦ ଲଗାଇ ଦେଉଅଛନ୍ତି ଏବଂ ବହୁତ ଅବାଦଯୋଗ୍ୟ ଜମି ବାଢ଼ିଦେଇ ଜମିଦାରର ଦର ଭଙ୍ଗ କରୁଅଛନ୍ତି । ଇଂରାଜୀ ପ୍ରବାଦ 'ଘୋଡ଼ା ଘୋଷଣା ଉଠିଗଲା ପରେ ଭଣ୍ଡାର କବାଟ ବନ୍ଦ କରିବା' ପରି ଶୁଣୁଅଛି ଏହା ମୌଜାର କେତେ ଜମି ସର୍ବସାଧାରଣ ଶ୍ରେଣୀଭୁକ୍ତ କରିବାକୁ ବନ୍ଦୋବସ୍ତ କର୍ମଚାରୀମାନେ ସକ୍ଷମ ହୋଇଅଛନ୍ତି ତହିଁର ହେସାବ କରୁଅଛନ୍ତି ଯେ ତଦ୍ୱାରା ଏହା ଧର୍ତ୍ତବ୍ୟରୂପେ ବୋଲି ଦେଖାଇପାରିବେ । ଏହି ସମସ୍ତ ମନ୍ତବ୍ୟ ଲେଖି ଏହି ପାର୍ଶ୍ୱପକ୍ଷ ଶେଷ କରି ପ୍ରାର୍ଥନା କରୁଅଛୁ ତ ଆପଣ ଏ ବିଷୟରେ ଅତ୍ୟନ୍ତ ମନୋଯୋଗ ପ୍ରଦାନ କରିବେ ଏବଂ ଅବଶ୍ୟକ ବିବେଚନା କଲେ ଜମିଦାରମାନଙ୍କ ସହିତ ଏହି ବଇଠକରେ ବିଚାର କରି ସମ୍ଭବ ହେଲେ ଅପେକ୍ଷିରେ ନିଷ୍ପତ୍ତି କରଦେବେ ।

କଟକ } ବଶମ୍ବଦ
୨୯।୬।୧୦ } ଶ୍ରୀ ଯୋଗେନ୍ଦ୍ରନାଥ ବୋଷ

---


## ନିଲାମୀଇସ୍ତାହାର ।

ନ ୫୬୭ ମ୍ବର

ଅର୍ଜୁନ ସାହୁ । ସା । ନାରଣପୁର ପଟଣା ପ୍ର ରମିତୋ ଥାନା କେନ୍ଦ୍ରାପଡ଼ା ଡିଃ ।

ବନାମ

୧ ଲୁପ ସାହୁ ୨ ଜଗୁ ସାହୁ । ସା । ନାରଣପୁର ପଟଣା । ପ୍ର । ଉଛକୋଣ ଥାନା କେନ୍ଦ୍ରାପଡ଼ା ଦେଃ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୨୭୧ ୴୯ ଅଦାୟ ସକାଶେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସୀହା ଜୁଲାଇ ମାସ ତା ୧୫ ରଖ । ମୁ । ସନ ୧୩୧୭ ସାଲ ଆଷାଢ଼ ମାସ ଦ ୩୨ ନ ଶୁକ୍ରବାର ଦିବା ଘ ୧୨ ଘା ସମୟରେ ନିଲାମ ହେବ ।

କେନ୍ଦ୍ରାପଡ଼ା ମୁନସଫ ଓ ସବରେଜଷ୍ଟ୍ରାର ଇଲାକାର । ପ୍ର । ରମିତୋ । ମୌ । କୂଣ ରହବାରେ ଥିବା ପ୍ରତିବାଦୀର ଭୋଗଦଖଲ ରଏତି ଏ ୬— ଜମିରୁ ଅଦାୟ ଜମା ଟ ୨୩।୬ ଅଟେ ଉକ୍ତ ଜମିରୁ ବନ୍ଦୋବସ୍ତରେ ପ୍ରତିବାଦୀର ପିତା ଇକାର ସାହୁ ନାମରେ ଦାଏର ହୋଇଅଛି ତାକୁ ପ୍ରତିବାଦୀ ଭୋଗଦଖଲ କରୁଅଛି ଉକ୍ତ ଜମି ଏ ମୋକଦ୍ଦମାରେ ଆବଦ୍ଧ ଅଛି ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୨୦ ଟଙ୍କା

କେବଳ ୪ ଟଙ୍କାରେ ଜେଣ୍ଟଲମେନ ୱାଚ ।



ଏହି ଘଡ଼ି ଦେଖିବାକୁ ଅତି ସୁନ୍ଦର, ଗୋଲ୍ଡମଣ୍ଡ ଖୁବ ମଜବୁତ, ସେକେଣ୍ଡ କଣ୍ଟା- ଯୁକ୍ତ, ମନୋହର, ଦୀର୍ଘକାଳ ସ୍ଥାୟୀ, ଠିକ ସମୟ ରକ୍ଷକ; ଥରେ ଦମ ଦେଲେ ୩୬ ଘଣ୍ଟା ଚଳେ, ୩ ବର୍ଷ ସକାଶ ଗେରେଣ୍ଟି, ନିକେଲ କେସ; ଚେନ ଓ ଲକେଟ ସହ ମୂଲ୍ୟ ଟ ୪୧ କା ମାତ୍ର ଡାକମାସୁଲ ଟ ୦ ୫ ମାତ୍ର ।

ମଶକ ତାଡ଼ିବାର କଳ ।

ଅତି ଅଳ୍ପ ପରିଶ୍ରମରେ ଓ ୫ ମିନଟ ମଧ୍ୟରେ ଏହି କଳଦ୍ୱାରା ଘରରୁ ମଶକ ବାହାରେ ଏହାକୁ ଧରିବାର ଗୋଟିଏ ହେଣ୍ଡେଲ ଅଛି କଳଟି ଘରେ ରଖାଇ ହେଣ୍ଡେଲ ଘୁରାଇଲେ ପ୍ରବଳ ବେଗରେ କଳ ଘୁରେ ଓ ଘରରୁ ସବୁ ମଶକ ବାହାରେ । ମୂଲ୍ୟ ଟ ୧। ଓ ମାସୁଲ ଟ ।୦ ମାତ୍ର । ଯଦି କେହି ୩ ଗୋଟି ଦ୍ରବ୍ୟ ଏକତ୍ରରେ ଖରିଦ କରିବେ ତାହାହେଲେ ସେ ମଥାର ବାଳ କଳା କରିବାର ଗୋଟିଏ ଯନ୍ତ୍ର ବିନା ମୂଲ୍ୟରେ ଉପହାର ପାଇବେ ।

Address ;—
S. C. Gupta & Co.
General Order Suppliers
2-I Shambazar Street
P. O. Bagbazar Calcutta


# ଉତ୍କଳ ଦୀପିକା ।

ଗତ ତା ୯ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୬୧୭ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ପଞ୍ଜାବର ଅଙ୍କ ସର୍ବାପେକ୍ଷା ଅଧିକ ବା ୨୮୨ ବମ୍ବେର ୧୧୦ ବଙ୍ଗ ୬୮ ବିହାର ୮୨ ଓ ଯୁକ୍ତପ୍ରଦେଶ ୫୮ ଥିଲା ଅନ୍ୟାନ୍ୟ ପ୍ରଦେଶର ମୃତ୍ୟୁ ୫୦ ରୁ ଊଣା ଥିଲା । ପୂର୍ବସପ୍ତାହର ମୋଟ ମୃତ୍ୟୁ ୮୯୧ ଥିଲା । ଏ ରୋଗ କ୍ରମେ ଦୁର୍ବଳ ହେବା ସୁଖର ବିଷୟ ।

—୦※୦—

ଏ ନଗର ବାଲୁବଜାର ପ୍ରିୟନାଥ ଘୋଷ ଗଳିକୁ ଚଉଡ଼ା କରିବାକାରଣ କଟକ ମିଉନିସିପାଲଟିର ବ୍ୟୟରେ ଏ ୦.୦୦୯୦ ଡେସିମେଲ ଜମି ସରକାର ଖରିଦ କରିବାର ବିଜ୍ଞାପନ ଗତ କଲିକତାଗେଜେଟରେ ବାହାରିଅଛି । ଏ ଜମିର ଦକ୍ଷିଣରେ ବାଲୁବଜାର ଜମଚୌଡ଼ି ସଡ଼କ ଏବଂ ପଶ୍ଚିମ ଓ ଉତ୍ତରରେ ଗୋପୀନାଥ ସାହୁର ଘର । ବୋଧହୁଏ ଏହି ବିଜ୍ଞାପନ ପ୍ରିୟନାଥ ବାବୁ ଜନ ସମକ୍ଷ ଅଟେ । ଭୁଲରେ ପ୍ରିୟନାଥ ବସୁ ହୋଇଅଛି

———

ଗତ ତା ୧୪ ରିଖରେ ଶେଷ ହେବା ସପ୍ତାହରେ ପ୍ରାୟ ସମସ୍ତ ଭାରତରେ ଅଳ୍ପ ବୃଷ୍ଟି ହୋଇଥିଲା । ଆରବସାଗର ଏବଂ ବଙ୍ଗସାଗର ଉପରର ବର୍ଷାସ୍ରୋତ ଦୁର୍ବଳ ଥିଲା । ଚଳିତ ବର୍ଷାକାଳ ଆରମ୍ଭରୁ ଯେପର୍ଯ୍ୟନ୍ତ ଜଳର ପରିମାଣ ଓଡ଼ିଶା, ଯୁକ୍ତପ୍ରଦେଶ, ମଧ୍ୟଭାରତ, ମହୀଶୂର ଓ ମାନ୍ଦ୍ରାଜ ଦକ୍ଷିଣରେ ଶତକଡ଼ା ୨୦ ଊଣା ଥିଲା । ମାତ୍ର ଗୁଜରାଟ, ସିନ୍ଧୁ ଓ ଉତ୍ତର ପଶ୍ଚିମ ପ୍ରଦେଶରେ ଶତକଡ଼ା ୨୦ ଅଧିକ ଓ ଅନ୍ୟାନ୍ୟ ପ୍ରଦେଶରେ ସମାନ ଥିଲା ।

———

କଲିକତା ନଗରରେ ଗୋଟିଏ ଆକାଶଯାନ ଅନେକ ଉଚ୍ଚରୁ ପଡ଼ିଯିବାହେତୁ ଜଣେ ଆରୋହୀ କାଳକବଳରେ ପଡ଼ିଅଛନ୍ତି । ଆକାଶଯାନରେ ବିଖ୍ୟାତ ପଣ୍ଡିତ ଅଧ୍ୟାପକ ମହୋଦୟ ତହିଁରେ ଆରୋହଣ କରିଥିଲେ । ସେ ମଧ୍ୟ ଉକ୍ତ ଦୁର୍ଘଟଣାମଧ୍ୟରେ ପ୍ରାଣ ହରାଇଅଛନ୍ତି । ଆକାଶଯାନାରୋହୀ ପଣ୍ଡିତ ଜଗତ ମହୋଦୟ ମଧ୍ୟ ଅନେକ ଉଚ୍ଚରୁ ପଡ଼ି ଇହଲୀଳା ସାଙ୍ଗ କରିଅଛନ୍ତି ।—ବାୟୁବିଦ୍ୟା ଉତ୍ତମରୂପେ ନ ଜାଣିଲେ ଆକାଶଯାନ ନ ଚଳାଇବାର ବେଦରେ ଉପଦେଶ ଅଛି ।

—୦※୦—

ଗତ ତା ୧୧ ରିଖରୁ ତା ୧୬ ରିଖପର୍ଯ୍ୟନ୍ତ କେବଳ ବର୍ଷା ଛାଡ଼ିଯାଇ ଖରା ଅତ୍ୟନ୍ତ ଟାଣ ହେବାରେ ଏଜିଲ୍ଲାର ଅନେକସ୍ଥାନରେ ବିଲମାନ ଶୁଖି ଯାଇଥିଲା ବିଆଳଧାନର ବିପଦ ଘଟାଇ ଥିଲା ଓ ତହିଁପାଇଁ ଲୋକେ ଚିନ୍ତା ହୋଇଥିଲେ । ଈଶ୍ୱରଙ୍କ କୃପାରେ ଗତ ଶନିବାର ଅପରାହ୍ନରେ ମେଘ ବାହାରି ସନ୍ଧ୍ୟାପରେ ଏ ନଗରରେ ଏକ ଘଣ୍ଟା ଝାଟିବୃଷ୍ଟି ଏବଂ ପରଦିନ ସେହିପରି ବୃଷ୍ଟି ହୋଇ ମେଘୁଆ ପାଗ ହେବାରେ ଲୋକଙ୍କର ମନ ଥୟ ଧରିଅଛି । ଉତ୍ତରକାଳ ଏହିପରି ହେଲେ ବିଆଳଧାନ ବଞ୍ଚାଇଯିବ ।

—ଃ—ଃ—

କଲିକତାରେ ଗ୍ରେଟ ଶିଳ୍ପକାର୍ଯ୍ୟ ସମ୍ବନ୍ଧୀୟ ଯେଉଁ କମ୍ପାନୀ ସ୍ଥାପିତ ହୋଇଥିଲା ତହିଁରେ ପେନ୍‌ସିଲର କାରଖାନା ସ୍ଥାପିତ ହୋଇ ପେନ୍‌ସିଲ ପ୍ରସ୍ତୁତ ହେଉଅଛି । ଏଠାର ଯେଉଁ ଭଦ୍ରଲୋକମାନେ ଉକ୍ତ କମ୍ପାନୀର ଅଂଶ କିଣି ଥିଲେ ସେମାନଙ୍କ ନିକଟକୁ ଗୋ ୬ ଟି ଲେଖାଏ ପେନ୍‌ସିଲ ଉପହାର ଆସିଅଛି । ସେହି ପେନ୍‌ସିଲ ଦେଖିବାକୁ ଯେମନ୍ତ ସୁନ୍ଦର ତେମନ୍ତ ବ୍ୟବହାରୋପଯୋଗୀ ହୋଇଅଛି ଏବଂ ତହିଁ ଉପରେ ବଙ୍ଗଳା ଅକ୍ଷରରେ "ଭାରତ※କଲ କଳା" ବୋଲି ଛାପ ମରା ହୋଇଅଛି । ଏଥିର ମୂଲ୍ୟ କେତେ ଆମ୍ଭମାନଙ୍କୁ ଜଣା ନାହିଁ । ସମ୍ଭବତଃ ଅନ୍ୟ ପେନ୍‌ସିଲ ଅପେକ୍ଷା ଶସ୍ତା ହେବ । ଲୋକେ ଏହି ପେନ୍‌ସିଲ ବ୍ୟବହାର କଲେ ସ୍ୱଦେଶୀୟ ଦ୍ରବ୍ୟର ଉନ୍ନତି ସାଧନ ହେବାଯୋଗୁଁ ବଡ଼ ଆନନ୍ଦର ବିଷୟ ହେବ ।

ଜଣେ ବନ୍ଧୁ ଲେଖିଅଛନ୍ତି କି ଧର୍ମଶାଳାଠାରେ ବ୍ରାହ୍ମଣୀ ନଦୀ ପାରିହେବାର ଘାଟ ଜଗନ୍ନାଥ ସଡ଼କ ନିକଟରେ ରହିବାର କଥା ମାତ୍ର ଇଜାରଦାର ସେଠାରୁ ପୂର୍ବକୁ ଦୁଇ ମାଇଲ ଅନ୍ତର ଦୂରରେ ଘାଟନୌକା ରଖି ପାରଘାଟ କରୁଅଛି । ଏଥିରେ ପଥିକମାନଙ୍କର ଯିବା ଆସିବାରେ ଚାରି ମାଇଲ ବୁଲଣି ପଡ଼େ ଓ ଅନେକ ସମୟରେ ରେଲଗାଡ଼ି ଧରି ନ ପାରି ଅଶେଷ ଅସୁବିଧା ଭୋଗ କରିବାକୁ ହୁଏ ଏପର ଇଜାରପଟ୍ଟାନିର୍ଦ୍ଦିଷ୍ଟ ନୌକା ଘାଟରେ ନାହିଁ । ଗଇପୁଆ ନଦୀଘାଟରେ ମଧ୍ୟ ସେହି ଅଳ୍ପ ନୌକା ଅଛି । ଆମ୍ଭେମାନେ ଆଶା କରୁଁ ଜିଲ୍ଲାବୋର୍ଡପକ୍ଷରୁ ଏଥିର ଅନୁସନ୍ଧାନ ହୋଇ ଉଚିତ ସ୍ଥାନରେ ଏବଂ ଉପଯୁକ୍ତ ପରିମାଣରେ ନୌକା ପକାଇ ନଦୀ ପାର କରିବା କାରଣ ଇଜାରଦାରକୁ ସାବଧାନ ଓ ଭବିଷ୍ୟତ ତ୍ରୁଟିର ପ୍ରତିବିଧାନ କରାଯିବ ।

———

ଡେପୁଟି ଓ ସବ୍‌ଡେପୁଟି ପଦପ୍ରାର୍ଥୀ ବାଛିବାରେ ଜିଲ୍ଲା ହାକିମମାନେ କି କି ବିଷୟର ଆଡ଼କୁ ନ ଯାଇ ଯୋଗ୍ୟତାପ୍ରତି ଦୃଷ୍ଟି ରଖିବାର ଆମ୍ଭେମାନେ ଲେଖିଥିଲୁଁ । ସେ ସମ୍ବନ୍ଧରେ ସହଯୋଗୀ ଗଡ଼ଜାତବାସିନୀ ଆମ୍ଭମାନଙ୍କ ସହିତ ଐକ୍ୟ ହୋଇ କହୁଅଛନ୍ତି କି "ବାସ୍ତବିକ ଜାତିବର୍ଣ୍ଣର ଆଡ଼କୁ ନ ଯାଇ ପ୍ରାର୍ଥୀ ମନୋନୀତ କରିବା ସର୍ବବାଦିସମ୍ମତ ଅଟେ କାରଣ ଓଡ଼ିଶାରେ ଯେଉଁମାନେ ସ୍ଥାୟୀ ଭାବରେ ବହୁକାଳରୁ ବାସ କରି ରହିଅଛନ୍ତି ସେମାନଙ୍କୁ ଓଡ଼ିଆ ଭିନ୍ନ ବୋଲି ଜ୍ଞାନକରିବା ଉଚିତ । ଆପଣା ମଧ୍ୟରେ ମତଭେଦ ଘଟାଇ ଦେଶର ଉନ୍ନତିପଥରେ ବାଧା ଦେବା ବୁଦ୍ଧିମାନର କାର୍ଯ୍ୟ ନୁହେ । ସହଯୋଗିଙ୍କ ସହିତ ଏକମତ ହୋଇ ଆମ୍ଭେମାନେ ଆଶା କରୁଁ ଓଡ଼ିଶାର ନ୍ୟାୟପରାୟଣ କମିଶନର ଓ ଗବର୍ଣ୍ଣମେଣ୍ଟ ସେହି ଉଦାରନୀତିବଶବର୍ତ୍ତୀ ହୋଇ ନ୍ୟାୟସଙ୍ଗତ ମତ ପ୍ରକାଶ କରିବେ ।" ଏଥିରୁ ପାଠକମାନେ ଦେଖିବେ ଯେ ଓଡ଼ିଶାର ସ୍ଥାୟୀ ନିବାସୀ ନାନା ଶ୍ରେଣୀର ଲୋକଙ୍କ ମଧ୍ୟରେ ଗୋଟାଏ ଭେଦଜ୍ଞାନ ବାହାର କରି ତଦ୍ୱାରା ଏକଶ୍ରେଣୀର ଅତ୍ୟଳ୍ପ ଲୋକ ଆପଣା ସ୍ୱାର୍ଥ ଲୋଡ଼ୁଅଛନ୍ତି । ସେମାନେ ବିଷମ ଭ୍ରମରେ ପଡ଼ିଅଛନ୍ତି ଏଥିରେ ଅନିଷ୍ଟ ବିନା କୌଣସି ଶୁଭଫଳ ନାହିଁ । ଦେଶର ମଙ୍ଗଳକାମନାରେ ସେମାନଙ୍କର ଭ୍ରମ ଶୀଘ୍ର ଦୂର ହେବାର ଆମ୍ଭେମାନେ କାମନା କରୁଁ ।

———

ବଙ୍ଗୀୟ ଜଳକରମହାଲ ବା (ପରିବେଷ୍ଟିତ) ହ୍ରଦପୂର୍ଣ୍ଣ ସନ ୧୮୭୬ ସାଲର ୩ ଆଇନ ଅନୁସାରେ ବଙ୍ଗଳା ଲେପ୍‌ଟେଣ୍ଟ ଗବର୍ଣ୍ଣର ଯେ। କରିଅଛନ୍ତି ତ ଓଡ଼ିଶା ଡିଭିଜନସମ୍ବନ୍ଧୀୟ ନିୟମାବଳୀ ନିମ୍ନଲିଖିତରୂପେ ସଂଶୋଧନ କରିବେ ଯଥା ସେହି ନିୟମାବଳୀର ଧା ୮ ଧାରେ ଅଛି ଯେ ଯେ ବ୍ୟକ୍ତି ବା ବ୍ୟକ୍ତିମାନେ ଜଳକର ବନ୍ଦୋବସ୍ତ ଦେବାରେ ସାହାଯ୍ୟ କରିବେ ସେମାନେ ବନ୍ଦୋବସ୍ତ ଲିଖିତ ମୋଟ ଜମିପ୍ରତି ଶତକଡ଼ା ୩ ମାଣର ଅନଧିକ ସେମାନଙ୍କର ନିଜର ଜମିର ଜଳକର ଛାଡ଼ ପାଇବେ ଅଥବା ସେହି ମୌଜାର ଜଳକର ଯେତେ ଟଙ୍କା ଧାର୍ଯ୍ୟ ହେବ ତାହା ସମସ୍ତ ଆଦାୟ ହେଲାଉତ୍ତାରୁ ତହିଁଉପରେ ଶତକଡ଼ା ୩ ଟଙ୍କା ଲେଖାଏ କମିଶନରେ ନଗଦ ପାଇବେ ମାତ୍ର ସର୍ବକାଳର ବନ୍ଦୋବସ୍ତ ସମ୍ବନ୍ଧରେ ନଗଦ ଟଙ୍କା ଦିଆଯିବ ନାହିଁ ଏଥିର ମର୍ମ ଏହିକ ବର୍ତ୍ତମାନ କେବଳ ଶତକଡ଼ା ମ ୩ ଣ ଜମିର ଜଳକର ଛାଡ଼ ଦିଆଯାଉଅଛି ମାତ୍ର ଏଣିକି ସେହି ଜମି ଛାଡ଼ ଅଥବା ନଗଦ ଶତକଡ଼ା ଟ ୩ ୧ଙ୍କା ଲେଖାଏ ଦେବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା କରୁଅଛନ୍ତି। ନିୟମାବଳୀର ଏ ପ୍ରକାର ସଂଶୋଧନରେ କାହାରି କିଛି କହିବାର ଆବଶ୍ୟକ ହେଲେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ପାରନ୍ତି।

—୦—୦—

କଲିକତା ହାଇକୋର୍ଟର ବିଚାରପତି ମାନ୍ୟବର ହୋମଉଡ଼ ଓ ମାନ୍ୟବର ଷ୍ଟୁର୍ଯ୍ୟା ମହାଶୟଙ୍କ ମିସଲରେ କଟକଜିଲା ଜଜଙ୍କ ଆଦେଶ ବିରୁଦ୍ଧରେ ଗତ ସନ ୧୯୧୦ ସାଲର ନ ୨୬୧୪ ନମ୍ବର ରୁଲ ବିଷୟ ସମ୍ବନ୍ଧରେ ପ୍ରଥମ ଅଦାଲତରେ ଦାଖଲ ହୋଇଥିବା ଡିକ୍ରୀଜାରି ଦରଖାସ୍ତର ଶୁଣାଣି ମାନ୍ୟବର ବିଚାରପତି ଷ୍ଟୁର୍ଯ୍ୟା ଶୁଣିଲେ। ସେ ମୋକଦ୍ଦମାରେ ଦାଇଣ ବର୍ଣ୍ଣାଇବାସକାଶେ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଓ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଉକୀଲମାନେ ଉପସ୍ଥିତ ଥିଲେ। ପ୍ରଥମୋକ୍ତ ଉକୀଲ କହିଲେ ଯେ ସୁରେଶବାବୁ ଓଡ଼ିଆ ଜାଣନ୍ତି ସେ ନଥି ଦେଖି ଶୁଣାଣି କହିଦେବେ। ବିଚାରପତିଙ୍କର ଆଦେଶ ପାଇ ସୁରେଶବାବୁ ନଥି ଦେଖି ଗଡ଼ିଗଲ କହିଦେଲେ ଏବଂ ନଥିର କେତେକ ପ୍ରଧାନ କଥା ଅନୁବାଦ କରି ବୁଝାଇ ଦେବାରେ ବିଚାରପତିଙ୍କ ଅନେକ ସାହାଯ୍ୟ ହୋଇଥିଲା। ଏଥିରୁ ପାଠକମାନେ ଦେଖିବେ ଯେ ସୁରେଶବାବୁ ଓଡ଼ିଶାରେ ଓକାଲତି କରି ହାଇକୋର୍ଟରେ ଓକାଲତି ବ୍ୟବସାୟ କରିବା ହେତୁ ଓଡ଼ିଶାର ମାମଲାସବୁରେ ସୁବିଧା ହୋଇଅଛି। ଓଡ଼ିଆ ଜାଣିବା ଓକିଲଙ୍କ ହାଇକୋର୍ଟରେ ନିଯୁକ୍ତ ହେବାରେ ଓଡ଼ିଆ ମୋକଦ୍ଦମାଙ୍କର ଶ୍ରେୟ ଅଛି। ଓଡ଼ିଆ ଓକିଲ କେହି ହାଇକୋର୍ଟରେ ବ୍ୟବସାୟ କରିବାର ଦେଖିଲେ ଆମ୍ଭେମାନେ ବଡ଼ ଆନନ୍ଦିତ ହେବୁଁ।

—*—*—

କାଞ୍ଚୁପୁରସ୍କୁଲର ସରକାରୀ ସାହାଯ୍ୟ ବାଲେଶ୍ୱର ଜିଲ୍ଲାବୋର୍ଡ଼ ବନ୍ଦ କରିଦେଇଥିବା ବିଷୟରେ ଆମ୍ଭେମାନେ ଯାହା ଲେଖିଥିଲୁଁ ବାଲେଶ୍ୱର ସମ୍ବାଦବାହିକା ତହିଁର ପ୍ରତିବାଦ କରି ଲେଖିଅଛନ୍ତି ଯେ ନୂତନ ସ୍କୁଲ ସ୍ଥାପନ ଅଥବା କୌଣସି ସ୍କୁଲର ସାହାଯ୍ୟ ବର୍ଜ୍ଜନ କରି ଅନ୍ୟ ସ୍କୁଲକୁ ପ୍ରଦାନ କରିବାସମ୍ବନ୍ଧରେ ଡେପୁଟୀ ଇନ୍‌ସ୍ପେକ୍ଟର ଓ ସବ୍‌ଇନ୍‌ସ୍ପେକ୍ଟରମାନେ ସର୍ବେସର୍ବା·ବୋର୍ଡ଼ର ଚେୟାରମାନ ବା ଭାଇସଚେୟାରମାନ କେହି ନୁହନ୍ତି। ଯେଉଁ ଚେୟାରମାନ ବା ଭାଇସଚେୟାରମାନ କହେ ବୁଝ ନ ଦେଖି ଦରମୁହିଁରେ ଘୋଳ ପିଅନ୍ତି ତାଙ୍କୁ ଏକଥା ଶୋଭା ପାଇ ପାରେ ମାତ୍ର ସାମନ୍ତ ଶ୍ରୀ ରାଧାଚରଣ ଦାସଙ୍କ ପରି ପରିଶ୍ରମୀ ଓ ପରଦର୍ଶନକାରୀ ଭାଇସଚେୟାରମାନଙ୍କୁ ତାହା ଶୋଭନୀୟ ନୁହେ। ସହଯୋଗିଙ୍କ ଲେଖାରୁ ଜଣାଯାଏ ସେ ରାଧାଚରଣ ବାବୁ ସ୍ୱୟଂ କିଛି ସ୍ଥାନୀୟ ତଦନ୍ତ ନ କରି ଡେପୁଟୀ ବା ସବ୍‌ଇନ୍‌ସ୍ପେକ୍ଟରଙ୍କ କଥାରେ ଭୁଲିଅଛନ୍ତି। ଏହା ପ୍ରକୃତ ହୋଇଥିଲେ ଆମ୍ଭେମାନେ ଅବଶ୍ୟ ଦୁଃଖିତ ହେବୁଁ। ଫଳତଃ କାଞ୍ଚୁପୁରସ୍କୁଲର ଫଳ ଭଲ ହେଉଥିବାର ଆମ୍ଭେମାନେ ଲେଖିଥିଲୁଁ। ସେ ବିଷୟରେ କିଛି ମାତ୍ର ପ୍ରତିବାଦ ହୋଇ ନାହିଁ। ସୁତରାଂ ଡେପୁଟି ବା ସବ୍‌ଇନ୍‌ସ୍ପେକ୍ଟରଙ୍କ ରିପୋର୍ଟରେ ଉପର ମତ ମାନିବ? ମଧ୍ୟ ସେମାନେ ଏ ରିପୋର୍ଟ ଦେଲେ ଓ କେବେ କେଉଁ ବିଷୟରେ ଉପର ସେକ୍ରେଟରୀଙ୍କୁ ସାବଧାନ କରି ଦିଆଯାଇଥିଲା ଏବଂ ସ୍କୁଲର ଅବସ୍ଥା ଉପର ମନ୍ଦ ହେଲା ଏହା ସହଯୋଗୀ ସହଜରେ ରାଧାଚରଣ ବାବୁଙ୍କଠାରୁ ବୁଝି ସର୍ବସାଧାରଣଙ୍କୁ ଜଣାଇଥିଲେ ଆମ୍ଭମାନଙ୍କର ମତ ମାନିଯାଇ ଥାନ୍ତା କାରଣ ରାଧାଚରଣ ବାବୁ ତାଙ୍କଠାରୁ ଦୂରରେ ନାହାନ୍ତି। ଆମ୍ଭେମାନେ ଶିକ୍ଷାବିସ୍ତାରର ପକ୍ଷପାତୀ। ଦେଶରେ ଯେତେ ସ୍କୁଲ ହୁଏ ଏବଂ ଯେତେ ସାହାଯ୍ୟ ଦିଆଯାଏ ସେତେ ଭଲ। ଏକ ସ୍ଥାନର ଲୋକଙ୍କ ନିକଟରୁ ସ୍କୁଲ ଉଠାଇ ନେଇ ତାଙ୍କୁ ନୈରାଶ କରି ଅନ୍ୟ ସ୍ଥାନର ଅପରିଚିତ ନୂତନ ସ୍କୁଲକୁ ସାହାଯ୍ୟ ଦେବା ବା ସ୍କୁଲ ବସାଇବା ନ୍ୟାୟାନୁମୋଦିତ ନୁହଇ। କାଞ୍ଚୁପୁରସ୍କୁଲ ଅବନତ ହୋଇଥିଲେ ତାହାକୁ ଉନ୍ନତ କରିବା ସେ ଏକାନ୍ତ ଅସମ୍ଭବ ଏପରି ବିଶ୍ୱାସ ସହଜରେ ହେଉନାହିଁ।

———

## ଲଛିମାପୁରିଂ ବୃତ୍ତି।

ଲଛିମାପୁରଙ୍କ ବୃତ୍ତି ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ଗତ ଅପ୍ରେଲ ମାସ ତା ୨୯ ରଖର ଆଦେଶ ଉତ୍କଳବାର୍ତ୍ତା ଗତ ସଂଖ୍ୟାରେ ପ୍ରକାଶ କରି ଆମ୍ଭେମାନେ ଅଦ୍ୟପର୍ଯ୍ୟନ୍ତ ତାହା ପ୍ରକାଶ କରି ନ ଥିବାରୁ କଟାକ୍ଷ କରିଅଛନ୍ତି। ଗବର୍ଣ୍ଣମେଣ୍ଟରୁ କୌଣସି ମୀମାଂସା ହୋଇଥିବାର ଆମ୍ଭମାନଙ୍କୁ ଜଣା ନ ଥିଲା। ଉକ୍ତ ଆଦେଶ ସମ୍ମିଳନୀର ସମ୍ପାଦକ ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କ ନିକଟକୁ ଆସିଥିବାରୁ ସେ ତାହା ଆଲୋଚନାପୂର୍ବକ କାର୍ଯ୍ୟ କର୍ତ୍ତବ୍ୟ କରିବାକାରଣ ଗତ ଶନିବାର ସନ୍ଧ୍ୟାସମୟରୁ କେନ୍ଦ୍ରସମିତିର ସଭ୍ୟମାନଙ୍କୁ ଆହ୍ୱାନ କରିଥିଲେ ମାତ୍ର ଶୁକ୍ରଜଣ ହେବାରୁ ଅଧିକ ନ ଆସିବାହେତୁ ଅଧିବେଶନ ହୋଇ ପାରିଲା ନାହିଁ। ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଅପ୍ରେଲ ମାସ ତା ୨୯ ରଖରେ ହୋଇଥିବା ସ୍ଥଳେ ଗୋକୁଳାନନ୍ଦ ବାବୁ ଅବଶ୍ୟ ତାହା ସେହି ମାସମଧ୍ୟରେ ପାଇଥିବେ। ଏତେ କାଳ ତାହା ଲୁଚାଇ ରଖିବା ଏବଂ ତତ୍ସମ୍ବନ୍ଧୀୟ କାର୍ଯ୍ୟାବଧାରଣ କରିବାକାରଣ ସଭା ନ ଡାକିବାର ହେତୁ ତାଙ୍କୁ ଜଣାଥିବ। ସେହି ଲଛିମାପୁରିଂ ବୃତ୍ତି ଇତ୍ୟାଦି ସମ୍ବନ୍ଧରେ ସାଧାରଣ ସଭା ହୋଇ ଯେଉଁ ଆବେଦନ ପତ୍ର କମିଶନର ସାହେବଙ୍କଦ୍ୱାରା ଗବର୍ଣ୍ଣମେଣ୍ଟଙ୍କୁ ପଠା ଯାଇଥିଲା ତହିଁର ସ୍ୱାକ୍ଷରକାରୀଙ୍କି ମଧ୍ୟ କମିଶନର ସାହେବ ଉକ୍ତ ଆଦେଶ ଜଣାଇ ନାହାନ୍ତି ଏମନ୍ତ ଅବସ୍ଥାରେ ଆମ୍ଭେମାନେ ତାହା ଜାଣିବୁଁ କିପରି? ସହଯୋଗୀ ଧନ୍ୟବାଦ ଯେ ସେ ଗୋକୁଳାନନ୍ଦ ବାବୁଙ୍କ ଅନୁଗ୍ରହରୁ ତାହା ପ୍ରକାଶ କରିବାକୁ ସକ୍ଷମ ହେଲେ ମାତ୍ର ଅନୁଗ୍ରହ କର୍ତ୍ତାଙ୍କ ନାମ ପ୍ରକାଶ ନ କଲେ କାହିଁକି? ସେ ଯାହା ହେଉ ଗବର୍ଣ୍ଣମେଣ୍ଟ ଯେ ଓଡ଼ିଆ ଛାତ୍ର ଅପ୍ରାପ୍ତ ହେଲେ ଶିକ୍ଷାବିଭାଗର ଡାଇରେକ୍ଟର ଇଚ୍ଛାମତେ ଏକ ବା ତତୋଽଧିକ ବୃତ୍ତି ଉତ୍କଳବାସୀ ଅଣଓଡ଼ିଆ ଛାତ୍ରଙ୍କୁ ଦିଆଯାଇପାରିବାର ଆଦେଶ କରିଅଛନ୍ତି ତହିଁପାଇଁ ଆମ୍ଭେମାନେ କୃତଜ୍ଞତା ସ୍ୱୀକାର କରୁଅଛୁଁ। ମାନ୍ୟବର ମହୋଦୟ ସମ୍ପୂର୍ଣ୍ଣ ନ୍ୟାୟ ବିଚାର କରିବାକୁ ସକ୍ଷମ ନ ହେଲେ ମଧ୍ୟ ଅଣଓଡ଼ିଆଙ୍କ ନ୍ୟାଯ୍ୟସଙ୍ଗତ ପ୍ରାର୍ଥନା ଏକାବେଳେ ଉପେକ୍ଷା କରିପାରିଲେ ନାହିଁ। ମାନ୍ୟବର ସର ବେକର ବାହାଦୁର ବଡ଼ ଦୟାଳୁ ବିଚକ୍ଷଣ ଓ ନ୍ୟାୟବାନ୍ ଶାସନକର୍ତ୍ତା ସନ୍ଦେହ ନାହିଁ ମାତ୍ର ଭ୍ରମ ଛଡ଼ା ମନୁଷ୍ୟ ନାହିଁ। ସହଯୋଗିଙ୍କ ଉକ୍ତି ଯଦି ସର୍ବସାଧାରଣଙ୍କର ମତରେ ସମୁଚିତ ହୁଏ ତାହା ଆମ୍ଭମାନଙ୍କର ଶିରୋଧାର୍ଯ୍ୟ ମାତ୍ର ସହଯୋଗୀ ବୁଝି ରଖିବେ ଯେ ଗାଳିଦେବା ମହତ୍ ଲୋକର କାର୍ଯ୍ୟ ନୁହେ। ଯାହା ହେଉ

Split by PDF Splitter
Digitized by srujanika@gmail.com

ଗବର୍ଣ୍ଣମେଣ୍ଟ ଆଦେଶ ପ୍ରକାଶ କରିଥିବାହେତୁ ଉତ୍କଳବାସୀଙ୍କୁ ଧନ୍ୟବାଦ ଦେଇ ପାଠକମାନଙ୍କ ଅବଗତ ନିମନ୍ତେ ଉଦ୍ଧାର କଲୁଁ । ଯଥା:

"The Lieutenant Governor has been pleased to decide that in the absense of eligible Uriya candidates, one or more of the special Engineering scholarships may, at the discretion of the Director of Public Instruction, be awarded to domiciled non-Uriya candidates. The Director of Public Instruction has been instructed to mend the rules framed by him accordingly"

Govt. Order No. 149 T. G.
Dated 21. 4.10

---

## ପୁରୀ ରଥଯାତ୍ରା ।

ଗତ ତା ୧୫ ରିଖ ଶୁକ୍ରବାର ସନ୍ଧ୍ୟାଦର୍ଶନ ହୋଇ ସକାଳୁ ସନ୍ଧ୍ୟାପର୍ଯ୍ୟନ୍ତ ସହରବାସିମାନେ ଶ୍ରୀମନ୍ଦିର ମଧ୍ୟରେ ରତ୍ନ ଦର୍ଶନାଦି କରିଥିଲେ ସେଥିଯୋଗୁଁ ସନ୍ଧ୍ୟାସମୟ ସେଠାରେ ବଡ଼ ଭିଡ଼ ହୋଇଥିଲା । ପୂର୍ବଦିନରୁ ଦୁଇ ରଥର ଦକ୍ଷିଣମୂର୍ତ୍ତି ହୋଇଯାଇଥିବାରୁ ଅବଶିଷ୍ଟ ଶ୍ରୀଜଗନ୍ନାଥ ଦେବଙ୍କ ରଥର ଦକ୍ଷିଣମୂର୍ତ୍ତିକାର୍ଯ୍ୟ ଏଦିନ ଅପରାହ୍ଣରେ ଶେଷ ହେଲା । ପରଦିନ ତା ୧୬ ରିଖ ଶନିବାର ଦିବା ଘ ୧୦ ଟା ସମୟେ ଠାକୁରମାନେ ବାହୁଡ଼ାବିଜୟ କରି ମଧ୍ୟାହ୍ନ ଘ ୧୨ ଟାରେ ରଥାରୂଢ଼ ହେଲେ । ତତ୍ପରେ ପଣ୍ଡାମାନେ ତିନିରଥରେ ଦଉଡି ଲଗି ରଥଟଣା ଆରମ୍ଭ ହେଲା । ଶ୍ରୀବଳଦେବଙ୍କ ରଥରେ ପୁଲିସ ସାହେବ, ସୁଭଦ୍ରାରଥରେ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ସାହେବ ଏବଂ ଶ୍ରୀ ଜଗନ୍ନାଥ ଦେବଙ୍କ ରଥରେ ସ୍ୱୟଂ ମାଜିଷ୍ଟ୍ରେଟ ସାହେବ ଓ ମେନେଜରବାବୁ ତତ୍ତ୍ୱାବଧାରଣ କରୁଥିଲେ । ସାହେବମାନେ ହସ୍ତରେ ଲାଲପତାକା ଧରି ରଥର ଗତିପଥ ନିର୍ଦ୍ଦେଶ କରୁଥିଲେ । ଅପରାହ୍ନ ଘ ୩ ଟା ଠାରେ ତିନିରଥ ଯଥାକ୍ରମେ ସିଂହଦ୍ୱାରରେ ଉପସ୍ଥିତ ହେଲେ ମାତ୍ର ଶ୍ରୀ ଜଗନ୍ନାଥ ଦେବଙ୍କ ରଥ କାଛିବାଉଁସର ନିକଟସ୍ଥ ହେବାସମୟେ ରଥର ଚକ ନାଳରେ ପଡିଯିବାରୁ ପ୍ରାୟ ଅର୍ଦ୍ଧଘଣ୍ଟା ବିଳମ୍ବଯୋଗୁଁ ଠିକ ସନ୍ଧ୍ୟାସମୟେ ଗଜବାଟୀର ସନ୍ନିକଟ ହେବାରେ ସ୍ୱୟଂ ପୁରୀରାଜା ମହୋଦୟ ଶ୍ରୀ ଲକ୍ଷ୍ମୀଠାକୁରାଣୀଙ୍କ ସମଭିବ୍ୟାହାରେ ରଥ ନିକଟରେ ପହଞ୍ଚନ୍ତେ "ହରିବୋଲ" ଧ୍ୱନିରେ ଗଗନ ମେଦିନୀ କମ୍ପିତ ହେଲା । ସେହିଠାରେ ଲକ୍ଷ୍ମୀନାରାୟଣ ଭେଟ ହେବା ପରେ ରାତି ହୋଇଯିବାଯୋଗୁଁ ମାନନୀୟ ପୁରୀରାଜା ମହୋଦୟଙ୍କ ଆଦେଶମତେ ରଥ ଗଜବାଟୀ ସମ୍ମୁଖରେ ରହିଲା ପରଦିନ ତା ୧୭ ରିଖ ରବିବାର ପୂର୍ବାହ୍ନରେ ଶ୍ରୀ ଜଗନ୍ନାଥ ଦେବଙ୍କ ରଥ ସିଂହଦ୍ୱାରରେ ଲାଗିଲା । ରଥତ୍ରୟ ମିଳନରେ ଏଦିନ ଅପରାହ୍ନ ହେଲା । ଗଜବାଟୀ ଓ ମଠମାନଙ୍କର ଅଧରପଣା ଭୋଗ ଏହିଦିନ ହୋଇଥିଲା । ହରିଶୟନ ଏକାଦଶୀରେ ସହର ଓ ମଫସଲରୁ ଅନେକ ନୈବେଦ୍ୟ ଚୂଡ଼ା ଉଖୁଡ଼ା (ଲହଣୀ) ଭକ୍ତଙ୍କ ନିଷ୍କାମ ଭୋଗ ଲାଗିବାର ବିଧି ଥିବାରୁ ସର୍ବସାଧାରଣ ଅନୁରୋଧକ୍ରମେ ମେନେଜରବାବୁ ତା ୧୮ ରିଖ ସୋମବାର ହରିଶୟନ ଏକାଦଶୀଦିନ ପହଣ୍ଡି ସ୍ଥଗିତ ରଖିଥିଲେ । ତା ୧୯ ରିଖ ମଙ୍ଗଳବାର ପୂର୍ବାହ୍ନ ଘ ୯ ଟା ସମୟେ ରଥରେ ଚୂଳପ୍ରହର ଧୂପ ପରେ ପହଣ୍ଡି ଆରମ୍ଭ ହୋଇ ଘ ୧୨ ଟା ମଧ୍ୟରେ ଠାକୁରମାନେ ଶ୍ରୀ ନୀଳାଚଳ ରତ୍ନସିଂହାସନରେ ବିଜେ କଲେ । ପହଣ୍ଡି ସମୟେ ସାମାନ୍ୟ ବର୍ଷା ହେଉଥିବାରୁ ପ୍ରଭୁମାନଙ୍କ ଶ୍ରୀଅଙ୍ଗ ଜଳାର୍ଦ୍ର ହୋଇଥିଲା । ପହଣ୍ଡି ପରେ ଭୂଷାକାର୍ଯ୍ୟ ହୋଇ ସନ୍ଧ୍ୟାଧୂପଠାରୁ ଦୈନିକ ନୀତି ହୋଇଥିଲା । ଏବର୍ଷ ଦ୍ୱାଦଶଦିନରେ ଠାକୁରମାନେ ଶ୍ରୀ ମନ୍ଦିରକୁ ପ୍ରତ୍ୟାଗମନ କଲେ ଏବଂ ରଥଯାତ୍ରା ଶେଷ ହେଲା । ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ାଦିନର ଲୋକସଂଖ୍ୟା ଊଣା ନ ଥାଇ ବରଂ ଅଧିକ ଥିଲା । କେବଳ ମଫସଲ ଉତ୍କଳୀୟ ଯାତ୍ରୀରେ ଶ୍ରୀମନ୍ଦିରଠାରୁ ମାଉସୀମା ପର୍ଯ୍ୟନ୍ତ ରାସ୍ତା ଲୋକାରଣ୍ୟ ହୋଇଥିଲା । ବିଦେଶୀ ୫।୬ ହଜାର ଯାତ୍ରୀ ହୋଇଥିଲେ । ସ୍ୱାସ୍ଥ୍ୟ ଭଲ ଅଛି ।

---

## ବଙ୍ଗ କୃଷିକଲେଜ ।

ବଙ୍ଗପ୍ରଦେଶର କୃଷିକଲେଜ ଯାହା ଭାଗଲପୁରଜିଲ୍ଲା ସାବୋରଠାରେ ସ୍ଥାପିତ ହୋଇଅଛି ତାହା ଆଗାମୀ ନବେମ୍ବରମାସ ତା ୧ ରିଖରେ ଫିଟିବ । ସେହି କଲେଜସମ୍ବନ୍ଧୀୟ ବିସ୍ତାରିତ ନିୟମାବଳୀ ଶିକ୍ଷାବିଷୟର ତାଲିକା ଏବଂ ଛାତ୍ରାବାସ ନିୟମାଦି ଗତ ତା ୬ ରିଖର କଲିକତା ଗେଜେଟରେ ଗବର୍ଣ୍ଣମେଣ୍ଟ ବିଜ୍ଞାପନରୂପେ ପ୍ରକାଶିତ ହୋଇଅଛି । ଯେଉଁମାନେ ଛାତ୍ର ପଠାଇବେ ସେମାନେ ଆବଶ୍ୟକୀୟ ସମସ୍ତ ସମ୍ବାଦ ତହିଁରୁ ଅବଗତ ହୋଇ କାର୍ଯ୍ୟ କରିବେ । ନିୟମାବଳୀର ସଂକ୍ଷେପ ମର୍ମ ଏହି ଯେ ଆଗାମୀ ନବେମ୍ବର ମାସ ପ୍ରଥମଦିନ ଏ କଲେଜ ଫିଟିବ । ମାତ୍ର କଲେଜର ନିୟମିତ ଅଧିବେଶନ ପ୍ରତିବର୍ଷ ଜୁନମାସରେ ଆରମ୍ଭ ହୋଇ ମାର୍ଚ୍ଚମାସରେ ଶେଷ ହେବ । ସୁତରାଂ ଯେଉଁମାନେ ଆସନ୍ତା ନବେମ୍ବରମାସରେ ଭର୍ତ୍ତି ହେବେ ସେମାନେ ସନ ୧୯୧୨ ସାଲ ମାର୍ଚ୍ଚମାସ ପର୍ଯ୍ୟନ୍ତ ପ୍ରଥମବର୍ଷର ଶ୍ରେଣୀରେ ରହିବେ ଓ କଲେଜରେ ବ ୩ ବର୍ଷ ପଢ଼ିବାର ନିୟମ ଥିବାହେତୁ ସେମାନଙ୍କର ଶେଷ ପରୀକ୍ଷା ସନ ୧୯୧୪ ସାଲ ମାର୍ଚ୍ଚମାସରେ ହେବ । ଯେଉଁମାନେ ଏଣ୍ଟ୍ରାନ୍ସ ପାସ କରିଅଛନ୍ତି ଏବଂ ବୟସ ବ ୨୧ ବର୍ଷର ଊର୍ଦ୍ଧ୍ୱ ନୁହେ ସେମାନେ ସିଭିଲସର୍ଜନର ସ୍ୱାସ୍ଥ୍ୟ ସାର୍ଟିଫିକେଟ ଏବଂ ସଚ୍ଚରିତ୍ର ନିଦର୍ଶନ ପତ୍ରସହିତ ଆବେଦନ କଲେ ଭର୍ତ୍ତି ହୋଇ ପାରିବେ । ଆବେଦନ କଲେଜର ପ୍ରିନ୍ସିପଲଙ୍କ ନିକଟକୁ ପଠାଇବାକୁ ହେବ ଏ କଲେଜ କୃଷିବିଭାଗର ଡାଇରେକ୍ଟରଙ୍କ ତତ୍ତ୍ୱାବଧାନରେ ରହିବ । ଯେଉଁମାନେ ଏ କଲେଜରୁ ଉତ୍ତୀର୍ଣ୍ଣ ହେବେ ସେମାନେ ଏଲ, ଏଜି, ଉପାଧି ପାଇବେ । ଏହି ଉପାଧି ସରକାରରେ ମାନ୍ୟ ହେବ ମାତ୍ର ଏତଦ୍ୱାରା ସରକାରୀ କୃଷିବିଭାଗ ଛଡ଼ା ଅନ୍ୟ ବିଭାଗରେ କାର୍ଯ୍ୟ ପାଇବାର ଅଧିକାର ଲାଭ ହେବ ନାହିଁ । କଲେଜରେ ପଢ଼ିବାର ବାର୍ଷିକ ଫିସ ଟ ୫୦ ୧ ତିନିମାସାନ୍ତର ସମାନ ଚାରି କିସ୍ତିରେ ଦେବାକୁ ହେବ ମାତ୍ର ଏଥିର ପରିବର୍ତ୍ତନ ହୋଇପାରେ । ଏପର ପ୍ରଥମେ ଟ ୧୦ ଟଙ୍କା ଜମା କରିବାକୁ ହେବ ଯେ କେବେ କୌଣସି ଦ୍ରବ୍ୟ ଅସାବଧାନତାପୂର୍ବକ ନଷ୍ଟ ହେଲେ ତହିଁର ମୂଲ୍ୟ କାଟି ନିଆଯିବ । ଛାତ୍ରମାନେ ଛାତ୍ରାବାସରେ ଏକା ରହିବେ ଓ ପ୍ରତିଜଣ ଟ ୨ ଟଙ୍କା ସରଞ୍ଜାମ ଏବଂ ଖାଇଖରଚ ଟ ୮ ଟଙ୍କା ଦେବେ । ବଜାର ଦରଦୃଷ୍ଟିରେ ଖାଇଖରଚ ଊଣା ଅଧିକ ହୋଇପାରେ । ପୁସ୍ତକ, ଲୁଗାପଟା, ଅଲଗା ଇତ୍ୟାଦି ଛାତ୍ର ନିଜେ ଯୋଗାଇବ ଏବଂ ଖେଳ ଓ ପୁସ୍ତକାଗାରର ସାମାନ୍ୟ ଚାନ୍ଦା ଦେବାକୁ ହେବ । ଏଥିରୁ ଜଣାଯାଏ ଯେ ପ୍ରତ୍ୟେକ ଛାତ୍ରର ବାର୍ଷିକ ବ୍ୟୟ ପ୍ରାୟ ଟ ୨୫୦ ଟଙ୍କା ହେବ ଏବଂ ସମଗ୍ର ଶିକ୍ଷା ବ ୩ ବର୍ଷରେ ଟ ୭୫୦ ଟଙ୍କା ବ୍ୟୟରେ ଉତ୍ତମ ଯୋଗ୍ୟତା ଲାଭ କରିବ । ଯେ ସମସ୍ତ ବିଷୟ ପଢ଼ିବାର ନିର୍ଦ୍ଦିଷ୍ଟ ହୋଇଅଛି ତହିଁରେ କୃଷି, ଗବାଦି ପଶୁପାଳନ ପଣ୍ୟତତ୍ତ୍ୱ ଓ ସେ ସମ୍ବନ୍ଧୀୟ ପ୍ରୟୋଜନୀୟ ଜ୍ଞାନ ଲାଭର ବ୍ୟବସ୍ଥା ହୋଇଅଛି । ସେ ସବୁ ଜାଣି କୃଷିରେ ବ୍ୟବହାର କଲେ ଚାଷୀମାନେ ଯେ ଦେଶର ଉନ୍ନତି କରିପାରିବେ ସନ୍ଦେହ ନାହିଁ । କୃଷିବିଭାଗରେ ମଧ୍ୟ ଅନେକ ଉତ୍ତୀର୍ଣ୍ଣ ଛାତ୍ର କାର୍ଯ୍ୟ ପାଇବେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଓଡ଼ିଶାର ଅନେକ ଛାତ୍ର ଏ କଲେଜରେ ପଢ଼ିବା ସକାଶେ ଶୀଘ୍ର ଅଗ୍ରସର ହେବେ ବଙ୍ଗ ଓ ପୂର୍ବବଙ୍ଗର ଛାତ୍ରମାନଙ୍କର ଦାବି ଅଗ୍ରଗଣ୍ୟ ହେବାର ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି ଏବଂ ଓଡ଼ିଶା ବଙ୍ଗର ଅନ୍ତର୍ଗତ ଅଟେ । ଯେଉଁ ଛାତ୍ରମାନେ ଏ କଲେଜରୁ ବିଶେଷ ଯୋଗ୍ୟତାସହିତ ବାହାରିବେ ସେମାନଙ୍କ ଅଧିକ ଶିକ୍ଷା-

ନିମନ୍ତେ ପୁଷାକମାନଙ୍କୁ ପଠାଇବାର ବିଧାନ ହୋଇଅଛି ଏବଂ ତହିଁ ପାଇଁ ବୃତ୍ତି ଦିଆଯିବାର ଆଶା ହୁଅଇ।

—*—

ଭାରତୀୟ ଛାତ୍ର ଓ ଶିକ୍ଷା।

କାଶୀଧାମର ହିନ୍ଦୁକଲେଜର ପ୍ରତିଷ୍ଠାତ୍ରୀ ଶ୍ରୀମା ବାସନ୍ତୀମହୋଦୟା ଗତ ଜନମାସ ତା ୧୮ ଦିନରେ ମାନ୍ଦ୍ରାଜନଗରରେ ମାନ୍ୟବର ସର୍ଡ଼ ବାହାଦୁର ଶମସଦ୍ ଦାଏଡ଼୍ ଜମିଦାରଙ୍କ ଯତ୍ନ ଓ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ଭିକ୍ଟୋରିୟା ମେମୋରିୟଲ ହାଇସ୍କୁଲ ଗୃହର ପ୍ରତିଷ୍ଠାକାର୍ଯ୍ୟ ସମାହିତ କରିଥିବାର ସମ୍ବାଦ ମିଳଇ। ସଭାସ୍ଥଳରେ ଅନେକ ୟୁରୋପୀୟ ଓ ଦେଶୀୟ ମାନ୍ୟଗଣ୍ୟ ଲୋକେ ସମୁପସ୍ଥିତ ଥିଲେ। ସେହି ସଭାରେ ଶ୍ରୀମା ମହୋଦୟା ଯେଉଁ ବକ୍ତୃତା କଲେ ତାହା ଗଭୀର ଚିନ୍ତାଯୁକ୍ତ ଏବଂ ନିତାନ୍ତ ସମୟୋଚିତ ଥିବାରୁ ପାଠକମାନଙ୍କ ଉପକାର ନ କରି ରହିପାରିଲୁଁ ନାହିଁ। ଶ୍ରୀମା ମହୋଦୟା କହିଲେ "ଶିକ୍ଷାଠାରୁ ବଳି ବାଳକମାନଙ୍କୁ ଅଧିକ ଉପକାର କିଛି ଦିଆଯାଇ ନ ପାରେ। ମାତ୍ର କୋଡ଼ିଏ ବର୍ଷ ମଧ୍ୟେ ରାଷ୍ଟ୍ରବାସୀ ଦେଖିବା, ଗୋଟିଏ ଶିକ୍ଷାଦାନର ଯୋଗ୍ୟ ଅର୍ଥାତ୍ ସେହି ଶିକ୍ଷାର ମୂଳରେ ଧର୍ମ ଏବଂ ନୀତି ବିଷୟ ଥିବା ଆବଶ୍ୟକ। ଯେଉଁ ଶିକ୍ଷାଦ୍ୱାରା ଧର୍ମଶିକ୍ଷା ନ ହେଲା, ଚରିତ୍ର ସଂଗଠନ ନ ହେଲା, ମନୋଭାବ ଅନୁଭବ ନ ହେଲା ଆଉ ଅନ୍ତଃକରଣ ପବିତ୍ର ଏବଂ ବିଶୁଦ୍ଧ ନ ହେଲା ତାହା ପ୍ରକୃତଶିକ୍ଷା ନୁହେ। କେବଳ ମସ୍ତିଷ୍କକୁ ଶିକ୍ଷିତ କରିବା ଏବଂ ବୁଦ୍ଧିର ପୁଷ୍ଟିସାଧନ କରିବା ଲୋକଙ୍କପକ୍ଷେ ଉପକାରକ ନ ଥାଇ ବିପଦଜନକ ଅଟେ। କାରଣ ବୁଦ୍ଧି ପ୍ରଖର ଏବଂ ତୀକ୍ଷ୍ଣ ହେଲେ ଜୀବନକୁ ସଫଳ ଏବଂ ଧନଶାଳୀ କରିବାକୁ ଲୋକ ପ୍ରୟାସୀ ହୁଏ ମାତ୍ର ସ୍ୱଭାବର ଦୃଢ଼ତା ସମ୍ପାଦନ କରିବାକୁ ହେଲେ ଜାତୀୟପ୍ରତି ମାତୃଭୂମିପ୍ରତି ଏବଂ ଆପଣା ସମ୍ପ୍ରଦାୟପ୍ରତି କର୍ତ୍ତବ୍ୟ ଜ୍ଞାନ ବିକାଶ କରିବା ନିତାନ୍ତ ପ୍ରୟୋଜନୀୟ ଏବଂ ତହିଁ ସଙ୍ଗେ ଦାୟିତ୍ୱ ବୋଧ ଏବଂ ସହାନୁଭୂତି ଜ୍ଞାନଥିବା ଆବଶ୍ୟକ। ଲୋକେ ଆପଣାସ୍ୱାର୍ଥେ ଯାହା ଖୋଜନ୍ତି ତାହା ସମ୍ପ୍ରଦାୟର ମଙ୍ଗଳଜନକ ହୋଇ ନ ପାରେ। ଏଣୁ ଲୋକେ ଯେବେ ସ୍ୱାର୍ଥପର ହୋଇ ଧନ ଲୋଡ଼ିଲେ ଏବଂ ଆପଣାର ବ୍ୟକ୍ତିଗତ ସହାୟତା ଯଶ ଦେବାକୁ ବ୍ୟସ୍ତ ହେଲେ, ସାଧାରଣ ଉପକାର ପୂର୍ବେ ନିଜର ଲାଭ ଖୋଜିଲେ ଏବଂ ସମ୍ପ୍ରଦାୟର କଲ୍ୟାଣକୁ ଅବହେଳା କରି ଆପଣାର ଲାଭର ଚିନ୍ତା କଲେ ଜାତୀୟ ଉନ୍ନତି ହେବା ଅସମ୍ଭବ। ଏପରି ଲୋକରେ ଗଠିତ ହେଲେ ସମାଜରେ କଦାପି ଶାନ୍ତି, ନିୟମ ଏବଂ ଐଶ୍ୱର୍ଯ୍ୟ ସ୍ଥାନ ପାଇବ ନାହିଁ। ଏଣୁ ଧର୍ମ ଏବଂ ନୀତି ଶିକ୍ଷାର ପ୍ରଧାନଅଙ୍ଗ ହେବା ବିଧେୟ। ଏହି ନିୟମରେ ବାଳକବାଳିକାଙ୍କୁ ଶିକ୍ଷା ପ୍ରଦାନ କଲେ ହିଁ ଭାରତର ଉପଯୁକ୍ତ ସନ୍ତାନ ଗଠିତ ହୋଇପାରେ। ପୂର୍ବକାଳରେ ଧର୍ମହିଁ ଏ ଦେଶର ସାମାଜିକ ଏବଂ ଧର୍ମଜୀବନର ନିୟାମକ ଥିଲା ଏବଂ ସେହି ଧର୍ମ ମନୁଷ୍ୟର ପ୍ରତ୍ୟେକ ଅବସ୍ଥାର କର୍ତ୍ତବ୍ୟକର୍ମ ଓ ତାହାର ଦାୟିତ୍ୱ ଏବଂ ଶୃଙ୍ଖଳାରକ୍ଷଣର ନିୟମମାନ ଶିକ୍ଷାଉଥିଲା। ଭାରତବର୍ଷରେ ପୂର୍ବକାଳରେ ବିନୟ, ଆଜ୍ଞାପାଳନ ଓ ସୌଜନ୍ୟ ପ୍ରଧାନ କର୍ତ୍ତବ୍ୟ କର୍ମ ଥିଲା ମାତ୍ର ଏବେ ତାହା ଅନ୍ତର୍ହିତ ହୋଇଅଛି। ଏହି ବିଦ୍ୟାଳୟରେ ଧର୍ମ ଓ ନୀତିଶିକ୍ଷା ଦିଆଯିବାର ଅବଗତ ହୋଇ ମୁଁ ସନ୍ତୁଷ୍ଟ ହୋଇଅଛନ୍ତି ଏବଂ ଭରସା କରନ୍ତି ଯେ ଭାରତବର୍ଷର ସମୁଦାୟ ବିଦ୍ୟାଳୟମାନଙ୍କରେ ସେହି ଶିକ୍ଷା ଦିଆଯିବ। ଧର୍ମ ସମ୍ବନ୍ଧୀୟ ଅସୁବିଧା ମାନ ଥିବାରୁ ଗବର୍ଣ୍ଣମେଣ୍ଟ ଏ ବିଷୟରେ ଅଗ୍ରସର ହୋଇ ପାରୁ ନାହାନ୍ତି ମାତ୍ର ତାହା ବୋଲି ଭାରତ ଯୁବକବୃନ୍ଦଙ୍କର ଚରିତ୍ର ଧର୍ମ ଏବଂ ନୀତିର ଭିତ୍ତିରେ ଗଢ଼ିବାକାରଣ ପ୍ରତ୍ୟେକ ସମ୍ପ୍ରଦାୟକୁ ଉତ୍ସାହିତ କରିବାରେ ଚେଷ୍ଟା ଉଣା ହେଉ ନାହିଁ। ଭାରତରେ ପୂର୍ବକାଳରେ ଯେଉଁ ଶିକ୍ଷା ଦିଆଯାଉଥିଲା, ଯେଉଁ ଅଭ୍ୟାସର ଉପଦେଶ ହେଉଥିଲା, ଯେଉଁ ଗୁଣମାନ ବିକଶିତ ଏବଂ ଯୁବକଙ୍କ ମନରେ ଯେଉଁ ସଦ୍‌ଗୁଣ ରୋପିତ ହେଉଥିଲା ତହିଁରେ ଜାତୀୟ ପ୍ରତିଷ୍ଠା ଏବଂ ସଫଳତା ବଢ଼ୁଥିଲା ମାତ୍ର ଏବେକୁ ଜଣାଯାଉଅଛି ଯେ ପ୍ରତ୍ୟେକ ଯୁବକ ଶିକ୍ଷିତ, ହେବାପୂର୍ବେ ତାହାର ମତ ପ୍ରକାଶ ହୋଇ ପାରିବ ଓ ଯୁବକର ମତ ଓ ଜ୍ଞାନ ବହୁଦର୍ଶିତାଦ୍ୱାରା ପ୍ରଣୀତ ହେବା ନିଷ୍ପ୍ରୟୋଜନୀୟ ଏବଂ ସମସ୍ତେ ଆଜ୍ଞା ଦେବାକୁ ବାହାରିବେ ମାତ୍ର କେହି ଆଜ୍ଞା ପାଳିବେ ନାହିଁ। ଏପରି ଶୃଙ୍ଖଳା ଅଶିକ୍ଷିତ ମନ ଓ ହୃଦୟରୁ କିରୂପେ ଶାନ୍ତି, ନିୟମ ବା ଉନ୍ନତିର ଆଶା କରାଯିବ?" ଶ୍ରୀମା ମହୋଦୟାଙ୍କ ଶେଷୋକ୍ତ ଇଂରାଜୀ କଥାଟି ଏମନ୍ତ ସୁନ୍ଦର ଯେ ତାହା ସ୍ୱର୍ଣ୍ଣାକ୍ଷରରେ ସମସ୍ତଙ୍କ ଘରେ ଅଙ୍କିତ ରହିବାର ଉପଯୁକ୍ତ। ଅମ୍ଭେମାନେ ତାହା ଏଠାରେ ଅବିକଳ ଉଦ୍ଧୃତ କଲୁଁ—ଯଥା;

"The lessons of ancient India, the habits that she taught, the qualities she developed and the virtues she implanted in the minds of the young were such as led to national greatness and national success; but in these days, it was thought that the opinion of every youth could be uttered before he was educated, and that the knowledge and temper of youth need not be guided by the maturity of experience, that it was the duty of every one to command and that it was the duty of none to obey; and from a chaos of such untrained minds and hearts how could they expect peace and order and progress. ?"

ଏପୂର୍ବେ ଶ୍ରୀମା ମହୋଦୟା ହାଇଦରାବାଦର ନିଜାମ ଓ ମହୀଶୂରର ମହାରାଜା ଆପଣା ରାଜ୍ୟର ବିଦ୍ୟାଳୟରେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ଛାତ୍ରମାନଙ୍କୁ ଧର୍ମ ଓ ନୀତିଶିକ୍ଷା ଦେବାର ବନ୍ଦୋବସ୍ତ କରିଥିବା ଏବଂ ସମ୍ପ୍ରତି ତାହା ଓ କାଟିଥିବାରୁ ସେଥିରେ ପୁଣି ଏହି ବନ୍ଦୋବସ୍ତ ଥିବାର ଉଲ୍ଲେଖପୂର୍ବକ ତହିଁର ସୁଫଳ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ଆପଣା ରାଜ୍ୟସ୍ଥ ବିଦ୍ୟାଳୟମାନଙ୍କରେ ସେହି ପଦ୍ଧତି ଅବଲମ୍ବନରେ ଧର୍ମ ଓ ନୀତିଶିକ୍ଷାର ବିଧାନ କଲେ ଅଚିରେ ଦେଶରୁ ଅଶାନ୍ତି ଏବଂ ଅସନ୍ତୋଷ ଦୂର ହେବାର ପ୍ରକାଶ କଲେ।—ଶ୍ରୀମା ମହୋଦୟାଙ୍କ ଉକ୍ତିରେ କୌଣସି ଏକ ଦୃଢ଼ା ଅତିରଞ୍ଜିତ ବାକ୍ୟ ନାହିଁ। ପାଠ ଶେଷ ନ କରିବାଯାଏ ଛାତ୍ରର ବ୍ରହ୍ମଚର୍ଯ୍ୟାଶ୍ରମ ଏବଂ ପାଠ ଶେଷ କରି ସମାବର୍ତ୍ତନ କଲେ ମତ ପ୍ରକାଶ କରିବାର ଅଧିକାର ଜନ୍ମେ। ମାତ୍ର ବର୍ତ୍ତମାନ ବିଦ୍ୟାଳୟର ଯୁବକମାନେ ପଠନାବସ୍ଥାରେ ଆପଣାକୁ ଜଣେ ମଣି ନାନାପ୍ରକାର ମତ ପ୍ରକାଶପୂର୍ବକ ତହିଁର ସମର୍ଥନ କରିବାରେ ମୁରବି ଏବଂ ଗୁରୁଜନମାନଙ୍କୁ ଗ୍ରାହ୍ୟ କରନ୍ତି ନାହିଁ। ବୃଦ୍ଧଶ୍ରୁତର ସୌଜନ୍ୟ ଶିଖିବାକୁ ଓ ପରିଣତବୁଦ୍ଧି ହେବାପକ୍ଷେ ନିତାନ୍ତ ପ୍ରୟୋଜନୀୟ ମାତ୍ର ତାହା ଛାତ୍ରମାନେ ଆଦୌ ପ୍ରତିପାଳନ ନ କରି ଯେମନ୍ତ ବାଉଳ ହେମନ୍ତ ହୁଲିଆ ହେଉଅଛନ୍ତି। ସେଥିର ଶୋଚନୀୟ ପରିଣାମ ଭଲ ନ ହେବାର ଦେଖାଯାଉଅଛି ଏବଂ ସେହିମାନଙ୍କ ଦ୍ୱାରା ଦେଶର ଶ୍ରୀ ଉନ୍ନତିର ଆଶା ବିଡ଼ମ୍ବନାମାତ୍ର। ଅମ୍ଭେମାନେ ଭରସା କରୁଁ ଛାତ୍ରମାନେ ନିବିଷ୍ଟଭାବରେ ଏହା ଚିନ୍ତା କରିବେ।

ଭାରତ ଜାତୀୟଚିକିତ୍ସା କଲେଜ।

କଲିକତାରେ ପ୍ରତିଷ୍ଠିତ ଭାରତ ଜାତୀୟଚିକିତ୍ସା କଲେଜ (National medical college of India) ଛାତ୍ରାବାସଗୃହନିମନ୍ତେ ଶୋଭାବାଜାର କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସର ଲରେନ୍‌ସ ଜେନକିନ୍ସ କେ, ସି, ଏସ, ଆଇ. ମହୋଦୟଙ୍କୁ ଅଭିନନ୍ଦନ ପତ୍ର ଦିଆଯାଇଥିଲା।

Split by PDF Splitter



ସର ଲରେନ୍ସ ମହୋଦୟ ଉପସ୍ଥିତ ହୋଇ କଲେଜ ଓ ତତ୍ସଲଗ୍ନ ଚିକିତ୍ସାଳୟ ପରିଦର୍ଶନ କଲାପରେ ଉପସ୍ଥିତ ଭଦ୍ର ମହୋଦୟମାନେ ତାଙ୍କୁ ଘେନି ହଲ ଗୃହରେ ଏକ ସଭା ରଚନା କଲେ । ରାୟ ନରେନ୍ଦ୍ରନାଥ ସେନ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ଉପସ୍ଥିତ ଦେଶୀୟ ଓ ଇଂରାଜମାନଙ୍କ ମଧ୍ୟରେ କାଶୀମବଜାରର ମହାରାଜା, ବିଶପ ଫ୍ରେଟର ସାହେବ ରାୟ ରାଧାଚରଣ ପାଲ ବାହାଦୁର, ଡାକ୍ତର ଏସ କେ, ମଲ୍ଲିକ ପ୍ରଭୃତି ଅନେକ ଲୋକେ ସଭାସ୍ଥଳ ଅଲଙ୍କୃତ କରିଥିଲେ । ସଭାପତି ମହାଶୟ ସର ଲରେନ୍ସଙ୍କୁ ସମ୍ବୋଧନପୂର୍ବକ ପ୍ରକାଶ କଲେ ଯେ ଯେଉଁ ନିରପେକ୍ଷ ନ୍ୟାୟ ବିଚାର ଇଂରାଜଜାତିର ଗୌରବର ଗୋଟିଏ ପ୍ରଧାନ କାରଣ ତାହା ଏ ଦେଶରେ ବିତରଣ କରିବାସକାଶେ ଆପଣାର ଅବସରରୁ ଭିନ୍ନ କରି ଅଶାନ୍ତିମୟ ଘୋର ଦୁର୍ଦ୍ଦିନରେ ଆମ୍ଭମାନଙ୍କମଧ୍ୟରେ ସମୁପସ୍ଥିତ ହୋଇ ଯେ ସ୍ୱାର୍ଥତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଅଛନ୍ତି ନାନାଦି ରୋଗ ପୀଡ଼ିତ ଲୋକମାନଙ୍କର କ୍ଲେଶଲାଘବର କାର୍ଯ୍ୟ ଏତାବତ୍କାଳ ଏକା ଗବର୍ଣ୍ଣମେଣ୍ଟ କରୁଥିଲେ ବର୍ତ୍ତମାନ ଲୋକେ ସେ ଭାର ଲଘୁକରିବା ସମୁଚିତ ବୁଝି ପରଲୋକଗତ ସମ୍ରାଟଙ୍କ ସ୍ମୃତିରକ୍ଷାର୍ଥେ ବୋମ୍ବାଇଠାରେ ଯକ୍ଷ୍ମାକାଶରୋଗିଙ୍କ ସକାଶେ ଗୋଟିଏ ଚିକିତ୍ସାଳୟ ଏବଂ ସ୍ୱାସ୍ଥ୍ୟାଗାର ନିର୍ମିତ ହେବାର ପ୍ରସ୍ତାବ ହେବା ସଙ୍ଗେ ୨ ମାନ୍ଦ୍ରାଜ ଏବଂ ଯୁକ୍ତପ୍ରଦେଶରେ ସୁଦ୍ଧା ସେହିପରି ସ୍ୱାସ୍ଥ୍ୟାଗାର ପ୍ରତିଷ୍ଠିତ ହେବାର ସ୍ଥିର ହୋଇଅଛି । ପୀଡ଼ିତଲୋକଙ୍କର କଷ୍ଟ ନିବାରଣାର୍ଥେ ଲୋକେ କେତେଦୂର ଆଗ୍ରହ ହୋଇ କାର୍ଯ୍ୟ କରିପାରିବେ ଏହି କଲେଜ ତହିଁର ଗୋଟିଏ ନିଦର୍ଶନ ତହିଁଉତ୍ତାରୁ କଲେଜର ସୁପରିଣ୍ଟେଣ୍ଡେଣ୍ଟ ସ୍ୱାଗତ ସମ୍ଭାଷଣପୂର୍ବକ ସର ଲରେନ୍ସଙ୍କୁ ଯେଉଁ ଅଭିନନ୍ଦନ ପତ୍ର ପ୍ରଦାନ କଲେ ତହିଁରେ ଅନ୍ୟାନ୍ୟ କଥାମଧ୍ୟରେ ଲେଖାଥିଲା ଯେ ଏହି କଲେଜ ସରକାରୀ କଲେଜର ସହକାରୀ ଅଟେ ଭୂତପୂର୍ବ ଛୋଟଲାଟ ମହୋଦୟ ଏହା ଭିତ୍ତିସ୍ଥାପନରେ ଆନନ୍ଦ ପ୍ରକାଶ କରିଥିଲେ । ୟୁରୋପ ଏବଂ ଆମେରିକାର ଉନ୍ନତ ସ୍ଥାନମାନଙ୍କରେ ଏହିଭଳି କଲେଜମାନ ଅଛି । ଭାରତରେ ଏ ଉଦ୍ୟମ ବ୍ୟର୍ଥ ହୋଇନାହିଁ କାରଣ ଏହା ଭାରତର ବହୁଦୂରବର୍ତ୍ତୀ ନାନାସ୍ଥାନରୁ ଛାତ୍ର ଆକର୍ଷଣ କରିଅଛି ଏବଂ ଏଠା ଉତ୍ତୀର୍ଣ୍ଣ ଛାତ୍ରମାନେ ବହୁଦୂର ପ୍ରଦେଶକୁ ଯାଇ ଅଧିକ ୨ ବିଜ୍ଞାନର ସୁଫଳ ଗ୍ରାମ ୨ ରେ ବାଣ୍ଟୁଅଛନ୍ତି । ଯେଉଁମାନେ ୟୁରୋପରେ ଶିକ୍ଷା ଲାଭକରି ପୃଥିବୀରେ ଯଶ ଅର୍ଜିଅଛନ୍ତି ତାଙ୍କସହିତ ସ୍ଥାନୀୟ ଶିକ୍ଷାପ୍ରାପ୍ତ ପଣ୍ଡିତମାନେ ଏହି କଲେଜର ଅଧ୍ୟାପନା କାର୍ଯ୍ୟ ବିନା ବେତନରେ ପ୍ରୀତମନରେ ଖାଲି ଗାଡ଼ିଖର୍ଚ୍ଚା ନେଇ ଚଳାଉଅଛନ୍ତି । ଏଥିସଙ୍ଗେ ସଂଶ୍ଳିଷ୍ଟ ମସ୍ତ ଚିକିତ୍ସାଳୟ ବର୍ଷରେ ବିଂଶସହସ୍ର ବାହାର ରୋଗିଙ୍କର ଚିକିତ୍ସା କରୁଅଛି ମାତ୍ର ଅନ୍ତରଙ୍ଗ ରୋଗିଙ୍କି ରଖିବାର ସ୍ଥାନ ବଢ଼ାଇବାର ପ୍ରୟୋଜନ ହୋଇଅଛି । ଭାରତୀୟ ପ୍ରଚଳିତ ଆୟୁର୍ବେଦୀୟ ଚିକିତ୍ସାମଧ୍ୟରେ ଆଧୁନିକ ବୈଜ୍ଞାନିକ ପ୍ରକରଣ ମିଶାଇ ତାହାକୁ ଜାଗ୍ରତ କରିବାର ଚେଷ୍ଟା ଏହି କଲେଜରେ କରାଯାଉଅଛି ଏବଂ ସେ ଉଦ୍ୟମ ସଫଳ ହେବାର ଆଶା କରାଯାଏ । ଏହି କଲେଜ ଓ ତତ୍ସଲଗ୍ନ ଚିକିତ୍ସାଳୟର ଘର ବଢ଼ାଇବାକାରଣ ଅର୍ଥ ସଂଗ୍ରହସକାଶେ ଉଦ୍ୟମ ଲାଗିଅଛି । ପରିଶେଷରେ ସୁଦଶ୍ୱର-ନିର୍ଝରର ମୂଳରେ ସର ଲରେନ୍ସ ମହୋଦୟ ସମାସୀନ ହୋଇ ଭାରତର ଦେଶଦେଶାନ୍ତରକୁ ବିମଳ-ବିଶ୍ୱରସ୍ରୋତ ପଠାଉଥିବାହେତୁ ତାଙ୍କୁ ଧନ୍ୟବାଦ ଦିଆଯାଇ ତାଙ୍କର ଓ ତାଙ୍କ ସହଧର୍ମିଣୀଙ୍କ ମଙ୍ଗଳକାମନା କରାଯାଇଥିଲା । ଭାରତୀୟ କାରୁକାର୍ଯ୍ୟର ଆଧାରରେ ସଭାପତି ମହାଶୟ ସେହି ଅଭିନନ୍ଦନ ପତ୍ର ସର ଲରେନ୍ସ ମହୋଦୟଙ୍କ ହାତକୁ ବଢ଼ାଇ ଦେବାରୁ ସେ ତାହା ଗ୍ରହଣପୂର୍ବକ ସନ୍ତୋଷ ପ୍ରକାଶ ସଙ୍ଗେ ସାଧୁବାଦ ପ୍ରଦାନ କରି କହିଲେ ଯେ ବର୍ତ୍ତମାନ କାଳରେ ଡାକ୍ତରମାନଙ୍କର ରୋଗ ନିବାରଣସକାଶେ ଅକ୍ଳାନ୍ତ ପରିଶ୍ରମ ପ୍ରଶଂସନୀୟ ଅଟେ । ଭାରତୀୟ ଚିକିତ୍ସକମାନଙ୍କୁ ରୋଗର ବଳ କଟାଇବା ସଙ୍ଗେ ପ୍ରତିକୂଳ ଋତୁଗତ ଅବସ୍ଥା ଏବଂ ଲୋକଙ୍କ ବଦ୍ଧମୂଳ କୁସଂସ୍କାର କଟାଇବାକାରଣ ପରିଶ୍ରମ କରିବାକୁ ପଡ଼େ । ଏହି ବାଧା ଅତିକ୍ରମ କରିବାସକାଶେ ଏହି ଦେଶର ସ୍ତ୍ରୀ ପୁରୁଷମାନଙ୍କୁ ଚିକିତ୍ସାଶିକ୍ଷା ପ୍ରଦାନ କରିବା ଏକାନ୍ତ ପ୍ରୟୋଜନୀୟ । ବଙ୍ଗଳାର ଯୁବକମାନେ ଓକାଲତି ବ୍ୟବସାୟ ପ୍ରତି ବିଶେଷ ଆକୃଷ୍ଟ । ତାହା ନିନ୍ଦନୀୟ ନ ଥିଲେହେଁ ଚିକିତ୍ସା ବ୍ୟବସାୟ ସକାଶେ ଯୁବକଦଳ ଆକୃଷ୍ଟ ହେବା ବାଞ୍ଛନୀୟ ଅଟେ । କଲେଜର ଅଧ୍ୟାପକମାନଙ୍କର ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ ଯୁବକମାନଙ୍କ ଆଗରେ ଥିଆ ହୋଇଅଛି ଏବଂ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନର ଗୋଟିଏ ସ୍ୱତନ୍ତ୍ର ବିଭାଗ ଏ ଥିର ନିତାନ୍ତ ଉପଯୋଗୀ ହୋଇଅଛି । ସେହି ଚିକିତ୍ସା ବହୁଦର୍ଶିତା ଉପରେ ପ୍ରତିଷ୍ଠିତ ଏବଂ ଗ୍ରୀକୀୟ ପୂର୍ବ ବହୁପ୍ରଚଳନତାତ୍ ଆଗରୁ ଅବସ୍ଥିତ ଓ ସଂସ୍କୃତ ଭାଷାର ଅଲଙ୍କାର ସ୍ୱରୂପ ସେହି ଚିକିତ୍ସାର ଅନୁସରଣ କରିବା କର୍ତ୍ତବ୍ୟଗତ କାର୍ଯ୍ୟ । ଏହି କଲେଜରେ ଯେ ତହିଁର ସଂଯୋଗ କଲେ ସେ ପ୍ରଶଂସାର୍ହ ଅଟନ୍ତି । ଏଠା ଛାତ୍ରମାନେ ଦୂରବର୍ତ୍ତୀ ମୋଫସଲ ସ୍ଥାନମାନକୁ ଯାଇ ଚିକିତ୍ସା ବିତରଣ କରିବା ପ୍ରଶଂସନୀୟ ଏବଂ ଏହିଠାରେ ପରାର୍ଥ ସ୍ୱାର୍ଥତ୍ୟାଗର ପ୍ରକୃଷ୍ଟ ନିଦର୍ଶନ ବିଦ୍ୟମାନ । ପ୍ରସିଦ୍ଧ ବୈଜ୍ଞାନିକ ପଣ୍ଡିତ ଗଣ୍ଡଲର ଠାକୁର ସାହେବ, ଡାକ୍ତର ସର ଭାଲଚନ୍ଦ୍ରକୃଷ୍ଣ ଏବଂ ଡାକ୍ତର ରାଓମାନେ ଏହି କଲେଜର ସାହାଯ୍ୟକାରୀ ଥିବାର ଦେଖି ସେ ଆନନ୍ଦିତ ହୋଇଅଛନ୍ତି । ପରିଶେଷରେ ଏହି କଲେଜରେ ଯେଉଁ ଉତ୍ତମ କାର୍ଯ୍ୟମାନ ହେଉଅଛି ତଦ୍ଦ୍ୱାରା ଦେଶର ପ୍ରଭୂତ ଉପକାର ହେବାର ଆଶା କରି ବକ୍ତା ମହୋଦୟ ଆପଣାର ବକ୍ତବ୍ୟ ଶେଷ କଲାରୁ ଲୋକଙ୍କର କଲ୍ୟାଣକର ସମସ୍ତ କାର୍ଯ୍ୟରେ ଯୋଗଦାନ କରିବାହେତୁ କାସିମ ବଜାରର ମହାରାଜାଙ୍କୁ ଅନ୍ୟ ଏକ ଅଭିନନ୍ଦନ ପତ୍ର ପ୍ରଦତ୍ତ ହେଲା । କଲେଜସକାଶେ ଉପଯୁକ୍ତ ଗୃହ ନିର୍ମାଣାର୍ଥ କାସିମବଜାରର ମହାରାଜା ଟ ୬୦୦୦ଙ୍କା ଏବଂ ଦ୍ୱାରବଙ୍ଗର ମହାରାଜା ଟ ୨୦୦୦ଙ୍କା ଦାନ କରିଥିବା ବିଷୟ ସର ଲରେନ୍ସ ମହୋଦୟ ବ୍ୟକ୍ତ କଲାରୁ ତାହା ସଭାସ୍ଥଳରେ ଆନନ୍ଦମୟ କରତାଳି ଧ୍ୱନିସହକାରେ ଗୃହୀତ ହେଲା । ଅପରେ ସେହିଦିନ କଲେଜର ଗ୍ରୀଷ୍ମ କାଳର ଶିକ୍ଷାକାର୍ଯ୍ୟ ଖୋଲିବାର ସର ଲରେନ୍ସ ମହୋଦୟ ପ୍ରକାଶ କଲେ ଏବଂ ତାଙ୍କୁ ଓ ସଭାପତି ମହାଶୟଙ୍କ ଧନ୍ୟବାଦ ଦିଆ ଯାଇ ସଭା ଭଙ୍ଗ ହେଲା ।—

ଏ କଲେଜର କାର୍ଯ୍ୟାବଳୀ ଆମ୍ଭେମାନେ ସମ୍ବାଦପତ୍ରମାନଙ୍କରେ ପାଠ କରି ଅତୀବ ପ୍ରୀତ ହୋଇଅଛୁଁ । ତ୍ରିକାଳଜ୍ଞ ଋଷିମାନଙ୍କର ଅଭ୍ରାନ୍ତମୟ ବାକ୍ୟ ଯେଉଁ ଆୟୁର୍ବେଦରେ ପ୍ରକାଶିତ ହୋଇଅଛି ପାଶ୍ଚାତ୍ୟ ବିଜ୍ଞାନପ୍ରଭାବରେ ତହିଁର ବିକାଶ ସମ୍ପାଦନ କରିବାଠାରୁ ଲୋକଙ୍କ ପକ୍ଷେ ଅଧିକ କଲ୍ୟାଣକର ଆଉ କଅଣ ହୋଇ ପାରେ । ଆୟୁର୍ବେଦରେ ନାନା ଅସାଧ୍ୟରୋଗର ଚିକିତ୍ସା ଅଛି । ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନ କେତେଦୂର ଅଗ୍ରସର ହୋଇ ପାରି ନାହିଁ ସତ୍ୟ ମାତ୍ର ବିଜ୍ଞାନର ଯେ ବିଶେଷ ଉନ୍ନତି ପାଶ୍ଚାତ୍ୟ ପୃଥିବୀଖଣ୍ଡରେ ହୋଇଅଛି ତହିଁରେ ଦ୍ୱିରୁକ୍ତି ନାହିଁ । ସେହି ବିଜ୍ଞାନର ପ୍ରଭାବରେ ଆୟୁର୍ବେଦର ବିକାଶ ସମ୍ଭବପର ଏବଂ ଏହି କଲେଜର ପ୍ରଯତ୍ନରୁ ଆମ୍ଭେମାନେ ଗ୍ରାମ ୨ ରେ ଆୟୁର୍ବେଦୀୟ ଚିକିତ୍ସକ ପାଇଲେ ହାତେ ୨ ସ୍ୱର୍ଗ ପାଇବୁଁ । ରୋଗ ଯନ୍ତ୍ରଣା ପ୍ରପୀଡ଼ିତ ଲୋକମାନଙ୍କୁ ଦେଖି ଯେଉଁ ସହୃଦୟ ବ୍ୟକ୍ତିମାନଙ୍କର ହୃଦୟ ଦୁଃଖରେ ବିଗଳିତ ହୁଏ ସେମାନଙ୍କର ଏହି କଲେଜକୁ ଛାତ୍ର ପ୍ରେରଣ ଓ ଅର୍ଥ ଦାନଦ୍ୱାରା ଉତ୍ସାହିତ କରିବା ଏକାନ୍ତ ଆବଶ୍ୟକ ଏବଂ ସେହି

Digitized by srujanika@gmail.com

